ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୮/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, February 18/2025 | Page 16 | ₹ 7.00

୫୧ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 86 | ମୂଲ୍ୟ ₹୭/-




## ହସ୍ପିଟାଲରେ ଭର୍ତ୍ତି ହେଲେ ଶକିରା

କଲମ୍ବିଆର ପ୍ରସିଦ୍ଧ ସିଙ୍ଗର ଶକିରାଙ୍କୁ ପେଟ ସମ୍ବନ୍ଧୀୟ କିଛି ସମସ୍ୟା କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ସେ ଏକ୍ସ'ରେ ସୂଚନା ଦେଇଛନ୍ତି।

୧୫

୧୬

## କୀର୍ତ୍ତିଙ୍କୁ ରୌପ୍ୟ ପଦକ

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ କିଟ୍‌ର ମାଗନ୍ତି କୀର୍ତ୍ତି ରୌପ୍ୟ ପଦକ ଲାଭ କରିଛନ୍ତି।



# ବିକଶିତ ରାଜ୍ୟ ଲକ୍ଷ୍ୟରେ କୃଷିକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)**

ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଅପରାହ୍ଣ ୪ଟାରେ ଦ୍ୱିତୀୟ ଥର ପାଇଁ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରିଛନ୍ତି। ୨୦୩୬ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ଲାଗି ବଜେଟରେ ରଣନୀତି ପ୍ରସ୍ତୁତ କରାଯାଇଛି। ଚଳିତ ଥର ମୋଟ ବଜେଟ ପରିମାଣ ୨.୯୦ଲକ୍ଷ କୋଟି ଟଙ୍କା ରଖାଯାଇଛି, ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୨% ଅଧିକ। ବଜେଟରେ ୧୬ଟି ନୂତନ ଯୋଜନା ଉପରେ ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ବଜେଟରେ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦରଭିତ୍ତିକ, ଶିଳ୍ପାୟନ, ସାର୍ବଜନୀନ କ୍ରୀଡା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ଏବଂ ମହିଳା ଓ ଶିଶୁ ବିକାଶ ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କନ୍ୟା ସନ୍ତାନ ଏକ ଆଶୀର୍ବାଦ, ବୋଝ ନୁହେଁ ଚିନ୍ତାଧାରା ରଖାଯାଇ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ବଜେଟ୍‌ରେ ଅଣାଯାଇଛି, ଯେଉଁଥିପାଇଁ ୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଥିବା ବଜେଟ୍‌ରେ କୃଷିକୁ ଅଗ୍ରାଧିକାର ଦେଇଛନ୍ତି। ଏଥିପାଇଁ ମୋଟ ୩୭ହଜାର ୮ ୩୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ସମୃଦ୍ଧ କୃଷକ ଯୋଜନା ପାଇଁ ୬ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ, ସିଏମ୍ କିଷାନ ଯୋଜନା ପାଇଁ ୨ହଜାର ୨୦କୋଟି ଟଙ୍କା, ଶ୍ରୀ ଅନ୍ନ ଅଭିଯାନ ପାଇଁ ୬୦୦କୋଟି ଟଙ୍କା ଏବଂ ଶସ୍ୟ ବିବିଧତା କାର୍ଯ୍ୟକ୍ରମ ପାଇଁ ୬୯୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମିଲେଟ ପାଇଁ ଏମ୍‌ଏସ୍‌ପି ୪୨୯୦ଟଙ୍କା ବାଦ ଅଧିକ ୨ଶହ ଟଙ୍କା ମିଳିବା ନେଇ ଘୋଷଣା ହୋଇଛି। ଏହାବାଦ୍ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ବଜେଟର ବ୍ୟବସ୍ଥା ରହିଛି। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଓ ଜଳ ବ୍ୟବହାର ଦକ୍ଷତା ପାଇଁ ମୋଟ ୧୬୨୭୩କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳସେଚନର ଦୀର୍ଘଦିନର ଆବଶ୍ୟକତା ପୂରଣ କରିବା ପାଇଁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ୮୮୦କୋଟି ଟଙ୍କା ଓ ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ପାଇଁ ୧୩୧୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ☞ପୃଷ୍ଠା-୪

## ପ୍ରସ୍ତାବରେ ୧୬ ନୂଆ ଯୋଜନା





ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ ଲାଗି ସୋମବାର ବିଧାନସଭାକୁ ପ୍ରବେଶ କରୁଛନ୍ତି।

| | |
|---|---|
| **ବଜେଟ ଆକାର** | •୨.୯୦ ଲକ୍ଷ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୭.୩% |
| **କାର୍ଯ୍ୟକ୍ରମ ବ୍ୟୟ** | •୧.୭୦ ଲକ୍ଷ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୫୮.୬% |
| **ପୁଞ୍ଜିବିନିଯୋଗ** | •୬୫,୦୧୨ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୧% |
| **ସାମାଜିକ କ୍ଷେତ୍ର** | •୧,୧୯,୫୬୫ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୪୧% |
| **ଆର୍ଥିକ କ୍ଷେତ୍ର** | •୯୧,୬୪୭ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୩୨% |
| **ଉନ୍ନୟନମୂଳକ ବ୍ୟୟ** | •୨,୧୧,୨୧୨ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୭୩% |
| **ରାଜସ୍ୱ ବଳକା** | •୩୧,୮୦୦ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୦% |
| **ବିତ୍ତୀୟ ନିଅଣ୍ଟ** | •୩୪,୨୦୦ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୨% |
| **ଋଣ ଭାର** | •୧,୩୪,୯୧୪ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୧୨.୭% |

### ୧ ଟଙ୍କାର ଆୟ





- ୧.ନିଜସ୍ୱ ଟିକସ ରାଜସ୍ୱ - ୨୩ %
- ୨.ନିଜସ୍ୱ ଅଣଟିକସ ରାଜସ୍ୱ - ୨୧%
- ୩.କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ - ୨୨%
- ୪.କେନ୍ଦ୍ରୀୟ ଅନୁଦାନ - ୧୪%
- ୫.ପୁଞ୍ଜି ଆୟ - ୨୦%

### ୧ ଟଙ୍କାର ବ୍ୟୟ





- ୧.ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ୧%
- ୨.ରାଜ୍ୟରୁ ହସ୍ତାନ୍ତର - ୩%
- ୩.ପ୍ରଶାସନିକ ବ୍ୟୟ - ୩୭%
- ୪.କାର୍ଯ୍ୟକ୍ରମ ବ୍ୟୟ - ୫୯%

# ଆଜିଠାରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମଥର କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ପ୍ରାୟ ଏକା ସମୟରେ ଚାଲିବ। ତେବେ ପ୍ରଥମ ଦିନ ବିଜ୍ଞାନ ବିଦ୍ୟାର୍ଥୀମାନେ ଏବଂ ବୁଧବାର କଳା ଓ ବାଣିଜ୍ୟ ବିଦ୍ୟାର୍ଥୀମାନେ ମାତୃଭାଷା(ଓଡ଼ିଆ)ରେ ପରୀକ୍ଷା ଦେବେ। ସକାଳ ☞ପୃଷ୍ଠା-୪

**ଜ୍ଞାନେଶ କୁମାର ନୂଆ ସିଇସି** ☞ପୃଷ୍ଠା-୧୫





SIKSHA 'O' ANUSANDHAN

Empowering students for a brighter future

MANAGEMENT PROGRAMMES OFFERED
- MBA
- MBA (Hospital Administration)
- MBA (Hospitality Management)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CAT 2024, Please visit: www.soa.ac.in


**ବଜେଟ ସମ୍ପର୍କିତ ଅଧିକ ବିବରଣୀ, ତଥ୍ୟ, ମତାମତ** ପୃଷ୍ଠା-୨, ୮, ୯ ଓ ୧୦

# କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ

## ନେପାଳୀ ଛାତ୍ରୀଛାତ୍ରଙ୍କୁ ବଳପୂର୍ବକ ବିଦାକଲେ କର୍ତ୍ତୃପକ୍ଷ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି(କିଟ୍) ବିଶ୍ୱବିଦ୍ୟାଳୟରେ ରବିବାର ରାତିରେ ଜଣେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସୋମବାର ସକାଳେ ଏଠାରେ ପଢୁଥିବା ନେପାଳର ଛାତ୍ରୀଛାତ୍ରମାନେ ଏକାଠି ହୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ଛାତ୍ରଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ଏହି ଘଟଣାରେ ଶିକ୍ଷାନୁଷ୍ଠାନରେ ଅଶାନ୍ତ ବାତାବରଣ ସୃଷ୍ଟି ହେବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁଷ୍ଠାନକୁ ତୁରନ୍ତ ସାଇନ୍ ଏ ଡାଏ ଘୋଷଣା କରିବା ସହିତ ଏଠାରେ ଅଧ୍ୟୟନରତ ନେପାଳର ଶତାଧିକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ଛାଡ଼ିବାକୁ ବାଧ୍ୟ କରିଛନ୍ତି। ଏପରି କି ପିଲାମାନଙ୍କୁ ବଳପୂର୍ବକ ଶିକ୍ଷାନୁଷ୍ଠାନର ବସ୍‌ରେ ବସାଇ କଟକ ରେଳ ଷ୍ଟେଶନରେ ଛାଡ଼ି ଦେଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଫେବୃଆରୀ ଶେଷ ସପ୍ତାହରେ ପରୀକ୍ଷା ଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଆଚରଣକୁ ଛାତ୍ରୀଛାତ୍ର ଏବଂ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏପରି କି ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାର ସମାଧାନ ପାଇଁ କୂଟନୈତିକସ୍ତରରେ ଆଲୋଚନା କରାଯାଉଛି ବୋଲି କହିଛନ୍ତି। ବିଭିନ୍ନ ମହଲରୁ ଘଟଣାକୁ ନିନ୍ଦା କରାଯିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେପାଳୀ ଛାତ୍ରୀଛାତ୍ରଙ୍କୁ ଫେରି ଆସି କ୍ଲାସରେ ଯୋଗଦେବାକୁ ନିବେଦନ କରିଛନ୍ତି।

## ଖସି ପଳାଉଥିବା ପୁରୁଷବନ୍ଧୁଙ୍କୁ ଏୟାରପୋର୍ଟରୁ ଧରିଲା ପୋଲିସ

**ଭୁବନେଶ୍ୱର, ୧୭।୨ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ପୁରୁଷବନ୍ଧୁଙ୍କ ନିର୍ଯାତନା ସହି ନ ପାରି ଜଣେ ନେପାଳୀ ଇଞ୍ଜିନିୟରିଂ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ବି.ଟେକ୍ ତୃତୀୟ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରକ୍ରିତି ଲାମ୍‌ସଲ୍ (୨୦)। ପ୍ରକ୍ରିତି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ଥିତ ହଷ୍ଟେଲ 'କ୍ୟୁସି୪'ର ରୁମ୍ ନଂ.୪ଏ୧୨୫ରେ ରବିବାର ଅପରାହ୍ଣରେ ଫ୍ୟାନ୍ ଜରିଆରେ ଓଢ଼ଣିରେ ☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ମୁଟେରଲାର ଅଙ୍ଗଦାନ**

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।


DSPL-388



ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଫେବୃଆରୀ ୧୮ ତାରିଖଠାରୁ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ନିମନ୍ତେ ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ସଫଳତା କାମନା କରୁଛି । ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପରିଶ୍ରମ ଓ ଆତ୍ମବିଶ୍ୱାସ ତୁମମାନଙ୍କୁ ସଫଳତା ଆଣିଦେବ । ପରୀକ୍ଷାର ସମସ୍ତ ବାଧାକୁ ଦୂର କରି କଠିନ ଅଧ୍ୟବସାୟ ବଳରେ ତୁମେମାନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏହି ଶୁଭ ମୁହୂର୍ତ୍ତରେ ପରୀକ୍ଷା ପରିଚାଳନା ନିମନ୍ତେ ସମ୍ପୃକ୍ତ ସମସ୍ତ ପଦାଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-11003/13/0015/2425

# ୩୭,୮୩୮ କୋଟିର କୃଷି ବଜେଟ






- ▶▶ସମୃଦ୍ଧ କୃଷକ ଯୋଜନା ପାଇଁ ୬,୦୦୦ କୋଟି ଟଙ୍କା
- ▶▶ସିଏମ୍ କିଷାନ ଯୋଜନା ପାଇଁ ୨୦୨୦ କୋଟି
- ▶▶ଫସଲ ବିବିଧକରଣ ପାଇଁ ୬୯୫ କୋଟି
- ▶▶ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକୁ ୨୪୫ କୋଟି
- ▶▶ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ ଯୋଜନା ଲାଗି ୨୩୫ କୋଟି
- ▶▶ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୪୬ କୋଟି
- ▶▶ମିଲେଟ୍‌କୁ ପ୍ରୋତ୍ସାହନ ପାଇଁ ଶ୍ରୀ ଅନ୍ନ ଅଭିଯାନରେ ୬୦୦ କୋଟି ଟଙ୍କା ଆବଣ୍ଟନ

**ଭୁବନେଶ୍ୱର,୧୭।୨**

ଓଡ଼ିଶା ସରକାର ସୋମବାର ବିଧାନସଭାରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୨,୯୦,୦୦୦ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥ ବିଭାଗ ସମ୍ଭାଳୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରି କହିଛନ୍ତି, ଓଡ଼ିଶାର ଦ୍ରୁତ ପ୍ରଗତି ରାଜ୍ୟବାସୀଙ୍କ ଏକ ଦୀର୍ଘଦିନର ଦାବି, ଯାହାକୁ ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ଦୂରଦୃଷ୍ଟି ଅନୁସାରେ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ଅହରହ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଦେଶକୁ ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ 'ବିକଶିତ ଭାରତ ମିଶନ' ଚଳାଇଛନ୍ତି। ଓଡ଼ିଶା ଏହି ମିଶନର ଗ୍ରୋଥ୍ ଇଞ୍ଜିନ୍ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ବଜେଟରେ କୃଷି କ୍ଷେତ୍ର ପାଇଁ ୩୭,୮୩୮ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି, ଯାହାକି ପୂର୍ବାପେକ୍ଷା ୧୨% ଅଧିକ।

୨୦୨୪ ଜୁନ୍ ୧୨ରେ ଓଡ଼ିଶାରେ ଭାଜପା କ୍ଷମତାସୀନ ହେବା ପରେ ଏହା ହେଉଛି ଦ୍ୱିତୀୟ ବଜେଟ। ଦ୍ୱିତୀୟ ଥର ବଜେଟ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ୧୪,୭୦୧ କୋଟି ଟଙ୍କାର ବ୍ୟୟଅଟକଳ ପ୍ରସ୍ତାବ ଦେଇଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଓଡ଼ିଶା ଜନସଂଖ୍ୟାର ଏକ ବଡ଼ଭାଗକୁ ଜୀବିକା ପ୍ରଦାନର ପ୍ରାଥମିକ ଉତ୍ସ ହୋଇ ରହିଆସିଛି। ରାଜ୍ୟର ପ୍ରାୟ ୪୫% ଶ୍ରମଶକ୍ତି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ। ଓଡ଼ିଶାର ୮୦%ରୁ ଊର୍ଦ୍ଧ୍ୱ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି, ଯେଉଁଠି ଆୟର ମୁଖ୍ୟ ଉତ୍ସ ହେଉଛି କୃଷି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୫-୨୬ ଆର୍ଥିକବର୍ଷରେ କୃଷି କ୍ଷେତ୍ର ପାଇଁ ୩୭,୮୩୮ କୋଟି ଟଙ୍କାର ବ୍ୟୟଅଟକଳ କରାଯାଇଛି। ଏହି ଆବଣ୍ଟନ ଗତ ଆର୍ଥିକବର୍ଷ ତୁଳନାରେ ୧୨% ଅଧିକ।

ବଜେଟରେ କୃଷି ବିଭାଗ ପାଇଁ ମୋଟ ଆବଣ୍ଟନ ମଧ୍ୟରୁ ସମୃଦ୍ଧ କୃଷକ ଯୋଜନାକୁ ୬,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବରୁ ୫,୦୦୦ କୋଟି ଟଙ୍କା ଥିଲା। ରାଜ୍ୟ ସରକାର ଖରିଫ ମାର୍କେଟିଂ ସିଜନ୍ ୨୦୨୪-୨୫ ପାଇଁ ଯୋଜନା କାର୍ଯ୍ୟକାରୀ କରିସାରିଥିବାବେଳେ ୨୦୨୫ ଫେବୃଆରୀ ୧୫ ସୁଦ୍ଧା ୪,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଦ୍ୟାବଧି ଏହି ଯୋଜନାରେ ୧୩ ଲକ୍ଷ ଚାଷୀ ଉପକୃତ ହେଲେଣି। ସେହିପରି ୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟର କୃଷକମାନଙ୍କୁ ଠିକ୍ ସମୟରେ ଆର୍ଥିକ ସହାୟତା ଏବଂ ଇନ୍‌ପୁଟ୍ ସପୋର୍ଟ ପ୍ରଦାନ ସକାଶେ ସିଏମ୍-କିଷାନ ଯୋଜନାରେ ୨,୦୨୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଡାଲିଜାତୀୟ ଶସ୍ୟ, ତୈଳବୀଜ, ପରିବା ଚାଷ ଲାଗି ଫସଲ ବିବିଧକରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୬୯୫ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ସେ କହିଛନ୍ତି, ମେଗା ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ୨ ଲକ୍ଷ ହେକ୍ଟର ଆୟକଟ୍ ଅଞ୍ଚଳରେ ବିବିଧ ଅଣଧାନ ଫସଲ ପାଇଁ ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ମଡେଲ ଏଗ୍ରିକଲ୍‌ଚର ପ୍ରଡକ୍ସନ କ୍ଲଷ୍ଟର (ଏପିସି) ପ୍ରତିଷ୍ଠା କରି କ୍ଷୁଦ୍ର ଓ ନାମମାତ୍ର ମହିଳା ଚାଷୀଙ୍କ ଆୟ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସେହିପରି ରାଜ୍ୟରେ ଆଳୁ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ରବି ଆଳୁ ଚାଷକୁ ସମର୍ଥନ ଦେବେ। ଚଳିତବର୍ଷ ସରକାର ଏହି ଅଭିଯାନରେ ୧.୮୦ ଲକ୍ଷ କୃଷକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ କୃଷି ବିଭାଗ ରବି ଋତୁରେ ୧.୬୦ ଲକ୍ଷ କୁଇଣ୍ଟାଲ ପ୍ରମାଣୀକୃତ ଆଳୁ ବୀଜ ଯୋଗାଇ ଦେଇଥିବା ସେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଓଡ଼ିଶାର ଫ୍ଲାଗ୍‌ଶିପ୍ ଯୋଜନା 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୬୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ପୋଷଣଜନିତ ଅସୁବିଧାର ସମାଧାନ ଓ କୃଷିଖାଦ୍ୟ ବ୍ୟବସ୍ଥାରେ ନିରନ୍ତରତା ବଜାୟ ରଖିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମାଝୀ ଆହୁରି କହିଛନ୍ତି, ଏହି ଯୋଜନାରେ ୩୦ ଜିଲ୍ଲାର ୧୭୭ ବ୍ଲକ୍‌କୁ ସାମିଲ କରାଯିବ।

ମାଣ୍ଡିଆ କୁଇଣ୍ଟାଲ ପ୍ରତି ୪,୫୦୦ ଟଙ୍କାରେ କିଣିବା ପାଇଁ ଯୋଜନା ରହିଛି। ବର୍ତ୍ତମାନ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୪,୨୯୦ ଟଙ୍କା ଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ୨୧୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ମଧ୍ୟରେ ଶୀତଳଭଣ୍ଡାରଗୁଡ଼ିକୁ ୨୫୨ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗୃହରେ ଏନେଇ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର କୋଲ୍ଡ ଷ୍ଟୋରେଜ୍ ପଲିସି ଶୀତଳଭଣ୍ଡାରଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିଛି। ଏହା ଘରୋଇ ଉଦ୍ୟୋକ୍ତାମାନଙ୍କୁ ପ୍ରୋତ୍ସାହିତ କରିବ। ଏଥିସହ ରାଜ୍ୟର ସମସ୍ତ ୫୮ ସବ୍‌ଡିଭିଜନ୍‌ରେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। କେବଳ ଏତିକି ନୁହେଁ, ଯେଉଁ ଶୀତଳଭଣ୍ଡାରଗୁଡ଼ିକ ଅଚଳ ହୋଇ ପଡ଼ିରହିଛି, ସେଗୁଡ଼ିକୁ ମଧ କାର୍ଯ୍ୟକ୍ଷମ କରାଯିବ। ଏହି ଯୋଜନା ଅଧୀନରେ ଅଚଳ କୋଲ୍ଡ ଷ୍ଟୋରେଜ୍‌ଗୁଡ଼ିକର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

'ଫାର୍ମ ମେକାନାଇଜେଶନ୍ ଆଣ୍ଡ୍ ଏଗ୍ରିକଲ୍‌ଚର ଏଣ୍ଟରପ୍ରିନ୍ୟୁରଶିପ୍' ଯୋଜନା ଅଧୀନରେ ୪୨୫ କୋଟି ଟଙ୍କା ଆବଣ୍ଟନର ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଅଧୀନରେ କୃଷି-ଉଦ୍ୟୋଗଗୁଡ଼ିକୁ ଇଜ୍ ଅଫ୍ ଡୁଇଂ ଏଗ୍ରି-ବିଜ୍‌ନେସ୍ ଜରିଆରେ ପ୍ରୋତ୍ସାହନ ଦିଆଯାଉଛି। ଏହି ଯୋଜନା ପାଇଁ ୨୬୪ କୋଟି ଟଙ୍କାର ଆବଣ୍ଟନ କରାଯାଇଛି।

ଶିକ୍ଷା, ଗବେଷଣା ଓ କୃଷିର ପ୍ରସାରକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ୍ ଟେକ୍ନୋଲୋଜିକୁ ୫୧୧ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଏହାବାଦ୍ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ୍ (ପିଏଫ୍‌ଓ)ଗୁଡ଼ିକ ପାଇଁ ୭୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି ସହ ଜୀବିକାକୁ ଉନ୍ନତ କରିବା ସକାଶେ ଏଥିରେ ଋଣ ଉପଲବ୍ଧତା, ଆର୍ଥିକ, ବୈଷୟିକ ଓ ଭିତ୍ତିଭୂମି ସହାୟତା ଏବଂ ବଜାର ସଂଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିବା ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି।

## ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା': ୫୦୦ ବିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ



'ସମୃଦ୍ଧ ଓଡ଼ିଶା' ଏବଂ 'ବିକଶିତ ଓଡ଼ିଶା' ଗଠନ ପାଇଁ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟର ସମୟସୀମା ଧାର୍ଯ୍ୟ କରିଛନ୍ତି। ରାଜ୍ୟର ଅର୍ଥନୀତି ନିରନ୍ତର ୭% ହାରରେ ଅଭିବୃଦ୍ଧି ଘଟାଇ ଏବଂ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟ ହାସଲ କରିବାକୁ ମୋହନ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଏହାସହିତ ୨୦୪୭ ମସିହା ସୁଦ୍ଧା 'ବିକଶିତ ଓଡ଼ିଶା' ଲକ୍ଷ୍ୟ ହାସଲ କରିବେ ବୋଲି ବଜେଟ ପୁସ୍ତିକାରେ ଦାବି କରିଛନ୍ତି। ଓଡ଼ିଶା ୨୦୩୬ରେ ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ବୋଲି ଆଶା ବାନ୍ଧିଛନ୍ତି। ସରକାର ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ କରିବେ, ଯେଉଁଥିରେ ସୁସ୍ଥ, ସମାନତା, ସମୃଦ୍ଧି, ଆଞ୍ଚଳିକ ବୈଷମ୍ୟ ଦୂରର ପ୍ରମାଣ ମିଳିବ। ଜଳବାୟୁ ଅନୁକୂଳ ଓ ଅନ୍ନଦାତା, ଓଡ଼ିଶା ଅସ୍ମିତା ଏବଂ ଲୋକଙ୍କ ସରକାରକୁ ଗୁରୁତ୍ୱ ଦେଇ ଏହି ଲକ୍ଷ୍ୟ ହାସଲ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଥିବା ବିଷୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଆବଣ୍ଟନ (କୋଟି ଟଙ୍କା)**

| କ୍ଷେତ୍ର | ମୋଟ ବଜେଟର ଅଂଶ |
|---|---|
| ସ୍ୱାସ୍ଥ୍ୟସେବା - ୨୩,୬୩୫ | ୮.୨% |
| ଶିକ୍ଷା - ୪୧,୨୭୩ | ୧୪.୨% |
| ସାମାଜିକ ସୁରକ୍ଷା - ୨୪,୨୫୦ | ୮.୪% |
| ମହିଳା - ୧୭,୯୯୮ | ୬.୨% |
| କୃଷି ଓ ଆନୁଷଙ୍ଗିକ - ୩୭,୮୩୮ | ୧୧.୬% |
| ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ - ୧୬,୨୭୩ | ୧୫.୩% |
| ଗ୍ରାମୀଣ ବିକାଶ - ୩୯,୨୨୧ | ୧୩.୫% |
| ନଗର ଉନ୍ନୟନ - ୯,୯୮୫ | ୩.୪% |

## ଜଳସେଚନ ପାଇଁ ମାଷ୍ଟର ପ୍ଲାନ: ୧୫ ଲକ୍ଷ ହେକ୍ଟର ଜମିକୁ ପାଣି

ଚାଷଜମିକୁ ଉପଯୁକ୍ତ ଜଳସେଚନ ସୁବିଧା ଦିଆଯାଇପାରିଲେ କୃଷକମାନେ ଅଧିକ ଉପାର୍ଜନକ୍ଷମ ହୋଇପାରିବେ। ଏହାଦ୍ୱାରା ସେମାନଙ୍କ ଆୟ ମଧ୍ୟ ବଢ଼ିବ ବୋଲି ରାଜ୍ୟ ସରକାର ହୃଦୟଙ୍ଗମ କରୁଛନ୍ତି। ଏଥିସକାଶେ ରାଜ୍ୟର ଅଧିକରୁ ଅଧିକ ଚାଷୀଙ୍କ କ୍ଷେତକୁ ଜଳ ପହଞ୍ଚାଇବା ଲକ୍ଷ୍ୟ ନେଇ ଏକ ଜଳସେଚନ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ତଦନୁଯାୟୀ ୨୦୨୯-୩୦ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ସେଚନ ସୁବିଧା ଯୋଗାଇ ଦିଆଯିବ। କେବଳ ୨୦୨୫-୨୬ରେ ୨ଲକ୍ଷ ୭୭ ହଜାର ହେକ୍ଟର ଜମିକୁ ପାଣି ମଡ଼ାଇବା ଲକ୍ଷ୍ୟ ରଖାଯାଇଛି।

**୨୦୨୫-୨୬ରେ ବ୍ୟୟବରାଦ ୧୨% ବୃଦ୍ଧି**



୨୦୨୪-୨୫ ଆର୍ଥିକ ବର୍ଷରେ ଜଳସମ୍ପଦ ବିଭାଗ ପାଇଁ ୧୩ ହଜାର ୨୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ୨୦୨୫-୨୬ରେ ଏଥିରେ ୧୨% ବୃଦ୍ଧି କରି ୧୪,୮୯୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

ଆଲୋଚ୍ୟ ଆର୍ଥିକ ବର୍ଷରେ ବଲାଙ୍ଗୀର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବିତରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବା ଦ୍ୱାରା ଅତିରିକ୍ତ ୪୦ ହଜାର ହେକ୍ଟର ଜମିକୁ ପାଣି ପହଞ୍ଚିପାରିବ। ସେହିପରି ନୟାଗଡ଼ର କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପ ଜରିଆରେ ୩ ହଜାର ୭ଶହ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ। ବରଗଡ଼ର ଘଟକେଶ୍ୱର ଜଳସେଚନ ପ୍ରକଳ୍ପ ଓ ଗଙ୍ଗାଧର ମେହେର ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇ ଯଥାକ୍ରମେ ଅତିରିକ୍ତ ୭୦୦ ଓ ୩୭୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ। ୨୦୨୯ ସୁଦ୍ଧା ହାତକୁ ଦିଆଯାଇଥିବା ଖଇରବନ୍ଧନ, ବୃତାଙ୍ଗ, ପିପଳପଙ୍କା, ଖାରଖରା ଷ୍ଟେଜ୍-୨, ଭୀମକୁଣ୍ଡ, କଳା, ହିଡସିଂହ, ମାଙ୍କଡ଼ା, ଗୋବିନ୍ଦପାଲି, ଝାରପଡ଼ା ଓ ଖଡ଼ଖାଇ ଷ୍ଟେଜ୍-୨ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯିବ।

### ବ୍ୟାପକ ବନ୍ୟା ପରିଚାଳନା ପାଇଁ ଯୋଜନା

ବ୍ୟାପକ ବନ୍ୟା ପରିଚାଳନା ପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା ଆଣିଛନ୍ତି। ଏଥିରେ ବନ୍ୟାଜନିତ ବିପଦ ପ୍ରଶମନ, ପ୍ରସ୍ତୁତି, ଚିରସ୍ଥାୟୀ ପଦକ୍ଷେପ ଓ ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯିବ। ଏହି ଯୋଜନାରେ ସମୁଦ୍ରକୁ ଜଳ ନିଷ୍କାସନରେ ଉନ୍ନତି ଆଣିବା ପାଇଁ ନଦୀ ମୁହାଣ ଖନନ ଅନ୍ତର୍ଭୁକ୍ତ ହେବ। ଏଥିପାଇଁ ଚଳିତ ବର୍ଷ ୩୮୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଅତ୍ୟଧିକ ବ୍ୟବହୃତ ଏବଂ ପ୍ରଦୂଷିତ ନଦୀଗୁଡ଼ିକର ଜଳର ପ୍ରାକୃତିକ ସ୍ରୋତ ଓ ଏହାର ବ୍ୟବସ୍ଥାରେ ପୁନରୁଦ୍ଧାର ଲାଗି ରାଜ୍ୟ ସରକାର ନଦୀ ପୁନରୁଦ୍ଧାର ଯୋଜନା ଆରମ୍ଭ କରିଛନ୍ତି। ୨୦୨୫-୨୬ରେ ପ୍ରାଚୀଧାରା ଓ ଗୋବରୀ ଭଳି ୨/୩ଟି ନଦୀକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ।

### ମହାନଦୀ ନଦୀକୂଳ ବିକାଶ

ମହାନଦୀ ନଦୀକୂଳ ବିକାଶ ଅଧୀନରେ ସମ୍ବଲପୁର ଓ କଟକର ମହାନଦୀ କୂଳକୁ ପର୍ଯ୍ୟଟନ ତଥା ସାଂସ୍କୃତିକ କାର୍ଯ୍ୟକଳାପର ଜୀବନ୍ତ କେନ୍ଦ୍ରରେ ପରିଣତ କରାଯିବ।



### ହୀରାକୁଦ ଡ୍ୟାମ୍ ନବୀକରଣ ପାଇଁ ୮୫୦ କୋଟି

ଜଳସେଚନ କ୍ଷମତା ଓ ଜଳର ସମବଣ୍ଟନର ଲକ୍ଷ୍ୟ ନେଇ ସରକାର 'ହୀରାକୁଦ ଡ୍ୟାମ ପ୍ରକଳ୍ପର କେନାଲ ବ୍ୟବସ୍ଥାର ନବୀକରଣ' ନାମରେ ୮୫୦ କୋଟି ଟଙ୍କାର ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହା ପଶ୍ଚିମ ଓଡ଼ିଶାର କୃଷକମାନଙ୍କ ଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବ।

### ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧୀ ଲୁଣିବନ୍ଧ ପ୍ରକଳ୍ପ

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ପରିଚାଳନା ପାଇଁ ସରକାର ସମନ୍ୱିତ ପନ୍ଥା ଅବଲମ୍ବନ କରୁଛନ୍ତି। ଏହି ପ୍ରଣାଳୀରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ ୧୯୩ କିମି ଲମ୍ବର ଲୁଣିବନ୍ଧ ସୁଦୃଢ଼ୀକରଣ ପାଇଁ 'ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରତିରୋଧୀ ଲୁଣିବନ୍ଧ ପ୍ରକଳ୍ପ'ର ଯୋଜନା ହୋଇଛି। ଏଥିରେ ମୋଟ ୭୫୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨୦୨୫-୨୬ରେ ୨୦୦ କୋଟିର ବ୍ୟୟବରାଦ କରାଯାଇଛି।

### ମାଛ, ଅଣ୍ଡା, ଦୁଗ୍ଧ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ଓଡ଼ିଶା



ମାଛ, ଦୁଗ୍ଧ ଓ ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୩୬ ସୁଦ୍ଧା ବାର୍ଷିକ ମାଛ ଉତ୍ପାଦନ ୩୩ ଲକ୍ଷ ମେଟ୍ରିକ ଟନ୍, ଅଣ୍ଡା ଉତ୍ପାଦନ ୧ ହଜାର କୋଟି ଏବଂ ଦୈନିକ କ୍ଷୀର ଉତ୍ପାଦନ ୧୬୫ ଲକ୍ଷ ଲିଟରକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଛି। ସେହିପରି ୨୦୩୬ ସୁଦ୍ଧା ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ବାର୍ଷିକ ୨୫ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପାଇଁ ୧,୯୦୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁଯୋଜନାରେ ୧୪୬କୋଟିଟଙ୍କାରବ୍ୟୟବରାଦକରାଯାଇଛି।



ପ୍ରଥମ ପୃଷ୍ଠାରୁ...

# କିଟ୍‌ରେ ନେପାଳୀ ଛାତ୍ରୀଙ୍କ...

ଖୁଲି ଆଖି ବୁଜିଛନ୍ତି। ତେବେ ଏହି ଘଟଣାକୁ କେନ୍ଦ୍ର କରି କ୍ୟାମ୍ପସ୍ ଅଶାନ୍ତ ହୋଇଥିବା ଘଟଣାକୁ ନେଇ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଅନ୍ୟପକ୍ଷରେ ଏହି ଘଟଣାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚପାଇ ଦେବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୁରୁଷବନ୍ଧୁଙ୍କ ବ୍ଲାକମେଲ୍‌ରୁ ପ୍ରକ୍ରିତି ଏଭଳି କରିବାକୁ ବାଧ ହୋଇଥିଲେ ବୋଲି ସହପାଠୀମାନେ ଦାବି କରିବା ସହ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଶତାଧିକ ନେପାଳୀ ଛାତ୍ରୀଛାତ୍ର ରବିବାର ରାତିରୁ ଆନ୍ଦୋଳନ କରିବା ସହ ସୋମବାର ସକାଳୁ ମଧ୍ୟ ବିଶ୍ୱବିଦ୍ୟାଳୟ ସାମ୍ନା ରାସ୍ତାକୁ ଅବରୋଧ କରି ବିକ୍ଷୋଭ କରିଥିଲେ।


ରବିବାର ରାତିରେ କିଟ୍ କ୍ୟାମ୍ପସ୍ ଭିତରେ ଆନ୍ଦୋଳନ।


ମୃତା ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍


ଅଭିଯୁକ୍ତ ଆଦଭିକ୍ ଶ୍ରୀବାସ୍ତବ

ସେପଟେ ଏହି ଘଟଣାରେ ପୁରୁଷବନ୍ଧୁ ବି.ଟେକ୍ ତୃତୀୟ ବର୍ଷ (ମେକାନିକାଲ)ର ଛାତ୍ର ଆଦଭିକ୍ ଶ୍ରୀବାସ୍ତବଙ୍କ ବ୍ଲାକମେଲ୍ ସହି ନ ପାରି ପ୍ରକ୍ରିତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ସମ୍ପର୍କୀୟ ଭାଇ ସିଦ୍ଧାନ୍ତ ସିଗ୍‌ଦେଲ୍ କହିଛନ୍ତି। ସିଗ୍‌ଦେଲଙ୍କ ଏତଲା ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୫୪/୨୦୨୫) ରୁଜୁ କରିଛି। ଅଭିଯୁକ୍ତ ଆଦଭିକ୍ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ପୋଲିସ ଟିମ୍ ତାଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଦଭିକ୍‌ଙ୍କ ଘର ଲକ୍ଷ୍ନୌରେ ହୋଇଥିବାବେଳେ ସେ ନନ୍ଦନକାନନ ଥାନା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିଲେ। ତାଙ୍କ ପାଖରୁ ମୋବାଇଲ ଓ ଲାପଟପ୍ ଜବତ କରାଯାଇଛି।

ତେବେ ଏହି ଘଟଣାକୁ ନେଇ ନେପାଳୀ ଛାତ୍ରୀଛାତ୍ର ଓ କିଟ୍ କର୍ତ୍ତୃପକ୍ଷ ମୁହାଁମୁହିଁ ପରିସ୍ଥିତିରେ କେତେକ ଭିଡିଓ ଭାଇରାଲ ମଧ୍ୟ ହୋଇଛି। ଛାତ୍ରୀଙ୍କୁ ଧମକ ସହ ହଷ୍ଟେଲରୁ ବଳପୂର୍ବକ ତଡୁଥିବା ଦେଖିବାକୁ ମିଳିଛି। ଏଥିସହ ଛାତ୍ରଙ୍କୁ ସୁରକ୍ଷାକର୍ମୀ ମାଡ଼ ମାରୁଥିବା ମଧ୍ୟ ଭିଡିଓରୁ ଦେଖିବାକୁ ମିଳିଛି। ସେପଟେ କ୍ୟାମ୍ପସ୍‌ରେ ଅଧିକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଏଡାଇବା ପାଇଁ ସବୁ ବର୍ଷର ନେପାଳୀ ଛାତ୍ରୀଛାତ୍ରଙ୍କ କ୍ଲାସ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ କର୍ତ୍ତୃପକ୍ଷ ବନ୍ଦ କରି 'ସାଇନ୍ ଏ ଡାଏ' ଘୋଷଣା କରିଥିଲେ। ସେମାନଙ୍କୁ ନିଜ ଘରକୁ ଫେରିଯିବାକୁ କୁହାଯିବା ସହ ତୁରନ୍ତ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ପ୍ରାୟ ଶତାଧିକ ନେପାଳୀ ଛାତ୍ରୀଛାତ୍ରଙ୍କୁ ବସ୍ ଯୋଗେ ବଳପୂର୍ବକ କଟକ ରେଳ ଷ୍ଟେଶନରେ ଛାଡ଼ି ଦିଆଯାଇଥିଲା। ଏହାକୁ ନେଇ ନେପାଳୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଘରକୁ ଯିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯାଇ ତୁରନ୍ତ ଚାଲିଯିବାକୁ କୁହାଯିବାରୁ ଛାତ୍ରୀଛାତ୍ରମାନେ ଅକଳରେ ପଡ଼ିଥିଲେ। ପୋଲିସ ସୂଚନା ଅନୁଯାୟୀ, ଦୁଇବର୍ଷ ତଳେ ପ୍ରକ୍ରିତି ଓ ଆଦଭିକ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାରି ଭିତରେ ପ୍ରକ୍ରିତିଙ୍କ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ଆଦଭିକ୍ ମୋବାଇଲରେ ରଖିଥିଲେ। ଫଟୋ ଓ ଭିଡିଓ ଜରିଆରେ ସେ ପ୍ରକ୍ରିତିଙ୍କୁ ବ୍ଲାକମେଲ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି କାରଣରୁ ଉଭୟ କିଟ୍ ଇଣ୍ଟରନ୍ୟାଶନାଲ ରିଲେଶନ୍ ଅଫିସ (ଆଇଆର୍‌ଓ)ର ସାହାଯ୍ୟ ନେଇଥିବାବେଳେ ଦୁଇଥର ଏହି ସମସ୍ୟାର ଆପୋସ ସମାଧାନ ହୋଇଥିଲା। ହେଲେ କିଛିଦିନ ଯିବା ପରେ ଆଦଭିକ୍ ପୂର୍ବଭଳି ସମ୍ପର୍କ ରଖିବା ପାଇଁ ପୀଡିତାଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ପ୍ରକ୍ରିତି ରାଜି ନ ହେବାରୁ ଆଦଭିକ୍ ତାଙ୍କୁ ପୁଣି ମାନସିକ ନିର୍ଯାତନା ଦେଇଥିଲେ। ରବିବାର ସକାଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରକ୍ରିତି ଆତ୍ମହତ୍ୟା କରିଥିବା ନେଇ ସହପାଠୀମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ସେମାନେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣାକୁ ନେଇ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଉଦ୍‌ବେଗ ପ୍ରକାଶ କରିବା ସହ ନେପାଳ ଦୂତାବାସ ଘଟଣାକୁ ନେଇ ଚିନ୍ତାପ୍ରକଟ କରିବା ସହ ଛାତ୍ରୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି। ତେବେ ଏହାପରେ ସନ୍ଧ୍ୟାରେ କିଟ୍ ପକ୍ଷରୁ ନୋଟିସ୍ ଜାରି କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଫେରିଆସିବାକୁ ଅପିଲ୍ କରାଯାଇଛି। ଯେଉଁମାନେ ଯାଇଛନ୍ତି କିମ୍ବା ଯିବାକୁ ବସିଛନ୍ତି, ସେମାନେ ଫେରିବାକୁ କୁହାଯାଇଛି। ତେବେ କ୍ୟାମ୍ପସରେ ସ୍ଥିତି ସ୍ୱାଭାବିକ ରହିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି।

- କ୍ୟାମ୍ପସରେ ବିକ୍ଷୋଭ, ହସ୍ତକ୍ଷେପ କଲେ ନେପାଳ ପ୍ରଧାନମନ୍ତ୍ରୀ
- ନେପାଳ ଦୂତାବାସ ଚିନ୍ତାପ୍ରକଟ କରି ନିରପେକ୍ଷ ତଦନ୍ତ ଦାବି କଲା

## ପରିସ୍ଥିତିକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ ଘରକୁ ପଠାଯାଇଥିଲା: କର୍ତ୍ତୃପକ୍ଷ

କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ସୃଷ୍ଟ ବିବାଦ ଉପରେ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ବିବୃତି ଜାରି କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ନେପାଳୀ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଯାଇଥିଲା ବୋଲି କିଟ୍ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି। ପ୍ରେସ୍ ବିବୃତି ଅନୁସାରେ ରବିବାର କିଟ୍‌ରେ ତୃତୀୟବର୍ଷ ବି.ଟେକ୍ ପଢୁଥିବା ଜଣେ ନେପାଳ ଛାତ୍ରୀ ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କ ସହ କିଟ୍‌ରେ ପାଠ ପଢୁଥିବା ଅନ୍ୟ ଜଣେ ଛାତ୍ରଙ୍କ ପ୍ରେମ ସମ୍ପର୍କ ରହିଥିବା ଅନୁମାନ କରାଯାଉଛି। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ଘଟଣା ତୁରନ୍ତ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ସମ୍ପୃକ୍ତ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଏହାକୁ ନେଇ କିଟ୍‌ରେ ପଢୁଥିବା ନେପାଳୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ ନିଜନିଜ ଘରକୁ ପଠାଇ ଦିଆଯାଇଛି। ପରେ ସନ୍ଧ୍ୟାରେ କିଟ୍ ପକ୍ଷରୁ ଆଉ ଏକ ପ୍ରେସ ରିଲିଜ୍ ଜରିଆରେ କୁହାଯାଇଥିଲା ଯେ, କୌଣସି ପ୍ରକାର ଅପ୍ରତ୍ୟାଶିତ ଘଟଣାକୁ ରୋକିବା ଏବଂ ନିରପେକ୍ଷ ତଦନ୍ତ ପାଇଁ ନେପାଳୀ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଅଭିଭାବକଙ୍କ ସାହାଯ୍ୟରେ ନିଜ ସ୍ଥାନକୁ ଫେରିଯିବାକୁ ପରାମର୍ଶ ଦିଆଯାଇଥିଲା। ତେବେ କର୍ତ୍ତୃପକ୍ଷ ସାଇନ୍ ଏ ଡାଏ ଉଠାଇବା ସହ ଛାତ୍ରୀଛାତ୍ରଙ୍କୁ ପୁଣି ଥରେ କ୍ୟାମ୍ପସ୍‌କୁ ଫେରିଆସିବାକୁ ବିଜ୍ଞପ୍ତିରେ କୁହାଯାଇଛି।

## ଏବିଭିପି ପକ୍ଷରୁ ବିକ୍ଷୋଭ

କିଟ୍‌ରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏବିଭିପି କର୍ମକର୍ତ୍ତାମାନେ କିଟ୍ ସମ୍ମୁଖ ରାସ୍ତାରେ ବିକ୍ଷୋଭ କରିବା ସହ ଇନ୍‌ଫୋସିଟି ଥାନା ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି। ନେପାଳୀ ଛାତୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ବଳପୂର୍ବକ ବିଦାକରିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ଏବିଭିପି କର୍ମକର୍ତ୍ତାମାନେ କହିଛନ୍ତି।

## ହଷ୍ଟେଲ ଛାଡ଼ିବାକୁ ମହିଳା କର୍ମଚାରୀଙ୍କ ଧମକ, ସୁରକ୍ଷାକର୍ମୀଙ୍କ ମାଡ଼



ଛାତ୍ରୀ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି କିଟ୍ କ୍ୟାମ୍ପସ୍‌ରୁ ଏକାଧିକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ଏକ ଭିଡିଓରେ କେତେଜଣ ମହିଳା କର୍ମଚାରୀ ହଷ୍ଟେଲ ଛାଡ଼ିବାକୁ ଛାତ୍ରୀମାନଙ୍କୁ ଧମକ ଚମକ ଦେଉଥିବା ଦେଖିବାକୁ ମିଳିଛି। ଏପରିକି ଉଚ୍ଚସ୍ୱରରେ ଜିନିଷ ପ୍ୟାକ କରି ଛାତ୍ରୀଙ୍କୁ ତୁରନ୍ତ ହଷ୍ଟେଲରୁ ଯିବାକୁ ତାଗିଦା କରିଥିଲେ। ସେହିପରି କ୍ୟାମ୍ପସ୍ ପରିସରରେ କିଛି ନେପାଳୀ ଛାତ୍ରଙ୍କୁ ସୁରକ୍ଷାକର୍ମୀ ନିସ୍ତୁକ ମାଡ଼ ମାରୁଥିବା ମଧ୍ୟ ଆଉ ଏକ ଭିଡିଓରୁ ଦେଖିବାକୁ ମିଳିଛି। ବିଦେଶୀ ଛାତ୍ରୀଛାତ୍ରଙ୍କ ଉପରେ ଏଭଳି ନିର୍ଯାତନାର ଏକାଧିକ ଭିଡିଓ ଘୂରି ବୁଲୁଥିବାରୁ ଘଟଣାକୁ ସବୁଆଡୁ ତୀବ୍ର ନିନ୍ଦା କରାଯାଉଛି।




## ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ସରକାର: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୭।୨(ସତ୍ୟଜିତ୍ ରାଉତ)

କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ନେପାଳ ସହ ଭାରତର ସମ୍ପର୍କ ଅତ୍ୟନ୍ତ ଗଭୀର ଏବଂ ନେପାଳ ସହ ଓଡ଼ିଶାର ସମ୍ପର୍କ ମଧ୍ୟ ଜଗନ୍ନାଥଙ୍କୁ ଆଧାର କରି ରହିଆସିଛି। କିଟ୍‌ରେ ଯାହା ଘଟିଛି ତାହା ଦୁଃଖଦ, ମୃତା ଛାତ୍ରୀଙ୍କ ପରିବାର ପ୍ରତି ଆମେ ସମବେଦନା ଜ୍ଞାପନ କରୁଛୁ। ଘଟଣା ଘଟିବା ପରେ ଗୃହ ବିଭାଗ ତ୍ୱରିତ ପଦକ୍ଷେପ ନେଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଉ ଯେଉଁମାନେ ଏଥିରେ ସାମିଲ ଥିବେ, ସେହି ଦିଗକୁ ଗୁରୁତ୍ୱ ଦିଆଯିବ। ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠୁ ଆରମ୍ଭ କରି ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ମଧ୍ୟ ଆମେ ଯୋଗାଯୋଗରେ ଅଛୁ। ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ଛାତ୍ରୀଛାତ୍ରମାନଙ୍କୁ କ୍ୟାମ୍ପସ୍ ଫେରିଆସିବାକୁ କିଟ୍ ପକ୍ଷରୁ ଅପିଲ୍ କରାଯାଇଛି। ସେମାନଙ୍କୁ ଆଣିବାକୁ ଓଏସ୍‌ଆର୍‌ଟିସି ବସ୍‌ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସହ କାଉନ୍‌ସେଲିଂ ଆଧାରରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯେପରି କୌଣସି ମାନସିକ ନିର୍ଯାତନା ନ ମିଳିବ, ସେଥିପାଇଁ ସରକାର ଆଲୋଚନା କରିବା ସହ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।

## ଏଆଇଏସ୍‌ଏଫ୍ ପକ୍ଷରୁ କଡ଼ା ନିନ୍ଦା

କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ୍(ଏଆଇଏସ୍‌ଏଫ୍) ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, କ୍ୟାମ୍ପସ୍ ମଧ୍ୟରେ ନେପାଳୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଭେଦଭାବ, ଉତ୍ପୀଡ଼ନ ଏବଂ ଅତ୍ୟାଚାର ଘଟଣା ସାମ୍ନାକୁ ଆସିଛି। ଅନେକ ଭିଡିଓ ଏବଂ ରିପୋର୍ଟରୁ ଜଣାପଡ଼ିଛି ଯେ, ବିଶ୍ୱବିଦ୍ୟାଳୟର କର୍ମଚାରୀ, ଶିକ୍ଷକ ଏବଂ କେତେକ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନେପାଳୀ ଛାତ୍ରୀଛାତ୍ରମାନେ ଅନ୍ୟାୟ ଆଚରଣ, ଅପମାନଜନକ ମନ୍ତବ୍ୟ ଏବଂ ମାନସିକ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ଏଆଇଏସ୍‌ଏଫ୍ ଏହାର ଦୃଢ଼ ନିନ୍ଦା କରିବା ସହ ନିର୍ଯାତନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି ।

## ଛାତ୍ରୀଛାତ୍ରଙ୍କୁ କଟକ ରେଳଷ୍ଟେଶନରେ ଛାଡ଼ିଦେଲେ


କଟକ ରେଳଷ୍ଟେଶନରେ ଅପେକ୍ଷାରତ ନେପାଳୀ ଛାତ୍ର।

କଟକ,୧୭।୨(ଶିଳ୍ପା ପ୍ରିୟଦର୍ଶିନୀ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ମୃତ୍ୟୁ ଘଟଣାରେ ହଷ୍ଟେଲରେ ଥିବା ସମସ୍ତ ନେପାଳୀ ଛାତ୍ରୀଛାତ୍ରଙ୍କୁ ସୋମବାର ହଷ୍ଟେଲ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଜୋରଜବରଦସ୍ତି ସମସ୍ତ ଛାତ୍ରୀଛାତ୍ରଙ୍କୁ କଟକ ରେଳଷ୍ଟେଶନକୁ ବିଶ୍ୱବିଦ୍ୟାଳୟର ବସ୍ ଯୋଗେ ପଠାଯାଇଥିଲା। ସମସ୍ତଙ୍କୁ ନିଜ ଘରକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରାୟ

### ଦୀର୍ଘ ସମୟ ଅପେକ୍ଷା କରି ଜେନେରାଲ ବଗିରେ ଗଲେ

୬୦ରୁ ଅଧିକ ଛାତ୍ରୀଛାତ୍ର ଦୀର୍ଘ ସମୟ ଧରି କଟକ ରେଳଷ୍ଟେଶନଠାରେ ଅପେକ୍ଷା କରିବା ସହ ପାଖରେ ଟ୍ରେନ୍ ଟିକେଟ୍ ଓ ଖାଇବା ପାଇଁ ପଇସା ନ ଥିବାରୁ ନିରାଶ ହୋଇଥିଲେ। ପରେ ଅପରାହ୍ଣ ପ୍ରାୟ ୪ଟା ୫୦ ମିନିଟରେ ପୁରୀ-ପାଟନା ଏକ୍ସପ୍ରେସ୍‌ରେ ରିଜର୍ଭେରେଶନ ଟିକେଟ୍ ନ ଥିବାରୁ ଜେନେରାଲ ବଗିରେ ଛାତ୍ରୀଛାତ୍ର ଯାଇଥିବା ସୂଚନା ମିଳିଛି। ଏନେଇ ବିଶ୍ୱବିଦ୍ୟାଳୟର କିଛି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି ଯେ, କର୍ତ୍ତୃପକ୍ଷ ବିନା କୌଣସି ନୋଟିସରେ ବିଶ୍ୱବିଦ୍ୟାଳୟରୁ ବିଦା କରି ଦେଇଛନ୍ତି। କୌଣସି ସୁବିଧା ନ କରି କଟକରେ ଆଣି ଛାଡ଼ିଛନ୍ତି। ଏହାସହ କିଛି ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ୱାର୍ଡେନ ପାଇପ୍‌ରେ ପିଟିଛନ୍ତି। କେବଳ ସହପାଠୀଙ୍କ ମୃତ୍ୟୁକୁ ନେଇ ଆନ୍ଦୋଳନ କରିବା କାରଣରୁ ସମସ୍ତଙ୍କୁ ବିଦା କରାଯାଇଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମୋକ୍ଷ ପକ୍ଷରୁ ୧୫ତମ ଯୁଗଳବନ୍ଦୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ(ଏମ୍) ରାଜ୍ୟ ଅଫିସ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଜନଶୁଣାଣି ବିରୋଧରେ ବୈଠକ, ସ୍ଥାନ: ଏମ୍-୭୧, ମଧୁସୂଦନ ନଗର, ୟୁନିଟ-୪, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତର ପୁରୁଷ ନାଟକ ଉତ୍ସବ ଅବସରରେ ନାଟକ 'ପଞ୍ଚାନନ ଉପାଖ୍ୟାନ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## କଟକ
- ଆପଦା ମିତ୍ରମାନଙ୍କର ଶିଶୁ ଓ ସମ୍ପ୍ରଦାୟ ପାଇଁ ଅସୁରକ୍ଷିତ ସମସ୍ୟାଗୁଡ଼ିକର ଚିହ୍ନଟ ସମ୍ପର୍କରେ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାପ୍ତାହିକ ରାଷ୍ଟ୍ରଦୀପର ୩୧ତମ ବସନ୍ତ ମିଳନ ଉତ୍ସବ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିପୁଣ ଓଡ଼ିଶା ମେଳା, ସ୍ଥାନ: ଡିଆଇଇଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଜଟଣୀ ପୌର ପରିଷଦ ପକ୍ଷରୁ ନକ୍ସା ପାଇଲଟ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ସିଧାପ୍ରସାରଣ, ସ୍ଥାନ: ଟାଉନ ହଲ(ସ୍ରଷ୍ଟା), ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁଶୁପଲ୍ଲା ଖେଳପଡ଼ିଆ, ବେଗୁନିଆ,ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ସପ୍ତମ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ, ସ୍ଥାନ: ଚନ୍ଦ୍ରଭାନୁପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଅଷ୍ଟମ ପ୍ରହର ଦିବା ରାତ୍ର ନାମ ସଂକୀର୍ତ୍ତନ, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ : ସକାଳ ୫ ଟା
- ବରିଷ୍ଠ ନାଗରିକ ଏବଂ ସାଧାରଣ ଲୋକଙ୍କୁ ନେଇ ନନ୍ଦିପଦା ପୋଲିସର ସଚେତନତା ସଭା, ସ୍ଥାନ: ହାଟଡିହୀ ହାଇସ୍କୁଲ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଶିଶୁ ବାଟିକାରେ ବେଦ ଏବଂ ଆଧାତ୍ମିକ ଶିକ୍ଷା କାର୍ଯ୍ୟକ୍ରମ, ସ୍ଥାନ:ହାବଳେଶ୍ୱର, ହାଟଡିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରର ଯଜ୍ଞାନୁଷ୍ଠାନର ଦେବପୂଜା, ସ୍ଥାନ: ମୁର୍ମୁ ଛକ କୁଚେଇବୁଢୀ, ରାଇରଙ୍ଗପୁର, ସମୟ: ସକାଳ ୮ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ୍ ପଡ଼ିଆ, ସମୟ: ସକାଳ ୯ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବୁଗୁଡ଼ା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ହନୁମାନଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଲାଗି ନାମଯଜ୍ଞ ଆରମ୍ଭ, ସ୍ଥାନ: ବାଲିଗୁଡ଼ା ପାଟଖଣ୍ଡା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଶିକ୍ଷା ନିକେତନର ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲିଗୁଡା, ସମୟ : ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୩୯ ତମ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଅଖିଳ ଚକ୍ର ପକ୍ଷରୁ ସାରସ୍ୱତ ତୀର୍ଥ ପରିକ୍ରମା,ସ୍ଥାନ : କାନ୍ତକବିଙ୍କ ଜନ୍ମପୀଠ(ତିହିଡି),ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ବାଳିକା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲା ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ନୟାଗଡ଼ ଏନ୍‌ଏସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କମ୍ୟୁନିଟି ହଲ୍, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା।
- ୫ ଜିଲାର ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଆରମ୍ଭ, ସ୍ଥାନ: ରାୟଗଡା ରେଳ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୧ଟା ୪୫ ।

## କୋରାପୁଟ
- ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଆମ ମେଡିକାଲ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ମାଲକାନଗିରି
- ବ୍ଲକ୍‌ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋରୁକୋଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଡସିଂହାରୀ, ସମୟ: ସକାଳ ୭ଟା।
- ଏବିଭିପି ପକ୍ଷରୁ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନୂଆପଡା ଏବଂ ବଲାଙ୍ଗୀର ମଧ୍ୟରେ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍‌ର ସୁରକ୍ଷା ସମାବେଶ, ସ୍ଥାନ: ରାଉରକେଲା ରେଳବାଇ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଭେଙ୍କଟଶ୍ୱରାୟ ସ୍ୱାମୀ ମନ୍ଦିର ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ପ୍ରଧାନପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ର ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ୟାମ ଖାଟୁ ମହାରାଜ ମାସିକ କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଶ୍ରୀ ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବର କଳସଯାତ୍ରା,ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା,ସମୟ: ସକାଳ ୮ଟା।
- ସମାଜ ସଂସ୍କାରକ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି
- ଆନ୍ତଃ ଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ, ସ୍ଥାନ: ନେହେରୁ ଯୁବକେନ୍ଦ୍ର ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଜୁନାଗଡ଼ ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସର ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।୦

## ଦେବଗଡ଼
- ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା: ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯୁବ ରେଡକ୍ରସ୍ ସଂସ୍ଥା ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ,ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଭାଲଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏନ୍‌ସିସି କ୍ରିକେଟ ଚାମ୍ପିୟନ ଟ୍ରଫି କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: କାନପୁର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଆଞ୍ଚଳିକ ଯାଦବ ସମାଜ ଭବନ ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭଗବତ କଥା ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭଇସାତାଳ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ ଭଣ୍ଡରା କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ଭଇସାତାଳ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଝାରସୁଗୁଡ଼ା
- ଦୁର୍ଗାଙ୍କ ସହସ୍ର ନାମ ପଠନ, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୮ ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପୁଝାରୀପାଲି ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ ଟା।
- ମାସିକ ବାଲ୍ମୀକି ରାମାୟଣ ପଠନ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନହେବା ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁଖଦ ରହିବ। ଅଟକିରହିଯାଇଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି, ମନୋରଞ୍ଜନ କାମରେ ବ୍ୟସ୍ତ ରହିପାରନ୍ତି।

**ବୃଷ**
ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନକରିବା ସକାଶେ ବ୍ୟସ୍ତତା ବୃଦ୍ଧିପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ**
ଆଜି ଯେତିକି ଅର୍ଥ ପାଇବେ ତା'ଠାରୁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ କାମକଲେ ସେଥିପାଇଁ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**କର୍କଟ**
ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲକାମ କଲେ ମଧ୍ୟ ପ୍ରଶଂସାସୂଚକ ପଦୁଟିଏ ଶୁଣିବାକୁ ମିଳିବ ନାହିଁ। ମତପାର୍ଥକ୍ୟ ଯୋଗୁ ସ୍ତ୍ରୀ/ସ୍ୱାମୀଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହଚର୍ଯ୍ୟରୁ ସାମାଜିକ ସ୍ତରରେ ସମ୍ମାନ ଲଭିବେ।

**ସିଂହ**
ଆଜି ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। କୌଣସି ଲୋକର ପ୍ରଭାବରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ୍ୟହେବେ।

**କନ୍ୟା**
ପରିବାର ଭିତରେ କୌଣସି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ସାହାଯ୍ୟ ବ୍ୟତିରେକ ଅନ୍ୟମାନଙ୍କଠାରୁ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ସଚେତନତା ଅଭାବରୁ ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅନ୍ୟମନସ୍କତା କାରଣରୁ ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି।

**ତୁଳା**
ପରିବାରରେ ମନ ଭିତରର ଅଶାନ୍ତି ବିରକ୍ତିକର କଥାବାର୍ତ୍ତାର ରୂପ ନେଇପାରେ। ଏହିଭଳି ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବାର ସୂଚନା ରହିଛି।

**ବିଛା**
ବନ୍ଧୁଙ୍କ ସହ ସାମାନ୍ୟ କଥାରେ ଅତିଶୟ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ। କିଛି କାମ ହାସଲ କରିବା ସକାଶେ ଅଯଥା ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ**
ଆଜି ଶନିଙ୍କ ସ୍ଥିତି କାରଣରୁ ଅତୀତ କଥା ଚିନ୍ତାକରି ମନଟା ଭଲ ଲାଗି ନ ପାରେ। ଭାଙ୍ଗିପଡ଼ିଥିବା ସମ୍ପର୍କକୁ ଯୋଡ଼ିବା ଲାଗି ଚେଷ୍ଟାକରି ସଫଳ ହେବେ। ଦୀର୍ଘ ଦିନରୁ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଅସାବଧାନତା ଯୋଗୁ ଅନ୍ୟମନସ୍କ ଭାବରେ ଗାଡ଼ି ଚଳାଇବା ସମସ୍ୟାର କାରଣ ହୋଇପାରେ।

**ମକର**
ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ, ମାତ୍ର ବହୁତ ତକଲିଫ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ**
କୌଣସି ସମସ୍ୟାବହୁଳ ପରିସ୍ଥିତିରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। କୌଣସି ଘଟଣାକୁ ନେଇ ମନଟା ଭାରାକ୍ରାନ୍ତ ରହିବ। ଶାରୀରିକ ଅସୁସ୍ଥତାଜନିତ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ବନ୍ଧୁଙ୍କ ପରାମର୍ଶରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ବହୁଦୂରରେ ଥିବା ଅନୁଭବ କରିବେ। ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲହୋଇ ଖୁସି ହେବେ।

ଆଜି ଫେବୃଆରୀ ୧୮ ତାରିଖ, ଫାଲ୍‌ଗୁନ କୃଷ୍ଣଷଷ୍ଠୀ ମଙ୍ଗଳବାର, ରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୯।୦୯ ଗତେ, ଘ. ୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ, ଘ. ୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୨ ଗତେ, ଘ, ୦୪।୧୮ ମଧ୍ୟେ ରାହୁକାଳ।

# ରାଜ୍ୟରେ ବଢ଼ିଛି ଆପରାଧିକ କାର୍ଯ୍ୟକଳାପ

**ଭୁବନେଶ୍ୱର,୧୭।୨,(ବନ୍ଦନା ସେଠୀ)**

୨୦୨୩ ତୁଳନାରେ ୨୦୨୪ରେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଛି। ଏନେଇ ଗୃହରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୦୨୩ରେ ସର୍ବମୋଟ ୧ଲକ୍ଷ ୯୯ ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଥିଲା। ମାତ୍ର ୨୦୨୪ରେ ୨ଲକ୍ଷ ୧୪ହଜାର ୧୧୩ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଛି। ୨୦୨୩ ତୁଳନାରେ ୨୦୨୪ରେ ପଞ୍ଜୀକୃତ ଅପରାଧରେ ବୃଦ୍ଧି ଘଟିଛି। ସେହିପରି ୨୦୨୩ରେ ଚୋରିକୁ ନେଇ ମୋଟ ୧୬ ହଜାର ୮ଶହ ୫୧ଟି ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୧୭ ହଜାର ୮୦୫ ହୋଇଛି।

# ବନ୍ତଳାରେ ଗୁଳିମାଡ଼, ୨ ଗୁରୁତର

**ଅନୁଗୋଳ,୧୭।୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ବ୍ଲକ ବନ୍ତଳା ଥାନା ଧୋକୁଟା ପଞ୍ଚାୟତ କହ୍ନେଇନଗରରେ ସୋମବାର ରାତି ସାଢ଼େ ୮ଟାରେ ଗୁଳିକାଣ୍ଡ ଘଟିଛି। ଗୁଳିମାଡ଼ରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶିବରାମ ନାଏକ ଓ ବିଷ୍ଣୁ ନାଏକ। ଦୁହେଁ ଏକ ଅଟୋରେ ବଡ଼କେରାରୁ ଘରକୁ ଫେରୁଥିବା ବେଳେ ଧୋକୁଟା ବନଦୁର୍ଗା ନିକଟରେ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶିବଙ୍କ ଛାତି ଓ ପେଟରେ ଗୁଳି ବାଜିଥିବା ବେଳେ ବିଷ୍ଣୁଙ୍କ ଜଙ୍ଘ ଓ ପେଟରେ ଗୁଳିମାଡ଼ ହୋଇଛି। ତେବେ କିଏ ଓ କେଉଁ କାରଣରୁ ଏହି ଗୁଳି ଚଳାଇଲା ତାହା ଜଣାପଡ଼ି ନ ଥିବାବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଦୁହିଁଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳ, ପତର, ମୂଳ ଖାଇ;**
**ଏବେ ବୁଲୁଅଛି ଅଚିନ୍ତା ହୋଇ।**

ପୈତୃକ ସମ୍ପତ୍ତିକୁ ବ୍ୟର୍ଥରେ ଉଡ଼େଇ ଦେବା ପରେ ମଧ୍ୟ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅଚିନ୍ତା ହୋଇ ବୁଲୁଥିବାର ଦେଖିବାକୁ ମିଳିଥାଏ। ଅଳର୍ମା ତଥା କୁଳାଙ୍ଗାର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୁକ୍ତି ଭାବ ପ୍ରକାଶ କରାଯାଇଛି।

**ଡେବିରି ହାତ ପାପ**
**ଡାହାଣ ହାତକୁ ନ ଥାଏ।**

କୁହାଯାଏ ଏ ହାତର ପାପ ସେ ହାତକୁ ଯାଏ ନାହିଁ। ଅର୍ଥାତ ଯେ ପାପ କରେ ସେ ତା'ର ଫଳ ଅବଶ୍ୟ ଭୋଗ କରେ। ଦେବତା ହୁଅନ୍ତୁ କି ମାନବ ପାପର ଫଳ ଭୋଗିବାକୁ ସମସ୍ତେ ବାଧ ବୋଲି ଏଠାରେ ସୂଚିତ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବିକଶିତ ରାଜ୍ୟ ...

ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଅଗ୍ରାଧିକାର ଦେଇଛନ୍ତି। ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ ୨୩,୬୩୫କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହାକି ରାଜ୍ୟ ବଜେଟର ପ୍ରାୟ ୮%। ସେଥିମଧ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ପାଇଁ ୬,୨୪୯କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ପାଇଁ ୩,୮୮୧ କୋଟି ଟଙ୍କା ବ୍ୟୟ କରାଯିବା ଉଲ୍ଲେଖନୀୟ। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପାଇଁ ୨୦୯୧କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ-ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ମିଶନ୍ (ପିଏମ୍-ଭିମ୍) ଯୋଜନା ପାଇଁ ୨୯୫କୋଟି ଟଙ୍କା ଅଟକଳ କରାଯାଇଛି। ଅନୁରୂପ ଭାବେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ୭୧୧କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଶିକ୍ଷା କ୍ଷେତ୍ରକୁ ମଧ୍ୟ ପ୍ରାଧାନ୍ୟ ଦେଇ ସରକାର ୪୧,୨୭୩କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। କ୍ରୀଡ଼ା କ୍ଷେତ୍ର ସକାଶେ ୧,୩୨୦କୋଟି ଟଙ୍କା ଅଟକଳ କରାଯାଇଛି। ମହିଳା ଓ ଶିଶୁ ବିକାଶ କେନ୍ଦ୍ରିତ ନୀତି ଓ କଲ୍ୟାଣମୂଳକ ପଦକ୍ଷେପ ପାଇଁ ମୋଟ ୧୭,୯୯୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟୋଗ ବିକାଶ ପାଇଁ ସୁଭଦ୍ରା ଯୋଜନା ଅଧୀନରେ ୧୦,୧୫୪ କୋଟି ଟଙ୍କା ରଖାଯାଇଛି। ଅନୁରୂପ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ୨୪୨୫୦କୋଟି ଟଙ୍କା, ଓଡ଼ିଶାର ସହରାଞ୍ଚଳ ରୂପାନ୍ତରିକରଣ ପାଇଁ ୯୯୮୫କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ (ପିଏମ୍‌ଏୱାଇ-ଜି) ଅଧୀନରେ ୪,୫୦୦କୋଟି ଟଙ୍କା, ପାଇପ୍ ଯୋଗେ ପାନୀୟ ଜଳ ପାଇଁ ୮,୬୦୦କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରାଯାଇଛି। ସେହିପରି ୨୦୨୫-୨୬ ପାଇଁ କାର୍ଯ୍ୟକ୍ରମ ବଜେଟ୍‌ରେ ୩୯,୬୩୮କୋଟି ଟଙ୍କାର ଟିଏସ୍‌ପି ଅଂଶ ଏବଂ ୨୯,୨୪୩କୋଟି ଟଙ୍କାର ଏସ୍‌ସିଏସ୍‌ପି ଅଂଶକୁ ମିଶାଇ ମୋଟ ୬୮,୮୮୧କୋଟି ଟଙ୍କା ଅନ୍ତର୍ଭୁକ୍ତ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ମ୍ୟାଟେରିଆଲ୍ କମ୍ପୋନେଣ୍ଟ ପାଇଁ ୨୫୦୦କୋଟି ଟଙ୍କା, ବିପର୍ଯ୍ୟୟ ଜନିତ ପ୍ରବାସକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ରାଜ୍ୟ ସହାୟତା ବାବଦରେ ୭୦୦କୋଟି ଟଙ୍କା ଦିଆଯାଇଛି।

ବଜେଟରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯାଇଛି। ଏହା ଅଧୀନରେ ବକୁଳ ବନ ଉନ୍ନୟନ ପାଇଁ ୫୦କୋଟି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୧୯୪କୋଟି, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ୩୦କୋଟି ଓ ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ ୭୭କୋଟି ପ୍ରଦାନ କରାଯାଇଛି। କ୍ରୀଡ଼ା ଓ ଯୁବସେବା ଅଧୀନରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୯୪୩କୋଟି, ଯୁବଶକ୍ତି ପାଇଁ ୩୨କୋଟି, କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ୮୦କୋଟି ବ୍ୟୟବରାଦ ହୋଇଛି। ସେହିପରି ଶିଳ୍ପ ଏବଂ ଅଣୁକ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ପାଇଁ ୧,୫୬୭କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପରିବେଶକୁ ଗୁରୁତ୍ୱ ଦିଆଯାଇ ବନୀକରଣ ଓ ବନ୍ୟଜନ୍ତୁ କାର୍ଯ୍ୟକଳାପ ପାଇଁ କାମ୍ପା ଅଧୀନରେ ୧୦୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୨,୮୦୮କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ବିପର୍ଯ୍ୟୟ ପରିଚାଳନା ସକାଶେ ୪ହଜାର କୋଟି ଟଙ୍କା ଅଟକଳ କରାଯାଇଛି। ମୁଖ୍ୟମନ୍ତ୍ରୀ ବଜେଟରେ ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନକୁ ବଜାୟ ରଖିବା ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୭୬୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ୪୮୨କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ଏମ୍‌ଏଲ୍‌ଏ ଲ୍ୟାଡ୍ ୩ କୋଟି ଟଙ୍କାରୁ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

### ବଜେଟ୍‌ରେ ୧୬ ନୂଆ ଯୋଜନା

ଏଥର ବଜେଟ୍‌ରେ ୧୬ଟି ନୂଆ ଯୋଜନା କରାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ୨ହଜାର ୬୦୩କୋଟି କୋଟି ଟଙ୍କା ଘୋଷଣା ହୋଇଥିବାବେଳେ, ସୁଭଦ୍ରା ସୁରକ୍ଷା ସକାଶେ ୧୫୩କୋଟି, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ୩୦କୋଟି, ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ୨୦୦ କୋଟି ଟଙ୍କା, ଓଡ଼ିଶା ପୁଷ୍ଟି ମିଶନ ୧୦୦ କୋଟି ଟଙ୍କା, ବକୁଳବନ ଉନ୍ନୟନ ୫୦ କୋଟି ଟଙ୍କା, ଆମ ଶିମିଳିପାଳ ଯୋଜନା ୫୦କୋଟି, ମଡେଲ ମଣ୍ଡି ୫୦କୋଟି, ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ୧୦୦ କୋଟି, ଓଡ଼ିଆ ପ୍ରବାସୀ ସମ୍ପର୍କ ନିମନ୍ତେ ୧୦ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨କୋଟି, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି, ସ୍ୱଚ୍ଛ ଓଡ଼ିଶା ପାଇଁ ୨୬୧କୋଟି, ଆମେ ପଢିବା ଆମ ଭାଷାରେ ପାଇଁ ୨୫କୋଟି, ଅଟଳ ବସ୍ ଷ୍ଟାଣ୍ଡ ପାଇଁ ୧୨୬୬କୋଟି, ସମୃଦ୍ଧ ସହର ପାଇଁ ୪୦୮ କୋଟି ଟଙ୍କା ଘୋଷଣା କରାଯାଇଛି।

### ଆଜିଠାରୁ ଯୁକ୍ତ...

୮ଟା ୩୦ରେ କଡାସୁରକ୍ଷା ଭିତରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସକାଳ ୯ଟା ୩୦ରେ ଅବଜର୍ଭର, ସୁପରିଣ୍ଟେଣ୍ଡେଣ୍ଟ ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯିବ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ସିଲ୍ ପ୍ରଶ୍ନପତ୍ରଗୁଡିକ ପରୀକ୍ଷା ରୁମ୍‌ରେ ପହଞ୍ଚାଯିବ। ଛାତ୍ରୀଛାତ୍ର ସକାଳ ୯ଟା ୩୦ରେ ପରୀକ୍ଷା କକ୍ଷକୁ ପ୍ରବେଶ କରିବେ ଓ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ୧ ପର୍ଯ୍ୟନ୍ତ ଚାଲିବ। ତେବେ ପରୀକ୍ଷାକୁ ସ୍ୱଚ୍ଛ, ସୃଙ୍ଖଳିତ ତଥା ସୁରକ୍ଷି କରିବାକୁ ପରିଷଦ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରିଷଦ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ପୂରା ପ୍ରକ୍ରିୟା ଉପରେ ନଜର ରଖାଯାଇଛି। କଲେଜସ୍ତରରେ ପରୀକ୍ଷା ପରିଚାଳନା ପାଇଁ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିବାବେଳେ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିବା ସୂଚନା ଦିଆଯାଇଛି।

ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଯୁକ୍ତ୨ ପରୀକ୍ଷା ପାଇଁ ଚଳିତ ବର୍ଷ ୧୨୭୬ଟି କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କୁ ମିଶାଇ ମୋଟ ୩ଲକ୍ଷ ୯୩ ହଜାର ୬୧୮ଜଣ ପିଲା ଫର୍ମ ପୂରଣ କରିଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ଜଣ, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୯୮୦ଜଣ, ବାଣିଜ୍ୟରେ ୨୫ ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ଜଣ ପିଲା ରହିଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ପହଞ୍ଚାଇବାକୁ ପରିଷଦ ପ୍ରାଥମିକତା ଦେଇଛି। ଏଥିପାଇଁ ୨୦୫ଟି ପରୀକ୍ଷା ପରିଚାଳନା ହବ୍ କରାଯାଇଛି। ପରୀକ୍ଷା ସରିବା ମାତ୍ରେ ଖାତାଦେଖା ଆରମ୍ଭ ହେବ। ଅନ୍‌ଲାଇନ ମୂଲ୍ୟାୟନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି କଳା ବିଭାଗର ଓଡ଼ିଆ ଓ ଇଂଲିଶ ବିଷୟର ଖାତାଦେଖା ବହୁ ବିଳମ୍ବ ହୋଇଥାଏ। ତେଣୁ ପ୍ରଥମଥର ପାଇଁ ଅନ୍‌ଲାଇନ ମୂଲ୍ୟାୟନ କରାଯିବ। ପୂର୍ବରୁ ୨୭ଟି ଅନ୍‌ଲାଇନ ମୂଲ୍ୟାଙ୍କନ କେନ୍ଦ୍ରରେ ଖାତାଦେଖା ହେଉଥିବା ବେଳେ ଏହାକୁ ୬୩କୁ ବଢ଼ାଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଏକାବେଳେ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

## ରାଜ୍ୟରେ ଖାଲି ପଡ଼ିଛି ଆଇଏଏସ୍ ଓ ଆଇପିଏସ୍ ଅଫିସର ପଦବୀ

ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

ରାଜ୍ୟରେ ଆଇଏଏସ୍ ଓ ଆଇପିଏସ୍ ପଦବୀ ଖାଲି ପଡ଼ିଛି। ଓଡ଼ିଶା କ୍ୟାଡରରେ ଅନୁମୋଦିତ ଆଇଏଏସ୍ ଅଫିସର ପଦବୀ ସଂଖ୍ୟା ୨୪୮ ରହିଥିବାବେଳେ, ଏବେ ରାଜ୍ୟ କ୍ୟାଡରରେ ୧୮୨ ଅଫିସର କାର୍ଯ୍ୟରତ ଅଛନ୍ତି। ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିପରି ବର୍ତ୍ତମାନ ୬୬ ପଦବୀ ଖାଲି ପଡ଼ିଥିବାବେଳେ, ୨ଜଣ ଆଇଏଏସ୍ ଅଧିକାରୀ ଆନ୍ତଃରାଜ୍ୟ ଡେପୁଟେଶନରେ ଓଡ଼ିଶାରେ କାର୍ଯ୍ୟରତ ଅଛନ୍ତି। ଏବେ ୨୨ଜଣ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣ ୫ବର୍ଷରୁ ଅଧିକ ସମୟ ଧରି କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେହିପରି ରାଜ୍ୟରେ ମୋଟ୍ ୧୯୫ ଆଇପିଏସ୍ ପଦବୀ ଥିବାବେଳେ, ସେଥିରୁ ୬୯ଟି ଖାଲି ପଡ଼ିଛି। ୧୦ଜଣ ଆଇପିଏସ୍ ଅଧିକାରୀ ୫ବର୍ଷରୁ ଅଧିକ ସମୟ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ପ୍ରଶାସନିକ ଆବଶ୍ୟକତା ଭିତ୍ତିରେ ଅଫିସରମାନଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ ସରକାର ବିହିତ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଲିଫ୍ଟ ଦେବା ବାହାନାରେ ମୋବାଇଲ ଲୁଟ

ବ୍ରହ୍ମପୁର, ୧୭।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣି ନୂଆଗାଁ ପୋଲିସ ୨ ଲୁଟେରାଙ୍କୁ ବାନ୍ଧିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ କେନାଲ ସାହିର ସୁଜେଲ ଦାସ ଓ ମୁକ୍ତେଶ୍ୱର ମନ୍ଦିର ନିକଟସ୍ଥ ରାଉଳ ସାହିର କୋମଳ ଲୋଚନ ରାଉଳ। ପୋଲିସ ସେମାନଙ୍କ ନିକଟରୁ ଲୁଟ ମୋବାଇଲ ଫୋନ୍ ଓ ଘଟଣା ବେଳେ ବ୍ୟବହୃତ ସ୍କୁଟି ଜବତ କରିଛି। ମାମଲା ନଂ ୬୨/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୋଳନ୍ଥରା ଅଞ୍ଚଳର ମନୋରଞ୍ଜନ ଜେନା ରବିବାର ଭୋରରେ ବ୍ରହ୍ମପୁର ରେଳଷ୍ଟେଶନରୁ ଚାଲିକି ହଳଦିଆପଦର ଓଭରବ୍ରିଜ ଦେଇ ନିଜ ଘରକୁ ଯାଉଥିଲେ। ଓଭରବ୍ରିଜଠାରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ତାଙ୍କୁ ଲିଫ୍ଟ ଦେବା ବାହାନାରେ ଗାଡ଼ିରେ ବସାଇ ନେଇ ଯାଇଥିଲେ। ହଳଦିଆପଦର ନିକଟରେ ମନୋରଞ୍ଜନଙ୍କୁ ସେମାନେ ମାଡ଼ ମାରିବା ସହ ତାଙ୍କ ପକେଟରୁ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏ ନେଇ ମନୋରଞ୍ଜନ ଗୋଷାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ।

# ଗହୀରମଥାରେ ୨ଶହ ଅଲିଭ୍ ରିଡ୍ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ



ରାଜନଗର, ୧୭।୨ (ଭାସ୍କର ରାଉତରାୟ)

ଅଲିଭ୍ ରିଡଲେ କଇଁଛଙ୍କ ଅନ୍ତୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ନାସୀ–୨, ପେଣ୍ଠ, ଜଉଡିଆ, ହବାଳିଖଟି ଆଦି ସ୍ଥାନରେ ଅଲିଭ୍ ରିଡ୍ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସୋମବାର ସୁଦ୍ଧା ୨୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇ ସାରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଣ୍ଡାଗୁଡିକୁ ସଂଗ୍ରହ କରାଯାଇ ବନ ବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି ମା’ କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ବନ ବିଭାଗର କର୍ମଚାରୀମାନେ ଘୋଡ଼ାଇ ଦେଇଛନ୍ତି। ଫେବୃଆରୀ ୧୭ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ୍ ରିଡ୍ଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠୁଁ ଦେଢ଼ କି.ମି. ମଧ୍ୟରେ ସାତଭାୟାରୁ ନାସୀ–୨ ଯାଏ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହ କୂଳକୁ ଅଲିଭ୍ ରିଡଲେ କଇଁଛ ଆସୁଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ଚଳିତବର୍ଷ ଋଷିକୁଲ୍ୟା ମୁହାଣରେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟା ୨ ଦିନ ହେଲା ଆରମ୍ଭ ହୋଇସାରିଛି।

# ଲିଖିତ ଅଭିଯୋଗ ହୋଇନାହିଁ: ମୁଖ୍ୟମନ୍ତ୍ରୀ

**ଏଏସ୍ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା**

ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ମୋହନ ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସୋମବାର ବିଧାନସଭା ଗୃହରେ ଲିଖିତ ଉତ୍ତର ରଖିଛନ୍ତି। ଏହି ଘଟଣାରେ ଏଯାଏ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଏସ୍ଓଙ୍କୁ ମାଡ଼ ଓ ନିର୍ଯାତନା ନେଇ ପୁରୀ ସାମୁଦ୍ରିକ ଥାନାରେ କିଛି ଅଭିଯୋଗ ହୋଇନାହିଁ। ଗୋଟିଏ ଅନ୍‌ଲାଇନ୍ ଅଭିଯୋଗ ସିସିଟିଏନ୍ସି ପୋର୍ଟାଲ ମାଧ୍ୟମରେ ହିଁ ହୋଇଛି। ଏଏସ୍ଓ ବୈକୁଣ୍ଠ ପ୍ରଧାନ ପୋର୍ଟାଲରେ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ତଦନ୍ତ ଚାଲିଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବୈକୁଣ୍ଠଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଜୁଲାଇ ୭ ଓ ୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରହଣି ବ୍ୟବସ୍ଥା ତଦାରଖ ପାଇଁ ତାଙ୍କୁ ରାଜଭବନରେ ନିୟୋଜିତ କରାଯାଇଥିଲା। ରାତି ପ୍ରାୟ ୧୧ଟା ୪୫ରେ ସେ ରାଜଭବନସ୍ଥିତ ଅଫିସ ରୁମ୍‌ରେ ବସିଥିବାବେଳେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ରୋଷେୟା ଆକାଶ ସିଂ ତାଙ୍କ ପାଖକୁ ଆସି ଲଳିତ କୁମାର ଡାକୁଥିବା କହିଥିଲେ। ଲଳିତଙ୍କୁ ଭେଟିବାକୁ ସେ ଯାଇଥିଲେ ଓ ତାଙ୍କୁ ଦେଖୁଦେଖୁ ଲଳିତ ଉତ୍କ୍ଷିପ୍ତ ହୋଇ ଅତ୍ୟନ୍ତ ଆଶାଳୀନ ଭାଷାରେ ବଡ଼ ପାଟିରେ ଗାଳିଗୁଲଜ କରିଥିଲେ। ତାଙ୍କର ଏଭଳି ଆଚରଣକୁ ପ୍ରତିବାଦ କରିବାରୁ ଲଳିତ ତାଙ୍କୁ ଚାପୁଡ଼ା ମାରିବା ଆରମ୍ଭ କରିଥିଲେ। ରୁମ୍‌ରୁ ଦୌଡ଼ି ପଳାଇ ଆସି ଆନେକ୍ସ ବିଲ୍ଡିଂରେ ଲୁଚି ରହିବାକୁ ଚେଷ୍ଟା କରିଥିଲେ। ମାତ୍ର ଲଳିତଙ୍କର ଦୁଇଜଣ ପିଏସ୍ଓ ତାଙ୍କୁ ଖୋଜି ପୁଣିଥରେ ଲଳିତଙ୍କ ପାଖକୁ ଟେକି ନେଇଯାଇଥିଲେ। ଲଳିତ ସେଠାରେ ତାଙ୍କ ମୁହଁକୁ ଚାପୁଡ଼ା ସହ ଶରୀରର ବିଭିନ୍ନ ଭାଗକୁ ଗୋଇଠା ମାରିଥିଲେ। ଏପରିକି ସେ ତାଙ୍କୁ ହତ୍ୟା ପାଇଁ ଧମକ ଦେଇଥିବା ଏଏସ୍ଓ ବୈକୁଣ୍ଠନାଥ ଅଭିଯୋଗ କରିଥିଲେ।

## ରାଜପଥରେ ଟ୍ରକ୍ ଚାଳକଙ୍କୁ ଲୁଟ୍

ପରଜଙ୍ଗ, ୧୭।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ପରଜଙ୍ଗ ଶାଖା କେନାଲ ନିକଟରେ ସୋମବାର ଅପରାହ୍ଣରେ ଏକ ଟ୍ରେଲର (ନଂ. ଆର୍‌ଜେ୩୯ଜିବି– ୧୭୦୫)ର ଚାଳକ ନାନରାମ ଜାଠଙ୍କୁ ମାଡ଼ ମାରି ୧୦ ହଜାର ଟଙ୍କା ଲୁଟ୍ କରାଯାଇଛି। ୨ଟି ମୋଟର ସାଇକେଲରେ ଆସିଥିବା ୪ଜଣ ଦୁର୍ବୃତ୍ତ ଏହି ଲୁଟ୍ କରି ଫେରାର ହୋଇଯାଇଥିବା ବେଳେ ଖବରପାଇ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ପହଞ୍ଚି ତଦନ୍ତ ଚଳାଇଛନ୍ତି।

DSPL - 388

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ସୂଚନା**

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଚଳିତ ବର୍ଷ ତା.୧୮.୦୨.୨୦୨୫ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତା ଅବଲମ୍ବନ କରିବା ପାଇଁ ପରିଷଦ ସମସ୍ତ ପ୍ରକାର ଆୟୋଜନ କରିଛି । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମ୍ବନ୍ଧୀୟ ବିଭ୍ରାନ୍ତିକର, କପୋଳକଳ୍ପିତ, ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତି, ଅନୁଷ୍ଠାନମାନଙ୍କୁ ଏପରି ନ କରିବାକୁ ସତର୍କ କରାଇ ଦିଆଯାଉଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଶୁଭଶ୍ରୀ ନନ୍ଦ, ଅଧ୍ୟକ୍ଷା

OIPR-11003/13/0016/2425

## ମହୁ ଖାଇବାକୁ ଆସି ଭାଲୁର ପ୍ରାଣ ଗଲା

ନୀଳଗିରି, ୧୭।୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ଅଯୋଧ୍ୟା ରାସ୍ତା ସିନ୍ଦୁରଗଉରା ପାଖରେ ମହୁ ଖାଇବା ଆଶାରେ ରବିବାର ରାତିରେ ଭାଲୁଟି ଗଛରେ ଚଢିଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛି। ସୋମବାର ସକାଳେ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହ ଭାଲୁର ମୃତଦେହକୁ ତଳକୁ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।



ଟ୍ରାନ୍ସଫର୍ମର ଉପରେ ମୃତ ଭାଲୁ।

ସ୍ୱର୍ଣ୍ଣବୃତ୍ତ ସଂରକ୍ଷିତ ଜଙ୍ଗଲରୁ ଏକ ମା’ ଭାଲୁ ଛୁଆଙ୍କୁ ଧରି ଖାଦ୍ୟ ଅନ୍ୱେଷଣରେ ମିତ୍ରପୁର ଅଞ୍ଚଳକୁ ଆସିଥିଲା। ମିତ୍ରପୁର ସିନ୍ଦୁରଗଉରା ଅଯୋଧ୍ୟା ରାସ୍ତା କଡ଼ରେ ଥିବା ଏକ ବର ଗଛରେ କିଛି ବାଘୁଆ ମହୁଥିବା ବେଳେ ଏହାକୁ ଖାଇବା ପାଇଁ ଭାଲୁଟି ଚଢ଼ି ମହୁ ମଧ୍ୟ ଖାଇଥିଲା। ମହୁ ଖାଇ ବରଗଛରୁ ପାଖରେ ଥିବା ଟ୍ରାନ୍ସଫର୍ମର ଖୁଣ୍ଟ ଧରି ତଳକୁ ଓହ୍ଲାଉଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସି ଭାଲୁର ମୃତ୍ୟୁ ହୋଇଛି। ଏହି ଜନଗହଳିପୂର୍ଣ୍ଣ ମୁଖ୍ୟରାସ୍ତା ପାର୍ଶ୍ୱରେ ଟାଟା ପାୱାର ଟ୍ରାନ୍ସଫର୍ମର ଚାରିପଟେ ବାରିକେଡ୍ ନ ଥିବା ଯୋଗୁ ପ୍ରାଣୀପ୍ରେମୀମାନଙ୍କୁ ଗଭୀର ଆଘାତ ଦେଇଛି।

## ପୁଣି ଫ୍ଲାଏଓଭରରୁ ଖସିଲା ପାଇପ୍

ଯୋଡ଼ା, ୧୭।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ନିର୍ମାଣ ହୋଇଥିବା ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭର ଉପରୁ ସୋମବାର ଅପରାହ୍ଣ ୧ଟା ୩୦ରେ ଏକ ବଡ଼ ପାଇପ ଖସିପଡ଼ିଛି। ପାଇପ୍ ତଳେ ଯାଉଥିବା ବାଇକ ଆରୋହୀ ବଦ୍ରି ନାରାୟଣ କରଙ୍କ ଉପରେ ପଡ଼ିଥିଲା। ସେ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବଦ୍ରି ନାରାୟଣ ବ୍ୟାଙ୍କକୁ ଯାଉଥିବା ବେଳେ ୫୫ ନଂ. ପିଲର ଉପରୁ ବର୍ଷା ଜଳ ନିଷ୍କାସନ ପାଇପ ଖସି ତାଙ୍କ ଗୋଇଠିରେ ମାଡ଼ ହୋଇଥିଲା। ଘଟଣା ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲେ। ସେ ହସ୍ପିଟାଲ ଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କର କ୍ଷୋଭର ସହିତ କହିଥିଲେ, ଫ୍ଲାଏ ଓଭରଟି ବର୍ଷେ ନ ପୂରୁଣୁ ପାଇପ ଖସିବା, ସିମେଣ୍ଟ ଖଣ୍ଡ ଖସିବା, ଫ୍ଲାଏ ଉପରୁ ଜାଲି ବାହାରି ଲୁହା ରଡ୍ ଦେଖାଯିବା ଭଳି ଘଟଣା ଘଟୁଛି। ସେଥିପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଦୁଃଖର ବିଷୟ। ନିମ୍ନମାନର ପାଇପ, କ୍ଲାମ୍ପ ଯୋଗୁ ଫ୍ଲାଏ ଓଭର ଉପରେ ଯାଉଥିବା ଭାରିଯାନର କମ୍ପନ ଯୋଗୁ ପାଇପ୍‌ଗୁଡ଼ିକ ସ୍ଥିର ରହୁନାହିଁ। ଏଥିଯୋଗୁ ପଥଚାରୀ ନିଜକୁ ସୁରକ୍ଷିତ ମଣୁ ନ ଥିବା ଯୁବ ସଂଗଠକ ଜଗନ୍ନାଥ ପାଣିଗ୍ରାହୀ, ସମୀର ଦାସ, ରମେଶ ଚନ୍ଦ୍ର ମହାପାତ୍ର, କାମାକ୍ଷା ପାତ୍ର ପ୍ରମୁଖ କହିଛନ୍ତି।

# ଝିଅ ପରେ ଚାଲିଗଲା ମା’ଙ୍କ ଜୀବନ

**ତମାଣ୍ଡୋ ଅଞ୍ଚଳରେ ମୋ ବସ୍ ଦୁର୍ଘଟଣା ମାମଲା**

ଭୁବନେଶ୍ୱର, ୧୭।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ା ଡିଏନ୍ ରେଗାଲିଆ ନିକଟରେ ଶୁକ୍ରବାର ରାତିର ଘଟିଥିବା ମୋ ବସ୍ ଦୁର୍ଘଟଣାରେ ଆହତ ଆଉ ଜଣଙ୍କ ସୋମବାର ମୃତ୍ୟୁ ଘଟିଛି। ଘଟଣା ଦିନ ଝିଅ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ତାଙ୍କ ମା’ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତା ହେଲେ କଳିଙ୍ଗନଗରର ରାଜକୁମାରୀ ପ୍ରଧାନ(୭୬)।

ସୂଚନା ଅନୁଯାୟୀ, ନନ୍ଦିନୀ, ମା’ ରାଜକୁମାରୀ ଓ ଭାଇ ବିଦ୍ୟାସାଗର ପ୍ରଧାନ ଦୁଇଟି ସ୍କୁଟି ଯୋଗେ ଡିଏନ୍ ରେଗାଲିଆ ନିକଟ ବସ୍ ରହଣିସ୍ଥଳ ପାଖରେ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରେ ମଧ୍ୟ ଅନ୍ୟଜଣେ ମହିଳା ଆଞ୍ଜେଲିନା ନାୟକ, ସ୍ୱାମୀ ସତ୍ୟବାନ ନାୟକ ଏବଂ ତାଙ୍କ ଶ୍ୱାଇଁ ସିକେନ୍ଦ୍ର ପରିଚ୍ଛା ଛିଡ଼ା ହୋଇଥିଲେ। ଏହି ସମୟରେ ରୁଟ୍ ନଂ.୩୩(ଭୁବନେଶ୍ୱର ରେଳ ଷ୍ଟେଶନରୁ ପିପିଲି) ମଧ୍ୟରେ ଚଳାଚଳ କରୁଥିବା ଓଡି୦୨–ଜେ–୯୪୧୦ ନମ୍ବର ବିଶିଷ୍ଟ ମୋ ବସ୍‌ଟି ପାତ୍ରପଡ଼ା ଡିପୋକୁ ଦ୍ରୁତ ଗତିରେ ଫେରୁଥିବାବେଳେ ସେମାନଙ୍କ ଉପରକୁ ମାଡ଼ି ଯାଇଥିଲା। କେତେଜଣଙ୍କୁ ଧକ୍କା ଦେବା ସହ ଆଉ କେତେଜଣଙ୍କ ଉପରେ ଚଢ଼ିଯାଇଥିଲା। ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନଙ୍କୁ ଏମ୍‌ସକୁ ନିଆଯାଇଥିଲା। ହେଲେ ନନ୍ଦିନୀଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ରାସ୍ତାରେ ନନ୍ଦିନୀଙ୍କ ଆଙ୍ଗୁଠି ମଧ୍ୟ ଛିଡିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଚାଳକ ପ୍ରଶାନ୍ତ ମୋ ବସ୍ ନେଇ ଖୋର୍ଦ୍ଧା ଅଭିମୁଖେ ଖସି ପଳାଉଥିବା ସମୟରେ ରାସ୍ତାରେ ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲେ। କେତେଜଣ ଲୋକ ପିଛା କରି ବସ୍‌କୁ ଅଟକାଇବା ସହ ଡ୍ରାଇଭର ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଘଟଣାରେ ପୋଲିସ ଚାଳକ ପ୍ରଶାନ୍ତଙ୍କୁ ପରବର୍ତ୍ତୀ ସମୟରେ ଗିରଫ କରିଥିଲା ।

# ସକାଳୁଆ ପାଠପଢ଼ା, ପରୀକ୍ଷା ନିର୍ଦ୍ଦେଶ

**ଏସ୍ଓପି ଜାରି କଲା ଉଚ୍ଚଶିକ୍ଷା ବିଭାଗ**

ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ଖରା ତାତି ଅସହ୍ୟ ହେଉଥିବାରୁ ଏହା ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନେଇଛି। ଏନେଇ ବିଭାଗ ପକ୍ଷରୁ ସୋମବାର ଏକ ଏସ୍ଓପି ଜାରି କରାଯାଇଛି। ଏଥିସହ ବିଶ୍ୱବିଦ୍ୟାଳୟର କୁଳସଚିବ ଓ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସକାଳୁଆ ପାଠପଢ଼ା ସହ ପରୀକ୍ଷା କରିବାକୁ ସେଥିରେ ଉଲ୍ଲେଖ କରାଯାଇଛି। ସେହିଭଳି ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ପ୍ରଚୁର ପରିମାଣର ପାନୀୟ ଜଳ ଓ ଓଆର୍‌ଏସ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ଥିବା ସମସ୍ତ ନଳକୂପ ଓ ପାଣି ପାଇପ୍‌ଗୁଡିକୁ ସଜାଡିବାକୁ ପରାମର୍ଶ ଦିଆଯାଇଛି। କଲେଜ ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରାଥମିକ ଚିକିତ୍ସା ସାମଗ୍ରୀ ରଖିବା ପାଇଁ କୁହାଯାଇଛି। ଏପରିକି ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ମୁକାବିଲା ସହ ଏସ୍ଓପି ପାଳନର ତଦାରଖ ପାଇଁ ସ୍କ୍ୱାଡ୍ ଗଠନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଟ୍ରାଫିକ୍ ଡିସିପିଙ୍କୁ ଓଏସ୍ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

**ଜରିମାନା ପାଇଁ କାର ଭିତରେ ୯ ବର୍ଷୀୟା ଝିଅ ଅଟକ ଘଟଣା**

ଭୁବନେଶ୍ୱର, ୧୭।୨ (ସୂର୍ଯ୍ୟକାନ୍ତ ବେହେରା)

ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଚାଳକଙ୍କ ଉପରେ ଟ୍ରାଫିକ୍ ପୋଲିସ ଜରିମାନା ଆଦାୟ କରିବାକୁ ଯାଇ ଜଣେ କୁନି ଝିଅ କାର୍ ଭିତରେ ଅଟକ ରହିବା ଘଟଣାକୁ ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏସ୍ଏଚ୍ଆରସି) ଗୁରୁତର ସହ ନେଇଛନ୍ତି। ଘଟଣାର ୬ଦିନ ପରେ କମିଶନ ନିଜ ଆଡୁ ମାମଲା ରୁଜୁ କରି ଭୁବନେଶ୍ୱର ଟ୍ରାଫିକ ଡିସିପିଙ୍କୁ ରିପୋର୍ଟ ମାଗିଛନ୍ତି। ମାର୍ଚ୍ଚ ୧୭ ସୁଦ୍ଧା ଘଟଣାର ସବିଶେଷ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଅପରପକ୍ଷେ ଏହି ଘଟଣାରେ ଚାରି ଆଡୁ ନିନ୍ଦା ପରେ ପଦକ୍ଷେପ ସ୍ୱରୂପ ଇନ୍ସପେକ୍ଟର ପ୍ରଣବ ଟୁଡୁଙ୍କୁ ବଦଳି କରାଯାଇଥିଲା। ସୂଚନାନୁସାରେ ଗତ ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ଜଣେ ବ୍ୟକ୍ତି କାର୍ ଯୋଗେ ନିଜ ୯ବର୍ଷୀୟା ଝିଅକୁ ସ୍କୁଲ୍‌ରୁ ନେଇ ଘରକୁ ଫେରୁଥିବାବେଳେ ଏଜି ଛକରେ ୟୁ–ଟର୍ନ ନେଇଥିଲେ। ସେଠାରେ ଟ୍ରାଫିକ୍ ପୋଲିସ ଗାଡ଼ି ଅଟକାଇ ଚାଳକଙ୍କୁ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା ଦେବାକୁ କହିଥିଲେ। ମାତ୍ର ଚାଳକଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଇ–ଚାଲାଣ କାଟିଦେବାକୁ ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଜରିମାନା ବାବଦ ଅର୍ଥ ନଗଦ ଆକାରରେ ନ ଦେଲେ ଗାଡ଼ି ଛଡ଼ାଯିବ ନାହିଁ କହି ଗାଡ଼ି ଅଟକାଇ ରଖିଥିଲେ। ଫଳରେ କାର୍ ଭିତରେ ଛୋଟ ଝିଅଟି ଫସି ରହିଥିଲେ।

# ଛାତ୍ରୀଙ୍କୁ ଶିକ୍ଷକଙ୍କ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

ନିରାକାରପୁର, ୧୭।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧୀନ ଡିଆ ପଞ୍ଚାୟତର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଏନେଇ ଛାତ୍ରୀମାନେ ଘରେ ଜଣାଇବା ପରେ ଅଭିଭାବକମାନେ ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଅବଗତ କରାଇଥିଲେ। ଗତ ୧୪ରେ ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାବାର ରାମେଶ୍ୱର କ୍ଲଷ୍ଟର ସାଧନାକେନ୍ଦ୍ରର ସଂଯୋଜକ ସୁଶାନ୍ତ ମଲ୍ଲିକ ଏବଂ ଅତିରିକ୍ତ ଶିକ୍ଷାଧିକାରୀ ସୁଧା ମଂଜରୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଅଭିଯୋଗ ଆସିଥିବା ସମ୍ପୃକ୍ତ ଶିକ୍ଷକଙ୍କ ମୋବାଇଲ ନମ୍ବରକୁ କଲ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେବେ ଘଟଣା ସମ୍ପର୍କରେ ନୂତନ ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଶିକ୍ଷାଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ଆସିଥିବା ସମ୍ପୃକ୍ତ ଶିକ୍ଷକ କୁହନ୍ତି, ଦୁଇ ମାସ ହେବ ଛୁଟିରେ ଅଛି। ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯାଗ ଭିତ୍ତିହୀନ।

वस्त्र मंत्रालय
MINISTRY OF TEXTILES
सत्यमेव जयते
राष्ट्रीय परीक्षा एजेंसी
National Testing Agency
Excellence in Assessment
राष्ट्रीय फैशन प्रौद्योगिकी संस्थान
निफ्ट अधिनियम 2006 द्वारा शासित एक सांविधिक संस्थान
NATIONAL INSTITUTE OF FASHION TECHNOLOGY
A Statutory Institute Governed by the NIFT Act 2006

ଏନ୍‌ଆଇଏଫ୍‌ଟି ନାମଲେଖା ୨୦୨୫

ଡକ୍ଟୋରାଲ ପ୍ରୋଗ୍ରାମ୍ସ

ଅଣ୍ଡରଗ୍ରାଜୁଏଟ୍ ପ୍ରୋଗ୍ରାମ୍
ବି.ଡିଇଏସ୍. ଆର୍ଟିସାନ ବର୍ଗ ଅଧୀନରେ

ପଞ୍ଜୀକରଣର ଶେଷ ତାରିଖ
୨୮ ଫେବୃଆରୀ, ୨୦୨୫

ଅନ୍‌ଲାଇନ୍ ଆବେଦନ କରନ୍ତୁ
https://nift.ac.in
https://exams.nta.ac.in/NIFT/

ADMISSIONS 2025

CBC 21354/12/0006/2425

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି । -ଶ୍ରୀଅରବିନ୍ଦ



# ମୁଚେରଲାର ଅଙ୍ଗଦାନ

ଅଙ୍ଗଦାନର ଗୁରୁତ୍ୱ ଉପଲବ୍ଧି କରିଛନ୍ତି ତେଲଙ୍ଗାନାର ମୁଚେରଲା ଗ୍ରାମବାସୀ। ହନୁମାକୋଣ୍ଡା ଜିଲାର ଏହି ଗାଁର ୫୦୦ ଅଧିବାସୀ ସେମାନଙ୍କ ମୃତ୍ୟୁପରେ ଚକ୍ଷୁଦାନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି। ଗାଁର ବାସିନ୍ଦା ମଣ୍ଡଲା ରବିନ୍ଦରଙ୍କ ପ୍ରେରଣା ଓ ସଚେତନତା ଯୋଗୁ ଏହା ସମ୍ଭବ ହୋଇଛି। ଏଭଳି ପ୍ରଶଂସନୀୟ ପଦକ୍ଷେପ ଅନ୍ୟତ୍ର ଗ୍ରହଣ କରାଯାଇପାରିଲେ ଭାରତରେ ଚକ୍ଷୁଦାନ ହାର ଯଥେଷ୍ଟ ବୃଦ୍ଧି ପାଇପାରନ୍ତା। ଉଲ୍ଲେଖନୀୟ ଯେ, ଭାରତରେ କର୍ନିଆ ବା ସ୍ୱଚ୍ଛପଟଳ କ୍ଷତି ଯୋଗୁ ଦୃଷ୍ଟିଶକ୍ତି ହ୍ରାସ ପାଇଥିବା ପାଖାପାଖି ୧୨ ଲକ୍ଷ ଲୋକ ଅଛନ୍ତି ଓ ପ୍ରତବର୍ଷ ଏଥିରେ ପ୍ରାୟ ୫୦ ହଜାର ଲୋକ ଯୋଡ଼ି ହେଉଛନ୍ତି। ଅପରପଟେ ଭାରତରେ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ସେମାନଙ୍କ ମଧ୍ୟରୁ ୩୦,୦୦୦ରୁ ୩୫,୦୦୦ ଲୋକ ଚକ୍ଷୁଦାନ କରୁଛନ୍ତି। ଏଣୁ ସମସ୍ୟା ଦୂର କରିବା ଲାଗି ପ୍ରତିବର୍ଷ ୧ ଲକ୍ଷ ଲୋକଙ୍କର ଚକ୍ଷୁ ପ୍ରତିରୋପଣର ଆବଶ୍ୟକତା ଥିବାବେଳେ ଏହାର ଅଧାରୁ କମ୍ ସଂଗ୍ରହ ହେବା ଚିନ୍ତାଜନକ ବୋଲି ଆଇ ବ୍ୟାଙ୍କ ଆସୋସିଏଶନ ଅଫ୍ ଇଣ୍ଡିଆ (ଇବିଏଆଇ) ତଥ୍ୟରୁ ଜଣାପଡ଼ିଛି। ଏହି ଅନୁଯାୟୀ ଆବଶ୍ୟକତା ପୂରଣ ପାଇଁ ପ୍ରତିବର୍ଷ ପାଖାପାଖି ୨ ଲକ୍ଷ କର୍ନିଆ ଦରକାର । ଅଙ୍ଗଦାନକୁ ମହତ କାର୍ଯ୍ୟ କହୁଥିବାବେଳେ, ସଚେତନ ହେବାକୁ ହେବ ଯେ ମୃତ ବ୍ୟକ୍ତିର ଚକ୍ଷୁ ଅତିଶୀଘ୍ର ନଷ୍ଟ ହୋଇଯାଇଥାଏ। ମୃତ୍ୟୁ ତତ୍କ୍ଷଣାତ୍ ପରେ ଅର୍ଥାତ୍ ୬ ଘଣ୍ଟା ମଧ୍ୟରେ ଯଦି ଆଖିକୁ ବଞ୍ଚିରହିବାର ସୁବିଧା ମିଳିପାରେ ତେବେ ତାହା ଅନ୍ୟଜଣେ ବ୍ୟବହାର କରିପାରିବ। ନଚେତ କର୍ନିଆର ଅଧୋଗତି ଘଟିବା ଆରମ୍ଭ ହୋଇଯାଏ। ଆଖିକୁ ଯେଭଳି ୬ ଘଣ୍ଟା ମଧ୍ୟରେ ବ୍ୟବହାର କରିବାର ନିୟମ ରହିଛି ସେହିଭଳି ହୃତ୍ପିଣ୍ଡ (ହାର୍ଟ)କୁ ୪ ଘଣ୍ଟା ଏବଂ କିଡ୍‌ନୀ ଭଳି ଅଙ୍ଗକୁ ୬ରୁ ୨୪ ଘଣ୍ଟା ମଧ୍ୟରେ ବଞ୍ଚେଇ ରଖିବାର ବ୍ୟବସ୍ଥା କରିବାକୁ ହେବ। ଏ ସମ୍ପର୍କରେ ଭାରତ ସରକାରଙ୍କ ଦ୍ୱାରା ସ୍ପଷ୍ଟ ଭାବେ ଆଇନ ପ୍ରସ୍ତୁତ କରାଯାଇଛି। ଯାହାର ନାମ ହେଉଛି ଟ୍ରାନ୍ସପ୍ଲାଣ୍ଟେଶନ ଅଫ୍ ହ୍ୟୁମାନ ଅର୍ଗାନ୍ସ ଆକ୍ଟ, ୧୯୯୪। ଏହି ଆଇନନ ସଂଶୋଧନ ୨୦୧୧ମସିହାରେ କରାଯାଇଥିଲା ବେଳେ ତାହା ୨୦୧୪ରେ କାର୍ଯ୍ୟକାରୀ ହୋଇଥିଲା। ଅଙ୍ଗକୁ ସୁରକ୍ଷିତ ଭାବେ ବଞ୍ଚେଇ ରଖିବା ପାଇଁ କେବଳ ତାହାର ଚରିତ୍ରକୁ ଡାକ୍ତରମାନେ ବୁଝିଥାଆନ୍ତି। ଯେଉଁସବୁ ଅଙ୍ଗକୁ ରକ୍ତପ୍ରବାହିତ ହୋଇଥାଏ ତାହାକୁ ଭାସ୍କୁଲାର ଅର୍ଗାନ କୁହାଯାଏ। କର୍ନିଆକୁ ଭାସ୍କୁଲାର ବୋଲି କୁହାଯାଇପାରିବ ନାହିଁ, ତାହାର ସୁରକ୍ଷା ଭିନ୍ନ ପ୍ରକାରରେ କରାଯାଏ। ସାଧାରଣତଃ, ପରିବାରବର୍ଗ ଦାନ କରୁଥିବା ଅଙ୍ଗକୁ ରୋଗୀକୁ ଦେବାରେ ସମସ୍ୟା ହୁଏ ନାହିଁ। କିନ୍ତୁ ଯେଉଁ ପ୍ରକାର ଅଙ୍ଗଦାନ ତେଲଙ୍ଗାନା ରାଜ୍ୟର ମୁଚେରଲା ଗ୍ରାମର ବାସିନ୍ଦାମାନେ କରିଛନ୍ତି, ତାହାକୁ ଆଲଟ୍ରୁଇଷ୍ଟିକ ଡୋନେଶନର ଆଖ୍ୟା ଦିଆଯାଇଥାଏ। ଏହାର ଅର୍ଥ ହେଲେ ଅଙ୍ଗ ପ୍ରଦାନକାରୀ ଜାଣନ୍ତି ନାହିଁ କେଉଁ ବ୍ୟକ୍ତିଙ୍କୁ ସେହି ଅଙ୍ଗ ଦିଆଗଲା। ଏହି କ୍ଷେତ୍ରରେ ବ୍ୟବସାୟିକ ହସ୍ତକ୍ଷେପ ପ୍ରବେଶ କରୁଥିବାରୁ ଟ୍ରାନ୍ସପ୍ଲାଣ୍ଟେଶନ ଅଫ୍ ହ୍ୟୁମାନ ଅର୍ଗାନ ଆକ୍ଟର ଭୂମିକା ଜଣାପଡ଼େ। ଏଥିସହିତ ଅନେକ ଘଟଣାରେ ଅଙ୍ଗଦାନ ପାଇଁ ଲିଖିତ ଆବେଦନ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁପରେ ତାଙ୍କର ନିକଟତମ ପରିବାରବର୍ଗଙ୍କର ସ୍ୱୀକୃତି ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ଯଦି ପରିବାରବର୍ଗ ମନା କରିବେ ତେବେ ପୂର୍ବରୁ କୁହାଯାଉଥିବା ଅଙ୍ଗଦାନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

ଭାରତ କେବଳ ଏକ ଜନବହୁଳ ଦେଶ ନୁହେଁ, ଦାରିଦ୍ର୍ୟ ଯୋଗୁ ରକ୍ତଦାନଠାରୁ ଅଙ୍ଗଦାନ ପାଇଁ ଅର୍ଥ ଲୋଡ଼ା ଯିବା ଖବର ଅନେକ ସମୟରେ ଶୁଣିବାକୁ ମିଳେ। ଏଥିସହିତ କୋଲକାତାର ଆର୍ ଜି କର ହସ୍ପିଟାଲ ଭଳି ଭାରତର ଅନେକ ଘରୋଇ ଏବଂ ସରକାରୀ ଚିକିତ୍ସାଳୟରେ ଅଙ୍ଗ ଚୋରି ହେବା ଘଟଣା ପଦାକୁ ଆସୁଛି। ସେହିସବୁ ଅଙ୍ଗର ମୂଲ୍ୟ ଯେତେ ଅଧିକ ହେବା ସତ୍ତ୍ୱେ ତାହାକୁ କିଣିବା ପାଇଁ ଲୋକଙ୍କର ଧାଡ଼ି ଲାଗୁଛି। ସେହିଭଳି ରକ୍ତଦାନ ପାଇଁ ଅନେକ ଲୋକ ବିଭିନ୍ନ ବ୍ଲଡ୍ କ୍ୟାମ୍ପ ବା ରକ୍ତଦାନ ଶିବିରକୁ ଦେଶପ୍ରେମରେ ମୋହିତ ହୋଇ ଆଗେଇ ଆସନ୍ତି। ସାଧାରଣରେ ଏହିସବୁ ବିଷୟରେ ଆମ୍ଭେମାନେ ଅଶିକ୍ଷିତ ହୋଇଥିବାରୁ କେହି ଜଣେ ପଚାରନ୍ତି ନାହିଁ ସଂଗୃହୀତ ରକ୍ତକୁ କେଉଁ ସ୍ଥାନରେ ଏବଂ କିପରି ଆକାରରେ ସଂରକ୍ଷିତ ରଖାଯିବ। ଅନେକ ଘରୋଇ ସଂସ୍ଥା ରକ୍ତଦାନ ଶିବିରର ଆୟୋଜନ କରି ବିଭିନ୍ନ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଏକାଠି କରନ୍ତି। ପରବର୍ତ୍ତୀ ସମୟରେ ସେହି ରକ୍ତ କିଏ ନେଲା ତାହାର ଖୋଜଖବର କରିବା ପାଇଁ ସମ୍ପୃକ୍ତ ଦାନ କରିଥିବା ବ୍ୟକ୍ତିମାନେ ଚେଷ୍ଟା କରନ୍ତି ନାହିଁ। ତଥାପି ପ୍ରାୟ ଅଧିକାଂଶ ବ୍ଲଡ୍‌ବ୍ୟାଙ୍କରେ ଖୋଜିଲା ବେଳକୁ ଉପଯୁକ୍ତ ଗ୍ରୁପ୍‌ର ରକ୍ତ ମିଳେନାହିଁ। ରକ୍ତର ଅଭାବ ଆମ ଦେଶରେ ସବୁଆଡ଼େ ଏବଂ ସବୁବେଳେ ପଡ଼ିଥାଏ। ତାହାର ଏକମାତ୍ର କାରଣ ହେଉଛି ରକ୍ତଦାନ ଶିବିର କରାଉଥିବା ସଂସ୍ଥାଗୁଡ଼ିକ ସେହିସବୁ ସଂଗୃହୀତ ରକ୍ତକୁ ଦଲାଲମାନଙ୍କୁ ବହୁ ଲାଭରେ ବିକିଦିଅନ୍ତି। ଭାରତରେ ପରିସ୍ଥିତି ଏପରି ହୋଇଛି ଯେ ଦେଶର ଆଭ୍ୟନ୍ତରୀଣ ରକ୍ତ ଚାହିଦା ମେଣ୍ଟିପାରୁ ନ ଥିବା ବେଳେ ଭାରତ ଏବେ ପୃଥିବୀର ଅନ୍ୟତମ ବୃହତ୍ ରକ୍ତ ରପ୍ତାନିକାରୀ ଦେଶ ଭାବେ ପରିଚିତ ହେଲାଣି। ଏହାସବୁ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଲାଭ ଦେଉଥିବା ବେଳେ ଜନସାଧାରଣଙ୍କ କ୍ଷତି ଘଟୁଛି।

ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ କ୍ଷେତ୍ରରେ ଶିଥିଳତା ଏବଂ ଅସମାନତା ଦେଖାଯାଇଛି। ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ, ୫ ଜଣ ଅଙ୍ଗଦାତାଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅଙ୍ଗ ପ୍ରତିରୋପଣ କରାଯାଉଥିବା ୫ ଜଣଙ୍କ ଭିତରେ ୪ ଜଣ ପୁରୁଷ ଅଛନ୍ତି। ଉଲ୍ଲେଖନୀୟ ଯେ, ୨୦୨୪ ଫେବୃଆରୀ ପ୍ରଥମ ସପ୍ତାହରେ ଲୋକ ସଭାରେ ତତ୍କାଳୀନ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବଘେଲଙ୍କ ପ୍ରଦତ୍ତ ତଥ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରତିରୋପଣ ଅସମାନତାକୁ ସ୍ପଷ୍ଟ କରିଥିଲା। ଗତ ଏକ ଦଶନ୍ଧି ହେଲା ଭାରତରେ ପ୍ରତି ୧୦ ଲକ୍ଷରେ ସଦ୍ୟମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ପ୍ରତିଶତ ୧ରୁ କମ୍ ରହିଆସିଛି। ଜଣେ ମୃତକଙ୍କ ଅଙ୍ଗଦାନ ୮ଜଣଙ୍କ ଜୀବନ ବଞ୍ଚାଇପାରିବ। ହେଲେ ଭାରତରେ ଅଙ୍ଗଦାନ ସ୍ଥିତି ବିଶ୍ୱରେ ଦୁର୍ବଳ ଅଛି। ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଜଟିଳ ବୋଲି ଲୋକଙ୍କ ଧାରଣା ରହିଛି। ଏହା ସହ ଅଙ୍ଗଦାନରେ ବାଧକ ସାଜୁଛି ରୂଢ଼ିବାଦୀ ଧର୍ମୀୟ ଭାବନା ଓ ଅନ୍ଧବିଶ୍ୱାସ । ଏସବୁ ଦୃଷ୍ଟିରୁ ସଚେତନତା କେବଳ ବଡ଼ ଅସ୍ତ୍ର ହୋଇପାରିବ ଯାହା ଦେଖାଯାଇଛି ମୁଚେରଲା ଗାଁରେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | 6 | |
| | | 8 | 4 | | 3 | | | |
| | | 4 | | | 2 | 5 | | 3 |
| | | 3 | | | | | 8 | 7 |
| | | | | 3 | | 1 | 4 | 2 |
| | | | | 6 | 7 | | | |
| | | | 7 | | | | | |
| 5 | | | | 1 | | | 7 | 9 |
| 3 | 4 | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | 3 | 9 | 6 | 7 | 2 | 1 |
| 2 | 1 | 3 | 8 | 7 | 4 | 9 | 5 | 6 |
| 6 | 7 | 9 | 1 | 2 | 5 | 8 | 4 | 3 |
| 7 | 6 | 5 | 9 | 3 | 1 | 4 | 8 | 2 |
| 1 | 3 | 2 | 4 | 8 | 7 | 6 | 9 | 5 |
| 9 | 4 | 8 | 6 | 5 | 2 | 1 | 3 | 7 |
| 3 | 2 | 6 | 7 | 4 | 8 | 5 | 1 | 9 |
| 4 | 9 | 7 | 5 | 1 | 3 | 2 | 6 | 8 |
| 8 | 5 | 1 | 2 | 6 | 9 | 3 | 7 | 4 |

ଗତକାଲିର ଉତ୍ତର

# ସ୍ୱାସ୍ଥ୍ୟସେବାରେ ଦନ୍ତ ଚିକିତ୍ସକ ନିଯୁକ୍ତି



ପ୍ରତାପ ଚନ୍ଦ୍ର ସାମଲ

ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାଳମାଳ ଯୋଜନା କରୁଛନ୍ତି। ମାତ୍ର ଡାକ୍ତରମାନଙ୍କ ନିଯୁକ୍ତିରେ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହି ଅନ୍ତରାୟ ସୃଷ୍ଟି କରୁଛ। ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସରକାର ପରେ ସରକାର ବଦଳୁଛନ୍ତି। ନୂଆ ସରକାର ଦାୟିତ୍ୱ ନିର୍ବାହ କଳାପରେ ସରଳ ଉପାୟରେ ଶାସନ ଚଳାଇବା ପାଇଁ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଲୋଡ଼ନ୍ତି। ମାତ୍ର ସରକାର ବଦଳିଲେ ମଧ୍ୟ ପୂର୍ବ ସରକାରରେ ଥିବା ପ୍ରଶାସନିକ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ହଠାତ୍ ମାନସିକତାରେ ପରିବର୍ତ୍ତନ ହୁଏ ନାହିଁ । ଚିକିତ୍ସା ବିଜ୍ଞାନରେ ଡାକ୍ତରୀ ଶିକ୍ଷା ଦେବାପାଇଁ ଯେଉଁ ପ୍ରକ୍ରିୟା ପ୍ରଣୟନ କରାଯାଇଛି ତାହା ହେଉଛି ଶ୍ରେଷ୍ଠ ପଦ୍ଧତ। ମାତ୍ର ଡାକ୍ତରୀ ଶିକ୍ଷା ସମାପ୍ତ ପରେ ଶୀର୍ଷ ସ୍ଥାନରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଚକ୍ରାନ୍ତ ଦ୍ୱାରା ନିଯୁକ୍ତିରେ ପାତରଅନ୍ତର କରାଯାଉଛି। ଡାକ୍ତରୀ ଶିକ୍ଷାରେ ଶିକ୍ଷାଦାନ ପାଇଁ ଗୋଟିଏ ପ୍ରକାର ସର୍ବଭାରତୀୟ ପରୀକ୍ଷା କରାଯାଇ ୨ ପ୍ରକାର ଶିକ୍ଷାଦାନ ପାଇଁ ଯୋଗ୍ୟତା ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ନାମଲେଖା ପାଇଁ ମନୋନୀତ କରାଯାଏ। ଗୋଟିଏ ଏମ୍‌ବିବିଏସ୍ ଏବଂ ଅନ୍ୟଟି ବିଡିଏସ୍। ଉଭୟ ଶିକ୍ଷାର ଅବଧି ୫ ବର୍ଷ ଓ ହାଉସ୍ ସର୍ଜନ ୬ ମାସ। ଗୋଟିଏ ସାଧାରଣ ଡାକ୍ତରୀ ଚିକିତ୍ସା ଓ ଅନ୍ୟଟି ଦନ୍ତ ଚିକିତ୍ସା। ବିଡିଏସ୍ ଶିକ୍ଷା ଅବଧି ସମୟରେ ନିମ୍ନ ବିଷୟଗୁଡ଼ିକ ଶିକ୍ଷାର୍ଥୀ ଶିକ୍ଷାଲାଭ କରନ୍ତ। ଯଥା - (୧) ଆନାଟୋମି, (୨) ଫିଜିଓଲୋଜି ଓ ବାୟୋକେମେଷ୍ଟ୍ରି, (୩) ଡେଣ୍ଟାଲ୍ ଆନାଟୋମି, (୪) ଜେନେରାଲ ପାଥୋଲୋଜି ଓ ମାଇକ୍ରୋ ବାୟୋଲୋଜି, (୫)ଜେନେରାଲ ଓ ଡେଣ୍ଟାଲ ଫାର୍ମାକୋଲୋଜି ଏବଂ ଥେରାପିୟୁଟିକ୍ସ, (୬) ଡେଣ୍ଟାଲ ମ୍ୟାଟେରିଆଲ୍, (୭) ପ୍ରି-କ୍ଲିନିକାଲ୍ କଞ୍ଜରଭେଟିଭ୍, (୮) ଜେନେରାଲ ମେଡିସିନ, (୯) ଜେନେରାଲ ସର୍ଜରି, (୧୦) ଓରାଲ୍ ପାଥୋଲୋଜି ଓ ଓରାଲ୍ ମାଇକ୍ରୋବାୟୋଲୋଜି, (୧୧) ଓରାଲ ମେଡିସିନ ଏବଂ ରେଡିଓଲୋଜି, (୧୨) ପେଡିଆଟ୍ରିକ୍ ଓ ପ୍ରିଭେଣ୍ଟିଭ୍ ଡେଣ୍ଟିଷ୍ଟ୍ରି, (୧୩) ଅର୍ଥୋଡେଣ୍ଟିକ୍ସ ଓ ଡେଣ୍ଟୋଫେସିଆଲ୍ ଅର୍ଥୋପେଡିକ୍ସ, (୧୪) ପେରିଓଡଣ୍ଟାଲୋଜି, (୧୫) ପ୍ରୋଥୋଡଣ୍ଟିକ୍ସ ଓ କ୍ରାଉନ୍ ଏବଂ ବ୍ରିଜ୍, (୧୬) କଞ୍ଜରଭେଟିଭ୍ ଡେଣ୍ଟିଷ୍ଟ୍ରି ଓ ଏଣ୍ଡୋଡଣ୍ଟିକ୍ସ, (୧୭) ଓରାଲ୍ ଓ ମାକ୍ସୋଫେସିଆଲ୍ ସର୍ଜରି, (୧୮) କମ୍ୟୁନିଟି ଡେଣ୍ଟିଷ୍ଟ୍ରି। ଏହି ୧୮ଟି ଯାକ ବିଷୟରେ ପ୍ରତିଟିରେ ୨୦୦ ନମ୍ବର ଲେଖା ମୋଟ୍ ୩୬୦୦ ନମ୍ବର ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀମାନେ ଦିଅନ୍ତି। ଶିକ୍ଷାଲାଭକରି ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ୬ମାସ ହାଉସ୍ ସର୍ଜନଭାବେ କାର୍ଯ୍ୟକରନ୍ତ। ଏ ସମସ୍ତ ସରିଲା ପରେ ପରୀକ୍ଷାର୍ଥୀ ବିଶ୍ୱବିଦ୍ୟାଳୟରୁ କୃତକାର୍ଯ୍ୟର ପ୍ରମାଣପତ୍ର ହାସଲ କରନ୍ତ। ଏମ୍‌ବିବିଏସ୍ ପାଠ



ପଢ଼ିବା ପାଇଁ ଶିକ୍ଷାର୍ଥୀମାନେ ନିମ୍ନଲିଖିତ ବିଷୟମାନ ୫ ବର୍ଷରେ ପଢ଼ନ୍ତ। ଯଥା- (୧) ଆନାଇସ୍ଥେଓଲୋଜି, (୨) ଡର୍ମାଟୋଲୋଜି, (୩) ଅପ୍‌ଥାମୋଲୋଜି, (୪) ଫର୍ମାକୋଲୋଜି, (୫) ଫିଜିଓଲୋଜି, (୬) ଆନାଟୋମି, (୭) ବାୟୋକେମିଷ୍ଟ୍ରି,(୮)ଇଏନ୍‌ଟି, (୯) ଫରେନ୍‌ସିକ୍ ମେଡିସିନ୍, (୧୦) ମାଇକ୍ରୋ ବାୟୋଲୋଜି, (୧୧) ଅବ୍‌ଷ୍ଟ୍ରେଟିକ୍ସ ଓ ଗାଇନାକୋଲୋଜି, (୧୨) ଅର୍ଥପେଡିକ୍ସ, (୧୩) ପାଥୋଲୋଜି, (୧୪) ପେଡିଆଟ୍ରିକ୍ସ, (୧୫) ସାଇକ୍ରିଆଟି, (୧୬) ସର୍ଜରି, (୧୭) କମ୍ୟୁନିଟି ହେଲ୍‌ଥ, (୧୮) ଜେନେରାଲ ମେଡିସିନ, (୧୯) ଜେନିଟିକ୍ସ, (୨୦) ମେଡିଏସନ। ଏ ସମସ୍ତ ବିଷୟ ମଧ୍ୟ ୨୦୦ ନମ୍ବର ଲେଖା ମୋଟ ୪୦୦୦ ନମ୍ବରରୁ ଶିକ୍ଷାର୍ଥୀମାନେ ନିର୍ଦ୍ଦିଷ୍ଟ ନମ୍ବର ରଖିଲେ ଉତ୍ତୀର୍ଣ୍ଣ ସହ ୬ ମାସ ହାଉସ୍ ସର୍ଜନ ହିସାବରେ କାର୍ଯ୍ୟ କରିସାରିଲା ପରେ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରନ୍ତ।

ରୋଗୀ ଓ ରୋଗ ପରସ୍ପର ପରିପୂରକ। ସମାଜରେ ପ୍ରତିଦିନ ନୂଆ ନୂଆ ରୋଗରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟସେବାକୁ ବିଭିନ୍ନ ସରକାର ଅବହେଳାକରି ଚାଲୁଥିବା ବେଳେ ଗତ ଭାଜପା ସରକାର ସମୟରୁ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ପ୍ରତି ବଜେଟରେ ଅଧିକ ବ୍ୟୟବରାଦ କରିଛନ୍ତି। ସାଧାରଣ ଲୋକମାନଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ନୀତି ଆୟୋଗ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶାବଳୀକୁ ଗୁରୁତ୍ୱର ସହ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନିତକରି ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତ।

ନିଶାଦ୍ରବ୍ୟ ସେବନ କରୁଥିବାରୁ ଲୋକମାନେ ମୁଖ ଗହ୍ୱର କ୍ୟାନ୍‌ସରରେ ଆକ୍ରାନ୍ତ ହେଉଛନ୍ତ। ନିଶାଦ୍ରବ୍ୟ ସେବନରେ ବିହାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ମୁଖ ଗହ୍ୱର କ୍ୟାନ୍‌ସର ଦ୍ୱାରା ଲୋକମାନେ ଠିକ୍ ସ୍ୱାସ୍ଥ୍ୟସେବା ନ ପାଇ ଅଦିନରେ ମୃତ୍ୟୁବରଣ କରୁଛନ୍ତି। ସରକାର ଏ ଦିଗରେ ସଚେତନ ହେବା ଦରକାର। ଉଭୟ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠକୁ ବିଚାରକଲେ ଜଣେ ବିଡିଏସ୍ ଡିଗ୍ରୀଧାରୀ ସ୍ପେଶିଆଲିଷ୍ଟ ହିସାବରେ ପରିଗଣିତ । ଗାଁ ଗହଳିର ଲୋକମାନେ ଗୁଟ୍‌କା ସେବନ ଦ୍ୱାରା କ୍ୟାନ୍‌ସରରେ ଆକ୍ରାନ୍ତହୋଇ ପ୍ରଥମେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଆନ୍ତ। ମାତ୍ର ସେଠାରୁ କୌଣସି ସୁବିଧା ନ ପାଇ ସରକାରୀ କ୍ୟାନ୍‌ସର ପ୍ରତିଷ୍ଠାନ ସହ କିମ୍ବା କେତେକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରୁଛନ୍ତ। ମାତ୍ର ଦିନକୁ ଦିନ କ୍ୟାନ୍‌ସର ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାର ଡାକ୍ତରଖାନାର ପାରିପାର୍ଶ୍ୱିକ ସୁବିଧା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଜଣେ ଦନ୍ତ ସର୍ଜନଙ୍କୁ ନିଯୁକ୍ତି ଦେବା ସହିତ ୧୦ରୁ ୧୫ ଲକ୍ଷ ଟଙ୍କାର ଚିକିତ୍ସା ସରଞ୍ଜାମ ଯୋଗାଇ ଦେଲେ ରୋଗୀମାନେ ସହଜରେ ସେବା ପାଇବା ସହ ମୃତ୍ୟୁ ମୁଖରୁ ବର୍ତ୍ତିଯାଆନ୍ତେ। ଆହୁରି ମଧ୍ୟ ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଦନ୍ତ ସର୍ଜନ କେତେକ ରୋଗର ପ୍ରାଥମିକ ଚିକିତ୍ସା କରିପାରିବେ। ମାତ୍ର ଏ ବିଷୟ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଡିଏମ୍‌ଇଟି ସରକାରଙ୍କୁ ପ୍ରକୃତ ତଥ୍ୟ ଜଣାଇବା ଆବଶ୍ୟକ। ମାତ୍ର ଏ ସମସ୍ତ ଅଧିକାରୀ ଏମ୍‌ବିବିଏସ୍ ଡିଗ୍ରୀଧାରୀ ହୋଇଥିବାରୁ ବିଡିଏସ୍‌ଡିଗ୍ରୀଧାରୀ ନିଯୁକ୍ତିପାଇଁ ଅନ୍ତରାୟ ସୃଷ୍ଟିକରନ୍ତ।

ପ୍ରତି ପ୍ରାଇମେରି ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଜଣେ ଜଣେ ଦନ୍ତ ସର୍ଜନଙ୍କୁ ନିଯୁକ୍ତି ଦିଆଯାଇପାରନ୍ତା ତେବେ ଡାକ୍ତର ଅଭାବ ଦେଖାଯାଆନ୍ତା ନାହିଁ। କାରଣ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନେ ପ୍ରତିବର୍ଷ ନିଯୁକ୍ତି ପାଉଥିଲା ବେଳେ ବିଡିଏସ୍ ଡିଗ୍ରୀଧାରୀମାନଙ୍କୁ ସରକାର ପ୍ରତିବର୍ଷ ନିଯୁକ୍ତି ନ ଦେଇ ବେକାର କରି ଘରେ ବସାନ୍ତି। ଏ ସମସ୍ତ ବିଷୟ ସରକାର ବିଚାରକୁ ନେଇ ୨ ପ୍ରକାର ଶିକ୍ଷାର୍ଥୀଙ୍କ ଶିକ୍ଷା ଓ ଅଭିଜ୍ଞତାକୁ ପାର୍ଥକ୍ୟକରି ସରକାର ନିଯୁକ୍ତି ଦେଲେ ରାଜ୍ୟରେ ଡାକ୍ତର ଅଭାବ ଦୂର ହୋଇପାରିବ ଓ ଗ୍ରାମାଞ୍ଚଳର ରୋଗୀମାନେ ଯଥାଶୀଘ୍ର ସେବା ପାଇପାରିବେ। ଦୀର୍ଘଦିନ ଧରି ୨ ପ୍ରକାର ଶିକ୍ଷାର୍ଥୀଙ୍କ ମଧ୍ୟରେ ଲାଗି ରହିଥିବା ତଫାତ୍‌କୁ ଦୂରକରିବା ପାଇଁ ସରକାର ସମାନୁପାତରେ ସମସ୍ତଙ୍କୁ ନିଯୁକ୍ତି ଦେବା ଆବଶ୍ୟକ । ଏହାବାଦ୍ ମଧ୍ୟ ଗୋଟିଏ ବ୍ରିଜ୍ କୋର୍ସ ଦ୍ୱାରା ଆଉ ୧ ବର୍ଷ ଦନ୍ତ ସର୍ଜନଙ୍କୁ ଶିକ୍ଷା ଦେଲେ ସେମାନେ ଏକସଙ୍ଗେ ଜଣେ ଜଣେ ସ୍ପେଶିଆଲିଷ୍ଟ ହିସାବରେ ଏକା ଦରମାରେ ଡାକ୍ତରଖାନାରେ କାର୍ଯ୍ୟ କରିପାରିବେ। ଏହା ହୋଇପାରିଲେ ଦୀର୍ଘଦିନରୁ ଦନ୍ତ ସର୍ଜନମାନଙ୍କ ନିଯୁକ୍ତି ପାଇଁ ଲାଗି ରହିଥିବା ଅବ୍ୟବସ୍ଥାର ପଥ ପରିଷ୍କାର ହୋଇପାରନ୍ତା।

ରାଜ୍ୟରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଆଇସିଏମ୍‌ଆର୍, ଭୁବନେଶ୍ୱରଠାରେ କାର୍ଯ୍ୟ କରୁଛ। ଉକ୍ତ ଅନୁଷ୍ଠାନରେ ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଏକ ପ୍ରବେଶିକା ପରୀକ୍ଷା କରାଯାଇ ଯୋଗ୍ୟତା ହାସଲ କରିଥିବା ଉଭୟ ବିଡିଏସ୍ ଓ ଏମ୍‌ବିବିଏସ୍ ଡିଗ୍ରୀଧାରୀ ଡାକ୍ତରମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଏମ୍‌ପିଏଚ୍‌ରେ ଶିକ୍ଷାଦାନ କରାଯାଏ । ପ୍ରତିବର୍ଷ ଉକ୍ତ ଅନୁଷ୍ଠାନରୁ ୧୫ ଜଣ ସ୍ନାତକୋତ୍ତର ଡିଗ୍ରୀଧାରୀ ଉତ୍ତୀର୍ଣ୍ଣ ହେଉଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ନ ଦେବାରୁ ବାଧହୋଇ ସେମାନେ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇ ଓଡ଼ିଶା ଛାଡୁଛନ୍ତ। ଏ କ୍ଷେତ୍ରରେ ସରକାର ନଜର ଦେବାର ଆବଶ୍ୟକତା ଦେଖାଦେଇଛି।

ମୋ: ୯୦୯୦୩୨୫୮୦୨

# ସମ୍ପର୍କ ଶିକୁଳି ନ ହେଉ



ବିଚିତ୍ର ବିଶ୍ୱାଳ

ବଞ୍ଚିରହିବାର ଲୋଭ ପରି ଯାହା ମଣିଷକୁ ସେହି ପରିମାଣରେ ଓ ସେହି ତୀବ୍ରତାର ସହ ଆକର୍ଷିତ କରିଛି, ତାହା ହେଉଛି 'ସ୍ୱାଧୀନତା'। ତାହା ବ୍ୟକ୍ତି ସ୍ୱାଧୀନତା ହେଉ କି ନିଜ ଦେଶମାତୃକାର ସ୍ୱାଧୀନତା। କେବଳ ବଞ୍ଚିରହିବା ନୁହେଁ, ସମ୍ମାନର ସହ ଓ ସ୍ୱାଧୀନ ଭାବେ ବଞ୍ଚିରହିବା ମଣିଷର ସବୁଠାରୁ ବଡ଼ ଈପ୍ସିତ କାମନା ହୋଇଆସିଛି ଇତିହାସରୁ ଆଜି ଯାଏ। ସେ ଭଗତ ସିଂହ, ସୁଭାଷ ବୋଷ, ଗାନ୍ଧିଜୀ ହୁଅନ୍ତୁ କି ମାର୍ଟିନ ଲୁଥର ଓ ନେଲସନ ମଣ୍ଡେଲା ହୁଅନ୍ତୁ, ସମସ୍ତେ ସ୍ୱାଧୀନତା ପାଇଁ ନିଜ ବ୍ୟକ୍ତିଗତ ସୁଖ ସମୃଦ୍ଧିକୁ ଜଳାଞ୍ଜଳି ଦେବାର ଅନେକ ନଜିର ଅଛି। ଇତିହାସରୁ ନେଇ ଆଜି ଯାଏ ସ୍ୱାଧୀନତାକୁ ନେଇ ମଣିଷର ଚେତନା ଧୀରେ ଧୀରେ ବିକଶିତ ହେବାରେ ଲାଗିଛି। ସମ୍ପର୍କରେ ସ୍ୱାଧୀନତା ବ୍ୟକ୍ତି ସ୍ୱାଧୀନତାର ଗୋଟେ ଗୁରୁତ୍ୱପୂର୍ଣ୍ଣ ଦିଗ। ଯଦି ଆମେ ବ୍ୟକ୍ତି ସ୍ୱାଧୀନତାର ସପକ୍ଷବାଦୀ ତେବେ ସମ୍ପର୍କରେ ସ୍ୱାଧୀନତାର ଗୁରୁତ୍ୱକୁ ନିଶ୍ଚୟ ଅନୁଭବ କରିପାରିବା। ଯଦି ପ୍ରିୟ ମଣିଷଙ୍କ ପାଖରେ ନିଜକୁ ମୁକ୍ତ ଅନୁଭବ କରାଯାଇପାରୁନାହିଁ, ତେବେ ସେ ସମ୍ପର୍କର ନିଦାପଣ ଉପରେ ନିଶ୍ଚୟ ପ୍ରଶ୍ନ ଉଠିବ। ସମ୍ପର୍କ ବା ରିଲେଶନଶିପର ଅର୍ଥ କ'ଣ କେବଳ ଜଣକ ପାଖରେ ବାନ୍ଧି ହୋଇରହିବା! ସେ ରକ୍ତର ସମ୍ପର୍କ ହେଉ କି ଅନ୍ତରର ଆକର୍ଷଣରୁ ତିଆରି ହୋଇଥିବା ସମ୍ପର୍କ ହେଉ ପ୍ରତ୍ୟେକ ସମ୍ପର୍କରେ ଯେହେତୁ ବ୍ୟକ୍ତି ଜଡ଼ିତ, ତେଣୁ ସ୍ୱାଧୀନତାର ଇଚ୍ଛା ରଖିବା ଏକ ସହଜାତ ପ୍ରବୃତ୍ତି। ସମ୍ପର୍କରେ ସ୍ୱାଧୀନତାର ଅର୍ଥ ପରସ୍ପରଙ୍କ ସହ ଭବନାତ୍ମକ ସ୍ତରରେ ସଂଯୁକ୍ତ ରହି ନିଜ ବ୍ୟକ୍ତିସତ୍ତା, ସ୍ୱାୟତ୍ତତା ଓ ପାରସ୍ପରିକ ସମ୍ମାନକୁ ବଜାୟ ରଖିବା। ଅନେକଙ୍କର ଏକ ଭୁଲ୍ ବୁଝାମଣା ଥାଏ ଯେ, ସମ୍ପର୍କରେ ସ୍ୱାଧୀନତା ଅର୍ଥ ପରସ୍ପର ପ୍ରତି ଉଦାସୀନତା ଓ ଦୁର୍ବଳ ସଙ୍କଳ୍ପବଦ୍ଧତାକୁ ପ୍ରକାଶ କରିଥାଏ। କିନ୍ତୁ ବାସ୍ତବରେ ସ୍ୱାଧୀନତା ସମ୍ପର୍କକୁ ଅଧିକ ଦୃଢ଼ କରିଥାଏ। ସ୍ୱାଧୀନତା ଯୋଗୁ ସମ୍ପର୍କର ଉଭୟ ପକ୍ଷରେ ଥିବା ବ୍ୟକ୍ତି ଅଧିକ ସ୍ୱଚ୍ଛନ୍ଦ, ମୁକ୍ତ ଓ ଖୁସି ଅନୁଭବ କରିଥାନ୍ତି, ଯେଉଁଥିପାଇଁ ସେମାନେ ସମ୍ପର୍କରେ ସମ୍ପୂର୍ଣ୍ଣ ହୃଦୟକୁ ଢାଳିଦେବା ପାଇଁ ପ୍ରେରଣା ଅନୁଭବ କରିଥାନ୍ତି।

ସମ୍ପର୍କ ଯେହେତୁ ମୁଖ୍ୟତଃ ଦୁଇଟି ବ୍ୟକ୍ତିଙ୍କ ମଧ୍ୟରେ ଗଢ଼ିଉଠିଥାଏ, ତେଣୁ ସମ୍ପର୍କରେ ବ୍ୟକ୍ତିସତ୍ତାର ସ୍ୱତନ୍ତ୍ରତା ରହିବା ନିହାତି ଆବଶ୍ୟକ। ସମ୍ପର୍କରେ ଯଦି ସ୍ୱାଧୀନତା ତଥା ମୁକ୍ତ ଭାବନା ରହିବ, ତେବେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ନିଜକୁ ହରେଇ ନ ଦେଇ ନିଜର ସ୍ୱତନ୍ତ୍ରତା ରକ୍ଷାକରି ସମ୍ପର୍କରେ ନିର୍ବିଘ୍ନରେ ଭାଗନେଇପାରିବେ। ଗୋଟେ ସୁସ୍ଥ ସମ୍ପର୍କ ପ୍ରତିଷ୍ଠା ପାଇଁ ବ୍ୟକ୍ତିତ୍ୱର ବିକାଶ ଜରୁରୀ ବା ଗୋଟେ ବାସ୍ତବିକ ସୁସ୍ଥ ସମ୍ପର୍କରେ ଜଡ଼ିତ ଉଭୟ ପକ୍ଷଙ୍କର ବ୍ୟକ୍ତିତ୍ୱର ବିକାଶ ହୋଇଥାଏ। ସ୍ୱାଧୀନତା, ସମ୍ପର୍କର ଉଭୟ ପକ୍ଷରେ ଥିବା ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ବିକାଶକୁ ନିଶ୍ଚିତ କରିଥାଏ। ଉଭୟଙ୍କୁ ଉପଯୁକ୍ତ ସ୍ଥାନ (ସ୍ପେସ୍) ବା ସୁଯୋଗ ପ୍ରାପ୍ତି ହେଲେ ଏହା ସମ୍ପର୍କରେ ଥିବା ଦୃଢ଼ବିଶ୍ୱାସକୁ ପ୍ରତିଫଳିତ କରିଥାଏ ଓ ପରସ୍ପରଙ୍କ ପ୍ରତି ଥିବା ଭାବାବେଗକୁ ମଜଭୁତ କରିଥାଏ। ସମ୍ପର୍କରେ ସ୍ୱାଧୀନତା ରହିଲେ ଏହା ଭାବନାତ୍ମକ ନିର୍ଭରଶୀଳତାକୁ କମ୍ କରିଥାଏ। ପରସ୍ପର ପ୍ରତି ମାତ୍ରାଧିକ ନିର୍ଭରଶୀଳତା ରହିଲେ ମନରେ ଧୀରେ ଧୀରେ ତିକ୍ତଭାବ ଆସିବା ସହ ଗୋଟେ ସମୟରେ ଶ୍ୱାସରୋଧ ପରି ଅନୁଭବ ହେବା ଆରମ୍ଭ ହୁଏ। ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ସମ୍ପର୍କରେ ଉଭୟଙ୍କ ପାଇଁ ସ୍ୱାଧୀନତା ରହିବା ଜରୁରୀ। ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଯୋଗାଯୋଗ ମଧ୍ୟ ସୁରୁଖୁରୁରେ ହୋଇଥାଏ। ଉଭୟ ମୁକ୍ତ ଅନୁଭବ କଲେ ହିଁ ମନର ଭାବ ସଙ୍କୋଚତାର ସହିତ ଓ ସହଜରେ ପ୍ରକାଶ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତିର ନିଜ ଜୀବନକୁ ନେଇ କିଛି ଲକ୍ଷ୍ୟ ଥାଏ। ବ୍ୟକ୍ତିସତ୍ତାର ସ୍ୱାଧୀନତା ତଥା ଏକ ବନ୍ଧନମୁକ୍ତ ସମ୍ପର୍କ ଆମକୁ ଆମ ଲକ୍ଷ୍ୟ ଦିଗରେ ନିର୍ବିଘ୍ନରେ ବାଟ କଢ଼େଇ ନେଇଥାଏ। ସମ୍ପର୍କରେ ପରସ୍ପରଙ୍କ ପ୍ରତି ଅଯଥା ବନ୍ଧନ ରହିଲେ, ଧୀରେ ଧୀରେ ସମ୍ପର୍କରେ ବିଷ ଭରିଯାଏ ଓ ଗୋଟିଏ ସମୟ ଆସେ ଯେତେବେଳେ ଉଭୟ ସମ୍ପର୍କରୁ ମୁକ୍ତି ଚାହିଁଥାନ୍ତି। ସମ୍ପର୍କରେ ଉଭୟଙ୍କ ପାଇଁ ସ୍ୱାଧୀନତା ବଜାୟ ରହିଲେ ସାମାଜିକ ଜୀବନ ଅଧିକ ବ୍ୟାପକ ଓ ସୁଖମୟ ହୋଇଥାଏ। ନିର୍ଦ୍ଦିଷ୍ଟ ସମ୍ପର୍କ ବାହାରେ ମଧ୍ୟ ଉଭୟଙ୍କର ସାମାଜିକ ପରିସୀମା ବଢ଼ିଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଧୀନତା ମିଳିଲେ ସେମାନେ ଖୁସି ଅନୁଭବ କରିବା ସହ ମାନସିକ ଭାବେ ଅଧିକ ପୂର୍ଣ୍ଣତା ଅନୁଭବ କରିଥାନ୍ତି। ସମ୍ପର୍କରେ ଅଯଥାରେ ଅଧିକାର ଜାହିର କରିବା ଦ୍ୱାରା ଅପରପକ୍ଷକୁ ଫସି ଯିବା ପରି ମନେହୋଇଥାଏ ଓ ମନରେ ପ୍ରଚୁର ଅସନ୍ତୋଷ ଭାବ ଆସିଥାଏ। ବାସ୍ତବରେ କହିବାକୁ ଗଲେ ସ୍ୱାଧୀନତା ହିଁ ସମ୍ପର୍କକୁ ଜୀବନ୍ତ ରଖିଥାଏ। ଅନେକ କ୍ଷେତ୍ରରେ ଦେଖାଯାଏ, ସମ୍ପର୍କରେ ପରସ୍ପରଙ୍କ ପାଇଁ ସ୍ୱାଧୀନତା ନ ଥିବା ଯୋଗୁ ଉଭୟେ ଖୁବ୍ ଶୀଘ୍ର ସମ୍ପର୍କରୁ ଆଗ୍ରହ ହରାଇବସିଥାନ୍ତି।



କିନ୍ତୁ ଏହି ସ୍ୱାଧୀନତା ଉଚ୍ଛୃଙ୍ଖଳତାରେ ପରିଣତ ହେବା ଉଚିତ ନୁହେଁ। ଏହା ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ଆଣିପାରେ। ପରସ୍ପରଙ୍କ ପାଇଁ ସ୍ୱାଧୀନତା ନାମରେ ପରସ୍ପରକୁ ଅବହେଳା କରାଯିବା ଉଚିତ ନୁହେଁ। ଅବହେଳା ମନରେ ସନ୍ଦେହ ତଥା ଅବିଶ୍ୱାସ ଭରିଦେଇପାରେ। ତେଣୁ ସ୍ୱାଧୀନତା, ସମ୍ପର୍କ ପ୍ରତି ଉଦାସୀନ ଭାବ ଯେପରି ନ ଆଣେ ସେଥିପ୍ରତି ସଚେତନ ରହିବା ଉଚିତ। ସମ୍ପର୍କରେ ସବୁଠୁ ବଡ଼ କଥା ହେଉଛି ପରସ୍ପରଙ୍କ ଭାବନାକୁ ଉଚିତ ସମ୍ମାନଦେବା। ସ୍ୱାଧୀନତା ନାମରେ ଏହା ବ୍ୟାଘାତ ହେବା ଉଚିତ ନୁହେଁ। ସ୍ୱାଧୀନତା ନାମରେ ପରସ୍ପରଙ୍କ ପ୍ରତି ଥିବା ସଙ୍କଳ୍ପବଦ୍ଧତା ଓ ବିଶ୍ୱାସ ଆଦୌ ବି ଦୁର୍ବଳ ହେବା ଉଚିତ ନୁହେଁ। ଏହା ସମ୍ପର୍କର ମୂଳଦୁଆକୁ ଦୁର୍ବଳ କରିଦେଇପାରେ। ଏକ ସୁସ୍ଥ ସମ୍ପର୍କ ସ୍ଥାପନ ପାଇଁ ଧୈର୍ଯ୍ୟ ଓ ବୁଝାମଣା ସବୁବେଳେ ଜରୁରୀ ହୋଇଥାଏ। ପରସ୍ପରଙ୍କ ଦୁର୍ବଳତାକୁ ବୁଝି ସହଜତାର ସହ ଗ୍ରହଣକରି ଭାବନାକୁ ସମ୍ମାନଦେଇ ସଙ୍କୋଚତାର ସହିତ ମତ ପ୍ରକାଶକଲେ ଉଭୟ ଆଗକୁ ବଢ଼ିବା ସହ ସମ୍ପର୍କ ବି ଆଗକୁ ବଢ଼ିଥାଏ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

ଗୁରୁଙ୍କ ଗୌରବ କଥା ଆସିଲେ ମନେପଡ଼ନ୍ତି ବିହାରର ରଜନୀକାନ୍ତ(ଆର.କେ.) ଶ୍ରୀବାସ୍ତବ। ୧୮ ବର୍ଷ ହେଲା ସେ ପିଲାମାନଙ୍କୁ ଏକ ଟଙ୍କା ଦକ୍ଷିଣାର ପଢ଼ାଉଛନ୍ତି। ରୋହତାସ ଜିଲା ବିକ୍ରମଗଞ୍ଜରେ ସେ ଏକ ସ୍ୱତନ୍ତ୍ର କ୍ଲାସ କରୁଛନ୍ତି ଓ ତାହାକୁ 'ଏକ ଟଙ୍କା ଦକ୍ଷିଣା କ୍ଲାସ୍' ବୋଲି ସମସ୍ତେ ଜାଣନ୍ତି। ଆର.କେ ସାର୍ ଜଣେ ଗଣିତ ଶିକ୍ଷକ। ସେ ପିଲାମାନଙ୍କୁ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବାରେ ସାହାଯ୍ୟ କରୁଛନ୍ତି। ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଦେୟ ରଖିଛନ୍ତି ମାତ୍ର ୧ଟଙ୍କା । ତାଙ୍କର ଏପରି କାର୍ଯ୍ୟ ପଛରେ ଏକ କାହାଣୀ ରହିଛି। ଆର୍.କେ.ସାର୍‌ଙ୍କ ଆଦ୍ୟଜୀବନ ଅଭାବରେ କଟିଥିଲା। ବହୁକଷ୍ଟରେ ସେ ପାଠପଢି ଦ୍ୱାଦଶ ପାସ କରିବା ପରେ ଇଞ୍ଜିନିୟର ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଆଇଆଇଟି ପାଇଁ ପ୍ରସ୍ତୁତ ହେବା ସମୟରେ ତାଙ୍କୁ ଟିବି ହୋଇଗଲା ଓ ସେ ସଥିରୁ ବଞ୍ଚିତ ହୋଇଥିଲେ। ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ୧ଟଙ୍କା ଦେୟରେ ପଢ଼ାଇବା ସହ ନିଜେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୮ରେ ସେ କୋଚିଂ କ୍ଲାସ୍ ଖୋଲିଥିଲେ। ଏବେ ସୁଦ୍ଧା ତାଙ୍କ ନିକଟରୁ ୫୪୫ ପିଲା କୋଚିଂ ନେଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଫେବୃଆରୀ ୧୯୭୬

- ସାମ୍ବାଦିକ ତଥା ଅମୃତ ବଜାର ପତ୍ରିକାର କଟକ ପ୍ରତିନିଧି ରାମହରି ମିଶ୍ର ପୃଥିବୀର ସର୍ବପ୍ରାଚୀନ ସାମ୍ବାଦିକ ସଂସ୍ଥା ଲଣ୍ଡନର ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଜର୍ନାଲିଷ୍ଟର ସଭ୍ୟ ମନୋନୀତି।
- କେରଳର କ୍ଷମତାସୀନ ମିଳିତ ସାମ୍ମୁଖ୍ୟ ପ୍ରାର୍ଥୀ ଟି.ଏସ୍.ଜନ (କେରଳ କଂଗ୍ରେସ) ରାଜ୍ୟ ବିଧାନସଭାର ନୂଆ ବାଚସ୍ପତି ନିର୍ବାଚିତ।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ବିଭାଗର ଅବହେଳା

ମହାଶୟ,

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସକୁ ଦକ୍ଷ ଏବଂ ସକ୍ରିୟ କରିବାକୁ ସରକାରଙ୍କ ପଦକ୍ଷେପ ଆଦୌ ସଫଳତା ହାସଲ କରିପାରୁ ନାହିଁ। ସେହିପରି ପଇଁତରା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ତାଗିଦ୍ କରାଯାଉନାହିଁ। ପାଟ୍ରୋଲିଂ ଗାଡି ଯୋଗାଇ ଦିଆଯାଉଥିଲେ ସୁଦ୍ଧା କୌଣସି ସୁଧାର ଆସି ପାରୁନାହିଁ । କର୍ତ୍ତବ୍ୟବୋଧ ତଥା ପରିଚାଳନା ଠିକ୍ ରୂପେ କରାଯାଉନାହିଁ। ଏପରିକି ମହିଳା ଏବଂ ପୁରୁଷ ପୋଲିସକୁ ଦିଆଯାଇଥିବା ପିସିଆର୍ ଦୁଇଚକିଆ ଗାଡ଼ି ଆଦୌ ବ୍ୟବହାର କରାଯାଉନାହିଁ। ପୋଲିସ ମହାନିର୍ଦ୍ଦେଶକଙ୍କ ଆଦେଶକୁ ପାଳନ କରାଯାଉନାହିଁ। ସିସିଟିଭି ଥିଲେ ମଧ୍ୟ ଥାନାଗୁଡ଼ିକରେ ଲଗାଯାଇନାହିଁ ।

- ରମେଶଚନ୍ଦ୍ର ବେହେରା, ଆୟଓପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବଡ଼ସାରୁ ମାରପିଟ: ଜଣେ ମୃତ**

ସୋରଡ଼ା,(ରଜନୀ ମହାପାତ୍ର): ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ନେତାଜୀ ସାହିରେ ରବିବାର ସାହିରେ ଦୁଇ ଜଣଙ୍କ ମଧ୍ୟରେ ମାରପିଟ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧୋବା ଗୌଡ଼। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତାରିଣୀ ମହାରଣାଙ୍କୁ ଗିରଫ କରିଛି। ରିକ୍ସାଚାଳକ ଧୋବା ରବିବାର ରାତିରେ ଘରକୁ ଫେରିବା ବେଳେ ତାରିଣୀଙ୍କୁ ଗାଳିଗୁଲଜ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ତାରିଣୀ ଉତ୍ତେଜିତ ହୋଇ ଏକ ଉଡ଼ରେ ଧୋବାଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ସେଠାରେ ଟଳି ପଡ଼ିଥିଲେ।

# ୨ ଫ୍ଲାଟ୍‌ରୁ ମିଳିଲା ପରିବାରର ୪ ମୃତଦେହ

ମହୀଶୂର, ୧୭।୨ (ପି.ଟି.)



୪ ମୃତକ

କର୍ଣ୍ଣାଟକର ମହୀଶୂରସ୍ଥିତ ବିଶ୍ୱେଶ୍ୱରାୟା ଅଞ୍ଚଳର ଏକ ଆପାର୍ଟମେଣ୍ଟର ୨ଟି ଫ୍ଲାଟ୍‌ରୁ ସୋମବାର ୪ ଜଣଙ୍କ ମୃତଦେହ ଜବତ ହୋଇଛି। ୪ ମୃତକ ଗୋଟିଏ ପରିବାରର ହୋଇଥିବା ପୋଲିସ ସୂଚନା ଦେଇଛି। ସେମାନେ ହେଉଛନ୍ତି ଚେତନ (୪୫), ତାଙ୍କ ସ୍ତ୍ରୀ ରୂପାଲି (୪୩), ତାଙ୍କ ମା' ପ୍ରିୟମ୍ବଦା (୬୨) ଏବଂ ତାଙ୍କ ପୁଅ କୁଶଳ (୧୫)। ଚେତନ ପ୍ରଥମେ ତାଙ୍କ ସ୍ତ୍ରୀ, ମା' ଓ ପୁଅଙ୍କୁ ବିଷ ଦେଇ ହତ୍ୟା କରିବା ପରେ ନିଜେ ରଶିରେ ଝୁଲି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମହୀଶୂର ପୋଲିସ କମିଶନର ସୀମା ଲାଟ୍‌କର କହିଛନ୍ତି, ଆପାର୍ଟମେଣ୍ଟର ୨ଫ୍ଲାଟରୁ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତଦେହ ସନ୍ଦିଗ୍ଧ ଅବସ୍ଥାରେ ପଡ଼ିଥିଲା। ଚେତନ, ରୂପାଲି ଓ କୁଶଳ ଗୋଟିଏ ଫ୍ଲାଟ୍‌ରେ ରହୁଥିବା ବେଳେ ସମାନ ଆପର୍ଟମେଣ୍ଟର ଅନ୍ୟ ଏକ ଫ୍ଲାଟ୍‌ରେ ଚେତନଙ୍କ ମା' ରହୁଥିଲେ। ରବିବାର ରାତିରେ ଚେତନ ଆମେରିକାରେ ରହୁଥିବା ତାଙ୍କ ଭାଇ ଭରତଙ୍କୁ କଲ୍ କରି ସେ ପରିବାର ସହ ଆତ୍ମହତ୍ୟା କରିବାକୁ ଯାଉଛନ୍ତି ବୋଲି କହିଥିଲେ। ଏନେଇ ଭରତ ରୂପାଲିଙ୍କ ମା'ବାପାଙ୍କୁ ତୁରନ୍ତ ଚେତନଙ୍କ ଆପାର୍ଟମେଣ୍ଟକୁ ଯିବା ପାଇଁ କହିଥିଲେ। ତେବେ ସେମାନେ ଆପାର୍ଟମେଣ୍ଟରେ ପହଞ୍ଚିବା ବେଳକୁ ପରିବାରର ସମସ୍ତ ୪ ସଦସ୍ୟ ଆତ୍ମହତ୍ୟା କରିସାରିଥିଲେ। ଘଟଣା ସମ୍ପର୍କରେ ରୂପାଲିଙ୍କ ମା'ବାପା ପୋଲିସକୁ ଜଣାଇଥିଲେ। ପୋଲିସର ସୂଚନା ଅନୁଯାୟୀ, ଚେତନ ଜଣେ ଶ୍ରମିକ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟରତ ଥିଲେ। ସେ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକୁ ଶ୍ରମିକ ପଠାଇବାର କାମ କରୁଥିଲେ। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଉକ୍ତ ନୋଟ୍‌ରେ ଚେତନ ଲେଖିଛନ୍ତି, ତାଙ୍କ ପରିବାର ଆର୍ଥିକ ସଙ୍କଟ ମଧ୍ୟରେ ବୁଡ଼ି ରହିଛି। ତେଣୁ ସେ ଏହି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ପାଇଁ ଆଉ କେହି ଦାୟୀ ନୁହନ୍ତି ବରଂ ଏଥିପାଇଁ କେବଳ ସେ ଦାୟୀ ବୋଲି ଚେତନ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି।

# ରାଜଧାନୀରେ ଆପାର୍ଟମେଣ୍ଟ ଲୁଟେରାଙ୍କୁ ଏନ୍‌କାଉଣ୍ଟର



ଏନ୍‌କାଉଣ୍ଟରରେ ଆହତ ଅପରାଧୀ ଏବଂ ଜବତ ଗାଡ଼ି ଓ ଗୁଳି।

**ମଧ୍ୟପ୍ରଦେଶ ଧାର୍ ଗ୍ୟାଙ୍ଗ ସଦସ୍ୟ ଗୁରୁତର**

- ମାଉଜର, ଗୁଳି, ସୁନା, ଟଙ୍କା ଜବତ
- ଘଟଣାସ୍ଥଳରୁ ୫ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାଲିଅନ୍ତା, ୧୭।୨(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠରେ ପୁଣି ଗର୍ଜିଛି ବନ୍ଧୁକ। ବଡ଼ ଧରଣର ଲୁଟ୍ ଓ ଚୋରି ଉଦ୍ୟମବେଳେ ସୋମବାର ଭୋର୍ ସମୟରେ କମିଶନରେଟ ପୋଲିସ ଓ ମଧ୍ୟପ୍ରଦେଶର ଲୁଟେରା ଗ୍ୟାଙ୍ଗ୍ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷରୁ ଏକାଧିକ ରାଉଣ୍ଡ ଗୁଳିମାଡ଼ ହୋଇଛି। ତେବେ ଦୀର୍ଘ ସମୟର ଛକାପଞ୍ଝା ଭିତରେ ୫ଜଣ ଲୁଟେରା ଖସି ଯାଇଥିବାବେଳେ ପୋଲିସ ଏନ୍‌କାଉଣ୍ଟରରେ ମଧ୍ୟପ୍ରଦେଶର ଅର୍ଜୁନ ଆନାରେ(୩୦) ଆହତ ହୋଇଛନ୍ତି। ତାଙ୍କ ଆଣ୍ଠୁରେ ଗୁଳି ବାଜିଥିବାବେଳେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ତେବେ ସକାଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତଙ୍କଠାରୁ ଗୋଟିଏ ମାଉଜର, ୩ ଗୁଳି, ୧୦୦ ଗ୍ରାମରୁ ଅଧିକ ଓଜନର ଅଳଙ୍କାର, ୫୦୦ ଗ୍ରାମ ରୁପା, ୧୮ ହଜାର ଟଙ୍କା ସହ ଘଟଣାସ୍ଥଳରୁ ୪ଟି ଖୋକା ଓ ଗୋଟିଏ ଚୋରା ମୋଟରସାଇକେଲ ଜବତ ହୋଇଛି। ଡିସିପି ପିନାକ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଧରାପଡିଥିବା ଅପରାଧୀ ଜଣକ ମଧ୍ୟପ୍ରଦେଶର ଧାର ଗ୍ୟାଙ୍ଗ୍‌ର ସଦସ୍ୟ। ସେ ବର୍ଷକ ଭିତରେ ଘଟିଥିବା ୧୫ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି। ଏଥିସହ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାରେ ଏହି ଗ୍ୟାଙ୍ଗ୍ ସଦସ୍ୟଙ୍କ ନାମରେ ବହୁ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ସହ ଚୋରି, ଲୁଟ୍ କରିବାକୁ ଯାଇଥାନ୍ତି। ଯିଏ ବିରୋଧ କରନ୍ତି ସେମାନଙ୍କୁ ଆକ୍ରମଣ କରିଥାନ୍ତି। ତେବେ ଫେରାର ହୋଇଯାଇଥିବା ୫ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ବୋଲି ଡିସିପି ମିଶ୍ର କହିଛନ୍ତି।

ପ୍ରାୟ ବର୍ଷେ ହେବ ସହର ଉପକଣ୍ଠ ଅଞ୍ଚଳରେ ଥିବା ଆପାର୍ଟମେଣ୍ଟରେ ଚୋରି ଓ ଲୁଟ୍ ବଢ଼ି ଚାଲିଛି। ବିଶେଷକରି ଗତ ତିନିଦିନ ମଧ୍ୟରେ ବାଲିଅନ୍ତା ଓ ପାହାଳ ଥାନା ଅଞ୍ଚଳରେ ଏକାଧିକ ଘରୁ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଥିଲା। ଚୋର ବା ଲୁଟେରାମାନେ ଆପାର୍ଟମେଣ୍ଟ ଓ ଡୁପ୍ଲେକ୍ସକୁ ଟାର୍ଗେଟ କରି ସମାନ ଢ଼ଙ୍ଗରେ ଚୋରି କରୁଥିଲେ। ଏହି ଗ୍ୟାଙ୍ଗକୁ ଧରିବା ପାଇଁ କମିଶନରେଟ ପୋଲିସ୍‌ର ଟିମ୍-୬୦, ସ୍ପେଶାଲ ସ୍କ୍ୱାଡ୍ ସହ ବାଲିଅନ୍ତା ଓ ପାହାଳ ଥାନା ପୋଲିସ ପୂରା ପ୍ରସ୍ତୁତ ହୋଇ ରହିଥିଲା। ରବିବାର ରାତି ପ୍ରାୟ ୨ଟାରେ ବାଲିଅନ୍ତା ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେର ଓ ତାଙ୍କ ଟିମ୍ ରଙ୍ଗବାଜାର ଛକ ନିକଟରେ ୬ଜଣ ବ୍ୟକ୍ତି ୩ଟି ବାଇକରେ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ଦେଖିବାକୁ ପାଇଥିଲେ। ସେମାନେ ସମସ୍ତେ ମୁହଁକୁ ଘୋଡ଼ାଇ ରଖିଥିଲେ। ଏହି ସମୟରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ନ ମାନି ଖମଙ୍ଗା ପାର୍ଶ୍ୱରୁ ବାଲିଅନ୍ତା ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ। ବାଲିଅନ୍ତା ଥାନା ଟିମ୍ ସେମାନଙ୍କୁ ପିଛା କରିଥିବାବେଳେ ଆଇଆଇସି ତୁରନ୍ତ ଟିମ୍-୬୦ ଓ ସ୍ପେଶାଲ ସ୍କ୍ୱାଡ୍‌କୁ ସୂଚନା ଦେଇଥିଲେ। ପ୍ରାୟ ଘଣ୍ଟା ଧରି ଛକାପଞ୍ଝା ପରେ ଆଇଆଇସି ମେହେର ଓ ତାଙ୍କ ଟିମ୍ ଅପରାଧୀଙ୍କୁ କାବୁ କରିବାକୁ ଯାଉଥିବାବେଳେ ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେବା ସହ ଧମକ ଦେଇଥିଲେ। ପାଖକୁ ଆସିଲେ ଗୁଳି କରିଦେବାକୁ କହିଥିଲେ। ଏହି ସମୟରେ ହଠାତ୍ ଦୁଇଜଣ ଲୁଟେରା ବନ୍ଧୁକ ବାହାର କରି ପୋଲିସ ଟିମ୍ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ମଧ୍ୟ ପାଲଟା ଜବାବ ଦେବା ସହ ଗୁଳି ଚଳାଇଥିଲା।

# ଶ୍ରୀଜଗନ୍ନାଥ ଷ୍ଟାଡିୟମକୁ ବୋମାମାଡ଼

## ସେବାୟତ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଚାଲିଥିଲା

ପୁରୀ, ୧୭।୨ (ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ପୁରୀ ସହର। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ସୋମବାର ସନ୍ଧ୍ୟାରେ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଷ୍ଟାଡିୟମ ଉପରକୁ ବୋମାମାଡ଼ କରାଯାଇଛି। ଗୋଟିଏ ବୋମା ଫୁଟିଥିବାବେଳେ ଦୁଇଟି ବୋମା ଫୁଟି ନ ଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସେହିପରି ବୋମା ନିଷ୍କ୍ରିୟକାରୀ ଟିମ ପହଞ୍ଚି ଷ୍ଟାଡିୟମରୁ ଦୁଇଟି ଅଫୁଟା ବୋମା ଓ ପାଚେରି ନିକଟରୁ ଗୋଟିଏ ବ୍ୟାଗ ଜବତ କରିଛି। ବ୍ୟାଗ୍‌ରେ ବୋମା ରହିଥିବା ଅନୁମାନ କରାଯାଉଛି। କେଉଁ କାରଣରୁ ବୋମା ମାଡ଼ ହୋଇଛି ତାହାର କାରଣ ଜଣାପଡ଼ିନାହିଁ। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର



ବୋମାମାଡ଼ ହୋଇଥିବା ସ୍ଥାନ।

ବାତାବରଣ ସୃଷ୍ଟି କରିଥିବାବେଳେ ଷ୍ଟାଡିୟମରେ ଖେଳୁଥିବା ସେବାୟତ ଖେଳାଳିମାନେ ଆତଙ୍କିତ ହୋଇପଡ଼ିଥିଲେ। କେତେଜଣ ଦୁର୍ବୃତ୍ତ ବାଇକରେ ଆସି ବୋମାମାଡ଼ କରି ଫେରାର ହୋଇଯାଇଥିବା କୁହାଯାଉଛି। ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଜିଲା ପ୍ରଶାସନ ପକ୍ଷରୁ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିବା ଓ ସେବାୟତ ଘରର ଯୁବକମାନେ ଖେଳୁଥିବାବେଳେ ବୋମାମାଡ଼ ହେବା ଘଟଣା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ତଦନ୍ତ ପରେ ବୋମାମାଡ଼ କରାଯିବାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଜମି ଚିହ୍ନଟ ଫାଇଲ ପ୍ରସ୍ତୁତ ପାଇଁ ଲାଞ୍ଚ

## ଭିଜିଲାନ୍ସ ଜାଲରେ ତହସିଲ କିରାଣି, ସହଯୋଗୀ

ସୁନ୍ଦରଗଡ଼, ୧୭।୨ (ଜୟ ନାରାୟଣ ମେଣ୍ଡୁଲି)

ଜମି ସୀମା ନିର୍ଦ୍ଧାରଣ ପାଇଁ ଫାଇଲ କାର୍ଯ୍ୟ କରାଇଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ତହସିଲ୍ ଅଫିସର ରାଜସ୍ୱ ବିଭାଗ କନିଷ୍ଠ କିରାଣି ଗୋଲେଖ ନାୟକ ଓ ତାଙ୍କ ସହଯୋଗୀ ଅରୁଣ ସେଠଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଗିରଫ ପରେ ୨ ଜଣଙ୍କୁ ସୁନ୍ଦରଗଡ କୋର୍ଟକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କନିଷ୍ଠ କିରାଣିଙ୍କ ଗମ୍ଭାରୀଡିହିସ୍ଥିତ ବାସଭବନ ଓ ଲେଫ୍ରିପଡ଼ା ତହସିଲ କାର୍ଯ୍ୟାଳୟ ଅଫିସ ପ୍ରକୋଷ୍ଠରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ କେଶ ନଂ.୪/୨୫ରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ଅଭିଯୋଗକାରୀଙ୍କ ଜମି ସୀମା ନିର୍ଦ୍ଧାରଣ ପାଇଁ ଫାଇଲ ପ୍ରକ୍ରିୟାକରଣ କରାଇ ଦେବାକୁ କହି କିରାଣି ନାୟକ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରିଥିଲେ। ସୋମବାର ପୂର୍ବାହ୍ନରେ ଅଭିଯୁକ୍ତ ନାୟକ କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରି ତାଙ୍କ ସହଯୋଗୀ ସେଠଙ୍କୁ ଦେଉଥିବା ସମୟରେ ଭିଜିଲାନ୍ସ ଟିମ ତାଙ୍କୁ ଗିରଫ କରିଥିଲା। ବିଭାଗ ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିଛି।

# ୫୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୪ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଉଛନ୍ତି।

**ପିସ୍ତଲ, ଗୁଳି, ୪ ଗାଡ଼ି, ୯ ମୋବାଇଲ ସହ ୭ ଲକ୍ଷ ୩୨ ହଜାର ଟଙ୍କା ଜବତ**

ପୁରୀ, ୧୭।୨ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରରୁ ପୋଲିସ ୪ଜଣ ଆନ୍ତଃଜିଲା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ କେଶରପୁରର ସୁମନ୍ତ ସୁନ୍ଦରା (୨୮), ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ସେକ୍ ସୁବେଦ୍ (୨୧), ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅନ୍ତର୍ଗତ ରାଜାବଜାରର ସେକ୍ ଇମ୍‌ତିଆଜ୍ (୨୮) ଏବଂ ଖୋର୍ଦ୍ଧା ଥାନା ଅଞ୍ଚଳର ସତ୍ୟଜିତ୍ ଦାସ (୪୮)। ଏମାନଙ୍କ ନିକଟରୁ ୫୩୮.୫ ଗ୍ରାମ୍ ବ୍ରାଉନସୁଗାର, ଗୋଟିଏ ପିସ୍ତଲ, ୪ଟି ଅଫୁଟା ଗୁଳି, ୯ଟି ମୋବାଇଲ ଫୋନ, ଗୋଟିଏ କାର୍, ୩ଟି ବାଇକ୍ ଏବଂ ନଗଦ ୭ ଲକ୍ଷ ୩୨ ହଜାର ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୫୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି। ଏନେଇ ଟାଉନ ଥାନା ପୋଲିସ ଏକ କେସ୍ (ନଂ. ୬୭/୨୫) ରୁଜୁ କରିଛି। ଏଥିସହ ଏନ୍‌ଡିପିଏସ୍ ଆକ୍ଟ ଓ ଆର୍ମ ଆକ୍ଟଲାଗୁ କରାଯାଇଛି। ସୋମବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ରବିବାର କେତେଜଣ ଆନ୍ତଃଜିଲା ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର ବିକ୍ରି କରିବା ପାଇଁ ଏକ ସ୍ଥାନରେ ଏକାଠି ହୋଇଥିବା ନେଇ ପୁରୀ ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗଦାଧର ବିଦ୍ୟାଳୟ ନିକଟ ଚାରିଚକିଆ ଗାଡ଼ି ପାର୍କିଂରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏ ସଂକ୍ରାନ୍ତରେ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉକ୍ତ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଓ ବ୍ରାଉନସୁଗାର କେଉଁଠୁ ଆସୁଥିଲା ସେ ନେଇ ଖୋଳତାଡ଼ କରାଯିବ। ମୁଖ୍ୟତଃ ପଶ୍ଚିମବଙ୍ଗର କୋଲକାତା ଅଞ୍ଚଳରୁ ବାଲେଶ୍ୱର, ଜଳେଶ୍ୱର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା ହୋଇ ପୁରୀକୁ ବ୍ରାଉନସୁଗାର ଆସୁଥିବା ଅନୁମାନ କରାଯାଉଛି। ତେବେ ପୁରୀ ପୋଲିସ ପକ୍ଷରୁ ନିଶା କାରବାର ଉପରେ ରୋକ ଲଗାଇବା ନିମନ୍ତେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି ବୋଲି ଏସ୍‌ପି ଅଗ୍ରୱାଲ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଳ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


**Proforma - A**
**Office of the Principal**
**Government Science College, Chatrapur, Ganjam - 761020**

Office Circular No.: 785/GSCC / 2025 Date: 15.02.2025

**QUOTATION CALL NOTICE**

**No.N-178** : Sealed quotations are invited from authorized dealers/suppliers with valid GST, ITCC, PAN clearance for supply of branded laboratory equipment's and for different departments. Detail specifications of the above will be available from college website **gscc.ac.in**. The quotation must reach to the undersigned (Speed post only) by 28th February 2025 and the same will be opened in the chamber of the Principal at 11 A.M. on 1st March 2025. The quotation price must include all taxes with free delivery, installation and demonstration. The authority reserves the right to cancel or reject any or all quotation without assigning any reason thereof.
For details, please refer to the website https://www.gscc.ac.in.

Sd./- Principal,
OIPR-11074/11/0007/2425 Govt. Science College, Chatrapur (Gm.)

**ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର**
**OFFICE OF THE MUNICIPAL COUNCIL, JAJPUR**
ସ୍ଥାନ – ଯାଜପୁର, ୭୫୫୦୦୧
At/PO/Dist - Jajpur (Odisha), PIN - 755001
E-mail : Jajpur.m.1869@gmail.com, Phone No. 06728-222073

No. 514//JM. Dated : 15.02.2025

**QUOTATION CALL NOTICE**

**No.C-1676** : Quotations in sealed cover are invited from the intending Firms/ Bidders/Suppliers for supply and execution of the following nature of works.
1. Supply of Tricycle with iron body.
2. All types of Sanitary Articles relating to sanitation work.

The Quotation Schedule for Quotation containing general bid information, terms & conditions for the above items of works will be available on payment of cost of Rs. 2000(Rupees Two Thousand) only in shape of D.D to be deposited at Municipal Office towards paper cost from dt. 15.02.2025 to 28.02.2025 up to 1.00 P.M. in the working days and hours respectively.

The bidders are to submit the quotation paper duly filled in on or before dt. 01.03.2025 by 3.00 P.M. which shall be opened on the same day at 4.00 P.M. in the presence of the bidders or their authorized representatives. The date of opening shall not be differed in the absence of either bidder or their authorized representatives.

The authority reserves the right to accept or reject any or all the quotation without assigning any reason thereof.

Sd./- Executive Officer,
OIPR-13171/11/0010/2425 Jajpur Municipality

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଓଭରରନ୍ ଲାଇନ୍-କେକେକ୍ୟୁ, ତାରିଖ: ୧୫।୦୨।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ/ପୂର୍ବ/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ତାହାକୁ ୧୨.୦୦ ଘଣ୍ଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ପ୍ରାନ୍ତରେ ଗୁଡ୍‌ସ ସାଇଡିଂ ଲାଇନର ସ୍ଲେୱିଙ୍ଗ୍ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟର ଅଂଶ ଏବଂ କଲାଇକୁଣ୍ଡାଠାରେ ଇଞ୍ଜିନ୍ ରିଭର୍ସାଲ୍ ସୁବିଧା ପାଇଁ ଏକ୍ସ–ଓଭର୍ ବ୍ୟବସ୍ଥା ସହିତ ଖଡ଼ଗପୁର ପ୍ରାନ୍ତଠାରେ ସି/ଏଲ୍ ଓଭର୍ ରନ୍ ଲାଇନ୍‌ର ସମ୍ପ୍ରସାରଣ। **ଟେଣ୍ଡର ମୂଲ୍ୟ:** ₹୨,୬୪,୭୯,୧୫୨.୦୫। **ଅମାନତ ଜମା ରାଶି:** ₹୨,୮୨,୪୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୧୨।୦୩।୨୦୨୫ରିଖ। **ସମାପ୍ତି ଅବଧି:** ୧୧ ମାସ। **ଦାଖଲ ତାରିଖ:** ତା୧୨।୦୩।୨୦୨୫ରିଖ ୧୨.୦୦ ଘଣ୍ଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-1143)

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/106, ତା.14.02.2025ରିଖ
ଟେଣ୍ଡର ସଂ.eTender-HQKUR-313-2024, ତା.03.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 46 ସଂଖ୍ୟକ କର୍ଭ ସ୍ଥାନରେ ଟ୍ରାକ ମାଉଣ୍ଟେଡ୍ ଅଟୋମେଟିକ୍ (ହାଇଡ୍ରୋଲିକ ଟାଇପ - 2 କି.ମି. ଶ୍ରେଣୀ) ଗେଜ ଫେସ ଲୁବ୍ରିକେଟରର ଯୋଗାଣ ଏବଂ ସ୍ଥାପନା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 403.00 ଲକ୍ଷ, EMD : ₹ 3,50,500.00, ଶେଷ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.02.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/
PR-990/P/24-25 ଖୋର୍ଦ୍ଧା ରୋଡ୍

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.18 of 2024-25**
No. 742 (Estg.) Bhubaneswar the 14th February - 2025

**No.B-1014** : The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number of road work and one number Building (composite) to be received in online bidding, double cover system for construction work as detailed in : **https://tendersodisha.gov.in**. The details of bid documents will be available in the above website from **5.00 P.M. of 20.02.2025 to 4.00 P.M of 07.03.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 07.03.2025** in the Office of the Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal www.tendersodisha.gov.in. Addendum/Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
OIPR-34156/11/0018/2425 Central (R&B) Circle, Bhubaneswar

GOVERNMENT OF ODISHA No.O-1492
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PATNAGARH**
E-mail : eerw_ptng@yahoo.in, Phone No. : 06658-222121

**e-Procurement Notice**
**IFB IDENTIFICATION NO.EEPTNG-Online-13/2024-25**

| | | | |
|---|---|---|---|
| 1 | Name of work | : | Repair of Road, Bridge & Building works |
| 2 | Total No. of work | : | 10 (Ten) No. works |
| 3 | Time for completion | : | 01 (One) Calendar month |
| 4 | Approximate Estimated Cost | : | 2.99 lakh to 48.30 lakh |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online - 13/2024-25 | 18.02.2025 at 11.00 A.M. | 24.02.2025 upto 5.00 P.M. | 21.02.2025 upto 5.00 P.M. | 25.02.2025 at 11.00 A.M. |

- Further details can be seen from the website **www.tendersorissa.gov.in**
- Any Corrigendum/Addendum will be displayed in the above e tender website only.

Sd./- Executive Engineer
OIPR-25154/11/0019/2425 R.W. Division, Patnagarh

**Sambalpur Municipal Corporation**
**Sambalpur**
Email id: sambalpurm.hud@nic.in

**'e' Procurement NOTICE**
**Bid Reference No: 27/SMC_SBP/2024-25**
**Tender ID No : 2025_ORULB_110243**

**No.C-1679** : The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen from the Govt. Website i.e. **https://tendersodisha.gov.in**

1. Number of Civil Works : **38 (Thirty Eight) numbers**
2. Estimated Costs : **3.85 lakhs & 42.09 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **11.00 A.M. of 12.02.2025 to 05.00 P.M. of 21.02.2025**
5. Last Date/Time for receipt of bids in the portal : 05.00 P.M. of 21.02.2025
6. Bids will be opened on : **11.00 A.M. of Dt. 24.02.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

Sd./- Commissioner
OIPR-13122/11/0080/2425 Sambalpur Municipal Corporation

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा महिला आरती सिंह
उम्र–करीब 34 वर्ष

सर्व साधारण को सूचित किया जाता है कि आवेदिका राधिका कुमारी के द्वारा अपनी माँ आरती सिंह, उम्र– करीब 34 वर्ष की गुमशुदगी के संबंध में संबंधित थाना मानगो में लिखित आवेदन दिया गया है। जिसमें आवेदिका की माँ आरती सिंह, उम्र– करीब 34 वर्ष, पति–मुकेश सिंह, पता– दाईगुट्ट साव लाईन, थाना–मानगो, जिला– पूर्वी सिंहभूम, जमशेदपुर जो दिनांक– 14.12.2024 को अपने घर से बिना बताये कहीं चली गई है अभी तक घर वापस नहीं लौटी है। आवेदिका एवं इनके परिवार के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका है। गुमशुदा महिला का हुलिया निम्न प्रकार है :– उम्र– करीब 34 वर्ष, कद–05 फीट, रंग–सांवली, बाल–घुंघराली, ऑख– सामान्य, पहनावा–गुलाबी रंग की साड़ी एवं पैर में चप्पल।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (मु0–01) | : 9431706481 |
| थाना प्रभारी, मानगो | : 9431706488 |

वरीय पुलिस अधीक्षक
पूर्वी सिंहभूम, जमशेदपुर
PR 346561 Police (24-25)_D

**OFFICE OF THE HEAD MASTER**
**KASTURBA GANDHI BALIKA VIDYALAYA,**
**LANJI, BLOCK- KHARIAR**
**SAMAGRA SHIKSHA, NUAPADA**
No.72 // Date 17.02.2025

**SHORT TENDER CALL NOTICE**

Sealed Tenders are invited from the intending Registered and reputed Firms/ Suppliers having valid GST registration for supply of Grocery items to KGBV Hostel of Lanji of Khariar Block, Nuapada District. The tender notice along with detailed terms and conditions and the list of items/materials to be supplied can be downloaded from the official website of Nuapada district www.nuapada.odisha.gov.in and OSEPA website www.osepa.odisha.gov.in from dt:17.02.2025 to 25.02.2025. The sealed tender papers completed in all respects along with requisite Earnest Money and tender paper cost in shape of Bank Draft/ Bankers Cheque drawn in favour of KASTURBA GANDHI BALIKA VIDYALAYA, LANJI payble at Khariar must be submitted to KGBV, Lanji on or before 25.02.2025 by 5 P.M through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt 04.03.2025 at 11.00 AM in the Office of the H.M, KGBV, Lanji.

The undersigned reserves the right to reject any tender in whole or in part without assigning any reason thereof. Any dispute in the process be subject to the Court jurisdiction of Nuapada District.

**Sd./-Head Master (I/c), KGBV, Lanji**

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO Bhawan, Kutchary Road, Ranchi-834001, Jharkhand.**
**Ph No.: +91-651-2225878,**
CIN: U45200JH2013SGC001752, e-mail Id-juidcolimited@gmail.com
NIT No: JUIDCO/PMAY/V-III/Kangoi/Mihijam/649
e-procurement (Tender Notice)

| | | |
|---|---|---|
| 1. | (a) Name of the work | **Construction of 64 Dwelling units in 8 number of G+1 blocks (including structural design) under Pradhan Mantri Awas Yojana (Urban) at Kangoi, Mihijam.** |
| | (b) Scope of Work | Scope of work include Architectural Planning & Design, Engineering Procurement, preparation of detailed structural design & drawing project execution & Construction, after obtaining approval from municipal bodies including water supply and sanitation, sewer network, electrification work, storm water drainage, Rain water harvesting, landscaping, boundary wall , street lighting, construction of internal roads and parking area of Pradhan Mantri Awas Yojana at Kangoi, Mihijam on EPC basis. |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Estimated Cost (Rs.) | Rs 7,56,74,196/- |
| 4. | Tender Fee and Bid Security to be submitted online | Tender document fee: Rs. 25,000/- (Rupees Twenty- Five Thousand) only **Non-Refundable.** Bid Security: Rs. 7,57,000/- (Rupees Seven Lakh Fifty Seven Thousand) only. |
| 5. | Date / Time of Publication of Tender on Website | **18.02.2025 17:00 Hrs** |
| 6. | Last Date / Time of Bid Submission | **04.03.2025 17:00 Hrs** |
| 7. | Date of Bid Opening | **05.03.2025 17:30 Hrs** |
| 8. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road Ranchi – 834001 |
| 9. | Helpline No. of e-Procurement Cell | +91 651 2225878 |

Sd/-
PR 346547 Urban Development and Housing (24-25)D
Project Director (Technical)
JUIDCO Limited, Ranchi

୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାର ଏବଂ ୨୦୪୭ ବେଳକୁ ୧.୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମେ ରାଜ୍ୟକୁ 'ବିକଶିତ ଭାରତ'ର ଗ୍ରୋଥ୍ ଇଞ୍ଜିନ ରୂପେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ୍ ଭାରତ' ଭିଜନକୁ ଅନୁସରଣ ପୂର୍ବକ ସୋମବାର ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଏକ ଲୋକାଭିମୁଖୀ ବଜେଟ ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଉପସ୍ଥାପିତ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ଏହି ପୂର୍ଣ୍ଣାଙ୍ଗ ବଜେଟରେ କୃଷକଙ୍କ ଆୟ ବୃଦ୍ଧି, ମହିଳା ସଶକ୍ତୀକରଣ, ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି। ଏହାକୁ ସବୁବର୍ଗ ଉପଯୋଗୀ ବଜେଟ କହି ମୁଖ୍ୟମନ୍ତ୍ରୀ ଏହାକୁ 'ଲୋକଙ୍କ ବଜେଟ' ଭାବେ ଅଭିହିତ କରିଥିବାବେଳେ ଡବଲ ଇଞ୍ଜିନ ସରକାର ଦିଗରେ ବିରୋଧୀ ସମାଲୋଚନା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ କବିତା ଆବୃତ୍ତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଭିଭାଷଣ ଶେଷ ଭାଗରେ ପ୍ରଖ୍ୟାତ ନାରୀ କବି ବିଦ୍ୟୁତପ୍ରଭା ଦେବୀଙ୍କ 'ସର୍ବସହା ମାଟି' କବିତାର ଏକ ପଂକ୍ତିକୁ ଆବୃତ୍ତି କରିଥିଲେ।

'ତୋର ମୁକ୍ତିରେ ମୋର ମୁକ୍ତି ମା
ତୋର ହସେ ମୋର ହସ,
ତୋହରି ଅଶ୍ରେ ଆରେକେ ଜଳେ ମୁଁ
ଘୋଷି ତୋର ମହାଯଶ
ଚିର ଦୁଃଖର ତୋ ପାହାନ୍ତି ଅଧାର
ରାତି ଆସୁଥିବ ପାହି,
ସେ ନୂଆ ସକାଳେ ଫୁଲେ ମୁଁ ଆନନ୍ଦେ
ଜୟଗାନ ତୋର ଗାଇ।'

### ବିଭାଗୱାରୀ ବଜେଟ୍ ଆବଣ୍ଟନ

| ବିଭାଗ | ବ୍ୟୟବରାଦ(କୋଟି ଟଙ୍କା) |
|---|---|
| ୧. ଗୃହ | ୧୦,୭୪୯.୯୦ |
| ୨. ସାଧାରଣ ପ୍ରଶାସନ | ୬୪୦.୬୮ |
| ୩. ରାଜସ୍ୱ | ୩,୯୧୩.୬୮ |
| ୪. ଆଇନ | ୧,୦୪୯.୬୪ |
| ୫. ଅର୍ଥ | ୬୩,୫୧୧.୯୯ |
| ୬. ବାଣିଜ୍ୟ | ୩୦୮.୮୧ |
| ୭. ନିର୍ମାଣ | ୧୨,୦୦୦.୦୦ |
| ୮. ଓଡ଼ିଶା ବିଧାନସଭା | ୧୪୪.୬୨ |
| ୯. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୫,୫୩୦.୭୭ |
| ୧୦. ସ୍କୁଲ ଓ ଗଣଶିକ୍ଷା | ୩୧,୧୮୪.୪୭ |
| ୧୧. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ୬,୪୩୭.୧୦ |
| ୧୨. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨,୬୪୯.୧୧ |
| ୧୩. ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୧୦,୯୦୩.୫୭ |
| ୧୪. ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୩୬୩.୨୨ |
| ୧୫. କ୍ରୀଡ଼ା ଓ ଯୁବସେବା ବିଭାଗ | ୧,୩୮୯.୦୭ |
| ୧୬. ଯୋଜନା ଓ ସଂଯୋଜନ | ୬,୮୦୮.୬୬ |
| ୧୭. ପଞ୍ଚାୟତିରାଜ ଓ ପାନୀୟ ଜଳ | ୩୮,୫୫୧.୩୧ |
| ୧୮. ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୨.୭୭ |
| ୧୯. ଶିଳ୍ପ | ୮୦୮.୧୪ |
| ୨୦. ଜଳ ସମ୍ପଦ | ୧୪,୮୯୪.୨୧ |
| ୨୧. ପରିବହନ | ୩,୬୭୩.୮୮ |
| ୨୨. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୨,୫୧୯.୪୯ |
| ୨୩. କୃଷି ଓ କୃଷକ ସଶକ୍ତୀକରଣ | ୧୪,୭୦୦.୭୧ |
| ୨୪. ଇସ୍ପାତ ଓ ଖଣି | ୪୦୪.୩୯ |
| ୨୫. ସୂଚନା ଓ ଲୋକ ସମ୍ପର୍କ | ୨୭୦.୭୦ |
| ୨୬. ଅବକାରୀ | ୨୪୪.୯୯ |
| ୨୭. ବିଜ୍ଞାନ ଓ ବୈଷୟିକ ବିଭାଗ | ୩୬୩.୨୨ |
| ୨୮. ଗ୍ରାମ୍ୟ ଉନ୍ନୟନ | ୧୦,୦୨୦.୧୨ |
| ୨୯. ସଂସଦୀୟ ବ୍ୟାପାର | ୭୪.୭୧ |
| ୩୦. ଶକ୍ତି | ୩,୭୬୨.୩୩ |
| ୩୧. ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୭୨୬.୫୮ |
| ୩୨. ପର୍ଯ୍ୟଟନ | ୮୨୦.୦୮ |
| ୩୩. ମତ୍ସ୍ୟ ଓ ପ୍ରାଣୀ ସମ୍ପଦ | ୧,୯୦୯.୧୨ |
| ୩୪. ସମବାୟ | ୨,୭୭୬.୨୭ |
| ୩୫. ସାଧାରଣ ଉଦ୍ୟୋଗ | ୧୧.୦୪ |
| ୩୬. ମହିଳା ଓ ଶିଶୁ ବିକାଶ | ୧୫,୨୨୨.୮୫ |
| ୩୭. ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୬୮୮.୮୩ |
| ୩୮. ଉଚ୍ଚ ଶିକ୍ଷା | ୩,୬୫୫.୬୩ |
| ୩୯. ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧,୭୬୪.୫୪ |
| ୪୦. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୬୫୮.୮୬ |
| ୪୧. ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୭,୧୨୦.୬୬ |
| ୪୨. ବିପର୍ଯ୍ୟୟ ପରିଚାଳନା | ୪,୦୪୮.୮୫ |
| ୪୩. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୪୮୧.୮୩ |
| ୪୪. ମିଶନ ଶକ୍ତି | ୨,୬୭୪.୬୩ |
| ମୋଟ | ୨,୯୦,୦୦୦.୦୦ |

# ନାରୀ ସଶକ୍ତୀକରଣ: ଫୋକସ୍‌ରେ 'ସୁଭଦ୍ରା'

## ୯୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୪,୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଓଡ଼ିଶାର ମହିଳାମାନଙ୍କର ଉନ୍ନତୀକରଣ ଓ ସଶକ୍ତୀକରଣ ଦିଗରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ମହିଳାମାନଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନର ପ୍ରତିଶ୍ରୁତିକୁ ପାଳନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ୯୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୪,୯୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ସୋମବାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ଐତିହାସିକ ଏବଂ ପଥ ପ୍ରଦର୍ଶକ ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶା ଇତିହାସରେ ସୁଭଦ୍ରା ହେଉଛି ସର୍ବବୃହତ୍ ଯୋଜନା, ଯାହା ମାଧ୍ୟମରେ ରାଜ୍ୟ ବିକାଶର କାହାଣୀକୁ ପୁନଃଲିଖିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଥମ ଥର ପାଇଁ ୧ କୋଟି ୭ ଲକ୍ଷରୁ ଅଧିକ ମହିଳା ଏହି ଯୋଜନାରେ ଆବେଦନ ପାଇଁ ଘରୁ ବାହାରିଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପହଞ୍ଚିଛି। ମହିଳାଙ୍କ ନେତୃତ୍ୱାଧୀନ ସଶକ୍ତୀକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଞ୍ଚୟ', 'ସୁଭଦ୍ରା ସଖୀ', ସୁଭଦ୍ରା ସଂଘ', 'କୁହ ସୁଭଦ୍ରା', 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ପଣ୍ଡିତ' ଏବଂ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନାରେ ୧୦ ହଜାର ୧୪୫ କୋଟି ଟଙ୍କା ଏବଂ ସୁଭଦ୍ରା ସୁରକ୍ଷା ଅଧୀନରେ ୧୫୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

କନ୍ୟା ସନ୍ତାନ ଏକ ଆଶୀର୍ବାଦ, ବୋଝ ନୁହେଁ। ଆମେ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ସମ୍ମାନ ଓ ସଶକ୍ତ କରିବା ଉଚିତ। ଓଡ଼ିଆ ପରମ୍ପରା ଓ ରୀତିନୀତି ଅନୁସରଣ କରି ବିବାହ ଆୟୋଜନ କରିବା ଆଜିର ସମୟରେ ମହଙ୍ଗା ହୋଇଥିବାରୁ ଗରିବ ପରିବାର ଝିଅମାନଙ୍କୁ ବିବାହ କରାଇବାରେ ଅସହାୟ ହୋଇପଡୁଛନ୍ତି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ପ୍ରଣୟନ କରିଛନ୍ତି। ଏହି ଯୋଜନା ଅଧୀନରେ ସାମୂହିକ ବିବାହ ଆୟୋଜନ କରାଯିବ, ଯାହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଭିନ୍ନ କାର୍ଯ୍ୟକ୍ରମର ମୁଖ୍ୟାଂଶ

### କୃଷି ଓ କୃଷକ ସଶକ୍ତୀକରଣ ବିଭାଗ
ସମୃଦ୍ଧ କୃଷକ ଯୋଜନା: ୬,୦୦୦ କୋଟି ଟଙ୍କା
ସି.ଏମ୍. କିଷାନ: ୨,୦୨୦ କୋଟି ଟଙ୍କା
ଶ୍ରୀଅନ୍ନ ଯୋଜନା: ୬୦୦ କୋଟି ଟଙ୍କା
ଶସ୍ୟ ବିବିଧତା କାର୍ଯ୍ୟକ୍ରମ: ୬୯୫ କୋଟି ଟଙ୍କା

### ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ
ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ): ୨୪୫ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମ୍‌ଏମ୍‌କେୱାଇ): ୨୩୫ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମ୍‌କେୱାଇ) ୧୪୬ କୋଟି ଟଙ୍କା
ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା: ୧୭୧ କୋଟି ଟଙ୍କା

### ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ
ଜଳକ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍‌ଆଇଡିପି): ୧,୩୧୫ କୋଟି ଟଙ୍କା
ତ୍ୱରିତ ଜଳସେଚନ ଲାଭ କାର୍ଯ୍ୟକ୍ରମ (ଏଆଇବିପି) ୧,୭୮୬ କୋଟି
ପାର୍ବତୀ ଗିରି ମେଗା ଲିଫ୍ଟ ପ୍ରୋଜେକ୍ଟ ୧,୩୧୮ କୋଟି
ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଗଠନ: ୮୮୦ କୋଟି
ସ୍ୱାସ୍ଥ୍ୟ (ସମସ୍ତ ପାଇଁ ଯତ୍ନ)
ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା: ୬,୨୪୯ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ: ୩,୮୮୧ କୋଟି
ଜାତୀୟ ସ୍ୱାସ୍ଥ୍ୟ ମିଶନ: ୨,୦୯୧ କୋଟି
ନିର୍ମଳ: ୯୯୭ କୋଟି

### ଶିକ୍ଷା: ସମୃଦ୍ଧ ଜୀବନ
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ: ୨,୯୬୦ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ଏମ୍‌ଏମ୍-ପୋଷଣ): ୬୪୬ କୋଟି
ଐତିହ୍ୟ ବିଦ୍ୟାଳୟ: ୬୦ କୋଟି
ପି.ଏମ୍. ପୋଷଣ: ୮୮୫ କୋଟି
ସମଗ୍ର ଶିକ୍ଷା: ୪,୬୮୧ କୋଟି

### ଏସ୍‌ସି, ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ
ମାଧୋ ସିଂ ହାତ ଖର୍ଚ୍ଚ: ୧୫୪ କୋଟି ଟଙ୍କା
ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍: ୪୫୦ କୋଟି
ଧରିତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ: ୩୫୦ କୋଟି
ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ: ୨୧୦ କୋଟି
ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ରୂପାନ୍ତରୀକରଣ: ୧୦୦ କୋଟି

### ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି
ସୁଭଦ୍ରା ଯୋଜନା: ୧୦,୧୪୫ କୋଟି ଟଙ୍କା
ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା: ୪୯୨ କୋଟି
ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା: ୫୨୬ କୋଟି
ଆଇସିଡିଏସ୍‌କୁ ରାଜ୍ୟ ସହାୟତା: ୧,୧୩୨ କୋଟି
ଓଡ଼ିଶା ପୁଷ୍ଟି ମିଶନ: ୧୦୦ କୋଟି

### ସାମାଜିକ ସୁରକ୍ଷା
ମଧୁବାବୁ ପେନ୍‌ସନ ଯୋଜନା: ୫,୩୭୦ କୋଟି ଟଙ୍କା
ନିଃସହାୟଙ୍କ ପାଇଁ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ: ୨,୧୮୧ କୋଟି
ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ: ୧,୦୧୬ କୋଟି
ବୃଦ୍ଧ ଲୋକଙ୍କ ପାଇଁ ଘର: ୫୧ କୋଟି
ଦିଶା-ନିଶା ମୁକ୍ତି ପାଇଁ ବ୍ଲକ୍‌ଗୁଡ଼ିକୁ ପୁରସ୍କାର: ୧୪ କୋଟି

### ନଗର ଉନ୍ନୟନ
ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା: ୧,୧୦୦ କୋଟି ଟଙ୍କା
ସୁଜଳା: ୭୩୨ କୋଟି
ସ୍ୱଚ୍ଛ ଓଡ଼ିଶା: ୨୬୧ କୋଟି
ନୂତନ ସହର ଉନ୍ନତୀକରଣ: ୨୦୦ କୋଟି
ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ): ୬୦୦ କୋଟି

### ଗ୍ରାମ୍ୟ ଉନ୍ନୟନ
ଅନ୍ତ୍ୟୋଦୟ ଗୃହ ଯୋଜନା: ୨,୬୦୩ କୋଟି ଟଙ୍କା
ବିକଶିତ ଗ୍ରାମ ବିକଶିତ ଓଡ଼ିଶା: ୨,୦୦୦ କୋଟି
ଜଳଜୀବନ ମିଶନ: ୭,୦୦୦ କୋଟି
ପ୍ରଧାନମନ୍ତ୍ରୀ ଜନମନ: ୨୦୦ କୋଟି
ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ) ୪,୫୦୦ କୋଟି

### ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ
ଜମି ବ୍ୟାଙ୍କ ଯୋଜନା: ୧୦୬ କୋଟି ଟଙ୍କା
ମଧ୍ୟମ ଏବଂ ବଡ଼ ଶିଳ୍ପ ପାଇଁ ସବ୍‌ସିଡି: ୧୯୪ କୋଟି
ସିଏମ୍-ଏସ୍‌ଆର୍‌ଆଇଏମ୍: ୩୦ କୋଟି
ଏମ୍‌ଏସ୍‌ଏମ୍‌ଇ ପାଇଁ ସହାୟତା ୨୮୪ କୋଟି

### ଶକ୍ତି
ମୁଖ୍ୟମନ୍ତ୍ରୀ ଶକ୍ତିବିକାଶ ଯୋଜନା: ୧,୦୩୩ କୋଟି ଟଙ୍କା
ଓଡ଼ିଶା ଅକ୍ଷୟଶକ୍ତି ବିକାଶ ଯୋଜନା: ୧,୦୯୩ କୋଟି
ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ଅଭିଯାନ: ୧୨୭ କୋଟି
ଓପିଜିସିରେ ଅଂଶଧନ ପୁଞ୍ଜିନିବେଶ: ୪୨୯ କୋଟି

### ପରିବହନ
ରେଳ ପ୍ରକଳ୍ପ ଉନ୍ନତୀକରଣ: ୩୦୦ କୋଟି ଟଙ୍କା
ବେସାମରିକ ବିମାନ ଚଳାଚଳ: ୩୮୨ କୋଟି
ମୁଖ୍ୟମନ୍ତ୍ରୀ ବସ୍ ସେବା: ୧,୦୮୫ କୋଟି
ସବୁଜ ଓଡ଼ିଶା- ବିଦ୍ୟୁତ୍ ଯାନ ନୀତି ଅନୁଯାୟୀ ସବସିଡି: ୧୬୦ କୋଟି
ଅଟଳ ବସ୍‌ଷ୍ଟାଣ୍ଡ: ୧,୨୬୬ କୋଟି

### ସଡ଼କ ଓ ସେତୁ
ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ୧,୭୦୦ କୋଟି ଟଙ୍କା
ସଡ଼କ ଉନ୍ନତୀକରଣ ପ୍ରକଳ୍ପ: ୬,୫୦୨ କୋଟି
ସେତୁ ବନ୍ଧନ ଯୋଜନା: ୨,୦୦୦ କୋଟି
ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ): ୩,୪୦୦ କୋଟି
ନିର୍ବାଚନମଣ୍ଡଳୀ ଅନୁଯାୟୀ ଆବଣ୍ଟନ: ୧୪୨ କୋଟି

### ପର୍ଯ୍ୟଟନ
ପର୍ଯ୍ୟଟନ ନିମନ୍ତେ ଆବଣ୍ଟନ: ୮୨୦ କୋଟି ଟଙ୍କା
ପର୍ଯ୍ୟଟକଙ୍କ ବାସସ୍ଥାନ ନିର୍ମାଣ: ୩୫୯ କୋଟି
ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଓ ପ୍ରସାର: ୩୩୨ କୋଟି
ଘଟଗାଁରେ ମା' ତାରଣୀ ମନ୍ଦିର କ୍ଷେତ୍ରର ବିକାଶ: ୫୦ କୋଟି

### ଓଡ଼ିଆ ଅସ୍ମିତା
ବକୁଳ ବନ ଉନ୍ନୟନ: ୫୦ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା: ୧୯୪ କୋଟି
ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା: ୩୦ କୋଟି
ସାଂସ୍କୃତିକ ଅନୁଷ୍ଠାନକୁ ଅନୁଦାନ: ୭୭ କୋଟି

### କ୍ରୀଡ଼ା ଓ ଯୁବସେବା
କ୍ରୀଡ଼ା ଭିତ୍ତିଭୂମିର ବିକାଶ: ୯୪୩ କୋଟି ଟଙ୍କା
ଯୁବଶକ୍ତି: ୩୨ କୋଟି
ଉତ୍କୃଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା: ୧୦ କୋଟି
କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ: ୮୦ କୋଟି

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ
କାମ୍ପା: ୧,୦୨୧ କୋଟି ଟଙ୍କା
ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନା: ୧୨୦ କୋଟି
ରାଜ୍ୟରେ ସବୁଜ ଆଚ୍ଛାଦନ ବୃଦ୍ଧି: ୭୫ କୋଟି
ପରିବେଶ-ପର୍ଯ୍ୟଟନର ବିକାଶ: ୨୧ କୋଟି

# ୫ମ ବର୍ଷରେ ୪ ଲକ୍ଷ କୋଟିର ବଜେଟ

ରାଜ୍ୟ ସରକାରଙ୍କ ୫ମ ବର୍ଷ ବଜେଟର ଆକାର ପ୍ରାୟ ୪ଲକ୍ଷ କୋଟି ଟଙ୍କା ଛୁଇଁବ। ଭାଜପା କ୍ଷମତାସୀନ ହେବା ପରେ ମୋହନ ମାଝୀ ସରକାରଙ୍କ ପ୍ରଥମ ବଜେଟ (୨୦୨୪-୨୫) ଆକାର ୨.୬୫ ଲକ୍ଷ କୋଟି ଟଙ୍କା ଥିଲା, ଯାହାକି ୨୦୨୩-୨୪ ତୁଳନାରେ ୧୫% ଅଧିକ। ୨୦୨୫-୨୬ରେ ଏହି ବଜେଟ ଆକାର ୯% ବୃଦ୍ଧିପାଇ ୨.୯୦ଲକ୍ଷ କୋଟି ଟଙ୍କା ହୋଇଛି। ୨୦୨୬-୨୭ରେ ବଜେଟ ପରିମାଣ ୩.୨୦ଲକ୍ଷ କୋଟି, ୨୦୨୭-୨୮ରେ ୩.୫୫ଲକ୍ଷ କୋଟି ଓ ୨୦୨୮-୨୯ରେ ୩.୯୫ଲକ୍ଷ କୋଟି ଏବଂ ୨୦୨୯-୩୦ ଆର୍ଥିକବର୍ଷରେ ବଜେଟ ଆକାର ୪.୪୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ବିଶେଷକରି ବାଣିଜ୍ୟକର, ଖଣିଭିତ୍ତିକ ରାଜସ୍ୱ ଓ କେନ୍ଦ୍ରୀୟ ଟିକସ ହାର ବୃଦ୍ଧି ଯୋଗୁ ରାଜ୍ୟ ରାଜସ୍ୱ ସଂଗ୍ରହରେ ସୁଧାର ଆସିଛି। ୨୦୨୩-୨୪ରେ ରାଜ୍ୟ ବଜେଟରେ ରାଜସ୍ୱ ସଂଗ୍ରହ ମାତ୍ର ୧ଲକ୍ଷ ୭୯ହଜାର ୫୯୩ଟଙ୍କା(ମୋଟ ବଜେଟର ୭୮%) ଥିବାବେଳେ ୨୦୨୪-୨୫ ସଂଶୋଧିତ ବଜେଟରେ ଏହି ପରିମାଣ ୨.୧୧ଲକ୍ଷ କୋଟି ଟଙ୍କା(୧୭% ଅଧିକ) ଓ ୨୦୨୫-୨୬ରେ ୨.୩୨ଲକ୍ଷ କୋଟି ଟଙ୍କା ହେବା ନେଇ ଆକଳନ କରାଯାଇଛି। ସେହିପରି ଅଷ୍ଟମ ବେତନ କମିଶନରେ ରାଜ୍ୟ କର୍ମଚାରୀଙ୍କ ଦରମାରେ ୨୦% ବୃଦ୍ଧି ହେବ ବୋଲି ଆକଳନ କରି ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଶାସନିକ ଖର୍ଚ୍ଚରେ ୨୦୨୪-୨୫ ତୁଳନାରେ ୧୧% ବୃଦ୍ଧି କରିଛନ୍ତି।

**ଓଡ଼ିଶା ବଜେଟ ୨୦୨୫-୨୬ର ଫୋକସ୍**

- ସମୃଦ୍ଧି
- ସମାନତା
- ଲୋକଙ୍କ ଉପରେ ନିବେଶ
- ସୁସ୍ଥ ଓଡ଼ିଶା
- ଆଞ୍ଚଳିକ ସମାନତା
- ଓଡ଼ିଆ ଅସ୍ମିତା
- ଲୋକଙ୍କ ସରକାର
- ଅନ୍ନଦାତା
- ଜଳବାୟୁ ଉତ୍ତରଦାୟୀ ଶାସନ




# ହସ୍ତତନ୍ତ, ବୟନଶିଳ୍ପକୁ ପ୍ରୋତ୍ସାହନ | ସୃଷ୍ଟି କରିବ ନିଯୁକ୍ତି ସୁଯୋଗ

ଓଡ଼ିଶାରେ ବୟନଶିଳ୍ପ, ପୋଷାକ ଏବଂ ବୈଷୟିକ ବୟନ ଶିଳ୍ପର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବଜେଟରେ ଅନେକ ପଦକ୍ଷେପ ନେଇଛନ୍ତି। ବିଶେଷକରି ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନାକୁ ଦୃଷ୍ଟିରେ ରଖି ବିଜ୍ଞାପନ ଓ ପ୍ରଚାର, ପ୍ରଶିକ୍ଷଣ, ବୟନଶିଳ୍ପ ନୀତି ପ୍ରଣୟନ ଏବଂ ଏହାର କାର୍ଯ୍ୟକାରୀ ମାର୍ଗଦର୍ଶିକା, ବୟନଶିଳ୍ପ ଏବଂ ବୈଷୟିକ ବୟନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଇନକ୍ୟୁବେଶନ ସେଣ୍ଟରର ବିକାଶ ତଥା ଉନ୍ନୀତକରଣ ସହ ମନିଟରିଂ ଓ ମୂଲ୍ୟାୟନ ଆଦି ନିମନ୍ତେ 'ବୟନ ଶିଳ୍ପର ପ୍ରୋତ୍ସାହନ ଯୋଜନା' ପାଇଁ ୧୨୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ହସ୍ତତନ୍ତ ଶିଳ୍ପ ପ୍ରୋତ୍ସାହନ 'ପିଓଏଚ୍‌ଆଇ' ଅଧୀନରେ ସଂଗଠିତ କ୍ଷେତ୍ରରେ ୯୯ ଲକ୍ଷ ବର୍ଗମିଟର ହସ୍ତତନ୍ତ କପଡ଼ା ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପ୍ରାୟ ୮୧ ହଜାର ଲୋକଙ୍କୁ ସମବାୟ କ୍ଷେତ୍ରରେ ନିଯୁକ୍ତି ମିଳିବ। ୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପର ପ୍ରୋତ୍ସାହନ ପାଇଁ ଆହୁରି ୫୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହା ଅଧୀନରେ ୬ ହଜାର କାରିଗରଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବ। ହସ୍ତଶିଳ୍ପ ତାଲିକାକୁ ସଂଶୋଧନ କରାଯାଇ ୫୫ଟି ହସ୍ତଶିଳ୍ପକୁ ସାମିଲ କରାଯାଇଛି। ସେହିପରି ୯ଟି ହସ୍ତଶିଳ୍ପ ଉତ୍ପାଦକୁ ଜିଆଇ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯିବ। ୫୫୦ କାରିଗରଙ୍କୁ ୱାର୍କଶେଡ୍ ନିର୍ମାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ନିଜସ୍ୱ ୟୁନିଟ୍ ସ୍ଥାପନ ପାଇଁ ୧୦୦ କାରିଗରଙ୍କୁ ଋଣ ଏବଂ ମାର୍ଜିନ ମନି ସହାୟତା ଦିଆଯିବ। କଣ୍ଟିଲୋ, ପିପିଲି, ବାଲିଯୋର, ହୀରାକୁଦ, କଟକ, କୋଟପାଡ଼କୁ ଐତିହ୍ୟ କ୍ରାଫ୍ଟ ଏବଂ ବୁଣାକାର ଗ୍ରାମ ଭାବେ ବିକଶିତ କରାଯାଇ ପର୍ଯ୍ୟଟନକୁ ହସ୍ତଶିଳ୍ପ ସହ ଯୋଡ଼ାଯିବ ବୋଲି ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।



# ଓଡ଼ିଶାର ଆର୍ଥିକ ସ୍ଥିତି, ଋଣବୋଝ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି, ଯାହାକି ୨୦୨୪-୨୫ ଆର୍ଥିକବର୍ଷର ବଜେଟ ପରିମାଣ ୨.୬୫ ଲକ୍ଷ କୋଟି ଟଙ୍କା ତୁଳନାରେ ୯% ଅଧିକ। ୨୦୨୩-୨୪ରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିହାର ୯.୬% ରହିଥିବାବେଳେ ୨୦୨୪-୨୫ରେ ଏହା ୭.୨%କୁ ହ୍ରାସ ପାଇଛି। ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣରେ ୦.୧% ବୃଦ୍ଧିପାଇଛି। ୨୦୨୪-୨୫ରେ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩.୧% ଥିବାବେଳେ ସଦ୍ୟ ବଜେଟରେ ଏହା ୩.୨%କୁ ବଢ଼ିବ। ୨୦୨୩-୨୪ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଜିଡିପିର ୧.୮%(ସଂଶୋଧିତ ବଜେଟରେ) ରହିଥିଲା। ଏଫ୍‌ଆରବିଏମ୍ ଆକ୍ଟ ଅନୁସାରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ପରିମାଣ ସର୍ବାଧିକ ରାଜ୍ୟ ଜିଡିପିର ୩.୫% ପର୍ଯ୍ୟନ୍ତ ହୋଇପାରିବ। ସେହିପରି ରାଜ୍ୟର ଋଣବୋଝ ମଧ୍ୟ ୧% ବୃଦ୍ଧି ପାଇ ଜିଡିପିର ୧୨.୭%କୁ ଛୁଇଁବ ବୋଲି ଆକଳନ ହୋଇଛି।

୨୦୨୪-୨୫ ଆର୍ଥିକବର୍ଷର ସଂଶୋଧିତ ବଜେଟରେ ରାଜ୍ୟର ଋଣବୋଝ ପରିମାଣ ୧ଲକ୍ଷ ୧୦ହଜାର ୭୧୪କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୧ଲକ୍ଷ ୩୪ହଜାର ୯୧୪କୋଟି ଟଙ୍କା (ରାଜ୍ୟ ଜିଡିପିର ୧୨.୭%) ଛୁଇଁବ। ରାଜ୍ୟରେ ମୁଣ୍ଡପିଛା ଋଣବୋଝ ୨୮୭୦୫ଟଙ୍କା ହେବ। ତେବେ ୨୦୨୯-୩୦ ଆର୍ଥିକବର୍ଷ ବେଳକୁ ସରକାର ରାଜ୍ୟ ଜିଡିପିର ୧୫.୭% ପ୍ରତିଶତ ଋଣ ଆହରଣ କରିଥିବେ ବୋଲି ଆକଳନ କରିଛନ୍ତି। ଏଫ୍‌ଆରବିଏମ୍ ଆକ୍ଟ ଆଧାରରେ ଋଣ ପରିମାଣ ରାଜ୍ୟ ଜିଡିପିର ୨୫% ମଧ୍ୟରେ ରହିବା ଜରୁରୀ ଥିବାବେଳେ ଓଡ଼ିଶା ଏଦିଗରେ ଭଲ ସ୍ଥିତିରେ ଅଛି ବୋଲି ବଜେଟରେ ସରକାର ଦାବି କରିଛନ୍ତି। ରାଜ୍ୟର ଜିଡିପି ପରିମାଣ ୨୦୨୪-୨୫ରେ ୯.୨୬ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ୮% ହାରରେ ବାସ୍ତବ ଅଭିବୃଦ୍ଧି କରି ୧୦.୬୭ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ଆକଳନ କରାଯାଇଛି। ତେବେ ୨୦୨୪-୨୫ର ସଂଶୋଧିତ ଆକଳନ ଅନୁସାରେ ରାଜ୍ୟର ଜିଡିପି ପରିମାଣର ୯.୪୯ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅଗ୍ରିମ ଆକଳନରୁ ଜଣାପଡ଼ିଛି।




# ଶିକ୍ଷା ଭିତ୍ତିଭୂମି ବୃଦ୍ଧି ଲାଗି ୩୧,୦୦୦ କୋଟି

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୯୬୦ କୋଟି
- ପଞ୍ଚସଖା ଶିକ୍ଷା ସେତୁ ଯୋଜନା ପାଇଁ ୧୪୦ କୋଟି

ଭୁବନେଶ୍ୱର, ୧୭।୨ (ବନ୍ଦନା ସେଠୀ)

ଶିକ୍ଷା ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ରାଜ୍ୟ ସରକାର ଆର୍ଥିକବର୍ଷ ୨୦୨୫-୨୬ରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କ୍ଷେତ୍ର ଲାଗି ୩୧,୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଗତ ବଜେଟ ତୁଳନାରେ ଏହା ୧୮ ପ୍ରତିଶତ ଅଧିକ। ରାଜ୍ୟ ସରକାର ଆଗାମୀ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ କରିବାକୁ ଯାଉଛନ୍ତି। ଏହି କ୍ରମରେ ରାଜ୍ୟରେ ୪୫,୦୦୦ ଶିଶୁବାଟିକା ଖୋଲାଯିବା ନେଇ ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ଶିଶୁ ବାଟିକା ପ୍ରାଥମିକ ବିଦ୍ୟାଳୟ ସହିତ ରହିବ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପିଲାମାନେ କିପରି ମହାପୁରୁଷ ଓ ସଂସ୍କୃତିକୁ ମନେରଖିବେ ସେଥିପାଇଁ ରାଜ୍ୟ ସରକାର ବଜେଟରେ ବ୍ୟବସ୍ଥା କରିଛନ୍ତି।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୯୬୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ବିଦ୍ୟାଳୟ ପଞ୍ଚାୟତସ୍ତରରେ ଖୋଲିବ। ଐତିହ୍ୟ ବିଦ୍ୟାଳୟ ମାଧ୍ୟମରେ ୧୦୦ବର୍ଷରୁ ଅଧିକ ଦିନ ଧରି ପରିଚାଳିତ ହେଉଥିବା ବିଦ୍ୟାଳୟକୁ ସାମିଲ କରାଯାଇଛି। ଏଥିପାଇଁ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବାକୁ ୬୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଅଧୀନରେ ବିଦ୍ୟାଳୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ସରକାର ଏଥିପାଇଁ ୧୪୦କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସରକାର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଯୋଜନାରେ ସାମିଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଧ୍ୟମରେ ହାଇସ୍କୁଲର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ପାଇଁ ସରକାର ୧୯୩କୋଟି ଟଙ୍କାରେ ନବମ ଶ୍ରେଣୀ ପିଲାଙ୍କୁ ସାଇକେଲ ଦେବେ। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ଏଥିପାଇଁ ୧୯୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସରକାର ୧୩୯କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ଉଚ୍ଚଶିକ୍ଷାକୁ ବଜେଟରେ ସ୍ଥାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ, ବେସରକାରୀ ଅନୁଦାନପ୍ରାପ୍ତ କଲେଜର ଭିତ୍ତିଭୂମିପାଇଁ ୩୭୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ମାଧ୍ୟମରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୬୭୦ କୋଟି ଟଙ୍କା ଅଟକଳ ରଖାଯାଇଛି। ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟ (ବ୍ରହ୍ମପୁର, ରେଭେନ୍ସା, ସମ୍ବଲପୁର ଓ ବାରିପଦା)ର ବିକାଶ ପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିବ।

ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା, ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଛାତ୍ରବୃତ୍ତି, ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ଉତ୍ତମ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ପିଲାଙ୍କୁ ବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ମୋଟ ୧୦୫କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ପାଇଁ ୧୦କୋଟି, ଆମ ଗୌରବ ଆମ କଲେଜ ପାଇଁ ୧୦କୋଟି ଏବଂ ମୁଖ୍ୟମନ୍ତ୍ରୀ ଗବେଷଣା ଓ ନବସୃଜନ ଛାତ୍ରବୃତ୍ତି ପାଇଁ ୨୩କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ରାଜ୍ୟର ୫ଟି ବିଶ୍ୱବିଦ୍ୟାଳୟରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ସରକାର ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୪୨୬କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିବେ। ସେହିପରି ସରକାର ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଓ ଅନ୍ୱେଷା ଯୋଜନା ପାଇଁ ମଧ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି।

# ପର୍ଯ୍ୟଟନ ବିକାଶ ପାଇଁ ୮୨୦ କୋଟି

ଓଡ଼ିଶାରେ ଅନେକ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳ ରହିଛି, ସେଗୁଡ଼ିକର ବିକାଶ ହେଲେ ରାଜ୍ୟର ବିକାଶ ସାଧିତ ହୋଇପାରିବ। ରାଜ୍ୟ ସରକାର ଏହାକୁ ହୃଦୟଙ୍ଗମ କରି ପର୍ଯ୍ୟଟନ କ୍ଷେତ୍ରକୁ ବଜେଟରେ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ବଜେଟ ଅଭିଭାଷଣରେ କହିଛନ୍ତି, ରାଜ୍ୟର ଅନନ୍ୟ ଐତିହ୍ୟର ଉପଯୋଗ କରି ସମୁଦାୟଗୁଡ଼ିକୁ ସଶକ୍ତ କରି ଏବଂ ସ୍ଥାୟୀ ପଦ୍ଧତିଗୁଡ଼ିକୁ ଆପଣାଇ ପର୍ଯ୍ୟଟନକୁ ଓଡ଼ିଶାର ଅର୍ଥନୈତିକ ତଥା ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଭୂମିକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭିତ୍ତିଭୂମି ବିକାଶ ଏବଂ ଗୋଷ୍ଠୀ ସଶକ୍ତୀକରଣ ଏବଂ ସ୍ଥାୟୀ ପର୍ଯ୍ୟଟନ ଉପରେ ଧ୍ୟାନ ଦେଇ ୮୨୦ କୋଟି ଟଙ୍କା ବଜେଟରେ ଆବଣ୍ଟନ କରାଯାଇଛି।

### ବିକଶିତ ହେବ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ

ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳର ଏକ ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳ ବିକଶିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପର୍ଯ୍ୟଟନକ୍ଷେତ୍ରରେ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହରର ବୟନଶିଳ୍ପ କଳାର ଚମତ୍କାର ପରମ୍ପରା ସହିତ ସମ୍ବଲପୁରୀ ଲୋକନୃତ୍ୟର ଅନ୍ୟନ୍ୟ ଛାପ ରହିବ।

### ବୌଦ୍ଧ ସର୍କିଟ୍

ଓଡ଼ିଶାରେ ରହିଥିବା ବୌଦ୍ଧ କୀର୍ତ୍ତିରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣକୁ ମଧ୍ୟ ସରକାର ଦୃଷ୍ଟି ଦେବେ। ଉଦୟଗିରି, ରତ୍ନଗିରି ଓ ଲଳିତଗିରିର ପୁନରୁଦ୍ଧାର କରି ଏକ ବୌଦ୍ଧ ସର୍କିଟ ବିକଶିତ କରିବା ପାଇଁ ବଜେଟରେ ସରକାର ବ୍ୟବସ୍ଥା କରିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମିର ସମନ୍ୱିତ ବିକାଶ ଓ ପରିଚାଳନା ପାଇଁ ୩୫୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଦେଓମାଳି, ଧଉଳି, ଚିଲିକା, ଖଣ୍ଡଗିରି-ଉଦୟଗିରି, ଝୁଚିଂ, ସାତକୋଶିଆ ଓ ଶିମିଳିପାଳ ଭଳି ପର୍ଯ୍ୟଟନସ୍ଥଳୀଗୁଡ଼ିକ ପାଇଁ ସମନ୍ୱିତ ଯୋଜନା ପ୍ରସ୍ତୁତ ପୂର୍ବକ ୫ ବର୍ଷ ମଧ୍ୟରେ ତାହାକୁ କାର୍ଯ୍ୟକାରୀ କରାଯିବ।

### ୧୦ ଜିଲାରେ ଐତିହ୍ୟ ଓ ପର୍ଯ୍ୟଟନ କମ୍ପ୍ଲେକ୍ସ

ଗୋପାଳପୁର, ପାରାଦୀପ ଆଦି ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ ମାନ୍ୟତା ପ୍ରଦାନ ପାଇଁ ସରକାର ପଦକ୍ଷେପ ନେବେ। ଦୁଃସାହସିକ କ୍ରୀଡ଼ାର ପ୍ରୋତ୍ସାହନ ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସରକାର ଏକ ଦୁଃସାହସିକ ପର୍ଯ୍ୟଟନ ମାର୍ଗଦର୍ଶିକା ପ୍ରସ୍ତୁତ କରୁଛନ୍ତି। ୧୦ଟି ଜିଲାରେ ଜିଲା ଐତିହ୍ୟ ଓ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣର ମଧ୍ୟ ଲକ୍ଷ୍ୟ ରଖାଯାଇଛି।



### ଚିଲିକାରେ ପକ୍ଷୀ ସଂଗ୍ରହାଳୟ

ଚିଲିକା ହ୍ରଦକୁ ଏକ ସମନ୍ୱିତ ମାଷ୍ଟର ପ୍ଲାନିଂ ଅଧୀନରେ ସ୍ୱତନ୍ତ୍ର ଟ୍ୟୁରିଜମ୍ ଜୋନ୍ ଭାବେ ବିକଶିତ କରାଯିବ। ଚିଲିକାରେ ଏକ ପକ୍ଷୀ ସଂଗ୍ରହାଳୟ ପ୍ରତିଷ୍ଠାର ମଧ୍ୟ ଯୋଜନା ରହିଛି।

### ଜିଲାରୁ ଗଡ଼ିବ ଜଗନ୍ନାଥ ଦର୍ଶନ ବସ୍

ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସୁବିଧା ପ୍ରଦାନ ପାଇଁ ସରକାର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ଜିଲା ସଦର ମହକୁମାରୁ ଶ୍ରୀଜଗନ୍ନାଥ ଦର୍ଶନ ସ୍ୱତନ୍ତ୍ର ବସ୍‌ରେ ଗରିବ ଭକ୍ତମାନେ ମାଗଣାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିପାରିବେ। ଏଥିପାଇଁ ୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

### ଐତିହ୍ୟ, ସ୍ମାରକୀ ବିକାଶ ପାଇଁ ୨୨୫ କୋଟି

ଐତିହ୍ୟ ଓ ସ୍ମାରକୀଗୁଡ଼ିକର ସମନ୍ୱିତ ବିକାଶ ଏବଂ ପର୍ଯ୍ୟଟନସ୍ଥଳର ମୌଳିକ ସୁବିଧା ଯୋଜନା ଅଧୀନରେ ୨୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ କେନ୍ଦୁଝରର ଘଟଗାଁସ୍ଥିତ ମା' ତାରିଣୀ ମନ୍ଦିର ପରିସରର ସମନ୍ୱିତ ବିକାଶ କରାଯିବ। ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ଗାଦିର ବିକାଶ ଓ ଭବ୍ୟ ଶୂନ୍ୟ ମଣ୍ଡପ ନିର୍ମାଣ ପାଇଁ ମଧ୍ୟ ଯୋଜନା ରହିଛି। ଘରୋଇ କ୍ଷେତ୍ର ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ନୀତି ଅଧୀନରେ ୭୦ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ ବ୍ୟବସ୍ଥା କରାଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ ପୂର୍ବରୁ ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ଭେଟି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ କପି ପ୍ରଦାନ କରୁଛନ୍ତି।

# ସମ୍ବଲପୁରୀ ବାନ୍ଧକଳାରେ ତିଆରି ବଜେଟ ପେଡ଼ି

ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)

ବଜେଟରେ ମୁଖ୍ୟମନ୍ତ୍ରୀ ଧରିଥିବା ବ୍ରିଫ୍‌କେଶ୍(ପେଡି) ସମ୍ବଲପୁରୀ ଇକତ୍ (ବାନ୍ଧକଳା) ଡିଜାଇନ୍‌ରେ ପ୍ରସ୍ତୁତ ହୋଇଛି। ଏହି ବ୍ରିଫ୍‌କେଶ୍ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଝିଅ ତଥା ମେୱାର୍ ରାଜପରିବାରର ବୋହୂ ନିଭ୍ରିତି କୁମାରୀ ମେୱାର ତିଆରି କରିଛନ୍ତି। ଉଦୟପୁର ମେୱାର ଓ ବଲାଙ୍ଗୀର ପାଟଣାଗଡ଼ ତନ୍ତ ପରିଚୟ ବହନ କରୁଥିବା ପାରମ୍ପରିକ ହସ୍ତତନ୍ତର ସମ୍ମିଶ୍ରଣରେ ଏହାକୁ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ଉପହାର, ଅଳଙ୍କାର ବାକ୍ସ ପ୍ରସ୍ତୁତି ସଂସ୍ଥା ଭୋଟାରୀ ପକ୍ଷରୁ ଏହାକୁ ଯୋଗାଇ ଦିଆଯାଇଛି। ସୂଚନାଥାଉ କି, ପାରମ୍ପରିକ ବ୍ରିଫକେଶ୍ ସହ ଚଳିତବର୍ଷ ବଜେଟ ଉପସ୍ଥାପନ ନିମନ୍ତେ ସଦସ୍ୟମାନଙ୍କ ପାଇଁ ଟାବ୍‌ଲେଟ୍ ବ୍ୟବସ୍ଥା କରାଯାଇଛି।

# ଭୁବନେଶ୍ୱରରେ ଯାନବାହନ ଭିଡ଼ ରୋକିବାକୁ ୧୩ ହଜାର କୋଟିର ଆବଣ୍ଟନ

ଭୁବନେଶ୍ୱରରେ କ୍ରମବର୍ଦ୍ଧିଷ୍ଣୁ ଯାନବାହନ ଭିଡ଼କୁ ଦୃଷ୍ଟିରେ ରଖି ଗାଡ଼ି ଚଳାଚଳର ପ୍ରବାହକୁ ସହଜ ଏବଂ ସୁଗମ କରିବା ପାଇଁ ରାଜ୍ୟ ସରକାର ଏକ 'ବିସ୍ତୃତ ସିଟି ରୋଡ୍ ଡିକଞ୍ଜେସନ୍ ଯୋଜନା'ର ପରିକଳ୍ପନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୩ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ଭୁବନେଶ୍ୱରର ଆଉଟର ରିଙ୍ଗ୍‌ରୋଡ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯିବ। ଏହାବାଦ୍ ସାରା ରାଜ୍ୟରେ ଯୋଗାଯୋଗର ସୁଦୃଢ଼ୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ 'ରାଜ୍ୟବ୍ୟାପୀ ସଡ଼କ ଉନ୍ନତି ଯୋଜନା' ପ୍ରସ୍ତୁତ କରାଯାଇଛି।

## ରାଜ୍ୟ ରାଜପଥ ହେବ ୪ ଲେନ୍

ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ଉନ୍ନତ ସଡ଼କ ସଂଯୋଗୀକରଣ ପାଇଁ ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ ବିଶିଷ୍ଟ କରାଯିବ। ଏଥିସହ ପ୍ରମୁଖ ଜିଲା ସଡ଼କ ଓ ଅନ୍ୟାନ୍ୟ ଜିଲା ସଡ଼କଗୁଡ଼ିକୁ ଦୁଇ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଏହି ଯୋଜନାରେ ପ୍ରାୟ ୩ ହଜାର କି.ମି. ଦୀର୍ଘ ସଡ଼କ ନିର୍ମାଣ କରାଯିବ। ଏଥିରେ ବ୍ରହ୍ମପୁର-ଜୟପୁର ୬ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଏକ୍ସପ୍ରେସ୍ ୱେକୁ ସାମିଲ କରାଯିବ। ଏହାବ୍ୟତୀତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ, ବନ୍ଦର, ରେଳଷ୍ଟେଶନ ଓ ବିମାନବନ୍ଦରକୁ ୪ ଲେନ୍ ବିଶିଷ୍ଟ ସଡ଼କ ଏବଂ ଶିଳ୍ପପୁଞ୍ଜ ଓ ଖଣି ଅଞ୍ଚଳକୁ ୬ ଲେନ୍ ବିଶିଷ୍ଟ ସଡ଼କ ଦ୍ୱାରା ସଂଯୋଗ କରାଯିବ। ଏଥିନିମନ୍ତେ ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ୬ ହଜାର ୫୦୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

# ଓଡ଼ିଆ ଅସ୍ମିତା ପାଇଁ ବ୍ୟାପକ ଯୋଜନା

ଓଡ଼ିଶାର ପରମ୍ପରାକୁ ବଜାୟ ରଖିବା ସହ ଆମ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ହିଁ ଆମ ଓଡ଼ିଆ ଅସ୍ମିତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟର ଶୃଙ୍ଖଳିତ ବିକାଶ ପାଇଁ ୪୮୨ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ବର୍ଷିଆନ କଳାକାରମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅଧୀନରେ ୧୯୪ କୋଟି ଟଙ୍କା ଏବଂ ସ୍ମାରକୀଗୁଡ଼ିକର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ୧୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ବାଲିଯାତ୍ରା ଓ ଧନୁଯାତ୍ରା ଭଳି ସାଂସ୍କୃତିକ ମହୋତ୍ସବକୁ ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ ସକାଶେ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପୁରୀ ଜିଲା ସତ୍ୟବାଦୀ ବକୁଳ ବନକୁ ଏକ ଐତିହ୍ୟସ୍ଥଳୀ ସହ ଶିକ୍ଷାଧାମ ରୂପେ ବିକଶିତ କରିବା ପାଇଁ 'ବକୁଳ ବନ ଉନ୍ନୟନ' ଯୋଜନାରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

# ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

## ଗୋପବନ୍ଧୁ ଜନଆରୋଗ୍ୟ-ଆୟୁଷ୍ମାନ୍ ଭାରତ: ୪,୪୭୯ କୋଟି

ରାଜ୍ୟ ସରକାର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମସ୍ତ ଯୋଗ୍ୟ ହିତାଧିକାରୀ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ। ଏପରି କି ପ୍ରବାସୀ ଶ୍ରମିକମାନଙ୍କୁ ମଧ୍ୟ ଓଡ଼ିଶା ବାହାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟସେବା ମିଳିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୪,୪୭୯ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ଦେଇଛନ୍ତି।

### ଏନ୍‌ଏଚ୍‌ଏମ୍: ୨,୦୯୧ କୋଟି

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଅଧୀନରେ ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡ ଅନୁଯାୟୀ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା, ମାଗଣା ଔଷଧ ପ୍ରଦାନ, ସିଟି, ଏମ୍‌ଆର୍‌ଆଇ ସମେତ ନିଦାନ ସେବା, ମାଗଣା ଡାଏଲିସିସ୍, ରକ୍ତଦାନ ଓ ଆମ୍ବୁଲାନ୍ସ ସେବା ଉପରେ ବଜେଟରେ ଧ୍ୟାନ ଦିଆଯାଇଛି। ଏହି ଯୋଜନା ଅଧୀନରେ ୨,୦୯୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

### ସ୍ୱାସ୍ଥ୍ୟ ଭିତ୍ତିଭୂମି: ୩,୮୮୧ କୋଟି

ସେହିପରି ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଅଧୀନରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ପାଇଁ ୩,୮୮୧ କୋଟି ଟଙ୍କା ଏବଂ ଆମ ହସ୍ପିଟାଲ ଅଧୀନରେ ୪୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ନିରାମୟ ଯୋଜନାରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମାଗଣା ଔଷଧ ଯୋଗାଇ ଦେବା ପାଇଁ ୧,୧୪୦ କୋଟି ଟଙ୍କାର ପ୍ରସ୍ତାବ ରହିଛି।

### ପରିଷ୍କାର ହସ୍ପିଟାଲ: ୭୯୭ କୋଟି

ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପିପିପି ମୋଡ୍‌ରେ କାର୍ଯ୍ୟକ୍ଷମ ଥିବା ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍ ଯୋଜନାକୁ ୨୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଆନୁଷଙ୍ଗିକ ସେବାକୁ ସୁଦୃଢ଼ କରି ସୁସ୍ଥ ଓ ପରିଷ୍କାର ହସ୍ପିଟାଲ ସୁନିଶ୍ଚିତ କରିବା ପାଇଁ ନିର୍ମଳ ଯୋଜନା ଅଧୀନରେ ୭୯୭ କୋଟି ଟଙ୍କାର ପ୍ରସ୍ତାବ ରହିଛି।

### ଖୁସି ଯୋଜନା: ୧୩୦ କୋଟି

ଖୁସି ଯୋଜନାରେ ଋତୁସ୍ରାବ ପରିଚ୍ଛନ୍ନତା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହାବାଦ୍ ସମସ୍ତ ଟର୍ଟିଆରୀ ଓ ପ୍ରାଇମେରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଖାଦ୍ୟ ଯୋଗାଇବା ପାଇଁ ୯୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ସଶକ୍ତ ମହିଳାଙ୍କଠାରୁ ଆତ୍ମନିର୍ଭରଶୀଳ ଓଡିଶାର ଆରମ୍ଭ



ସଶକ୍ତ ମହିଳାଙ୍କଠାରୁ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଆରମ୍ଭ ହୁଏ। ତେଣୁ ଓଡ଼ିଶା ବଜେଟ-୨୦୨୫ ସୁଭଦ୍ରା ଯୋଜନା ସହିତ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବ। ଏହା ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତାକୁ ସୁନିଶ୍ଚିତ କରୁଥିବାବେଳେ ଏଥିପାଇଁ ବଜେଟରେ ୪,୯୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ସୁଭଦ୍ରା ପ୍ଲସ୍ ପାଇଁ ୧୦,୧୪୫ କୋଟି ଟଙ୍କା ଏବଂ ସୁଭଦ୍ରା ସୁରକ୍ଷା ପାଇଁ ୧୫୩ କୋଟି ସହିତ ଓଡିଶା ମହିଳାଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର ବାଟ ଫିଟିଛି। କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ, ସୁଭଦ୍ରା ସଖୀ ଭଳି ନୂତନ ପଦକ୍ଷେପ ସମଗ୍ର ରାଜ୍ୟରେ ମହିଳାମାନଙ୍କୁ ଆଗକୁ ବଢ଼ାଇବ ଏବଂ ସଶକ୍ତ କରିବ।

**- କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ**

## ଐତିହାସିକ, ଦୂରଦୃଷ୍ଟି ସମ୍ପନ୍ନ ବଜେଟ



ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ବଜେଟ ଐତିହାସିକ ଏବଂ ଦୂରଦୃଷ୍ଟି ସମ୍ପନ୍ନ। ଏହା ଲୋକଙ୍କ ସରକାରର ଦିତୀୟ ବଜେଟ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏହି ବଜେଟ ବିଶେଷ ସହାୟକ ହେବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ବିକାଶ ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହି ବଜେଟ ପ୍ରସ୍ତୁତ କରାଯାଇଛି। ସର୍ବୋପରି ଓଡ଼ିଶାବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସର୍ବୋପରି ଓଡ଼ିଶା ଏବଂ ଓଡ଼ିଆଙ୍କ ବିକାଶ ପାଇଁ ଚଳିତବର୍ଷ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ।

**- ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ**

## ବଜେଟ ରାଶି ଖର୍ଚ୍ଚ ହେବା ଦରକାର



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରୁ ଜଣାପଡୁଛି ଡବଲ ଇଞ୍ଜିନ ସରକାର ବିପରୀତ ଦିଗରେ ଗତି କରୁଛି। ରାଜ୍ୟର ଭାଜପା ସରକାର ଗତ ବଜେଟରେ ଆସିଥିବା ଅନୁଦାନରୁ ଅଧିକାଂଶ ଏଯାଏ ଖର୍ଚ୍ଚ କରିନାହାନ୍ତି। ରାଜ୍ୟ ସରକାର ଏବେ ବିକାଶର ଓଲଟା ଦିଗରେ ଗତି କରୁଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ସମସ୍ତଙ୍କୁ ପ୍ରଭାବିତ କରୁଛି। ଚାଷୀ ହଇରାଣ ହେଉଥିବାବେଳେ ମିଶନ ଶକ୍ତିରେ ମହିଳା କାମ ପାଉନାହାନ୍ତି। ରାଜ୍ୟ ସରକାର ବଜେଟରେ ଏତେ ଟଙ୍କା ଘୋଷଣା କରିବା ବଡ଼ କଥା ନୁହେଁ। ଏହା କାର୍ଯ୍ୟକାରୀ କରିବା ଦରକାର, ଯାହା ରାଜ୍ୟର ବିକାଶ କରିବ। ଏହି ବଜେଟ ଖର୍ଚ୍ଚ ହେବା ଦରକାର। ଆମେ ଏହା ଉପରେ ନଜର ରଖିବୁ।

**-ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା**

## ଋଣ ଉପରେ ନିର୍ଭର କରୁଥିବା ବଜେଟ ରାଜ୍ୟର ବିକାଶ କରିପାରିବ ନାହିଁ



ରାଜ୍ୟ ସରକାରଙ୍କ ବଜେଟ ଏକ ଅସହାୟ ବଜେଟ ଭଳି ପ୍ରତୀୟମାନ ହେଉଛି। ୮ ମାସରେ ୪୪,୪୦୦ କୋଟିର ଋଣ ଭାର କିପରି ହେଲା ? ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ପତନ ଅଭିମୁଖୀ ରହିଛି। ବଜେଟ ସମ୍ପୂର୍ଣ୍ଣଭାବେ ଋଣ ଉପରେ ନିର୍ଭର କରୁଛି। ଋଣ ଉପରେ ନିର୍ଭର କରି ରାଜ୍ୟ କେବେ ବିକାଶ କରିପାରିବ ନାହିଁ। ୧୦ଟି ଆଦିବାସୀ ବହୁଳ ଜିଲାରେ ଯେପରି ଉନ୍ନତିମୂଳକ କାର୍ଯ୍ୟ ହେବା କଥା, ସେସବୁ କରିବାରେ ରାଜ୍ୟ ସରକାର ସକ୍ଷମ ହୋଇନାହାନ୍ତି। ମିଶନଶକ୍ତିରେ ଯେଉଁ ପ୍ରକାର ପ୍ରୋଭିଜନ୍ ଥିଲା, ତାହାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଆଦି ଯୋଜନାର ପରିମାଣ ବହୁତ ହ୍ରାସ କରାଯାଇଛି। ଓଡ଼ିଶାର ଦରବୃଦ୍ଧି ରୋକିବା ପାଇଁ କୌଣସି ମୋଡାଲିଟି କିମ୍ବା ମେକାନିଜମ୍ ନାହିଁ।

**-ଭକ୍ତଚରଣ ଦାସ, ସଭାପତି,**
**ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି,ଓଡ଼ିଶା**

## ସମୃଦ୍ଧ ଓଡ଼ିଶା ଗଠନ ଆକାଂକ୍ଷାକୁ ବାସ୍ତବ ରୂପ ଦେବ ବଜେଟ



ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ପ୍ରଥମଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛି। ଏଥିରେ ୧୬ ନୂତନ ଜନକଲ୍ୟାଣକାରୀ ଯୋଜନା ସହ ୨.୯୦ ଲକ୍ଷ କୋଟି ଟଙ୍କାର ରେକର୍ଡ ପରିମାଣର ବଜେଟ ଆଗତ କରାଯାଇଛି। ମଧ୍ୟବିତ୍ତ, ଅନ୍ନଦାତା, ମହିଳା, ଯୁବକ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଉନ୍ନତ ଜୀବନ ଧାରଣ ମାନ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ସମୃଦ୍ଧ ଓଡ଼ିଶା ଗଠନ ଆକାଂକ୍ଷାକୁ ବାସ୍ତବ ରୂପାୟନ ପାଇଁ ଏହି ବଜେଟରେ ଖସଡ଼ା ପ୍ରସ୍ତୁତ କରାଯାଇଛି। କୃଷି, ପର୍ଯ୍ୟଟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କ୍ରୀଡ଼ା, ଦକ୍ଷତା ବିକାଶ, ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ବିଧାୟକ ପାଣ୍ଠିକୁ ୩ରୁ ୫ କୋଟିକୁ ବୃଦ୍ଧି କରାଯାଇଛି। ଏହା ଏକ ଜନକଲ୍ୟାଣକାରୀ ବଜେଟ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି।

**-ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି**

## ବଜେଟ ଅତ୍ୟନ୍ତ ଉତ୍ସାହଜନକ



ଓଡ଼ିଶା ସରକାରଙ୍କ ଚଳିତ ବଜେଟ୍ ଅତ୍ୟନ୍ତ ଉତ୍ସାହଜନକ ବୋଲି ସୋମବାର ସନ୍ଧ୍ୟାରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟରେ ଗରିବ ଲୋକଙ୍କ ଝିଅମାନଙ୍କ ସମ୍ମାନଜନକ ବିବାହ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କରିବା ଏକ ପ୍ରଭାବଶାଳୀ ପଦକ୍ଷେପ। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଉତ୍ତର ଓଡ଼ିଶା ବିକାଶ ପରିଷଦ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଆଦି ସବୁକୁ ନେଇ ସମଗ୍ର ଅଞ୍ଚଳର ସର୍ବବ୍ୟାପୀ ବିକାଶ ପାଇଁ ଅର୍ଥ ବ୍ୟୟବରାଦ ହୋଇଛି। ବିଧାୟକ ପାଣ୍ଠିକୁ ୩ କୋଟିରୁ ୫ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଖାଲି ପଡିଥିବା ୧ ଲକ୍ଷ ୫୦ ହଜାର ପଦବୀ ପୂରଣ ପାଇ ଯେଉଁ ସଂକଳ୍ପ ନିଆଯାଇଛି, ତାହା ଏକ ବୈପ୍ଳବିକ ଘୋଷଣା ବୋଲି ଏମ୍‌ପି ରୁଦ୍ର ନାରାୟଣ ପାଣି ସୂଚନା ଦେଇଛନ୍ତି।

**-ରୁଦ୍ର ନାରାୟଣ ପାଣି, ଏମ୍‌ପି ଢେଙ୍କାନାଳ**

## ସଙ୍କୁଚିତ ବଜେଟ, ଯୋଜନା ବଢ଼ିଛି



ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଏକ ସଙ୍କୁଚିତ ବଜେଟ ଉପସ୍ଥାପନା କରିଛନ୍ତି। ଗତ ବଜେଟରେ ୧୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏଥର ମାତ୍ର ୧୨ ପ୍ରତିଶତ ବୃଦ୍ଧି ହୋଇଛି। ବଜେଟରେ ଯୋଜନା ସଂଖ୍ୟା ବଢ଼ିଥିଲେ ମଧ୍ୟ ଏଥିରେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ପରିଲକ୍ଷିତ ହେଉଛି। ଆକଳନ ବଜେଟକୁ ସରକାର ଠିକ ମାଧ୍ୟମରେ ଖର୍ଚ୍ଚ କରିପାରୁ ନାହାନ୍ତି। ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଶିକ୍ଷା ଉପରେ ବଜେଟରେ କୌଣସି ଗୁରୁତ୍ୱ ଦିଆଯାଇନାହିଁ।

**-ଡ. ସନ୍ତୋଷ କୁମାର ମହାପାତ୍ର, ସ୍ତମ୍ଭକାର**

## ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ବ୍ୟୟବରାଦ ନୈରାଶ୍ୟଜନକ



ପ୍ରାଥମିକ ଶିକ୍ଷା ଓ ବାଲ୍ୱାଟିକା ପାଇଁ ବଜେଟ ବୃଦ୍ଧି ସ୍ୱାଗତଯୋଗ୍ୟ। ହେଲେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ବ୍ୟୟବରାଦ ନୈରାଶ୍ୟଜନକ। ଶିଳ୍ପ ବିକାଶ ସହ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ନିଯୁକ୍ତି କ୍ଷେତ୍ରରେ ଦକ୍ଷ ଓ ଉଚ୍ଚଶିକ୍ଷିତ ମାନବସମ୍ବଳ ନିତାନ୍ତ ଆବଶ୍ୟକ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଦକ୍ଷତା ବିକାଶ ପାଇଁ ବଜେଟରେ ଅଧିକ ପ୍ରାଧାନ୍ୟ ଦେବାର ଆବଶ୍ୟକତା ଥିଲା।

**- ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଅଭିଭାବକ ମହାସଂଘ**

## ଶିଶୁ, ମହିଳାଙ୍କୁ ଗୁରୁତ୍ୱ ସ୍ୱାଗତଯୋଗ୍ୟ



ମହିଳାଙ୍କ ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର ୧୪୫ କୋଟିର ବ୍ୟୟବରାଦ ସ୍ୱାଗତଯୋଗ୍ୟ । ପୁଷ୍ଟି ମିଶନ ପାଇଁ ୧୦୦ କୋଟିର ବ୍ୟୟ ବରାଦ ଯାହା ଆଗାମୀ ଦିନରେ ରାଜ୍ୟର ଅପପୁଷ୍ଟି ଇଲାକାରେ ବିକଳ ଚିତ୍ରକୁ ରୋକିବାରେ ସହାୟକ ହେବ। ସ୍ୱଚ୍ଛ ଓଡ଼ିଶା ଓ ଆମ ଓଡ଼ିଆ ଭାଷା ପାଇଁ ବ୍ୟୟବରାଦ ମଧ୍ୟ ନିହାତି ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିପିଏଲ୍ ତାଲିକା ଅନ୍ତର୍ଭୁକ୍ତ ଝିଅମାନେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲ ହୋଇ ସମ୍ମାନର ସହ ବିବାହ କରିପାରିବେ, ଯାହା ଦ୍ୱାରା ଝିଅଙ୍କ ସୁରକ୍ଷା ଓ ସମ୍ମାନ ବଜାୟ ରହିପାରିବ।

**- ପ୍ରୀତି ଧଳ, ସାମାଜିକ କର୍ମୀ**

## ଶ୍ରମିକଙ୍କ ବିକାଶ ଲାଗି କିଛି ନାହିଁ



ମୋହନ ସରକାରଙ୍କ ବଜେଟରେ ଶ୍ରମିକଙ୍କ ଲାଗି କିଛି ବ୍ୟବସ୍ଥା ନ ଥିବା ଅତ୍ୟନ୍ତ ଦୁଃଖଦାୟକ। ଅସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି କୌଣସି ଯୋଜନା ହୋଇନାହିଁ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଓଡ଼ିଶା ମାତ୍ର ୯୮ଟଙ୍କା ଦେବା ହାସ୍ୟାସ୍ପଦ କଥା। ଏହି ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଦେବାଲାଗି ବଜେଟରେ ବ୍ୟବସ୍ଥା କରାଯିବାର ଆବଶ୍ୟକତା ଥିଲା। କରୋନା ପରେ କ୍ଷତି ସହିଥିବା ଏମ୍‌ଏସ୍‌ଏମ୍‌ଇ ଲାଗି କୌଣସି ପଦକ୍ଷେପ ନାହିଁ। ଏହି ବଜେଟ ଶ୍ରମିକଶ୍ରେଣୀକୁ ନିରାଶ କରିଛି।

**- ମହେନ୍ଦ୍ର ପରିଡ଼ା,**
**ରାଜ୍ୟ ସାଧାରଣ ସମ୍ପାଦକ,ଏଆଇସିସିଟିୟୁ**

## ନିଯୁକ୍ତି, ଶିଳ୍ପ ବିକାଶ ଲାଗି ଫଳପ୍ରଦ ବ୍ୟବସ୍ଥା ନାହିଁ



ଚଳିତ ରାଜ୍ୟ ବଜେଟରେ ଅନେକ ସ୍ୱାଗତଯୋଗ୍ୟ ପ୍ରସ୍ତାବ ରହିଛି। ହେଲେ ବଜେଟରେ ଦାଦନ ରୋକିବା, ନିଯୁକ୍ତି ସୁଯୋଗ, ଶିଳ୍ପର ବିକାଶ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ବଜେଟରେ ଫଳପ୍ରଦ ବ୍ୟବସ୍ଥା ନାହିଁ। ଉଚ୍ଚଶିକ୍ଷା ବିଭାଗ ଛାତ୍ର ଏବଂ କାର୍ଯ୍ୟରତ ଅଧ୍ୟାପକଙ୍କ ସମସ୍ୟାର ସମାଧାନ ପାଇଁ ଅଧିକ ବ୍ୟୟବରାଦ କରିବାର ଥିଲା।

**- ଡ ମାନସ ବେହେରା, ଶିକ୍ଷାବିତ୍**

## ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ପ୍ରୟାସ



ସମୃଦ୍ଧ ଓ ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ସବୁବର୍ଗର ବିକାଶ ନିମନ୍ତେ ତଥା ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ ପାଇଁ ବଜେଟରେ ପ୍ରୟାସ କରାଯାଇଛି। ଏକ ଲୋକାଭିମୁଖୀ ତଥା ଅଭିବୃଦ୍ଧିଭିତ୍ତିକ ବିକାଶମୁଖୀ ବଜେଟ ଭାବେ ଉପସ୍ଥାପିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିଛନ୍ତି।

**-ଶୁଭେନ୍ଦୁ ମହାନ୍ତି, ପ୍ରାଧାପକ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ**

## କର୍ପୋରେଟ୍‌ଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବ



ରାଜ୍ୟ ସରକାରଙ୍କ ବଜେଟ୍ ମହାକାଳ ଫଳ ସଦୃଶ। ରାଜ୍ୟର ସାଧାରଣ ମଣିଷଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବାରେ ବଜେଟ୍ ସମ୍ପୂର୍ଣ୍ଣ ବିଫଳ। ରାଜ୍ୟରେ ବେକାରି ସମସ୍ୟାର ସମାଧାନ ପାଇଁ ବଜେଟରେ ଅଣଦେଖା କରାଯାଇଛି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ବ୍ୟୟବରାଦ କରାଯାଇପାରିଥାନ୍ତା। ବଜେଟରେ ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି। ଏହି ବଜେଟ କର୍ପୋରେଟଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବ।

**-ଆଶିଷ କାନୁନ୍‌ଗୋ,**
**ରାଜ୍ୟ ସମ୍ପାଦକ, ସିପିଆଇ**

---

**Business**

# ଆଣବିକ ଶକ୍ତି ସମ୍ପ୍ରସାରଣରେ ନିବେଶ କରିବ ଏନ୍‌ଟିପିସି

### ୩୦ ଜିଡବ୍ଲ୍ୟୁ ପାଇଁ ୬୨ ବିଲିଅନ ଡଲାର ଆକଳନ

ନୂଆଦିଲ୍ଲୀ,୧୭।୨

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ କମ୍ପାନୀ ତଥା ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି ଲିମିଟେଡ) ଆଣବିକ ଶକ୍ତି ସମ୍ପ୍ରସାରଣ କ୍ଷେତ୍ରରେ ନିବେଶ କରିବ ବୋଲି ଘୋଷଣା କରିଛି। ଏପରିକି କମ୍ପାନୀ ଆଗାମୀ ୨୦ ବର୍ଷ ବା ୨ ଦଶନ୍ଧି ମଧ୍ୟରେ ୩୦ ଗିଗାୱାଟ (ଜିଡବ୍ଲ୍ୟୁ) ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି ସହ ପ୍ରାୟ ୬୨ ବିଲିଅନ ଡଲାର ନିବେଶ କରିବ ବୋଲି ଏନ୍‌ଟିପିସି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଦେଶର ପ୍ରମୁଖ ଶକ୍ତି ଉତ୍ପାଦକ, ଯାହା ମୁଖ୍ୟତଃ କୋଇଲା ଆଧାରିତ ପ୍ଲାଣ୍ଟ ଚଳାଉଛି, ଏପରି ଏକ ଦେଶରେ ନିଜର ମହତ୍ୱାକାଂକ୍ଷୀ ଯୋଜନା ପାଇଁ ଜମି ଖୋଜୁଛି



ଯେଉଁଠାରେ ଏପରି ପ୍ରକଳ୍ପ ପ୍ରତି ସ୍ଥାନୀୟ ବିରୋଧ ଅଧିକ ଏହି ବିଷୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଥିବା ସୂତ୍ରଗୁଡ଼ିକ କହିଛନ୍ତି। ସୂତ୍ର ଅନୁଯାୟୀ, ଏନ୍‌ଟିପିସି ୧୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଥିଲା। କିନ୍ତୁ ଚଳିତ ମାସରେ ସରକାର ଏହି କ୍ଷେତ୍ରକୁ ବିଦେଶୀ ଏବଂ ଘରୋଇ ନିବେଶ ପାଇଁ ଖୋଲିବାର ଯୋଜନା ଘୋଷଣା କରିବା ପରେ କମ୍ପାନୀ ଏହି ଲକ୍ଷ୍ୟକୁ ୩ ଗୁଣ ବୃଦ୍ଧି କରିଛି। ଏନ୍‌ଟିପିସି ଭାରତର ଆଣବିକ ଶକ୍ତି ଯୋଜନାକୁ ଠିକ୍ କରୁଛି। ସେହିପରି ନେତୃତ୍ୱ ନେବାକୁ ଯୋଜନା କରୁଛି ଯେପରି ଏହା ତାପଜ କ୍ଷେତ୍ରରେ କରିଥିଲା। ଅପରପକ୍ଷରେ ଭାରତ ୨୦୩୦ ସୁଦ୍ଧା ୫୦୦ ଜିଡବ୍ଲ୍ୟୁ ଅଣ-ଜୀବାଶ୍ମ ଇନ୍ଧନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ଥାପନ କରିବାକୁ ପ୍ରତିବଦ୍ଧ ଏବଂ ୨୦୪୭ ସୁଦ୍ଧା ଅତି କମ୍‌ରେ ୧୦୦ ଜିଡବ୍ଲ୍ୟୁ ଆଣବିକ କ୍ଷମତା ହାସଲ କରିବାକୁ ଚାହୁଁଛି। ରାଷ୍ଟ୍ରାୟତ୍ତ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ବର୍ତ୍ତମାନ ଦେଶର ପ୍ରାୟ ୮ ଜିଡବ୍ଲ୍ୟୁ କ୍ଷମତାର ଏକମାତ୍ର ଅପରେଟର ହୋଇଥିଲାବେଳେ ୨୦୩୨ ସୁଦ୍ଧା ଏହାକୁ ୨୦ ଜିଡବ୍ଲ୍ୟୁକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଏନ୍‌ଟିପିସି ପୂର୍ବରୁ ଦୁଇଟି ୨.୬ ଜିଡବ୍ଲ୍ୟୁ ଆଣବିକ ଶକ୍ତି କେନ୍ଦ୍ର ନିର୍ମାଣ କରୁଛି, ଗୋଟିଏ ମଧ୍ୟପ୍ରଦେଶରେ ଏବଂ ଅନ୍ୟ ଗୋଟିଏ ରାଜସ୍ଥାନରେ ରହିଛି।ସୂତ୍ର ଅନୁଯାୟୀ,ଜନସାଧାରଣଙ୍କ ବିରୋଧ ଏବଂ ଅଧିଗ୍ରହଣ ସମସ୍ୟା ଦେଶର ପରମାଣୁ ଶକ୍ତି ମହତ୍ୱାକାଂକ୍ଷାକୁ ବାଧା ଦେବା ପରେ ଏହା ୨୭ଟି ସ୍ଥାନରେ ବିସ୍ତୃତ ଅଧ୍ୟୟନ ପାଇଁ ଆଠଟି ରାଜ୍ୟରେ ଜମି ପାଇଁ ଶୀଘ୍ର ଅନୁମୋଦନ ପାଇବା ପ୍ରକ୍ରିୟାରେ ଅଛି ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଅନ୍ତର୍ଭୁକ୍ତ ରହିଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୭।୨

କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାର ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮ (୫୭.୬୫) ପଏଣ୍ଟ ବଢି ୭୫,୯୯୭ (୭୫,୯୯୬.୮୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୨୫) ପଏଣ୍ଟ ବୃଦ୍ଧି ଘଟି ୨୨,୯୫୯ (୨୨,୯୫୯.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ଏଲ୍‌ଆଇସି ମାର୍କେଟ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ମୁମ୍ବାଇ,୧୭।୨

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ସେବା ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ କଟିଂ-ଏଜ୍ ମାର୍କେଟିଂ ଟେକ୍ନୋଲୋଜି (ମାର୍ ଟେକ୍) ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିଗମର ଏହି ସେବା ପ୍ରଥମ ଐତିହାସିକ ମାଇଲଷ୍ଟୋନ ହାସଲ କରିଛି। ଏଲ୍‌ଆଇସିର ପ୍ରକଳ୍ପ ଡାଇଭ-ଏଲ୍‌ଆଇସି ଅଧୀନରେ ଏହି ସେବାର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ନୂତନ ସେବା ତଥା ମାର୍ ଟେକ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସେବା ଆମ ଯାତ୍ରାର ଏକ ମାଇଲଖୁଣ୍ଟ ହୋଇଥିଲାବେଳେ



ସିଦ୍ଧାର୍ଥ ମହାନ୍ତି

ଡିଜିଟାଲ ଟ୍ରାନ୍ସଫରମେଶନ ଦିଗରେ ଯାତ୍ରା ଆରମ୍ଭ କରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଏହି ସେବା ଉଭୟ ନିଗମ ଓ ଗ୍ରାହକଙ୍କ ଆବଶ୍ୟକତା ଓ ସମୟ ରକ୍ଷା ଦିଗରେ ବେଶ ସହାୟକ ହେବ। ଏହା ଜରିଆରେ ଗ୍ରାହକ ଏବଂ କର୍ମଚାରୀ ଗୁଣାତ୍ମକ ସେବା ଓ ସୁବିଧା ପାଇପାରିବେ ବୋଲି ମହାନ୍ତି କହିଛନ୍ତି।

# ଜେଇଇ ମେନ୍‌ରେ ଫିଜିକ୍ସୱାଲାର ବାଜିମାତ୍

ଭୁବନେଶ୍ୱର,୧୭।୨

ଜେଇଇ ମେନ୍ ୨୦୨୫ ସେସନ-୧ ପରୀକ୍ଷା ଫଳାଫଳରେ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଏହି ଫଳାଫଳରେ ପିଡବ୍ଲ୍ୟୁର ୪ଜଣ ଛାତ୍ର ରାଜ୍ୟ ଟପ୍ପର ହୋଇଛନ୍ତି। ଏହି ଟପ୍ପରଙ୍କ ମଧ୍ୟରୁ ଗୁଜରାଟର ଜଣେ ଛାତ୍ର ୧୦୦% ମାର୍କ ରଖିଥିବାବେଳେ ମୋଟ ୬୧୨ ଜଣ ଛାତ୍ର ୯୯.୫%ରୁ ଅଧିକ ମାର୍କ ରଖିଛନ୍ତି। ସେହିଭଳି ୧୩୫୯ରୁ ଅଧିକ ଛାତ୍ର ୯୯%ରୁ ଅଧିକ ମାର୍କ ଏବଂ ୩୫୪୮ରୁ ଅଧିକ ଛାତ୍ର ୯୮%ରୁ ଅଧିକ ମାର୍କ ହାସଲ କରିଛନ୍ତି। ସେହିପରି ଜେଇଇ ମେନ୍ ୨୦୨୫ ସେସନ୧ ଫଳାଫଳରେ ଫିଜିକ୍ସୱାଲାର ଭୁବନେଶ୍ୱର ସେଣ୍ଟରରୁ ୫ଜଣ ଛାତ୍ର ବିଜୟ ଲେଙ୍କା (୯୯.୮୪%), ବିଶ୍ୱଜିତ ଭୂୟାଁ (୯୯.୫୨%) ଏବଂ ଯଶ୍ ଅଗ୍ରୱାଲ (୯୯.୧୧%) ସ୍କୋର ହାସଲ କରିଛନ୍ତି।

ପିଡବ୍ଲ୍ୟୁର କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪ଜଣ ରାଜ୍ୟ ଟପ୍ପର ସହ ଉଲ୍ଲେଖନୀୟ ସ୍କୋର ଏବଂ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୁଜରାଟର ଶିବେନ ବିକାଶ ତୋସନିୱାଲ ୧୦୦% ମାର୍କ ହାସଲ କରିଥିବାବେଳେ ମିଜୋରାମର ଇଶାନ୍ତ ବର୍ମା ୯୯.୫୭%, ଅରୁଣାଚଳ ପ୍ରଦେଶର ପ୍ରଣୟ କୁମାର ରୟ ୯୯.୩୮% ଏବଂ ଜମ୍ମୁକଶ୍ମୀରର କାମରନ ବିଲାଲ ଭଟ୍ଟ ୯୯.୮୯% ମାର୍କ ହାସଲ କରିଛନ୍ତି।

ଏ ସମ୍ପର୍କରେ ପିଡବ୍ଲ୍ୟୁର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଭଲ ପ୍ରଦର୍ଶନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର କଠିନ ପରିଶ୍ରମର ଫଳ ମିଳିଛି। ମୁଁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏପରିକି ଆଶା ଅନୁଯାୟୀ ଫଳାଫଳ ପାଇ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଖୁବ୍ ଗର୍ବିତ। ତେଣୁ ନିରନ୍ତର ରିଭିଜନ କରିବା ଏବଂ ସେସନ ୧ ପେପରଗୁଡିକୁ ଅଭ୍ୟାସ କରିବା ଉପରେ ଧ୍ୟାନ ଦିଅ, କାରଣ ପରୀକ୍ଷାର ଜଟିଳତାର ସ୍ତର ସମାନ ରହିବ।

# ବେଦାନ୍ତ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ

ଭୁବନେଶ୍ୱର,୧୮।୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ 'ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ବା ଏଏଏଫ୍' ଏବଂ ରାୟଗଡ଼ା ଜିଲା ପ୍ରଶାସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ରାୟଗଡ଼ା ଜିଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ଫାଉଣ୍ଡେଶନ ରାୟଗଡ଼ା ଏବଂ କାଶୀପୁର ବ୍ଲକ୍‌ର ୧୦୦ଟି ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଅତ୍ୟାଧୁନିକ କେନ୍ଦ୍ରରେ ପରିଣତ କରାଯିବ । ସେହିଭଳି ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ଉଭୟ ଏଏଏଫ୍‌ର ଅଧିକାରୀ ଏବଂ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି, ଜିଲା ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।



ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ଉଭୟ ଏଏଏଫ୍ ଏବଂ ରାୟଗଡ଼ା ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ପ୍ରଥମ ପର୍ଯ୍ୟାୟରେ କାଶୀପୁର ବ୍ଲକ୍‌ର ୧୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ ସହିତ ଶିଶୁମାନଙ୍କର ପ୍ରାକ୍ ଶୈଶବର ବିକାଶ ପାଇଁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ରାୟଗଡ଼ା ବ୍ଲକ୍‌ର ଅବଶିଷ୍ଟ ୮୫ଟି କେନ୍ଦ୍ରକୁ ବିକାଶ କରାଯିବ। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଗୋଷ୍ଠୀଗତ ବିକାଶ ପ୍ରତି ସମର୍ପିତ ଅଛୁ। ଯାହା ବେଦାନ୍ତର ମୂଳ ମୂଲ୍ୟବୋଧ ଉପରେ ଆଧାରିତ ରହିଛି, ଯାହା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଥାଏ।

ବିଶେଷକରି ନନ୍ଦଘର କାର୍ଯ୍ୟକ୍ରମ,ଯାହା ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପ୍ରକଳ୍ପ, ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାର ମୂଳଦୁଆକୁ ମଧ୍ୟ ମଜଭୁତ କରିଥାଏ । ରାୟଗଡ଼ାର ଜିଲା କର୍ତ୍ତୃପକ୍ଷଙ୍କ ସହ ଭାଗୀଦାରିକରି ଆମେ ବେଶ୍ ଉତ୍ସାହିତ ଅଛୁ।

# କୁଶଳ ବିଶ୍ୱାସଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର,୧୭।୨

ସେଞ୍ଚୁରିଅନ ୟୁନିଭର୍ସିଟି (ସିୟୁ)ର ସ୍କୁଲ ଅଫ୍ ଲ ଡିପାର୍ଟମେଣ୍ଟ ପକ୍ଷରୁ 'ଆଇନ ଅଧ୍ୟୟନ ଏବଂ ଅଭ୍ୟାସରେ ଉଦୀୟମାନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏକ ଆଲୋଚନାଚକ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍କିକ୍ ଫର୍ ଆନିମାଲର ପ୍ରତିଷ୍ଠାତା କୁଶଳ ବିଶ୍ୱାସଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଆଲୋଚନାଚକ୍ରର ପ୍ରଥମ ଅଧିବେଶନକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ବିକଶିତ ଆଇନ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବିଚାରପତି ଏମ୍.ଏସ୍.ରମଣ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ତ୍ତା ପ୍ରଦାନ କରିଥିଲେ। ଆଲୋଚନାଚକ୍ରର ଶେଷ ଅଧିବେଶନରେ ଆଇନମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ମାନବାଧିକାର କ୍ଷେତ୍ରରେ ଉଦୀୟମାନ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ଆଇନଗତ ଶିକ୍ଷାବିକଶିତ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦୀୟମାନ ଆଇନଗତ ଧାରା ଏବଂ ଚ୍ୟାଲେଞ୍ଜ ଉପରେ ଆଲୋଚନା କରିଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟର ଡିନ୍ ପଲ୍ଲବ ଦାସ ସାଇବର ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ଆଇନଗତ ସମସ୍ୟାଗୁଡ଼ିକର ସମାଧାନ ଏବଂ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଅବସରର ୧୧ବର୍ଷ ପରେ ବି ମିଳୁନି ପେନ୍‌ସନ୍

## ୪ ସପ୍ତାହରେ ସମାଧାନ କରଃ ହାଇକୋର୍ଟ



**କଟକ,୧୭।୨ (କାର୍ତ୍ତିକ ସାହୁ)**

ସରକାରୀ ଚାକିରିରୁ ଅବସର ଗ୍ରହଣର ୧୧ବର୍ଷ ପରେ ବି ଜଣେ ଦିବ୍ୟାଙ୍ଗ ବୃଦ୍ଧା ନିୟମିତ ପେନ୍‌ସନ୍ ପାଉନାହାନ୍ତି। ରାଜ୍ୟ ସରକାରଙ୍କ ଉପରେ ତାଙ୍କର ବହୁ ଅର୍ଥ ପଡ଼ି ରହିଥିବାବେଳେ ନିଜ ଚିକିତ୍ସା ପାଇଁ ସେ ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି। ଏନେଇ ହାଇକୋର୍ଟ ପ୍ରାୟ ୧୦ମାସ ତଳେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ଦେଇଥିବା ନିର୍ଦ୍ଦେଶ ପାଳନ କରାଯାଉ ନ ଥିବାରୁ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି।

ଏହାର ସମାଧାନ ୪ ସପ୍ତାହ ମଧ୍ୟରେ କରା ନ ଗଲେ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛନ୍ତି ବୋଲି ଧରି ନିଆଯାଇ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, କଟକ ଜିଲା ସାଲେପୁର ଅଞ୍ଚଳର ଜାନକୀ ଦାସ ନାମ୍ନୀ ଦିବ୍ୟାଙ୍ଗ ମହିଳା ୩୧ ବର୍ଷ ଧରି କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଅପ୍‌ଥାଲମିକ୍ ଆସିଷ୍ଟାଣ୍ଟ ଭାବେ କାମ କରି ୨୦୧୪ରେ ଅବସର ଗ୍ରହଣ କରିଥିଲେ। ଏହି ମହିଳା ଜଣକ ଅବିବାହିତା। ତାଙ୍କର ବେତନ ନିର୍ଦ୍ଧାରଣ ଠିକ୍ ଭାବେ କରାଯାଇନାହିଁ କିମ୍ବା ଉଦ୍ଦେଶ୍ୟମୂଳକ ବଦଳି ଆଦେଶ ପରିବର୍ତ୍ତନ ହେବା ପରେ ଅନୁପସ୍ଥିତି ସମୟକୁ ନିୟମିତ କରାଯାଇନାହିଁ। ଏଥିଯୋଗୁ ତାଙ୍କୁ ନିୟମିତ ପେନ୍‌ସନ୍ ସମେତ ଆଉ କେତେକ ଅବସରକାଳୀନ ପ୍ରାପ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଚାକିରି କାଳ ଭିତରେ ଓ ଅବସର ଗ୍ରହଣ ପରେ ଆବେଦନକାରୀ ସମସ୍ୟା ସଂକ୍ରାନ୍ତରେ ତଳୁ ଉପର ପର୍ଯ୍ୟନ୍ତ ବହୁ ଅଧିକାରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖଙ୍କ ନିକଟରେ ସେ ଗୁହାରି କରିଥିଲେ। ସେ ଏକୁଟିଆ ଯିବାଆସିବା କରିବା ସ୍ଥିତିରେ ନ ଥିବାରୁ ସବୁବେଳେ ତାଙ୍କୁ ଅନ୍ୟର ସହାୟତା ନେବାକୁ ପଡୁଛି। ଅଥଚ ତାଙ୍କ ବେତନ ନିର୍ଦ୍ଧାରଣ, ଛୁଟି ମଞ୍ଜୁରୀ ଓ ନିୟମିତ ପେନ୍‌ସନ୍ ପ୍ରଦାନ କରାଯାଇପାରୁ ନାହିଁ। ୨୦୨୩ ଫେବୃଆରୀରେ ବହୁ ନିବେଦନ ପରେ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆବେଦନକାରୀଙ୍କ ପେନ୍‌ସନ୍ ସମ୍ପର୍କିତ କାଗଜପତ୍ର ନିର୍ଦ୍ଦେଶାଳୟକୁ ପଠାଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ ସେ ବାଧ୍ୟ ହୋଇ ନ୍ୟାୟ ପାଇଁ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ହାଇକୋର୍ଟ ଗତବର୍ଷ ଏପ୍ରିଲ ୨୨ ତାରିଖରେ ଏହି ମାମଲାର ବିସ୍ତୃତ ଶୁଣାଣି କରି ତାଙ୍କ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ବି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଜାନକୀଙ୍କ ସମସ୍ୟା ସମାଧାନ ନ ହେବାରୁ ସେ ପୁଣିଥରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ କୁମାର ସିଂହ ଓ ଅମିୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।

# ଆଜି ସୁପ୍ରିମକୋର୍ଟରେ ଆଲ୍ଲାହାବାଦିଆଙ୍କ ଆବେଦନର ଶୁଣାଣି

## ଜେରା ପାଇଁ ସମନ କଲା ମହାରାଷ୍ଟ୍ର ସାଇବର ସେଲ୍

**ନୂଆଦିଲ୍ଲୀ, ୧୭।୨**

ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟରେ ମା'ବାପାଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ମାମଲାରେ ବିଶ୍ୱର ବାଇସେପ୍ସ ଭାବେ ପରିଚିତ ଲୋକପ୍ରିୟ ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କୁ ସୋମବାର ମହାରାଷ୍ଟ୍ର ସାଇବର ସେଲ୍ ସମନ୍ ଜାରି କରିଛି। ପଚରାଉଚରା ପାଇଁ ଆସନ୍ତା ୨୪ରେ ମହାରାଷ୍ଟ୍ର ସାଇବର ସେଲ୍ କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ ମହାରାଷ୍ଟ୍ର ଓ ଆସାମ ସମେତ ବିଭିନ୍ନ ରାଜ୍ୟରେ ତାଙ୍କ ବିରୋଧରେ ଦାୟର ହୋଇଥିବା ମାମଲାଗୁଡ଼ିକୁ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର କରିବା ଦାବିରେ ଆଲ୍ଲାହାବାଦିଆଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ତାଙ୍କ ଓକିଲ ଅଭିନବ ଚନ୍ଦ୍ରଚୂଡ଼ ଏକ ଆବେଦନ କରିଥିଲେ। ସୁପ୍ରିମକୋର୍ଟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ଆବେଦନର ଶୁଣାଣି କରିବେ। ତେବେ ଆମେରିକାରେ ଥିବା ଦର୍ଶାଇ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଜେରାରେ ସାମିଲ ହେବା ପାଇଁ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟର ହୋଷ୍ଟ ତଥା ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କ ଅନୁରୋଧକୁ ସୋମବାର ମହାରାଷ୍ଟ୍ର ସାଇବର ସେଲ୍ ପ୍ରତ୍ୟାଖ୍ୟାନ କରିଛି। ଆସନ୍ତା ଫେବୃଆରୀ ୧୮ରେ ମହାରାଷ୍ଟ୍ର ସାଇବର ସେଲ୍ କାର୍ଯ୍ୟାଳୟରେ ହାଜର ହୋଇ ମାମଲାରେ ନିଜ ବୟାନ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ମାମଲାରେ ୪୨ ଜଣଙ୍କୁ ସମନ କରାଯାଇଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କ ବୟାନ ରେକର୍ଡ କରାଯାଇଛି।

# ୪୧ ପୂର୍ବ ପୋଲିସ ଅଧିକାରୀଙ୍କୁ ଗିରଫ କଲା ବାଂଲାଦେଶ

**ଢାକା, ୧୭।୨:** ବାଂଲାଦେଶରେ ୪୧ ଜଣ ପୂର୍ବତନ ପୋଲିସ ଅଧିକାରୀଙ୍କୁ ସୋମବାର ଗିରଫ କରାଯାଇଛି। ଗତ ବର୍ଷ ଜୁଲାଇ ଏବଂ ଅଗଷ୍ଟ ମାସରେ ଦେଶରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ବିରୋଧରେ ଚାଲିଥିବା ଛାତ୍ର ଆନ୍ଦୋଳନରେ ପୋଲିସ ଛାତ୍ରମାନଙ୍କ ଉପରେ ବଳ ପ୍ରୟୋଗ କରି ସେମାନଙ୍କୁ ଅତ୍ୟାଚାର କରିଥିବା ନେଇ ଅଭିଯୋଗ ରହିଛି। ଏହି ଅଭିଯୋଗ ଅନୁଯାୟୀ, ୧୦୫୯ ଜଣ ପୂର୍ବତନ ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ଏବଂ ସେଥିମଧ୍ୟରୁ ୪୧ ଜଣଙ୍କୁ ଗିରଫ କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ଉକ୍ତ ଆନ୍ଦୋଳନରେ ୧,୪୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହି ଆନ୍ଦୋଳନ ଉଗ୍ର ରୂପ ନେବା ପରେ ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତର ଶରଣ ନେବାକୁ ବାଧ୍ୟ ହୋଇଥିଲେ।


## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada
"e" Procurement Notice for Road Work
Identification No.-Online Tender-Road N.C.B. No.368 for 2024-25
Letter No.584/ Date 15.02.25

**No.O-1491:** Name of the Work: Post DLP Maintenance of PMGSY Road Works in the District of Mayurbhanj for the year 2024-25. 2. Total No. of Work: 05 Nos. (Five). 3. Estimated Cost: Rs.38.72 Lakhs to Rs.329.48 Lakhs (Approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.368 | Dt.20.02.2025 at 11.00 A.M. | Dt.06.03.2025 upto 5.00 P.M. | Dt.04.03.2025 upto 5.00 P.M. | Dt.07.03.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum / Addendum will be displayed in the above e_tender website only.

OIPR-25130/11/0019/2425 Sd./-Chief Construction Engineer, R.W.Circle, Baripada

## କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

No.CAD-2602:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-11ରେ ପ୍ଲଟ ନଂ.-11-4C/1394ଟିକୁ ଶ୍ରୀମତୀ ଅଲିଭା ନାୟକ, ସ୍ୱାମୀ-ଶ୍ରୀ ସମ୍ବିତ କେଶରୀ ନାୟକ, ସା-ପ୍ଲଟ ନଂ.-446, ସହିଦ ନଗର, ଭୁବନେଶ୍ୱର, ପୋ/ଥା-ସହିଦ ନଗର, ଜିଲ୍ଲା-ଖୋର୍ଦ୍ଧା-751007ଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଲିଭା ନାୟକ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦିଲ୍ଲୀପ କୁମାର ମହାନ୍ତି, ପିତା-୰ ମଧୁସୂଦନ ମହାନ୍ତି, ସା-କେଶରପୁର କେନାଲ ରୋଡ୍, ପୋ-ବକ୍ସି ବଜାର, ଥା-ମଙ୍ଗଳାବାଗ, ଜିଲ୍ଲା-କଟକ-753001ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13037/11/0163/2425 ସ୍ୱା./-ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

## State Health Assurance Society

A 1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar- 751007, Odisha
Phone/Fax: 0674-2620500

Tender Advt. No. 03/2025 Date: 18.02.2025

**REQUEST FOR PROPOSAL (RFP) FOR PRINTING & SUPPLY OF ABPMJAY-GBJAY CARDS**

No.E- Sealed proposals are invited from eligible bidders for Printing & Supply of AB-PMJAY- GBJAY Cards. The intending bidder may download the RFP document from the website www.nhmodisha.gov.in (under Link: "Tender")
The bid schedule is as mentioned below:

| Date & Time of Pre-Bid Meeting | Last date & time of submission of bid | Date & Time of Opening of Bid |
|---|---|---|
| 21.2.2025, 3.30 PM | 27.2.2025, 3 PM | 27.2.2025, 4 PM |

Any amendments in above RFP due to decision in pre-bid meeting shall only be notified in the website mentioned above. The sealed proposals should reach the office of the undersigned by courier / registered post or may be dropped in the tender box, on or before the stipulated date & time of bid submission mentioned above.
The undersigned reserves the right to reject any or all the proposals or cancel the bid without assigning any reason thereof.

Sd./- Chief Executive Officer
State Health Assurance Society, Odisha
OIPR-10001/11/0036/2425

## OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WILDLIFE), RAJNAGAR

Dist - Kendrapara, Odisha, India - 754225
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ)
ରାଜନଗର, ଜିଲ୍ଲା - କେନ୍ଦ୍ରାପଡ଼ା
Tel : 06729-242460, Control Room : 06729-242463,
E-mail : dfo.rajnagarwl@odisha.gov.in / dforajnagar1990@gmail.com

EOI No.03//2024-25 Dt.15.02.2025

**Invitation of Expression of Interest (EoI) for production of one no. of awareness films on tidal ecosystem and associated flora and fauna of Bhitarkanika Wildlife Sanctuary of Odisha.**

**No.MM-489** : Divisional Forest Officer, Mangrove Forest Division (Wildlife), Rajnagar, Kendrapara, Odisha invites application from agencies for production of one no of approx.30 minutes World class documentary film and their shorter versions /promos in English & Odia on the tidal ecosystem and associated flora and fauna of Bhitarkanika Wildlife Sanctuary, adjoining areas and Gahirmatha (Marine) Wildlife Sanctuary of Mangrove Forest Division (Wildlife), Rajnagar, Kendrapara, Odisha. The major focus of the documentary film will be on fauna like Irrawaddy Dolphins, Salt Water Crocodile, Horse Shoe Crabs, Mudskippers and different species of birds including Mangrove Pitta which are endemic to the mangrove ecosystem and flora including major species of Mangroves and their morphological characteristics. The film(s) are proposed to be aired on different commercial / free to air, TV Channels as well as for sharing at different platforms in India and abroad. Agencies having experience of production of films as described in the EoI document only need to apply.

Agencies fulfilling the eligibility criteria may submit their applications to Divisional Forest Officer, Mangrove Forest Division (Wildlife),Rajnagar, Kendrapara, Odisha, latest by **5.00 P.M. on dt.24/02/2025**, as per the EoI document. The Technical Bids shall be opened on **dt.25.02.2025 at 4.00 P.M.** The detailed EoI is available on website **https://forest.odisha.gov.in/ or https://odishaforest.in/.**

Sd./- Divisional Forest Officer
Mangrove Forest Division (Wildlife), Rajnagar
OIPR-08053/11/0022/2425

## Government of Odisha

Department of Agriculture & Farmers Empowerment, Directorate of Agriculture & Food Production, Odisha, Bhubaneswar.
**Notice No.DE/AGR/60/SLTC/Date./15/02/2025**

**No.L-170 : Expression of Interest for empanelment/approval of Manufacturers and Make & Model of improved Implements, Equipment and Machinery relating to Agriculture, Fisheries & Animal Resource Development Sector for 2024-25, 2ND phase for popularization under different schemes of Government of Odisha**

Expression of Interest (EoI) is invited from manufacturing firms/source companies for enlisting improved and advanced implements, equipment and machinery relating to **Agriculture, Fisheries & Animal Resource Development Sector** for popularization through subsidized sale in the State of Odisha under various programmes of State and Central Government. **Offers should be submitted online only at the link https://ofmrdc.odisha.gov.in to the Development Engineer, OFMRDC, Satyanagar, Bhubaneswar-751007. Offers through online mode will be received up to 5:00 P.M. of 24.03.2025 failing which offers will not be considered for empanelment by SLTC**. The authority is not responsible for any technical glitch at the last moment. The online request from the manufacturers for enlistment/empanelment of their products during 2024-25 (2ND Phase) without required authenticated documents and not fulfilling the stipulated terms and conditions will not be taken into consideration and will be liable for rejection. **The authority reserves the right to reject/ cancel the offer in full or part without assigning any reasons thereof**. The detail terms and conditions can also be obtained from the Govt. website **https://www.odisha.gov.in** and **https://agrisnetodisha.ori.nic.in** and **https://ofmrdc.odisha.gov.in**

**MAJOR EVENTS UNDER THE EOI PROCESS :**

| | | |
|---|---|---|
| 1 | Date of issue of EOI : | 18.02.2025 |
| 2 | Pre-bid meeting and Orientation at OFMRDC Conference hall : | 25.02.2025 at 11.00 A.M. |
| 3 | Last date for online submission of manufacturer profile (Sign Up, Registration and Uploading of documents w.r.t. manufacturer profile) | 12.03.2025 at 5.00 P.M. |
| 4 | Approval of manufacturer profiles | 20.03.2025 |
| 5 | Last date of submission of EOI in online mode (Adding of Implements, technical specification and uploading of relevant documents) : | **24.03.2025 at 5.00 P.M.** |
| 6. | Date of opening of EoI | 26.03.2025 at 11.00 A.M. in the Conference Hall of OFMRDC |

NB : 1. After approval of manufacturer profile, Manufacturers shall be able to add implements in the online portal.
2. All the uploaded documents must be legible or else the applications shall be rejected.
3. For any query and clarification during application, please contact
i. Sri Manoj Ku. Dash, NIC (Mobile No. - 7008352395)
II. Sri Sudhansu Sekhar Nayak, AAE, OFMRDC (Mobile No. - 9439261045)

Address for further Communication
Development Engineer, OFMRDC, Satya Nagar, Bhubaneswar-751007, Email : ofmrdc.dag@nic.in

Sd./- Director of Agriculture & Food Production, Odisha
Bhubaneswar
OIPR-01051/11/0006/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KESINGA

E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-06/24-25

**No.O-1497:** 1. Name of Works: Road & Building Works (As per annexure). 2. Total No. of Work: 8 Nos. 3. Estimated Cost: Rs.2.52 Lakhs to Rs.27.11 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG-online-06/ 24-25 | 17.02.2025 at 14.00 P.M. | 25.02.2025 upto 14.00 P.M. | 20.02.2025 upto 11.00 A.M. | 25.02.2025 at 15.00 P.M. |

Further details can be seen from the Website i.e. www.tenderodisha.gov.in

Sd./- Executive Engineer
Rural Works Division, Kesinga
OIPR-25153/11/0009/2425

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH

e-Procurement Notice No. CDT-04/2024-25 dt.14.02.2025
**No.A-1075: Bid Identification No.CDT-04 (01)/ 2024-25 (Online)**

| | | | |
|---|---|---|---|
| 1. | Nature of Work | : | Repair and Renovation of Staff Quarter |
| 2. | No. of Works | : | 01 (One) No. |
| 3. | Class of Contractor | : | D and C Class |
| 4. | Bid Identification No. | : | CDT-04 (01)/ 2024-25 |
| 5. | Estimated Cost | : | Rs.13.62 Lakh |
| 6. | Period of Completion | : | 90 days |
| 7. | Date and time of availability of bid documents in the portal | : | Dt.19.02.2025 at 10.00 AM to Dt.03.03.2025 upto 05.00 PM |
| 8. | Last date/time for receipt of bids in the portal | : | Dt.03.03.2025 upto 05.00 P.M. |
| 9. | Date of Opening of Bid | : | Dt.04.03.2025 at 11.00 AM |
| 10. | Name and address of the Officer Inviting Bid | : | Superintending Engineer, Bargarh Irrigation Division, Bargarh- 768028, email Id:- eecanalbgh11@gmai.com |

| Procurement Officer | Name of the Division | Bid Identification No. | Availability of tender on-line for bidding | | Last date & time of seeking of clarification | Date & Time of opening of tender | Date, Time & Place of lottery if required |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Bargarh Irrigation Division, Bargarh | Bargarh Irrigation Division, Bargarh | CTD-04 (01)/ 2024-25 (Online) | Dt. 19.02.2025 at 10.00 AM | Dt. 03.03.2025 upto 05.00 PM | Dt. 28.02.2025 upto 01.00 PM | Dt. 04.03.2025 at 11.00 AM in the O/o the S.E., Bargarh Irrigation Division, Bargarh | Dt. 07.03.2025 at 11.00 AM in the O/o. the S.E, Bargarh Irrigation Division, Bargarh |

1. Any addendum/ corrigendum/ cancellation/ erratum of tender can also be seen in the said website.
2. Further details can be seen from Government website www.tendersodisha.gov.in.

Sd./- Superintending Engineer
Bargarh Irrigation Division, Bargarh
OIPR-32461/11/0004/2425

## ODISHA CONSTRUCTION CORPORATION LTD.

(A Govt. of Odisha Undertaking)
CENTRAL WORKSHOP, RASULGARH,
BHUBANESWAR-751010 (ODISHA)
Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)
**Tender Call Notice No.OCC/CWS/PROC/KIP-17(V-I)/68/2024-25 dtd.15.02.2025**

**No.CAD-2608:** Type of Work: Supply of labour for fabrication of 28 (Twenty eight) segment of 4 Nos. of Spillway gate of Kanupur Irrigation Project at Central Workshop, Rasulgarh. Total No.of Work: 01 (One). Period of Completion: 70 (Seventy) days.

| Procurement Officer | Tender Call Notice No. | Cost of Tender document (including GST) | Sale of Tender document | Submission of Tender document (Off-line mode) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ KIP-17 (V-I) /68/ 2024-25 dtd.15.02.2025 | Rs.7080/- (Non-Refundable) | 17.02.2025 10.00 AM to 27.02.2025 1.00 PM | 17.02.2025 10.00 AM to 27.02.2025 3.00 PM |

Date of Opening of the Tender : **27.02.2025 at 4.00 P.M.**
Further details can be seen from the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website).**

Sd./- Senior Manager (Mech.)-I,
OCC Ltd., Bhubaneswar
OIPR-34163/11/0049/2425

## OFFICE OF THE PANCHAYAT SAMITI BOIPARIGUDA, KORAPUT

E-mail-ori-boipariguda@nic.in
No.593/2025 Date:17.02.25

**TENDER CALL NOTICE**

**No.i-498:** The Block Development Officer, Boipariguda, District-Koraput (Odisha) on behalf of the Governor of Odisha invites percentage rate contract tender in single cover system for the following work:-

| Sl. No. | Name of the Work | Amount put to Tender (In Rs.) |
|---|---|---|
| 1 | Construction of GPLF Building at Boipariguda | 20,41,651/- |
| 2 | Construction of GPLF Building at Mathapada | 20,43,648/- |
| 3 | Construction of GPLF Building at Kenduguda | 20,43,648/- |
| 4 | Construction of GPLF Building at Pendapada | 20,54,846/- |
| 5 | Construction of GPLF Building at Tentuligumma | 20,67,531/- |

Bid documents / DTCN will be available in the website www.koraput.nic.in from Dtd. 17.02.2025 to Dtd. 02.03.2025 (upto 5.30 PM). Bids are to be submitted online through e-tendering portal www.tendersodisha.gov.in, closing date is 02.03.2025 (upto 05.30 PM). Bid documents will be opened on dtd.03.03.2025 at 11.00 AM in the office of the undersigned. Bid documents / DTCN and other details can be seen from the website www.koraput.nic.in

Sd./-
Block Development Officer
Boipariguda
OIPR-19157/11/0004/2425

## GOVERNMENT OF ODISHA
## OFFICE OF THE EXECUTIVE ENGINEER, P.H. DIVISION, BALASORE

Phone: 9438660004, e-mail- eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
**Invitation for Bids (IFB) Dt.12.02.2025**

**No.C-1671:The Superintending Engineer, P.H. Division, Balasore on behalf of Governor of Odisha invites Percentage Rate Bids in Double Bid System in ONLINE mode only.**

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of Bid Documents for online Bidding | | Last date and time of seeking Clarification | Date & Time of opening of Price Bid |
|---|---|---|---|---|---|---|---|---|
| | | | | | From | To | | |
| 1 | Improvement of water supply to ward No.11, 13 & 5 by sinking of new production well under Balasore Municipality | SEPHBLS-33 dt.12.02.2025 | 51.19 | 03 (Three) Calendar Months | 11.00 Hrs. of dt.19.02.2025 | 17.00 Hrs. of dt.06.03.2025 | 17.00 Hrs. of dt.01.03.2025 | 11.00 Hrs. of dt.07.03.2025 |
| 2 | Strengthening of water supply system to the areas of Angaragadia ward No.10, OT Road ward No.09, Kalyan Nagar ward No.09, Ranipatna and Hadisahi Pokhari ward No.18 and 30, Anand Bazar and Lokanath Market ward No.22 and 23 Balasore Municipality | SEPHBLS-34 dt.12.02.2025 | 77.43 | 04 (Four) Calendar Months | 11.00 Hrs. of dt.19.02.2025 | 17.00 Hrs. of dt.06.03.2025 | 17.00 Hrs. of dt.01.03.2025 | 11.00 Hrs. of dt.07.03.2025 |
| 3 | Replacement of distribution network under drain in different wards of Soro Municipality | SEPHBLS-35 dt.12.02.2025 | 86.83 | 05 (Five) Calendar Months | 11.00 Hrs. of dt.19.02.2025 | 17.00 Hrs. of dt.06.03.2025 | 17.00 Hrs. of dt.01.03.2025 | 11.00 Hrs. of dt.07.03.2025 |

**The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.**
**Name and Address of the Officer Inviting Bid: The Superintending Engineer, P.H. Division Balasore, At- Samalpur, Post- Balia, Dist- Balasore, PIN- 756056, Odisha, Phone: 9438660004**

OIPR-13053/11/0019/2425 Sd./- Superintending Engineer, P.H. Division, Balasore

## Odisha State AYUSH Society
## National AYUSH Mission

**Directorate of AYUSH Department of Health & Family Welfare, Govt. of Odisha**
Heads of Department Building, 3rd Floor (Annex), Unit-5, Bhubaneswar-751001,
Tel : 0674-2394577, Email : directorayushodisha@gmail.com, Web : www.nam-odisha@gov.in
Letter No. NAM-HR-O-11/2021- **1556**/ OSAS, dt.15.02.2025

**Walk-in-Interview**

**No.E-763** : Walk-in-Interview will be conducted for filling up of the following vacant position in on contractual basis with monthly remuneration as noted against each position to implement various activities under Odisha State AYUSH Society (OSAS) under National AYUSH Mission, Odisha. The position is purely temporary and co-terminus with the scheme. Lower age limit is 25 years as on dtd. 01.01.2025 and not more than 60 years.

| Sl. No | Name of Post | No. of Vacancy | Honorarium Per month (in Rs.) | Date of Registration and Walk-in-Interview |
|---|---|---|---|---|
| 1 | Programme Manager | 01 | Rs.48,400/- | 17.03.2025 |
| 2 | Finance Manager | 01 | Rs.44,000/- | 17.03.2025 |
| 3 | Consultant - Ayurveda | 01 | Rs.41,800/- | 18.03.2025 |
| 4 | Consultant - Homeopathy | 01 | Rs.41,800/- | 18.03.2025 |
| 5 | Accounts Manager | 01 | Rs.41,580/- | 18.03.2025 |
| 6 | HMIS Manager | 01 | Rs.31,130/- | 18.03.2025 |

Interested candidates can log on to **www.ayushodisha.nic.in** for details of guidelines, eligibility criteria, Age, Application Form, ToR etc. **Candidates fulfilling the eligibility criteria may submit their duly filled in application along with requisite documents before 10.03.2025 by 5.30 PM positively. The shortlisted candidates may appear for registration on the date as mentioned against the post. The Registration timing will be from 10:30 A.M to 12 Noon only on Walk-in-Interview date**. No application will be received after scheduled date & timing of registration.
**Venue :** Conference Hall, Directorate of AYUSH, Odisha, Heads of Department Building, 3rd Floor, (Annex building), Unit-5, Bhubaneswar-751001.

The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

Sd./- Director AYUSH-cum-Mission Director
National AYUSH Mission, Odisha, Bhubaneswar
OIPR-10056/11/0004/2425

# ଯୋଜନା କାର୍ଯ୍ୟକାରିତା, ଆନ୍ତଃରାଜ୍ୟ ସମନ୍ୱୟକୁ ଗୁରୁତ୍ୱ

## ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଆଞ୍ଚଳିକ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)



ବୈଠକରେ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ଶାସନ ସଚିବ ଅମିତ ଯାଦବ, ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟମାନେ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ କେରଳ ଆଦି ୫ ରାଜ୍ୟକୁ ନେଇ ଆଞ୍ଚଳିକ ସମୀକ୍ଷା ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଶାସନ ସଚିବ ଅମିତ ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣକୁ ନେଇ ବିଭିନ୍ନ ଯୋଜନା ଏବଂ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଛି। ଉଦ୍‌ଘାଟନୀ ଅଭିଭାଷଣରେ ଯାଦବ କହିଲେ, ପ୍ରଥମେ ଏହି ବୈଠକ ଆଗ୍ରାରେ ଆରମ୍ଭ ହୋଇଥିଲା। ପରେ ଲକ୍ଷ୍ନୌ, ହାଇଦ୍ରାବାଦ ଓ ଜୟପୁରରେ ଆୟୋଜିତ ହୋଇଥିଲା। ଅନୁସୂଚିତ ଜାତି, ପଛୁଆ ବର୍ଗ, ଡିନୋଟିଫାଏଡ୍ ଏବଂ ନୋମାଡିକ୍ ଜନଜାତି (ଡିଏନ୍‌ଟି), କିନ୍ନର, ବରିଷ୍ଠ ନାଗରିକ, ପରିମଳ କର୍ମଚାରୀ ଓ ନିଶାଦ୍ରବ୍ୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ କଲ୍ୟାଣ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ପାଣ୍ଠିର ଉପଯୋଗିତା ପ୍ରସଙ୍ଗରେ ସେ ରାଜ୍ୟଗୁଡ଼ିକୁ ଠିକ୍ ସମୟରେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି 'ପିଏମ୍-ଅଜୟ' ଅଧୀନରେ ପାଣ୍ଠିର ସଦୁପଯୋଗ କରିବାକୁ କହିଥିଲେ। ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ ଏବଂ ଶିକ୍ଷା ଭଳି ବିଭାଗଗୁଡ଼ିକ ମଧ୍ୟରେ ଆନ୍ତଃରାଜ୍ୟ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ, ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଅନୁସୂଚିତ ଜାତି ଜନସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୧୭%। ୨୦୪୭ ସୁଦ୍ଧା ବିକାଶିତ ଭାରତର ସ୍ୱପ୍ନ ପୂରଣ କରିବାକୁ ହେଲେ ପଛୁଆ ବର୍ଗ, ଅନୁସୂଚିତ ଜାତି, ଏସଇବିସି ସମ୍ପ୍ରଦାୟ ଏବଂ ଭିନ୍ନକ୍ଷମଙ୍କ ନିମନ୍ତେ ସଶକ୍ତ ଯୋଜନା ପ୍ରସ୍ତୁତ କରିବାକୁ ହେବ। ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ମନ୍ତ୍ରଣାଳୟ ଅନ୍ତର୍ଗତ ବିଭିନ୍ନ ଯୋଜନା ଯଥା- ପ୍ରାକ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ବୃତ୍ତି, ପିଏମ୍-ଯଶସ୍ୱୀ ଯୋଜନା, ପିଏମ୍-ଅଜୟ ଯୋଜନା, ନ୍ୟାଶନାଲ ଆକ୍ସନ ପ୍ଲାନ୍ ଫର୍ ମେକାନାଇଜ ସାନିଟେଶନ ଇକୋସିଷ୍ଟମ (ନମସ୍ତେ ଯୋଜନା), ନ୍ୟାଶନାଲ ଆକ୍ସନ ପ୍ଲାନ୍ ଅନ୍ ଡ୍ରଗ ଡିମାଣ୍ଡ ରିଡକ୍ସନ (ଏନଏପିଡିଡିଆର୍), ଅଟଳ ବୟୋ-ଅଭ୍ୟୁଦୟ ଯୋଜନା, ପିଏମ୍-ସୁରଜ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସିଆଲ ଡିଫେନ୍ସ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ନାଗରିକ ଅଧିକାର ସୁରକ୍ଷା ଆଇନ - ୧୯୫୫ ଏବଂ ଅତ୍ୟାଚାର ନିବାରଣ ଆଇନ - ୧୯୮୯, ଜୀବିକା ଏବଂ ଉଦ୍ୟୋଗ ପାଇଁ ଅବହେଳିତ ସମୁଦାୟଙ୍କୁ ସହାୟତା ପ୍ରଦାନ ଆଦି ଯୋଜନାର ସମୀକ୍ଷା କରାଯାଇଥିଲା।

# ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ



ସମୀକ୍ଷା ବୈଠକରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅଧିକାରୀମାନେ।

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

## ନୂଆ ଶିକ୍ଷାନୀତି ସମ୍ପର୍କରେ ବ୍ୟାପକ ସଚେତନତାକୁ ଗୁରୁତ୍ୱ

ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଶିକ୍ଷକସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟପାଳଙ୍କୁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉଚ୍ଚ ଶିକ୍ଷା ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ମନ୍ତ୍ରୀ ଓ ସଚିବ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଓଡ଼ିଶାରେ ଉଚ୍ଚଶିକ୍ଷାର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ଉଚ୍ଚ ଶିକ୍ଷାର ମାନବୃଦ୍ଧି, ଭିତ୍ତିଭୂମିର ଉନ୍ନତି ସହିତ ଉଚ୍ଚ ଶିକ୍ଷାକୁ କିଭଳି ଅଧିକ ସହଜଲଭ୍ୟ କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତି କରାଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଜଣାଇଥିଲେ। ଏହି ଅବସରରେ ରାଜ୍ୟପାଳ କମ୍ଭମ୍‌ପାଟି ରାଜ୍ୟରେ ଉଚ୍ଚଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂଆ ଶିକ୍ଷାନୀତିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ତାଲିମ ଏବଂ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିସହ ପାଠ୍ୟକ୍ରମର ଆଧୁନିକୀକରଣ, ଡିଜିଟାଲ ଶିକ୍ଷାର ସମ୍ପ୍ରସାରଣର ଆବଶ୍ୟକତା ଉପରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପରିଚାଳନା, ଗବେଷଣାକୁ ପ୍ରୋତ୍ସାହନ ଯୋଗାଇବା, ଛାତ୍ରୀଛାତ୍ରଙ୍କୁ ଭଲ ଭବିଷ୍ୟତ ଗଢ଼ିବା ପାଇଁ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ବହୁ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଶିକ୍ଷାକ୍ଷେତ୍ରକୁ ଅଧିକ ସୁଦୃଢ଼ ଏବଂ ଅନ୍ତର୍ନିବେଶୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ସମବାୟ ସମିତି ଜରିଆରେ ସଫଳ ମାଛ ଚାଷ

ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)

ଆଗାମୀ ଦିନରେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ରାଜ୍ୟରେ ମାଛ ଉତ୍ପାଦନ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଇତିମଧ୍ୟରେ ରାଜ୍ୟରେ ଥିବା ୭୯୬ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମାଧ୍ୟମରେ ୨ ଲକ୍ଷରୁ ଅଧିକ ସଦସ୍ୟାସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ନଦୀ, ନାଳ, ପୋଖରୀ, ଜଳଭଣ୍ଡାର ଓ ସମୁଦ୍ରରୁ ମାଛ ଧରି ରାଜ୍ୟ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ଏମାନେ ସହାୟକ ହୋଇଛନ୍ତି। ସମସ୍ତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମତିର ସଭ୍ୟାସଭ୍ୟ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାରୁ ସହାୟତା ପାଇବାର ବ୍ୟବସ୍ଥା ରହିଛି। ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ତଥା ଏଥିସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଗୋଷ୍ଠୀ ବୀମା ଯୋଜନାରେ ବୀମାଭୁକ୍ତ କରାଯାଉଛି। ତେବେ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫ରେ ୩୦ ଜିଲାରୁ ଗୋଟିଏ ଉତ୍ତମ କ୍ରିୟାଶୀଳ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ମତ୍ସ୍ୟ ବିଭାଗରେ କାର୍ଯ୍ୟରତ ସମବାୟ ନୀରିକ୍ଷକ (ମତ୍ସ୍ୟ)ଙ୍କ ମଧ୍ୟରୁ ପୁରୀ ଜିଲାର ସମବାୟ ସମିତି ନୀରିକ୍ଷକ (ମତ୍ସ୍ୟ)କୁ ମଧ୍ୟ ଉକ୍ତ ସମାବେଶରେ ସମ୍ମାନିତ କରାଯାଇଥିଲା।



ମତ୍ସ୍ୟ-ପ୍ରାଣୀ ସମାବେଶରେ ସମ୍ମାନିତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କର୍ମକର୍ତ୍ତା।


ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷଣ ନାଟକ 'ଦାନାପାଣି'ର ଏକ ଦୃଶ୍ୟ।

# 'ରଙ୍ଗ ସଙ୍ଗମ'ର ଦ୍ୱିତୀୟ ସନ୍ଧ୍ୟାରେ 'ଦାନାପାଣି'

ଭୁବନେଶ୍ୱର,୧୭।୨ (ସୌମ୍ୟରଞ୍ଜନ ରାଉତ) - ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଦାନାପାଣି' ମଞ୍ଚସ୍ଥ ହୋଇଥିଲା। ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ଦାନାପାଣି' ଉପରେ ପର୍ଯ୍ୟବେସିତ ଏହି ନାଟକକୁ ଦେଖିବା ପାଇଁ ଦର୍ଶକଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ମଣିଷ ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ନିଜର ସମଗ୍ର ଜୀବନ କିପରି ଦାନାପାଣି ଯୋଗାଡ଼ କରିବାରେ ଲାଗିଯାଇଥାଏ ତାହାକୁ ଅତି ସୁନ୍ଦର ଭାବେ ଏହି ନାଟକରେ ପ୍ରଦର୍ଶିତ କରାଯାଇଥିଲା। ହରିହର ମିଶ୍ର ଉପନ୍ୟାସର ନାଟ୍ୟ ରୂପାନ୍ତର କରିଥିବା ବେଳେ ରବିନାରାୟଣ ତ୍ରିପାଠୀ ନାଟକର ନିର୍ଦ୍ଦେଶନା ଦେଇଥିଲେ। ପୁରୀର ସାଂସ୍କୃତିକ ଅନୁଷ୍ଠାନ ଥିଏଟର ଡିଜାଇନର କଳାକାରମାନେ ଅତି ନିଖୁଣ ଅଭିନୟ କରି ବିଭିନ୍ନ ଚରିତ୍ରକୁ ଜୀବନ୍ତ କରି ଗଢ଼ିତୋଳିଥିଲେ।

# ସୁପ୍ରଭାତ ମିଷ୍ଟର ଓଡ଼ିଶା, ବିଶ୍ୱଜିତ ଉପବିଜେତା

## ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ବଡିବିଲ୍‌ଡର୍ସ ଆଣ୍ଡ୍ ଫିଟ୍‌ନେସ୍ ଆସୋସିଏଶନ୍ ପକ୍ଷରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ସ୍ଥାନୀୟ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲାର ୧୪୪ ପ୍ରତିଯୋଗୀ ଏଥିରେ ଭାଗନେଇଥିଲେ। ମିଷ୍ଟର ଓଡ଼ିଶା-୨୦୨୫ ପ୍ରତିଯୋଗିତାରେ ଖୋର୍ଦ୍ଧାର ସୁପ୍ରଭାତ ମୁଣ୍ଡା ଟାଇଟଲ ଜିତି ୨୫ ହଜାର ଟଙ୍କା ଏବଂ ପୁରୀର ବିଶ୍ୱଜିତ ପ୍ରତିହାରୀ ଉପବିଜେତା ହୋଇ ୧୫ ହଜାର ଟଙ୍କା ପୁରସ୍କାର ରାଶି ପାଇଛନ୍ତି।

ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତାବର୍ଷ ପୁରୀରେ ଏସିଆନ ବଡିବିଲ୍ଡିଂ ଚାମ୍ପିୟନଶିପ୍ ଆୟୋଜନ କରିବା ପାଇଁ ସମସ୍ତ ସହଯୋଗ କରିବେ ବୋଲି ସେ କହିଥିଲେ। ସ୍ୱର୍ଣ୍ଣଲତା ଗୋଚ୍ଛିକାର, ରବିନାରାୟଣ ପ୍ରତିହାରୀ, ତଲୁଛ ନୀଳକଣ୍ଠ ମହାପାତ୍ର, ଗଣେଶ୍ୱର ମହାସୁଆର, ଜିତେନ୍ଦ୍ର ମହାପାତ୍ର, ହରେକୃଷ୍ଣ ସିଂହାରୀ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଦାସ, ମାଧବ ପୂଜାପଣ୍ଡା, ଜଗନ୍ନାଥ ପୂଜାପଣ୍ଡା, ମାଧବ ମହାପାତ୍ର, ରବିନାରାୟଣ ଖୁଣ୍ଟିଆ, କେଦାରନାଥ ଖୁଣ୍ଟିଆ, ଭଗବାନ ସୁଆର, ରମାବଲ୍ଲଭ ମହାପାତ୍ର, ଉଦୟନାଥ ପ୍ରତିହାରୀ, ଆର୍ତ୍ତତ୍ରାଣ ଗୋଚ୍ଛିକାର, ଡା. ହରିବଲ୍ଲଭ ମହାପାତ୍ର, ଗୁରୁପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫୫ କି.ଗ୍ରା ଓଜନ ବର୍ଗରେ ପୁରୀର ସୁକାନ୍ତ ଭୋଇ ପ୍ରଥମ, ସଞ୍ଜୟ ଚିନରା ଦ୍ୱିତୀୟ ଓ ଦେବାଶିଷ ମହାପାତ୍ର ତୃତୀୟ ଏବଂ ୬୦ କି.ଗ୍ରା ବର୍ଗରେ ରାଜେଶ କୁମାର ପାଢୀ ପ୍ରଥମ, ବି. କାବୁଲା ବେହେରା ଦ୍ୱିତୀୟ, ଅନୀଲ ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୬୫ କି.ଗ୍ରା ବର୍ଗରେ ପୁରୀର ଦେବକାନ୍ତ ସାହୁ ପ୍ରଥମ, ବାଲେଶ୍ୱରର ଜୟଦେବ ବେହେରା ଦ୍ୱିତୀୟ ଓ ପୁରୀର ରଘୁନାଥ ବେହେରା ତୃତୀୟ, ୭୦ କି.ଗ୍ରା ବର୍ଗରେ ପୁରୀର ସକେତ କୁମାର ସାହୁ ପ୍ରଥମ, ଚିକୁନ୍ ମହାନ୍ତି ଦ୍ୱିତୀୟ ଓ ଖୋର୍ଦ୍ଧାର ଉମାକାନ୍ତ ଖୁରା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ୭୫ କି.ଗ୍ରା ବର୍ଗରେ ପୁରୀର ଗୌରବ ବେହେରା ପ୍ରଥମ, ଖୋର୍ଦ୍ଧାର କ୍ରିଷ୍ଣା ମହାପାତ୍ର ଦ୍ୱିତୀୟ ଓ ରାଉରକେଲାର ମାନସ ଶଙ୍କର ତୃତୀୟ, ୮୦ କି.ଗ୍ରା ବର୍ଗରେ ଖୋର୍ଦ୍ଧାର ସୁପ୍ରଭାତ ମୁଣ୍ଡା ପ୍ରଥମ, ପୁରୀର ରିଙ୍କୁ ପାତ୍ର ଦ୍ୱିତୀୟ ଓ ବାଲେଶ୍ୱରର ସେହେନୱାଜ କାଦିର ତୃତୀୟ ସ୍ଥାନ ପାଇଛନ୍ତି। ୮୫ କି.ଗ୍ରା ବର୍ଗରେ ପୁରୀର ବିଶ୍ୱଜିତ୍ ପ୍ରତିହାରୀ ପ୍ରଥମ, ସମ୍ବଲପୁରର ଜୟଦେବ ସିଂ ଦ୍ୱିତୀୟ ଓ ପୁରୀର ଅଭିଷେକ ରାଉତ ତୃତୀୟ ସ୍ଥାନ ପାଇଛନ୍ତି। ୯୦ କି.ଗ୍ରା ବର୍ଗରେ ପୁରୀର ଅଭିଜିତ୍ ଜେନା ପ୍ରଥମ ଓ ଝାରସୁଗୁଡ଼ାର ସୌମ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ହୋଇଛନ୍ତି। ୯୫ କି.ଗ୍ରା ବର୍ଗରେ ଖୋର୍ଦ୍ଧାର ଛୁଟ୍‌କୁ ଦତ୍ତ ପ୍ରଥମ, ବାଲେଶ୍ୱରର ସତ୍ୟଜିତ ଓଝା ଦ୍ୱିତୀୟ ଓ ଜୟପୁରର ରତ୍ନାକର ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାକୁ ଆସୋସିଏଶନ ସଭାପତି ନାରାୟଣ ଗୋଚ୍ଛିକାର, ସମ୍ପାଦକ ଅନନ୍ତ ନାରାୟଣ ଖୁଣ୍ଟିଆ, ଅନିଲ ଗୋଚ୍ଛିକାର, ସଞ୍ଜୟ ସାହୁ, ନାରାୟଣ ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ନିହାର ସାମଲ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ଓଝା ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରମୁଖ ପରିଚାଳନା କରିଥିଲେ। ବିଜେତାମାନେ ଆଗାମୀ ମାର୍ଚ୍ଚ ୨୪ରୁ ୨୬ ପର୍ଯ୍ୟନ୍ତ ଶିରିଡ଼ିଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।



ଖୋର୍ଦ୍ଧାର ସୁପ୍ରଭାତ ମୁଣ୍ଡାଙ୍କୁ ମିଷ୍ଟର ଓଡିଶା ଟାଇଟଲ ପ୍ରଦାନ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଣ୍ଟି


@ ଯତୀନ


@ ପ୍ରଭାସ


@ ପ୍ରିୟଙ୍କା


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାର୍ଚ୍ଚ ୮ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୭।୨(କାର୍ତ୍ତିକ ସାହୁ)

ଆସନ୍ତା ମାର୍ଚ୍ଚ ୮ ତାରିଖ ପୂର୍ବାହ୍ନ ୧୦ଟାରେ ହାଇକୋର୍ଟ ସମେତ କଟକ ଜିଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁବିଧା ନେବାକୁ ଅନୁରୋଧ କରାଯାଇଛି। ଏଥିରେ ପ୍ରାୟ ସମସ୍ତ ପ୍ରକାରର ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ)ର ପ୍ରାକ୍ ବିଚାରଧୀନ ମୋକଦ୍ଦମା, ଗାଡ଼ି ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ୍ ବାଉନ୍ସ ମାମଲା ଇତ୍ୟାଦି ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏଥିସହ ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଆଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଯଦି କୌଣସି ବିଚାରଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଲୋକଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହି ଲୋକ ଅଦାଲତରେ ମୋକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୁଡାନ୍ତ ଏବଂ ଅମଳଯୋଗ୍ୟ। ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ଯୋଗାଯୋଗ କରିବାକୁ କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ୱେତଗଙ୍ଗାରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ ଥାନା ଅନ୍ତର୍ଗତ ଶ୍ୱେତଗଙ୍ଗା ପୁଷ୍କରିଣୀରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଜଣେ ପର୍ଯ୍ୟଟକ ଗାଧୋଉଥିବାବେଳେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାଜସ୍ଥାନ ବୁନ୍ଦି ଜିଲାର ପ୍ରଦୀପ ସେନ୍ (୨୭)। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁଯାୟୀ, ପ୍ରଦୀପ ଗାଧୋଉଥିବା ସମୟରେ ପୋଖରୀ ଗଭୀରକୁ ଚାଲିଯିବାରୁ ବୁଡ଼ି ଯାଇଥିଲେ। ସେଠାରେ ଅନ୍ୟ କେତେଜଣ ଥିଲେ ମଧ୍ୟ ପୋଖରୀରୁ ତାଙ୍କୁ ଉଦ୍ଧାର କରିବାରେ ଅସଫଳ ହୋଇଥିଲେ। ସେମାନେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ଖୋଜାଖୋଜି କରି ପ୍ରଦୀପଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରିଛି। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଧାନକୁଟି ସାହିର ଜଣେ ବ୍ୟକ୍ତି ଏହି ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ।

**ଶନିଶ୍ଚର ଦେବଙ୍କ ୯ମ ବାର୍ଷିକୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ**

ଚାରିଛକ,(ଶିଶିର ସ୍ୱାଇଁ)- ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମର ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୯ମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଗ୍ରାମର ମାନସିକ ବ୍ରତଧାରୀ ଶ୍ରଦ୍ଧାଳୁ ନିକଟସ୍ଥ ପ୍ରାଚୀ ନଦୀରୁ ୧୦ରୁ ଊର୍ଦ୍ଧ୍ୱ ଜଳକଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଉପସ୍ଥିତ ପଣ୍ଡିତ ବିଦ୍ୟାଭୂଷଣ ମିଶ୍ରଙ୍କ ଦ୍ୱାରା ଯଥାରୀତି ନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ସୁକାନ୍ତ ମହାରଣା ଓ କର୍ତ୍ତା ଭାବେ ମାମିନା ମହାରଣା ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ଏଥିସହିତ ମନ୍ଦିର ଆଗରେ ଥିବା ଏକ ମଣ୍ଡପକୁ ପ୍ରତିଷ୍ଠା କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



| ୧୭।୨।୨୦୨୫ | |
|---|---|
| ୫,୩୭,୩୩୬ ଟଙ୍କା | |
| ସୁନା | ୨.୬୫୦ ଗ୍ରାମ୍ |
| ରୁପା | ୪୫.୫୦୦ ଗ୍ରାମ୍ |

**ଅସୁରକ୍ଷିତ ଅଲିଭ ରିଡ୍ଲେ କଇଁଛ**

# ନିଶ୍ଚିହ୍ନ ହେଲାଣି ଦେବୀନଦୀ ମୁହାଣ ଗଣ ଅଣ୍ଡାଦାନ ସ୍ଥଳୀ

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ଓଡ଼ିଶାର ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ଏବେ ସଙ୍କଟରେ। ଓଡ଼ିଶାର ୩ ଗୋଟି ଗଣ ଅଣ୍ଡାଦାନ ସ୍ଥଳୀ ମଧ୍ୟରୁ ଋଷିକୁଲ୍ୟା, ଗହୀରମଥା ଅଞ୍ଚଳ ସୁରକ୍ଷିତ ଥିବା ସତ୍ତ୍ୱେ ଦେବୀନଦୀ ମୁହାଣ ଅଞ୍ଚଳ ନିଶ୍ଚିହ୍ନ ହେବାକୁ ବସିଛି। ଶ୍ରୀଲଙ୍କା ଉପକୂଳରୁ ଆସୁଥିବା ହଜାର ହଜାର ଅଲିଭ୍ ରିଡ୍ଲେଙ୍କ ପାଇଁ ମୃତ୍ୟୁର ମୁହାଣ ପାଲଟିଛି ଦେବୀନଦୀ। କେବଳ ଆଖିଦୃଶିଆ କୃତ୍ରିମ ସଂରକ୍ଷଣ କରାଯାଇ ଦୁର୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରତିବର୍ଷ ହଜାର ହଜାର କଇଁଛ ଦେବୀନଦୀ ମୁହାଣରେ ବିପଦରେ ପଡୁଛନ୍ତି।

ଏନେଇ କ୍ଷୋଭ ପ୍ରକାଶକରି ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ରାଜ୍ୟର ବିଫଳ ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଦେବୀନଦୀ ମୁହାଣ ପରିଦର୍ଶନ କରି ବେଳାଭୂମିରେ ପୋତାଯାଇଥିବା କୁଢ଼ କୁଢ଼ ମୃତ ଅଲିଭ୍ ରିଡ୍ଲେଙ୍କ ବାସ୍ତବ ସ୍ଥିତି ପରଖିବା ପାଇଁ ମଧ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏଥିସହ ଦୁର୍ନୀତିଗ୍ରସ୍ତ ବନ ବିଭାଗ ଅଧିକାରୀ, ମତ୍ସ୍ୟ ବିଭାଗ ଅଧିକାରୀଙ୍କ ପରିଚାଳନା ବ୍ୟବସ୍ଥାରେ ତ୍ରୁଟି, ଦୋଷ ଲୁଚାଇବାକୁ ବାସ୍ତବ ତଥ୍ୟ ରେକର୍ଡଭୁକ୍ତ ନ କରି ରାତାରାତି ପୋତିଦେଇ ଔପଚାରିକତା ଭାବେ କଇଁଛ ସୁରକ୍ଷା ବ୍ୟବସ୍ଥା ଚାଲିଛି। ଦେବୀନଦୀ ମୁହାଣ ଅଞ୍ଚଳ ସାରା ବିଶ୍ୱର ହାତଗଣତି ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ସ୍ଥଳୀ ଭାବେ ଜଣାଶୁଣା। କିନ୍ତୁ ଓଡ଼ିଶାର ସଂରକ୍ଷଣ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ। ଫଳରେ ପ୍ରତିବର୍ଷ ହଜାର ହଜାର ଅଲିଭ୍ ରିଡ୍ଲେଙ୍କ ମୃତ୍ୟୁ ଦେବୀନଦୀ



ଦେବୀନଦୀ ମୁହାଣ ସ୍ଥଳରେ ପଡିରହିଥିବା ମୃତ ଅଲିଭ ରିଡ୍ଲେ କଇଁଛ ।

ମୁହାଣ ଅଞ୍ଚଳରେ ହେଉଥିବା ବେଳେ ଅଣ୍ଡାଦାନ ପାଇଁ କେବେ ବି ୧ ହଜାରରୁ ଅଧିକ କଇଁଛ ସକ୍ଷମ ହେଉନାହାନ୍ତି। ବନ ବିଭାଗର ସ୍ଥାଣୁ ମନୋଭାବ ପାଇଁ ଦେବୀନଦୀ ମୁହାଣ ଅଞ୍ଚଳକୁ ଆସୁଥିବା ଅଲିଭ୍ ରିଡ୍ଲେଙ୍କ ପ୍ରଜନନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଓଡ଼ିଶା ଦେଶରେ ଅଧିକ ବିପଦଗ୍ରସ୍ତ ଅବସ୍ଥାରେ ଥିବାବେଳେ ବଙ୍ଗୋପସାଗରର ପ୍ରାକୃତିକ ଭାରସାମ୍ୟ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ଭାରତୀୟ ଉପକୂଳକୁ ନିର୍ଦ୍ଦିଷ୍ଟ ଭାବେ ଓଡ଼ିଶାର ୩ ଗୋଟି ଗଣ ଅଣ୍ଡାଦାନ ସ୍ଥଳୀକୁ ପ୍ରତିବର୍ଷ ଅଣ୍ଡାଦାନ ପାଇଁ ଆସୁଥିବା ପ୍ରାୟ

■ ରାତାରାତି ପୋତି ଦୋଷ ଲୁଚାଇବାକୁ ଉଦ୍ୟମ କରୁଛି ବନ ବିଭାଗ

■ ଅଣ୍ଡାଦାନସ୍ଥଳୀ ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

୧.୧ ମିଲିୟନ ଅଲିଭ୍ ରିଡ୍ଲେ ଏବଂ ସେମାନଙ୍କ ସାଥିରେ ଆସିଥାନ୍ତି ସେମାନଙ୍କ ପୁରୁଷ ଅଲିଭ ରିଡ୍ଲେ। ୨ ମିଲିୟନରୁ ଅଧିକ ଏହି ବିରଳ ସାମୁଦ୍ରିକ କଇଁଛଙ୍କ ଉପସ୍ଥିତି ବଙ୍ଗୋପସାଗର ସନ୍ତୁଳନ ରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଅଲିଭ୍ ରିଡ୍ଲେଙ୍କ ବଂଶ ଲୋପ ତଥା ଦେବୀନଦୀ ମୁହାଣ ପରି ଗଣ ଅଣ୍ଡାଦାନ ସ୍ଥଳୀ ବିଶ୍ୱ ମାନଚିତ୍ରରୁ ହଜିଯିବାକୁ ବସିଥିବା ବେଳେ ଏହା ଓଡ଼ିଶା ଉପକୂଳ ପାଇଁ ଅଧିକ ଜଳବାୟୁ ପରିବର୍ତ୍ତନ ଚାପ ସୃଷ୍ଟି କରିବ। ଅନୁରୂପ ଭାବେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଥିବା ବେଳେ ସୂଚୀ– କ ରେ ଅନ୍ତର୍ଭୁକ୍ତ କରାଯାଇ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ ଅନୁଯାୟୀ ଏହି ସାମୁଦ୍ରିକ ଜୀବକୁ ସଂରକ୍ଷଣ ପରିସରଭୁକ୍ତ କରାଯାଇଅଛି। ବନ ବିଭାଗ ସହ ମତ୍ସ୍ୟ ବିଭାଗ, କୋଷ୍ଟ ଗାର୍ଡ, ସାମୁଦ୍ରିକ ମେରାଇନ ପୋଲିସ ଉପରେ ମିଳିତ ଦାୟିତ୍ୱ ନ୍ୟସ୍ତ ରହିଛି। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ତେଣୁ ଦେବୀନଦୀ ମୁହାଣ ଅଞ୍ଚଳ ପରିଦର୍ଶନ ସହ ଦୁର୍ନୀତିଗ୍ରସ୍ତ ବନ ବିଭାଗ, ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଅପସାରଣ କରାଯାଇ ଏହାର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ କମିଟି ଗଠନ କରାଗଲେ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ପରିବେଶବିତ୍ ବିଶ୍ୱାଳ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୧୦୧ ଅଭିଯୋଗ ମିଳିଥିଲା। ତନ୍ମଧ୍ୟରେ ୮୧ ବ୍ୟକ୍ତିଗତ, ୧୫ ଗ୍ରାମ ଅଭିଯୋଗ ଓ ୫ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସଂକ୍ରାନ୍ତ ରହିଥିଲା। ୧୨ଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ,ଏନଫୋର୍ସମେଣ୍ଟ ଅଧିକାରୀ ଲିପ୍ସା ରାୟ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଭ୍ୟାନ୍ ଧକ୍କାରେ ଯୁବକ ଗୁରୁତର

ଯୋଗେଶ୍ୱରପୁର,୧୭।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଆଲୁଦଣ୍ଡାପାଟଣା ଛକରେ ରବିବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ଜଣଙ୍କ ହେଲେ ରାଜୁ ବେହେରା(୨୫)। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ରାଜୁ ଏକ ଲୁନା ଯୋଗେ ଘରକୁ ଫେରୁଥିବା ବେଳେ ଆଲୁଦଣ୍ଡାପାଟଣା ଛକରେ ନୟାହାଟ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି–୦୨–ଏପି–୩୪୧୧) ଧକ୍କା ଦେଇଥିଲା। ଫଳରେ ରାଜୁଙ୍କର ମୁଣ୍ଡ ଓ ୨ଟି ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। କ୍ଷତିପୂରଣ ଦାବିରେ ଆଲୁଦଣ୍ଡାପାଟଣା ଗ୍ରାମବାସୀ ନିମାପଡ଼ା–ଅସ୍ତରଙ୍ଗ ରାସ୍ତାକୁ ୩ଘଣ୍ଟା ଧରି ଅବରୋଧ କରିଥିଲେ। ଖବରପାଇ ପାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ୟୁଜର୍ସ ଫି ପ୍ରତ୍ୟାହାର ଦାବିରେ ପୁରୀର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଅଟୋଚାଳକ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ।

## ଭଡ଼ା ଟଙ୍କା ନ ଦେବାରୁ ମାର୍କେଟ କମ୍ପ୍ଲେକ୍ସ, ଭେଣ୍ଡିଂ ଜୋନ୍ ସିଲ୍ କଲା ଏନ୍‌ଏସି

ନିମାପଡ଼ା,୧୭।୨(ବିଚିତ୍ରାନନ୍ଦ ସାହୁ)–

ନିମାପଡ଼ା ଏନ୍‌ଏସି ପକ୍ଷରୁ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ସୋମବାର ସ୍ଥାନୀୟ ହାଟଛକ ଓ ବ୍ଲକ ଛକଠାରେ ଥିବା ୪୫ଟି ମାର୍କେଟ୍ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ଦୋକାନ ଗୃହକୁ ତାଲା ପକାଇ ସିଲ୍ କରାଯାଇଛି। ବ୍ୟବସାୟୀମାନେ ଏନ୍‌ଏସିକୁ ଦୋକାନ ଗୃହର ଭଡ଼ା ଟଙ୍କା ପୈଠ ନ କରି ଲକ୍ଷାଧିକ ଟଙ୍କା ବକେୟା ରଖିଥିବାରୁ ଓ ବିଧିବଦ୍ଧ ଭାବେ ବାର୍ଷିକ ଏଗ୍ରିମେଣ୍ଟ କରି ନ ଥିବା ଯୋଗୁ ଏନ୍‌ଏସି ପକ୍ଷରୁ ବ୍ୟବସାୟୀଙ୍କ ବିରୋଧରେ ଏଭଳି କଠୋର ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବକେୟା ଭଡ଼ା ଟଙ୍କା ପୈଠ ଓ ବାର୍ଷିକ ଏଗ୍ରିମେଣ୍ଟ କରିବାକୁ ଏନ୍‌ଏସି ପକ୍ଷରୁ ବାରମ୍ବାର ତାଗିଦା କରାଯାଇଥିଲେ ମଧ୍ୟ ବ୍ୟବସାୟୀ ଏ ଦିଗରେ ଦୃଷ୍ଟି ନ ଦେଇ କାଳକ୍ଷେପଣ ନୀତି ଅବଲମ୍ବନ କରିଚାଲିଥିବାରୁ ହଟହଟା ହେବାକୁ ପଡ଼ିଛି। ଦୋକାନ ଗୃହ ସିଲ୍ ହେଉଥିବା ଜାଣିପାରି କେତେଜଣ ବ୍ୟବସାୟୀ ଦୋକାନ ବନ୍ଦ କରିଦେଇଥିବା ଜଣାପଡ଼ିଛି। ହାଟଛକ ଠାରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ଓ ବ୍ଲକ୍ ଛକଠାରେ ଥିବା ଭେଣ୍ଡିଂ ଜୋନ୍ ଉପରେ ଭଡ଼ା ବାବଦରେ ୩ଲକ୍ଷ ୪୩ ହଜାର ୬୬୦ ଟଙ୍କା ବକେୟା ରହିଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ଅମିତ୍ ପୁରୋହିତ ପ୍ରମୁଖ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଏହି ଦୋକାନ ଗୃହଗୁଡ଼ିକୁ ତାଲା ପକାଇ ସିଲ୍ କରିଥିଲେ। ଦୋକାନ ଗୃହଗୁଡ଼ିକୁ ହଠାତ୍ ସିଲ୍ କରାଯାଇଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସିଲ୍ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି।



ଏନ୍‌ଏସି କର୍ମଚାରୀମାନେ ଦୋକାନ ଗୃହକୁ ସିଲ୍ କରୁଛନ୍ତି।

## ଡ୍ରେନେଜ୍ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ୱାର୍ଡବାସୀ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରାଞ୍ଚଳର ୩୦ ନମ୍ବର ୱାର୍ଡ ଅଧୀନ ଜଗନ୍ନାଥ କଲୋନୀରେ ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ନ ଥିବାରୁ କଲୋନୀବାସୀ ସମସ୍ୟା ଭୋଗୁଛନ୍ତି। ଏନେଇ ସାହିବାସିନ୍ଦା ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଦୀର୍ଘ ୩୦ ବର୍ଷ ହେଲା ଏହି ଅଞ୍ଚଳରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ତେବେ ଏଠାରେ ଡ୍ରେନେଜ୍ କିମ୍ବା ସ୍ୱେରେଜ ବ୍ୟବସ୍ଥା ନାହିଁ। ଫଳରେ ରାସ୍ତାରେ ପାଣି ଜମିରହି ମଶାମାଛି ବଂଶ ସୃଷ୍ଟି ହେବା ସହ ବିଭିନ୍ନ ପ୍ରକାର ରୋଗ ବ୍ୟାପୁଛି। ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ହଇରାଣ ହେଉଛନ୍ତି। ଲୋକେ ବ୍ୟବହୃତ ମଇଳା ପାଣି ଓ ମଇଳାକୁ ଡ୍ରେନ୍‌ରେ ପକାଇବାର ବ୍ୟବସ୍ଥା ନାହିଁ। ମୁଖ୍ୟ ସ୍ୱେରେଜ କାମ ସରିନାହିଁ। ଏଠାକାର ବାସିନ୍ଦା ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ୧ନଂ ୱାର୍ଡ ମାଟିତୋଟା ଦ୍ୱିତୀୟ ଲେନ୍ ଅଧିବାସୀ ଡ୍ରେନ ଓ ସ୍ୱେରେଜ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳରେ ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ନ ଥିବାରୁ ବାସିନ୍ଦା ସମସ୍ୟା ଭୋଗୁଛନ୍ତି। ତେଣୁ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ସେମାନେ ନିବେଦନ କରିଛନ୍ତି।

## ଆମ୍ବୁଲାନ୍ସକୁ ଧକ୍କା ଦେଲା ବସ୍, ୫ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ଓ ବସ୍ ।

ପିପିଲି,୧୭।୨(ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥର ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ମଧୁବନ ଛକ ନିକଟରେ ଏକ ଅମ୍ବୁଲାନ୍ସକୁ ବସ୍ ଧକ୍କା ଦେବା ଫଳରେ ୫ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଛନ୍ତି।

ସୂଚନା ମୁତାବକ, ଆମ୍ବୁଲାନ୍ସ ଭୁବନେଶ୍ୱର ଏକ ମେଡିକାଲରୁ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନେଇ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ବେଳେ ମଧୁବନ ଛକ ନିକଟରେ ବସ୍‌ଟି ଅମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରୋଗୀ, ୨ ସମ୍ପର୍କୀୟ, ୨ବର୍ଷର ଛୋଟ ପିଲା ସହ ଆମ୍ବୁଲାନ୍ସ ଡ୍ରାଇଭର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଖବରପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ପ୍ରକାଶ ମଲ୍ଲିକଙ୍କ ସମେତ ପିପିଲି ଥାନା ସବ୍ ଇନସ୍‌ପେକ୍ଟର ନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍ ଓ ଆମ୍ବୁଲାନ୍ସକୁ ଜବତ କରଥିଲେ। ବସ୍ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରାଯାଉଥିବା ନେଇ ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

## ପୋଲିସ–ସାଧାରଣ ଜନତା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ

ଅସ୍ତରଙ୍ଗ,୧୭।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ତେଣୁ ସାମୁଦ୍ରିକ ଥାନା ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ପାଇଁ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି ସାମୁଦ୍ରିକ ଥାନା ପରିସରରେ ଅନୁଷ୍ଠିତ ପୋଲିସ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅସ୍ତରଙ୍ଗ ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସମ୍ମାନିତ ଅତିଥି ଭାବେ ନିମାପଡା ଉପଖଣ୍ଡ ଅଧିକାରୀ ଜଳନ୍ଧର ପାଢ଼ୀ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାଏକ, ବିଡିଓ ସସ୍ମିତା ବେହେରା, ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶବିତ୍ ଶୋଭାକର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂଆଗଡ଼ ସାମୁଦ୍ରିକ ଥାନା ପରିସରରେ ଚାରାରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ କ୍ରୀଡ଼ା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ପୋଲିସକୁ ସହାୟତା କରୁଥିବା କେତେଜଣ ବ୍ୟକ୍ତି ବିଶେଷଙ୍କ ସହ ପୋଲିସ କର୍ମଚାରୀ ଓ ଟେକ୍ନିକାଲ ଷ୍ଟାଫଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କନଷ୍ଟେବଲ ରାକେଶ ସାହୁ ଧନ୍ୟବାଦ ଦେଇଥିଲେ।

**ପୋଲିସ ସଚେତନତା କାର୍ଯ୍ୟକ୍ରମ**





ବୈଠକରେ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତିଙ୍କ ସମେତ ଅନ୍ୟ ଅତିଥିମାନେ ।

## 'ପୋଲିସ ସେବାକୁ ଜନାଭିମୁଖୀ କରିବା ମୋର ପ୍ରାଥମିକତା'

ନିମାପଡ଼ା,୧୭।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୋଲିସ ଉପଖଣ୍ଡ ଅଞ୍ଚଳରେ ପୋଲିସ ସେବାକୁ ଜନାଭିମୁଖୀ କରିବା, ସବୁ ବର୍ଗର ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ମୋର ପ୍ରାଥମିକତା ହେବ ବୋଲି ନୂତନ ଭାବେ ଯୋଗ ଦେଇଥିବା ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ମତପ୍ରକାଶ କରିଛନ୍ତି। ନିମାପଡ଼ା ପୋଲିସ ଉପଖଣ୍ଡ ଅଞ୍ଚଳରେ ଅପରାଧ ଦମନ, ଅପରାଧୀମାନଙ୍କୁ ଗିରଫ କରାଯିବ, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା, ରାତିରେ ଯାନବାହାନ ଯାଞ୍ଚ କରାଯିବା, ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା ଦିଗରେ କଡ଼ା ପଦକ୍ଷେପ ନିଆଯିବ ନିଆଯିବ ବୋଲି ଏସ୍‌ଡିପିଓ ପାଢ଼ୀ କହିଛନ୍ତି।

## ଭୋର ୪ଟାରେ ଉଠିବ ମହାଦୀପ



ପ୍ରସ୍ତୁତି ବୈଠକରେ ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟମାନେ ।

କୋଣାର୍କ,୧୭।୨(ଜ୍ୟୋତିରାଜ ମହାନ୍ତି)

**ବାବା ବାଲିକପିଳେଶ୍ୱରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ**

ପ୍ରବିତ୍ର ଜାଗର ଯାତ୍ରାକୁ ଲକ୍ଷ୍ୟ ରଖି ଜିଲା ପ୍ରଶାସନ ପକ୍ଷରୁ ବାବା ବାଲିକପିଳେଶ୍ୱର ପୀଠରେ ଏକ ପ୍ରସ୍ତୁତି ବୈଠକ ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା, ଗୋପ ତହସିଲ୍‌ଦାର ଅନୀଲ ମହାନ୍ତି, ଆବାହକ ରାମକୃଷ୍ଣ ମହାନ୍ତି, ମେରାଇନ ଥାନାଧିକାରୀ ପ୍ରତିମା ସାହୁ, ତରକୋର ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସୁତନ ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ବେହେରା, ନୋମିନ କାଶୀନାଥ ନାୟକ, ମନ୍ଦିର ସେବାୟତ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବାବା ବାଲିକପିଳେଶ୍ୱର ମନ୍ଦିର ଚତୁର୍ପାର୍ଶ୍ୱରେ ଶାନ୍ତି ଶୃଙ୍ଖଳାରେ ଠାକୁରଙ୍କ ଦର୍ଶନ ପାଇଁ ମୁଖ୍ୟ ଫାଟକ ସାମ୍ନାରେ ୪ ଲାଇନ୍ ବ୍ୟାରିକେଡ୍ ରହିବ। ଲାଇଟ୍, ପରିମଳ, ପିଇବା ପାଣି ସହ ମୀନା ବଜାରକୁ ମନ୍ଦିର ଠାରୁ ଦୂରରେ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ୪ଜଣ ଆଇଆଇସି, ୮ ଜଣ ଏଏସ୍‌ଆଇଙ୍କ ସହ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତିଶୃଙ୍ଖଳାରେ ଜାଗର ଯାତ୍ରା ବୁଲିବା ସହ ମହାଦୀପ ଦର୍ଶନ କରିପାରିବେ, ସେଥିପାଇଁ ୨୫ ତାରିଖ ଦିନ ୧୨ଟାରୁ ସୁରକ୍ଷା କଡ଼ାକଡ଼ି କରିବାକୁ ଉପଜିଲାପାଳ ଓ ଗୋପ ତହସିଲ୍‌ଦାର ସୂଚନା ଦେଇଛନ୍ତି। ପୂଜକମାନେ ରାତ୍ର ୩ଟାରେ ସମସ୍ତ ନୀତିକାନ୍ତି ଶେଷ କରି ଭୋର ୪ଟାରେ ମହାଦୀପ ଉଠାଇବାକୁ ନିଷ୍ପତ୍ତି ହୋଇଛି।

# ରଥଯାତ୍ରା ଭିଡ଼ ନିୟନ୍ତ୍ରଣ କରିବ ଏଆଇ କ୍ୟାମେରା

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

**କେଉଁସବୁ ସ୍ଥାନରେ ଲଗାଯିବ ସେ ନେଇ ଚାଲିଛି ସର୍ଭେ : ଏସ୍‌ପି**

ଆସନ୍ତା ଜୁନ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିରେ ସାମିଲ ହେବାକୁ ଦେଶ ବିଦେଶର ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ରଥଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳନା ସହ ଟ୍ରାଫିକ ନିୟନ୍ତ୍ରଣ କରାଯିବ ସେନେଇ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗତ ଦୁଇଦିନ ତଳେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ଜନଗହଳି ନିୟନ୍ତ୍ରଣ, ପାର୍କିଂର ସୁବନ୍ଦୋବସ୍ତ ସହିତ କଡ଼ା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପି ସମୀକ୍ଷା କରିଥିଲେ। ତେବେ ଚଳିତବର୍ଷ ରଥଯାତ୍ରାର ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଏଆଇ କ୍ୟାମେରା ମାଧ୍ୟମରେ ନଜର ରଖାଯିବ। ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରା ଛକ ଠାରୁ ପୁରୀ ପର୍ଯ୍ୟନ୍ତ ଏଆଇ କ୍ୟାମେରା ଲଗାଯିବ। ଏଥିସହିତ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ବେଳାଭୂମି, ପୁରୀର ମୁଖ୍ୟ ପ୍ରବେଶ ପଥଗୁଡ଼ିକରେ ମଧ ଏଆଇ କ୍ୟାମେରା ଲଗାଯିବ। ଏହାକୁ ନେଇ ପୋଲିସ ବିଭାଗ ପକ୍ଷରୁ ସର୍ଭେ ଚାଲିଥିବା ବେଳେ ଖୁବ୍‌ଶୀଘ୍ର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଏଆଇ କ୍ୟାମେରା ଲଗାଯିବ ତା'ର ନିଷ୍ପତ୍ତି ନିଆଯିବ। ଏଆଇ କ୍ୟାମେରା ଦ୍ୱାରା ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିହେବ ବୋଲି ପୋଲିସ ବିଭାଗ ଆଶା ରଖିଛି। ଏହାକୁ ବୁଦ୍ଧିଜୀବୀ ଓ ସେବାୟତ ସ୍ୱାଗତ କରିଛନ୍ତି।

୨୦୨୪ ରଥଯାତ୍ରାରେ ଡ୍ରୋନ ମାଧ୍ୟମରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଥିଲା। ଏଥିରେ ପୋଲିସ ବିଭାଗ ସଫଳତା ପାଇଥିଲା। ପୂର୍ବବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତିକୁ ସମୀକ୍ଷା କରାଯାଇ ଚଳିତ ବର୍ଷ ଯେଭଳି ସେଗୁଡ଼ିକର ପୁନରାବୃତ୍ତି ନ ହୁଏ ସେ ଦିଗରେ ପୋଲିସ ବିଭାଗ ନଜର ରଖିବ। ୨୦୨୪ ରଥଯାତ୍ରାରେ ଭକ୍ତଙ୍କ ଭିଡ଼ ବେକାବୁ ହୋଇଯିବାରୁ ତାଳଧ୍ୱଜ ଓ ନନ୍ଦିଘୋଷ ରଥଟଣା ବେଳେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଚଳିତବର୍ଷ ଯେଭଳି ଦଳାଚକଟା ପରିସ୍ଥିତି ସୃଷ୍ଟି ନ ହୁଏ ସେ ଦିଗରେ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏ ନେଇ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ଚଳିତବର୍ଷର ରଥଯାତ୍ରା ପାଇଁ ପୁରୀ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଜିଲାର ପୋଲିସ ଅଧିକାରୀମାନଙ୍କୁ ନେଇ ବିଭିନ୍ନ କମିଟି ଓ ସବ୍‌କମିଟି ଗଠନ କରାଯାଇଛି। ଏଆଇ କ୍ୟାମେରା ଲଗାଇବା ନିମନ୍ତେ ଯୋଜନା ହୋଇଛି। କେଉଁ ସବୁ ସ୍ଥାନରେ କ୍ୟାମେରା ଲାଗିବ ସେ ସଂକ୍ରାନ୍ତରେ ସର୍ଭେ କରାଯାଉଛି। ଯାହା ପଦକ୍ଷେପ ନେବା କଥା ସେ ସବୁର ଅନୁଧ୍ୟାନ ଚାଲିଛି। ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ, ବଡ଼ଦାଣ୍ଡ, ଶ୍ରୀଗୁଣ୍ଡିଚା ମନ୍ଦିର ଅଞ୍ଚଳ ସହ ଭକ୍ତଙ୍କ ଯାତାୟାତ ଆଦି ସମସ୍ତ ଦିଗ ଉପରେ ଧ୍ୟାନ ଦିଆଯାଉଛି। ମହାପ୍ରଭୁଙ୍କ କୃପାରୁ ଚଳିତବର୍ଷ ଘୋଷଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା କରୁଛୁ।

## ଟଙ୍କା ନାହିଁ ତ ନଳକୂପ ଓପାଡ଼ି ନିଅ: ସରପଞ୍ଚ ସଂଘ

ଗୋପ,୧୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

**ପିଇବା ପାଣି ସଙ୍କଟ ନେଇ ବୈଠକ**

ଗୋପ ବ୍ଲକରେ ଏବେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ନେଇଛି। ସମସ୍ତ ପଞ୍ଚାୟତରେ ସରକାରୀ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ଅର୍ଥ ଅଭାବରୁ ନଳକୂପ କାମ ହୋଇ ପାରୁ ନ ଥିବା ଜଣାପଡ଼ିଛି। ଏପରି ସମୟରେ ସୋମବାର ପୂର୍ବାହ୍ନରେ ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ସମସ୍ତ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ବୈଠକ କରାଯାଇଥିବା ବେଳେ ବ୍ଲକ୍ ସରପଞ୍ଚ ସଂଘ ଟଙ୍କା ନାହିଁ ତ ନଳକୂପ ଓପାଡ଼ି ନିଅ ବୋଲି ହୋ–ହଲ୍ଲା କରିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ଖରାଦିନ ଆରମ୍ଭରୁ ପିଇବା ପାଣି ସଙ୍କଟ ଦେଖାଦେବାରୁ ପଞ୍ଚାୟତର ବିଭିନ୍ନ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ଡକାଯାଇଥିବା ଏହି ବୈଠକରେ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ସରପଞ୍ଚମାନେ ତୁରନ୍ତ ନଳକୂପ ସଚଳ କରିବାକୁ ଦାବି କରିଥିଲେ। ଗୋପ ବ୍ଲକ ସରପଞ୍ଚ ସଂଘ ସଭାପତି ମହେଶ୍ୱର ସ୍ୱାଇଁ, ଜିଲା ସରପଞ୍ଚ ସଂଘ ସଭାପତି ଉପେନ୍ଦ୍ର କାନୁନ୍‌ଗୋ, ସମ୍ପାଦକ ଶୀର୍ଷରଞ୍ଜନ ନାୟକ, ତରକୋର ସରପଞ୍ଚ ସୁଶାନ୍ତ ପରିଡ଼ାଙ୍କ ସମେତ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇ ପିଇବା ପାଣି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଚଳିତବର୍ଷ ଆବଶ୍ୟକତା ମୁତାବକ ନଳକୂପ ଯନ୍ତ୍ରାଂଶ ତୁରନ୍ତ ଯୋଗାଇଦେବାକୁ ସରପଞ୍ଚ ସଂଘ ଦାବି କରିଥିଲା। ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟ ଆବଶ୍ୟକତାସ୍ଥଳେ ନଳକୂପ ଯନ୍ତ୍ରାଂଶ ଯୋଗାଇ ଦେଇ ନ ଥିବା ମଧ ମାନିଥିବା ବେଳେ ୨ଟି ପର୍ଯ୍ୟାୟରେ ନଳକୂପ ଯନ୍ତ୍ରାଂଶ ପ୍ରତ୍ୟେକ ପଞ୍ଚାୟତରେ ପହଞ୍ଚିବ ବୋଲି କହିଥିଲେ। ବ୍ଲକ ଉପାଧ୍ୟକ୍ଷ କହିଥିଲେ ଗୋପ ବ୍ଲକ ଅଞ୍ଚଳରେ ଶତାଧିକ ହେକ୍ଟର ଚାଷ ଜମିରେ ବହୁ ବେଆଇନ ବୋରିଂ ବସିବା ଯୋଗୁ ପିଇବା ପାଣି ସଙ୍କଟ ଦେଖାଦେଇଛି। ତୁରନ୍ତ ସରକାର ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।



ବୈଠକରେ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଏବିଡିଓ ଦୀପକ କୁମାର ଜେନା ଓ ଅନ୍ୟ ଅତିଥି।

# ନିଶ୍ଚିହ୍ନ ହେଲାଣି ଦେବୀନଦୀ ମୁହାଣ ଗଣ ଅଣ୍ଡାଦାନ ସ୍ଥଳୀ

**ଅସୁରକ୍ଷିତ ଅଲିଭ୍ ରିଡ୍ଲେ କଇଁଛ**

■ରାତାରାତି ପୋତି ଦୋଷ ଲୁଚାଇବାକୁ ଉଦ୍ୟମ କରୁଛି ବନ ବିଭାଗ

■ଅଣ୍ଡାଦାନ ସ୍ଥଳୀ ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ଓଡ଼ିଶାର ବିରଳ ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ଏବେ ସଙ୍କଟରେ। ଓଡ଼ିଶାର ୩ ଗୋଟି ଗଣ ଅଣ୍ଡାଦାନ ସ୍ଥଳୀ ମଧ୍ୟରୁ ଋଷିକୁଲ୍ୟା, ଗହୀରମଥା ଅଞ୍ଚଳ ସୁରକ୍ଷିତ ଥିବା ସତ୍ତ୍ୱେ ଦେବୀନଦୀ ମୁହାଣ ଅଞ୍ଚଳ ନିଶ୍ଚିହ୍ନ ହେବାକୁ ବସିଛି। ଶ୍ରୀଲଙ୍କା ଉପକୂଳରୁ ଆସୁଥିବା ହଜାର ହଜାର ଅଲିଭ୍ ରିଡ୍ଲେଙ୍କ ପାଇଁ ମୃତ୍ୟୁର ମୁହାଣ ପାଲଟିଛି ଦେବୀନଦୀ। କେବଳ ଆଖିଦୃଶିଆ କୃତ୍ରିମ ସଂରକ୍ଷଣ କରାଯାଇ ଦୁର୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରତିବର୍ଷ ହଜାର ହଜାର କଇଁଛ ଦେବୀନଦୀ ମୁହାଣରେ ବିପଦରେ ପଡୁଛନ୍ତି।

ଏନେଇ କ୍ଷୋଭ ପ୍ରକାଶକରି ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ରାଜ୍ୟର ବିଫଳ ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଦେବୀନଦୀ ମୁହାଣ ପରିଦର୍ଶନ କରି ବେଳାଭୂମିରେ ପୋତାଯାଇଥିବା କୁଢ଼ କୁଢ଼ ମୃତ ଅଲିଭ୍ ରିଡ୍ଲେଙ୍କ ବାସ୍ତବ ସ୍ଥିତି ପରଖିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏଥିସହ ଦୁର୍ନୀତିଗ୍ରସ୍ତ ବନ ବିଭାଗ ଅଧିକାରୀ, ମତ୍ସ୍ୟ ବିଭାଗ ଅଧିକାରୀଙ୍କ ପରିଚାଳନା ବ୍ୟବସ୍ଥାରେ ତ୍ରୁଟି, ଦୋଷ ଲୁଚାଇବାକୁ ବାସ୍ତବ ତଥ୍ୟ ରେକର୍ଡଭୁକ୍ତ ନ କରି ରାତାରାତି ପୋତିଦେଇ ଔପଚାରିକତା ଭାବେ କଇଁଛ ସୁରକ୍ଷା ବ୍ୟବସ୍ଥା ଚାଲିଛି। ଦେବୀନଦୀ ମୁହାଣ ଅଞ୍ଚଳ ସାରା ବିଶ୍ୱର ହାତଗଣତି ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ସ୍ଥଳୀ ଭାବେ ଜଣାଶୁଣା। କିନ୍ତୁ ଓଡ଼ିଶାର ସଂରକ୍ଷଣ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ। ଫଳରେ ପ୍ରତିବର୍ଷ ହଜାର ହଜାର ଅଲିଭ୍ ରିଡ୍ଲେଙ୍କ ମୃତ୍ୟୁ ଦେବୀନଦୀ ମୁହାଣ ଅଞ୍ଚଳରେ ହେଉଥିବା ବେଳେ ଅଣ୍ଡାଦାନ ପାଇଁ କେବେ ବି ୧ ହଜାରରୁ ଅଧିକ କଇଁଛ ସକ୍ଷମ ହେଉନାହାନ୍ତି। ବନ ବିଭାଗର ସ୍ଥାଣୁ ମନୋଭାବ ପାଇଁ ଦେବୀନଦୀ ମୁହାଣ ଅଞ୍ଚଳକୁ ଆସୁଥିବା ଅଲିଭ୍ ରିଡ୍ଲେଙ୍କ ପ୍ରଜନନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଓଡ଼ିଶା ଦେଶରେ ଅଧିକ ବିପଦଗ୍ରସ୍ତ ଅବସ୍ଥାରେ ଥିବାବେଳେ ବଙ୍ଗୋପସାଗରର ପ୍ରାକୃତିକ ଭାରସାମ୍ୟ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବ ଭାରତୀୟ ଉପକୂଳକୁ ନିର୍ଦ୍ଦିଷ୍ଟ ଭାବେ ଓଡ଼ିଶାର ୩ ଗୋଟି ଗଣ ଅଣ୍ଡାଦାନ ସ୍ଥଳୀକୁ ପ୍ରତିବର୍ଷ ଅଣ୍ଡାଦାନ ପାଇଁ ଆସୁଥିବା ପ୍ରାୟ ୧.୧ ମିଲିୟନ ଅଲିଭ୍ ରିଡ୍ଲେ ଏବଂ ସେମାନଙ୍କ ସାଥିରେ ଆସିଥାନ୍ତି ସେମାନଙ୍କ ପୁରୁଷ ଅଲିଭ ରିଡ୍ଲେ। ୨ ମିଲିୟନରୁ ଅଧିକ ଏହି ବିରଳ ସାମୁଦ୍ରିକ କଇଁଛଙ୍କ ଉପସ୍ଥିତି ବଙ୍ଗୋପସାଗର ସନ୍ତୁଳନ ରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଅଲିଭ୍ ରିଡ୍ଲେଙ୍କ ବଂଶ ଲୋପ ତଥା ଦେବୀନଦୀ ମୁହାଣ ପରି ଗଣ ଅଣ୍ଡାଦାନ ସ୍ଥଳୀ ବିଶ୍ୱ ମାନଚିତ୍ରରୁ ହଜିଯିବାକୁ ବସିଥିବା ବେଳେ ଏହା ଓଡ଼ିଶା ଉପକୂଳ ପାଇଁ ଅଧିକ ଜଳବାୟୁ ପରିବର୍ତ୍ତନ ଚାପ ସୃଷ୍ଟି କରିବ। ଅନୁରୂପ ଭାବେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଥିବା ବେଳେ ସୂଚୀ– କ ରେ ଅନ୍ତର୍ଭୁକ୍ତ କରାଯାଇ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ ଅନୁଯାୟୀ ଏହି ସାମୁଦ୍ରିକ ଜୀବକୁ ସଂରକ୍ଷଣ ପରିସରଭୁକ୍ତ କରାଯାଇଅଛି। ବନ ବିଭାଗ ସହ ମତ୍ସ୍ୟ ବିଭାଗ, କୋଷ୍ଟ ଗାର୍ଡ, ସାମୁଦ୍ରିକ ମେରାଇନ ପୋଲିସ ଉପରେ ମିଳିତ ଦାୟିତ୍ୱ ନ୍ୟସ୍ତ ରହିଛି। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ତେଣୁ ଦେବୀନଦୀ ମୁହାଣ ଅଞ୍ଚଳ ପରିଦର୍ଶନ ସହ ଦୁର୍ନୀତିଗ୍ରସ୍ତ ବନ ବିଭାଗ, ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଅପସାରଣ କରାଯାଇ ଏହାର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ କମିଟି ଗଠନ କରାଗଲେ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ପରିବେଶବିତ୍ ବିଶ୍ୱାଳ ନିବେଦନ କରିଛନ୍ତି।


ଦେବୀ ନଦୀ ମୁହାଣ ବେଳାଭୂମିରେ ମରିପଡିଥିବା କଇଁଛ।

## ଶୃଙ୍ଖଳିତ ନୀତି, ଦର୍ଶନ ଉପରେ ଗୁରୁତ୍ୱ


ବୈଠକରେ ଜିଲାପଳ ଚଞ୍ଚଳ ରାଣା, ଏକାମ୍ର ବିଧାୟକ ବାବୁ ସିଂଙ୍କ ସହ ଅନ୍ୟମାନେ।

**ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପ୍ରସ୍ତୁତି**

ପୁରୁଣା ଭୁବନେଶ୍ୱର,୧୭।୨(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା। ଏନେଇ ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର ପ୍ରଦକ୍ଷଣ ସଭାଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଦର୍ଶନ, ଶାନ୍ତିପୂର୍ଣ୍ଣ ଭାବେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ଏବଂ ଠିକ୍ ସମୟରେ ମହାଦୀପ ଉଠିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାତି ୧୦ଟାରେ ମହାଦୀପ ଉଠିବା ନେଇ ମେୟର ସୁଲୋଚନା ଦାସ ଉପସ୍ଥିତ ସେବାୟତଙ୍କ ସହଯୋଗ ଲୋଡ଼ିଥିଲେ। ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରାରେ ମନ୍ଦିରଠାରୁ ଏକ କିଲୋମିଟର ପର୍ଯ୍ୟନ୍ତ ସିସିଟିଭି ଖଞ୍ଜାଯିବା ଏବଂ ତାହାକୁ ଗୋଟିଏ ଜାଗାରେ ମନିଟରିଂ କରାଯିବ। ଭିଆଇପି ପାସ୍‌ଧାରୀଙ୍କ ପାଇଁ ଏକ ପ୍ରସ୍ତାବ ରଖାଯାଇଛି। ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୬ରୁ ରାତି ୧୨ଟା ପର୍ଯ୍ୟନ୍ତ କେବଳ ପାସ୍‌ଧାରୀ ମନ୍ଦିରକୁ ଯାଇପାରିବେ। ମନ୍ଦିର ଭିତରେ ରେଡକ୍ରସ, ଏନ୍‌ସିସି, ସ୍କାଉଟ୍ସ ଗାଇଡ୍ସ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ମନ୍ଦିର ଭିତରକୁ ଯାଇପାରିବେ। ବ୍ୟାରିକେଡରେ ଫ୍ୟାନ ଲଗାଯିବ। ୧୦ ବେଡ ବିଶିଷ୍ଟ କୃତ୍ରିମ ଏସି ରୁମ୍ ତିଆରି କରାଯିବ। ତହିଁରେ ଆପତ୍‌କାଳୀନ ରୋଗୀଙ୍କୁ ସେବା କରାଯିବ। ଏକ ଅତ୍ୟାଧୁନିକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ରହିବ। ଏଥିସହିତ ଟ୍ରାଫିକ ନିୟନ୍ତ୍ରଣ, ସୁପରିଚାଳନା, ପାରିପାର୍ଶ୍ୱିକ ରାସ୍ତାଗୁଡିକୁ ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଅନ୍ୟପଟେ ୧୦ବର୍ଷ ହେବ ଆଡ଼କାଠ ନିକଟରେ ଥାଳି ଏବଂ ଟେବୁଲ ହଟାଯାଇ ହୁଣ୍ଡି ବସାଇବାକୁ ନିଯୋଗର ଦାବିକୁ ମନ୍ଦିର ପ୍ରଶାସନ ପୂରଣ ନ କରିବାରୁ ବୈଠକରେ ଅନୁପସ୍ଥିତ ଥିବା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରଣା, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ମହାନ୍ତି, ଭୁବନେଶ୍ୱର ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ବିରଞ୍ଚି ନାରାୟଣ ମହସୂପକାର, ଲିଙ୍ଗରାଜ ମନ୍ଦିର ସେବାୟତ, ମନ୍ଦିର ପ୍ରଶାସନ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବାଲିଅନ୍ତା,୧୭।୨(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ହଂସପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଧାୟକ ରାଉତ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ରୂପେ ଗଢ଼ିତୋଳିବା ଦିଗରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି। ବର୍ତ୍ତମାନ ଛାତ୍ରୀଛାତ୍ର ପାଇଁ ସଂସ୍କାର ଶିକ୍ଷାର ଜରୁରୀ ଅଟେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ୍ ଅଭିମନ୍ୟୁ ମହାନ୍ତି, ଗ୍ରାମର ବରିଷ୍ଠ ବ୍ୟକ୍ତି ଉପେନ୍ଦ୍ର ପଟ୍ଟନାୟକ, ହେମନ୍ତ କୁମାର ପରିଜା, ସୁକାନ୍ତ ନାୟକ, ପ୍ରସନ୍ନ କୁମାର ନାୟକ, ସମୀର ସାଇଁ ଓ ଉର୍ବଶୀ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୈଳବାଳା ନାୟକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ର ଓ ସୁଚିସ୍ମିତା ନାୟକ ଓ କମିଟି ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଗା ପ୍ରସନ୍ନ ପଟ୍ଟନାୟକଙ୍କ ଭଦ୍ର ମୁଖା ଖୋଲିଲା


ଉତ୍ତର ପୁରୁଷନାଟ୍ୟ ସଂସ୍ଥା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ସାଗର ମନ୍ଥନ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୭।୨ (ସୌମ୍ୟରଞ୍ଜନ ରାଉତ)

ସମାଜରେ ବଞ୍ଚିବା ପାଇଁ ଜଣେ ନାରୀକୁ ବହୁ ସଂଘର୍ଷ କହିବାକୁ ପଡ଼େ। ହେଲେ ରେବା ଦାସ ବିଭିନ୍ନ ପରିସ୍ଥିତିରେ ପଡ଼ି ଶେଷରେ ଆତ୍ମହତ୍ୟା କରନ୍ତି। ଏଥିପାଇଁ ଦାୟୀ କିଏ ? ଅଧିକ ଦରମା ଦାବି କରିବାରୁ ଚାକିରିରୁ ବାହାର କରିଦେଇଥିବା କାରଖାନା ମାଲିକ ନା ସହାନୁଭୂତି ଦେଖାଇ ମଧ ନିଜର କରି ପରି ନ ଥିବା ବିକାଶ। ପୁଣି ଥରେ ତାକୁ ଚାକିରିରୁ ବାହାର କରିଥିବା ସିଲା ନା ନାରୀ କଲ୍ୟାଣ ସମିତିରୁ ଆର୍ଥିକ ସାହାଯ୍ୟ ଦେଇ ନ ଥିବା ସିଲାର ମାଆ ? ନା ପ୍ରେମ ନାଁରେ ଶାରିରିକ ଶୋଷଣ କରିଥିବା ଅଜିତ ? ସମୟକ୍ରମେ ରେବା ଦାସର ବଦଳି ସନ୍ଧ୍ୟା ଦାସ ହୋଇଥିବାବେଳେ ଏହି ହତ୍ୟା ରହସ୍ୟ ଉନ୍ମୋଚନ କରିବାକୁ ଆସନ୍ତି ଇନ୍ସପେକ୍ଟର ଅବଧୂତ ରାଓ। ଏଇଠି ଭଦ୍ରମୁଖାଧାରୀ ବଡଲୋକିଆ ପରିବାର ଦୁର୍ଗା ପ୍ରସନ୍ନ ପଟ୍ଟନାୟକଙ୍କ ଅମାନବୀୟ ପଣର ଅସର ଚେହେରା ପଦାକୁ ଆସେ। ତଦନ୍ତରେ ପଟ୍ଟନାୟକ ପରିବାରର ଆଣ୍ଟ ଭାଙ୍ଗିଯାଏ। ଏମିତି ଏକ ନାଟକକୁ ନେଇ ଉତ୍ତର ପୁରୁଷନାଟ୍ୟ ସଂସ୍ଥା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ସାଗର ମନ୍ଥନ' ମଞ୍ଚସ୍ଥ ହୋଇଥିଲା। ମନୋରଞ୍ଜନ ଦାସଙ୍କ ରଚିତ ଏହି ନାଟକରେ ଦେବଦତ୍ତ, ଚକ୍ରଧର, ରାଜକୁମାର, କେତନ, ମିଥୁନ ପ୍ରଣତି ଓ ଦୀପ୍ତି ଅଭିନୟ କରିଥିଲେ। ଅତିଥି ଭାବେ ନୃତ୍ୟ ଶିଳ୍ପୀ ସିକତା ଦାସ, ନନ୍ଦିଘୋଷ ଟିଭି ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟ ମିଶ୍ର, ଧୀର ମଲ୍ଲିକ, ପ୍ରବୋଧ ରଥ ଓ ମୁକେଶ ପରିଡ଼ା ଯୋଗଦେଇଥିଲେ। ଦେବଦତ୍ତ ପତି ପରିଚାଳନା କରିଥିଲେ।

## ଏକାମ୍ର ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଭୁବନେଶ୍ୱର,୧୭।୨ (ସୌମ୍ୟରଞ୍ଜନ ରାଉତ)

ଏକାମ୍ର ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ସୋମବାର ଗୀତଗୋବିନ୍ଦ ସଦନରେ ଉମାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଦୁର୍ଯ୍ୟୋଧନ କାଠୁଆ ସ୍ୱାଗତ ଭାଷଣ ପ୍ରଦାନ ପରେ ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦ ତରଫରୁ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ଜଗଦୀଶ ପଟ୍ଟନାୟକ, ପବିତ୍ରାନନ୍ଦ ମହାନ୍ତି, ଅରୁଣ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ସାମନ୍ତ, ଶ୍ରୀମତା ଦାସ, ବିମଳେନ୍ଦୁ ଆଚାର୍ଯ୍ୟ ଓ ସମ୍ପୂର୍ଣ୍ଣା ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଏକାମ୍ର କବିତା ସମ୍ଭାର 'ସ୍ମୃତିର ରଙ୍ଗ', ଜଗଦୀଶ ପଟ୍ଟନାୟକଙ୍କ 'ଆମ ଜାତୀୟତା' ଓ 'ଆସ ଆମେ ଖେଳିବା ଖେଳ', ମନସ୍ୱିନୀ ଦାଶଙ୍କର 'ଭିଜା ମାଟିର ବାସ୍ନା', ଶୈଳଜା ମହାପାତ୍ରଙ୍କ 'ମଧୁର ମୂର୍ଚ୍ଛନା' ଉନ୍ମୋଚିତ ହୋଇଥିଲା। ଏସବୁ ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା କରିଥିଲେ ନିର୍ମଳା ମହାପାତ୍ର। ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଜଗଦୀଶ ପଟ୍ଟନାୟକ ଓ ପବିତ୍ରାନନ୍ଦ ମହାନ୍ତି ଯୋଗଦେଇଥିଲେ। କୁଳମଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୯ଦଫା ଦାବିରେ ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କ ବିକ୍ଷୋଭ




ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

୯ଦଫା ଦାବି ନେଇ ଓଡିଶା ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ସଂଘ ପକ୍ଷରୁ ସୋମବାର ଲୋୟର ପିଏମଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ କରାଯାଇଛି। ବର୍ଦ୍ଧିତ ଦରମା ପ୍ରଦାନ, ପ୍ରକଳ୍ପ ଆଧାରରେ ସର୍ବନିମ୍ନ ମଜୁରୀ ପ୍ରଦାନ, ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ବୀମାଭୁକ୍ତ କରିବା ସହିତ ସାମାଜିକ ସୁରକ୍ଷା ଓ ୟୁନିଫର୍ମ ପ୍ରଦାନ ଏବଂ ଇପିଏଫ୍ ଓ ଇଏସ୍‌ଆଇର ସୁବିଧା ଆଦି ଦାବି ରହିଛି। ରାଜ୍ୟର ବିଭିନ୍ନ ପୌର ନିଗମ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ଦୀର୍ଘ ୫ବର୍ଷ ଧରି ସରକାରଙ୍କ ଅଧୀନରେ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ନିରବଚ୍ଛିନ୍ନ ଭାବେ ନାଗରିକଙ୍କ ସେବା ପ୍ରଦାନ କରୁଛନ୍ତି। ହେଲେ ସରକାରଙ୍କ ପକ୍ଷରୁ ଦରମା ବୃଦ୍ଧି କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

## 'ଶିଶୁମାନେ ହନୁମାନ ପରି ବଳବାନ୍, ଲକ୍ଷ୍ୟଭେଦି ହୁଅନ୍ତୁ'


ରସୁଲଗଡ ଜିଜିପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛତ୍ର।

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ରସୁଲଗଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଶିଶୁମାନେ ହନୁମାନ ପରି ବଳବାନ୍ ଓ ଲକ୍ଷ୍ୟଭେଦି ହୁଅନ୍ତୁ ବୋଲି କହିଥିଲେ। ପ୍ରଶାସକ ଡ. ଲିପିକା ଦାସ ଯୋଗଦେଇ କହିଲେ, ଶିଶୁମାନେ ଜୀବନର ଲକ୍ଷ୍ୟକୁ ସାକାର କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ। ପ୍ରବଚକ ମନୋରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଦ୍ୟାଳୟରେ ଶିଶୁ ନିଜକୁ ସଂସ୍କାରିତ ମାର୍ଜିତ କରିଥାଏ ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା କହିଲେ, ସଂସ୍କାରିତ, ମାର୍ଜିତ ଓ ଚରିତ୍ର ଗଠନ ଛାତ୍ରୀଛାତ୍ରଙ୍କ ଜୀବନର ମୂଳଲକ୍ଷ୍ୟ ହେବା ଆବଶ୍ୟକ। ଏହା ହେଲେ ହିଁ ଏକ ସୁନ୍ଦର ସମାଜ ଗଠନ ହେବା ସହିତ ସୁସ୍ଥ ନାଗରିକ ହୋଇ ଆମେ ଭାରତମାତାର ସୁସନ୍ତାନ ହୋଇପାରିବା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶୁଭଶ୍ରୀ ପ୍ରତିଭା ନନ୍ଦ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ଓ ମାନସୀ ସାହୁ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିବାବେଳେ ଅଭିଭାବକମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁମା ଇପ୍ସିତା ମହାନ୍ତି ସ୍ୱାଗତ ଭାଷଣ, ସୁଜାତା ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ଓ ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖଲିଙ୍ଗମ ପୁରାତନ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ଥିଲା

**ଚୋଡ଼ଗଙ୍ଗ ଦେବଙ୍କର ୯୪୭ତମ ସିଂହାସନ ଆରୋହଣ ଦିବସ**

ଭୁବନେଶ୍ୱର,୧୭।୨(ସୌମ୍ୟରଞ୍ଜନ ରାଉତ)

ଓଡିଶାର ସଂସ୍କୃତିପ୍ରେମୀ ଓ ସାମାଜିକ ସଂଗଠନଗୁଡିକ ପକ୍ଷରୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ମୁଖଲିଙ୍ଗମ୍‌ଠାରେ ସୋମବାର ରାଜା ଚୋଡ଼ଗଙ୍ଗ ଦେବଙ୍କ ୯୪୭ତମ ସିଂହାସନ ଆରୋହଣ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରାୟ ୩୦ରୁ ଅଧିକ ଐତିହ୍ୟପ୍ରେମୀ ପାରଳାଖେମୁଣ୍ଡି ସହର ଗଜପତି ପ୍ୟାଲେସ ଛକରୁ ମୁଖଲିଙ୍ଗମ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ମୁଖଲିଙ୍ଗମର ପ୍ରସିଦ୍ଧ ମଧୁକେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଯୋଗଦେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ମୁଖଲିଙ୍ଗମ (କଳିଙ୍ଗନଗର) ପୁରାତନ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ଥିଲା। ଚୋଡ଼ଗଙ୍ଗ ଦେବଙ୍କ ପ୍ରଦତ୍ତ କୋର୍ଣ୍ଣି ତାମ୍ରଶାସନରୁ ଜଣାଯାଏ ଯେ, ତାଙ୍କର ରାଜ୍ୟଭିଷେକ ଏହି କଳିଙ୍ଗନଗରରେ ୧୦୭୮ ଖ୍ରୀଷ୍ଟାବ୍ଦ ଫେବୃଆରୀ ୧୭ରେ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଜୟ ପରେ ଚୋଡ଼ଗଙ୍ଗ ନିଜ ରାଜଧାନୀ ଆଧୁନିକ କଟକ ସହର (ଅଭିନବ ବାରଣାସୀ କଟକ)କୁ ସ୍ଥାନାନ୍ତରିତ କରିବା ପର୍ଯ୍ୟନ୍ତ ମୁଖଲିଙ୍ଗମ କଳିଙ୍ଗର ରାଜଧାନୀ ରହି ଆସିଥିଲା ବୋଲି ସେ କହିଥିଲେ। କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ସୋସାଇଟିର ଲିପିତତ୍ତ୍ୱବିତ୍ ବିଷ୍ଣୁ ମୋହନ ଅଧିକାରୀ କହିଛନ୍ତି, ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳରେ କଳିଙ୍ଗ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାରିତ ଥିଲା। ବିଶ୍ୱବିଖ୍ୟାତ ଶ୍ରୀଜଗନ୍ନାଥ ମନ୍ଦିର ପୁନଃନିର୍ବାତା ଭାବରେ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କର ପ୍ରତିଟି କାର୍ଯ୍ୟ ଓଡିଶାବାସୀଙ୍କ ପ୍ରାଣରେ ସ୍ୱତନ୍ତ୍ର ସ୍ଥାନ ବୋଲି ବିଷ୍ଣୁ ପ୍ରକାଶ କରିଛନ୍ତି। ଏହି ଅବସରରେ ଐତିହ୍ୟପ୍ରେମୀମାନେ ଫେବୃଆରୀ ୧୭କୁ ଉଭୟ ଓଡିଶା ଓ ଆନ୍ଧ୍ରପ୍ରଦେଶ ସରକାର ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜେ. ଏନ୍. ପଟ୍ଟନାୟକ, ଏପିଏସ୍‌ଏସ୍ ସମ୍ପାଦକ ମୂରଲୀଧର ପରିଛା, ଓଡ଼ିଶା ପ୍ରମୁଖ ବିଦ୍ୟୁତ୍ ବିଭାଗ ନିରୀକ୍ଷକ ସୁସେଶ ମହାରଣା , ଓଡ଼ିଆ ଭୋଜନ ଅନୁଷ୍ଠାନର ରାକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ମୁଖଲିଙ୍ଗମସ୍ଥିତ ମଧୁକେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିବା ଓଡ଼ିଶାର ଐତିହ୍ୟପ୍ରେମୀମାନେ।



ସରକାରୀ ମାନ୍ୟତା, ସର୍ବନିମ୍ନ ମଜୁରୀ ସମେତ ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସହାୟକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



ବିଭିନ୍ନ ଦାବିନେଇ ଓଏସ୍‌ଇ ଏମ୍ପ୍ଲଇଜ୍ ଫେଡେରେଶନ ପକ୍ଷରୁ ଓପିଟିସିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଗଣଧାଣା ଓ ଅନଶନ।

## କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୪ନମ୍ବର ୱାର୍ଡ ଅଧୀନ ଶ୍ରୀ ଶ୍ରୀ ରାହାସବିହାରୀଜୀୟୁ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ମ ବାର୍ଷିକ କ୍ୟାରମ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସୌମ୍ୟରଞ୍ଜନ ସାହୁ ଓ ରାଜକିଶୋର ପରିଜା ଚାମ୍ପିୟନ ହୋଇଥିବାବେଳେ ରାଜେଶ ସ୍ୱାଇଁ ଓ ରାଜକିଶୋର ବେହେରା ରନରଅପ୍ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ପରିଜା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଯୋଡିକୁ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ୍ ଯୋଡିକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଚୌଦ୍ୱାର,୧୭।୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଛାତ୍ରୀମାନଙ୍କ ପାଇଁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଇତିହାସ ବିଭାଗର ମୁଖ୍ୟ ପ୍ରଧାପିକା କ୍ଷୀରାବ୍ଧି ଚୌଧୁରୀ ଯୋଗଦେଇ ବିପଦ ସମୟରେ ଛାତ୍ରୀମାନେ ଆତ୍ମରକ୍ଷା କରିବା ଦିଗରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ହରପ୍ରିୟା ମହାପାତ୍ର ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟାପିକା ବିସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଶ୍ରେୟସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିବିରାର୍ଥିନୀମାନଙ୍କୁ ମାନପତ୍ର ଦିଆଯାଇଥିଲା।

## ମାଂସ ଦୋକାନ ସମ୍ମୁଖରେ କପଡ଼ା ଟାଙ୍ଗିବାକୁ ଦାବି

ଚୌଦ୍ୱାର,୧୭।୨(ଆଶୁତୋଷ ଦାସ)

ଚୌଦ୍ୱାର ସହରାଞ୍ଚଳର ରାସ୍ତାପାର୍ଶ୍ୱ ଦୋକାନରେ କଟା ମାଂସ ବିକ୍ରି କରାଯାଉଛି। ଏଭଳି ଦୃଶ୍ୟ ଦେଖି ରାସ୍ତାରେ ଯାଉଥିବା କୋମଳମତି ପିଲାଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଏଥିସହ ରାସ୍ତାରେ ଉଡୁଥିବା ଧୂଳି ଉକ୍ତ ମାଂସରେ ମିଶୁଛି। ତେଣୁ ବ୍ୟବସାୟୀମାନେ ଦୋକାନକୁ ଆବଦ୍ଧ କରିବା କିମ୍ବା ଦୋକାନ ସମ୍ମୁଖରେ କପଡ଼ା ଟାଙ୍ଗି ମାଂସ ବିକ୍ରି କରିବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କିତ ଦାବିପତ୍ର ଚୌଦ୍ୱାର ପୌରନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପୌର କାର୍ଯ୍ୟାଳୟରେ ଇଂ. ପତିତପାବନ ପଟ୍ଟନାୟକଙ୍କୁ ସୋମବାର ପ୍ରଦାନ କରାଯାଇଛି। ଫାଉଣ୍ଡେଶନର ଉପସଭାପତି କାହ୍ନୁଚରଣ ସେଠୀଙ୍କ ନେତୃତ୍ୱରେ କିରଣବାଳା ନାୟକ, ମୀନା ଚୌଧୁରୀ, ଖୁଲଣା ସାହୁ, ଓମ୍‌ପ୍ରକାଶ ନାୟକ, ସୌମ୍ୟ ରଞ୍ଜନ ପରିଡ଼ାଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। ଫାଉଣ୍ଡେଶନର ପ୍ରତିନିଧିମାନେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଏ ସମ୍ପର୍କରେ ଅବଗତ କରିବା ପରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ବିଳମ୍ବ ହେଉଛି ତୃତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ

କଟକ,୧୭।୨(ଶିଳ୍ପା ପ୍ରିୟଦର୍ଶିନୀ)



**ଏସ୍‌ସିବି ମେଡିକାଲ**

■ ସ୍କ୍ରିନିଂ କରାଯାଇଥିବା ୪ ରୋଗୀ ଗୁରୁତର

ଏସ୍‌ସିବି ମେଡିକାଲରେ ତୃତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କ୍ଷେତ୍ରରେ ବିଳମ୍ବ ହେଉଛି। ଏଥିପାଇଁ ୨୦୨୪ ଅକ୍ଟୋବରରେ ସମୟ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏ ଦିଗରେ ତତ୍ପରତା ପ୍ରକାଶ ପାଉନାହିଁ। ଗତବର୍ଷ ସେପ୍ଟେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର(ଏଆଇଜି) ଡାକ୍ତରୀ ଟିମ୍ ଏସ୍‌ସିବି ଆସୁନାହାନ୍ତି। ଫଳରେ ତୃତୀୟ ପର୍ଯ୍ୟାୟ ପ୍ରତିରୋପଣ ପାଇଁ ସ୍କ୍ରିନିଂ କରି ୪ ଜଣ ରୋଗୀ ଅପେକ୍ଷା କରିଛନ୍ତି। ଏସ୍‌ସିବିରେ ଯକୃତ ରୋଗୀ ସଂଖ୍ୟା ବଢୁଥିବାବେଳେ ପ୍ରତିରୋପଣ ଦିଗରେ ଏଭଳି ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗକୁ ପ୍ରତିଦିନ ବହୁସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏବେ ମେଡିକାଲରେ ୨୦ରୁ ଅଧିକ ରୋଗୀ ଯକୃତ ପ୍ରତିରୋପଣ ପାଇଁ ଅପେକ୍ଷା କରି ରହିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏଆଇଜି ଟିମ୍ ଏସ୍‌ସିବି ଆସି ତୃତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ନିମନ୍ତେ ୧୫ ଜଣ ରୋଗୀଙ୍କ ସ୍କ୍ରିନିଂ କରିଥିଲା। ସେଥିମଧ୍ୟରୁ ୪ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତିରୋପଣ ଉପଯୋଗୀ ଥିବା ଟିମ୍ ସୂଚାଇଥିଲା। ଫଳରେ ଏହି ୪ଜଣଙ୍କର ସମସ୍ତ ପରୀକ୍ଷାନିରୀକ୍ଷା କରାଯାଇ ପ୍ରତିରୋପଣ ନିମନ୍ତେ ପ୍ରସ୍ତୁତ କରାଯାଇଥିଲା। ହେଲେ ୫ ମାସ ହେବ ଏଆଇଜି ଟିମ୍ ଏସ୍‌ସିବି ମେଡିକାଲ ଆସୁନାହିଁ। ଏବେ ଏହି ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏ ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଡାକ୍ତର ପରିଚୟ ଗୋପନ ରଖି କହିଛନ୍ତି, ମେଡିକାଲ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଯକୃତ ପ୍ରତିରୋପଣ କ୍ଷେତ୍ରରେ ବିଳମ୍ବ ହେଉଛି। ଏଥିସହ ଏଆଇଜି ଟିମ୍ ମଧ୍ୟ ପୂର୍ବପରି ଏସ୍‌ସିବି ଆସୁନାହିଁ। ଫଳରେ ବହୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଯକୃତ ପ୍ରତିରୋପଣ ଅପେକ୍ଷାରେ ୪ ଜଣ ରୋଗୀଙ୍କ ମଧ୍ୟରୁ ୨ ଜଣ ଏସ୍‌ସିବି ଆଇସିୟୁରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ୨ ଜଣ ଘରୋଇ ହସ୍ପିଟାଲ ମୁହାଁ ହୋଇଛନ୍ତି। ଏ ସମ୍ପର୍କରେ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଓ କୁଳସଚିବ ସୁବାସ ରାଏଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଯୋଗ୍ୟ, ଏସ୍‌ସିବିରେ ୨୦୨୪ ଏପ୍ରିଲରେ ପ୍ରଥମଥର ମାନସ ବାରିକ ଓ ସେପ୍ଟେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ମାନସ ମୁଦୁଲିଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ଏହାପରେ ମେଡିକାଲ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ତୃତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ଅକ୍ଟୋବରରେ କରାଯିବା ପାଇଁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ।

## ୨୦ ଅଭିଯୋଗର ତ୍ୱରିତ ସମାଧାନ



ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

କଟକ,୧୭।୨(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଓ ଅତିରିକ୍ତ ଜିଲାପାଳ ଡା. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ୯୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୁହିକ ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ସାଂସ୍କୃତିକ କାର୍ଯ୍ୟକ୍ରମ



ରାଧାକାନ୍ତଜୀଉ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାଲେପୁର,୧୭।୨(ଅରବିନ୍ଦ ଭୂୟାଁ)

ପାଟପୁର ଗ୍ରାମର ଶ୍ରୀଶ୍ରୀ ରାଧାନାଥଜୀଉ ମନ୍ଦିର ପରିସରରେ ଚାଲିଥିବା ରାଧାକାନ୍ତଜୀଉ ମହୋତ୍ସବ ଓ ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ରୀତିନୀତିରେ ସମାପନ ହୋଇଥିଲା। ଏହାପରେ ରାଧାକାନ୍ତ ଜୀଉ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ କରାଯାଇଥିଲା। ଭୁବନେଶ୍ୱରର ଏକ ମେଲୋଡି କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଂଗୀତ ପରିବେଷଣ କରାଯିବା ସହ ଓଡ଼ିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦର୍ଶକଙ୍କୁ ଏହା ମନ୍ତ୍ରମୁଗ୍ଧ କରିଥିଲା। କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, କ୍ରିଷ୍ଣା ମିଶ୍ର ସୁମଧୁର ଭଜନଗୁଡ଼ିକ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ସାଲେପୁରର ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମାଜିକ କର୍ମୀ ଦିଲୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାହୁ, ଜୟନ୍ତ ଦାଶ, ଶରତ ପ୍ରଧାନ, ହିମାଂଶୁ ଦାଶ, ବିଜୟ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଗୁରୁପୂଜନ, ଚାରା ରୋପଣ କାର୍ଯ୍ୟକ୍ରମ

କଟକ ସଦର,୧୭।୨(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ସିର୍ଲୋ ନବଗ୍ରାମ ଉଚ୍ଚବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିର୍ଲୋ ଅଞ୍ଚଳର ସହିଦ କୃଷ୍ଣଚନ୍ଦ୍ର ସାହୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ସହକାରୀ ଶିକ୍ଷା ଅଧିକାରୀ ଆଶୁତୋଷ ବାନାର୍ଜୀଙ୍କ ସଂଯୋଜନରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁ ସୁମନ୍ତ ଚନ୍ଦ୍ର ସାହୁ, ଶିବରାମ ପୃଷ୍ଟି, ଅଶ୍ୱିନୀ କୁମାର ସିଂହ, ନିର୍ମଳା ସେନାପତି, ମହମ୍ମଦ ଅଫସର, ସୁକାନ୍ତ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି, ପ୍ରାଣକୃଷ୍ଣ ଦାସ ଓ ନକୁଳ ମଲ୍ଲିକଙ୍କୁ ଛାତ୍ରୀଛାତ୍ରମାନେ ଗୁରୁ ବନ୍ଦନା କରିବା ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶରତ ଚନ୍ଦ୍ର ଦାସ, ପୀତାମ୍ବର ବାରିକ, ଶାମସୁନ୍ଦର ସାହୁ, ଅଭିରାମ ଦାସ, ପ୍ରଶାନ୍ତ ମହାରଣା, ରାମଚନ୍ଦ୍ର ସେଠୀ, କୈଳାସ ଦାସଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ନେଲେ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର

କଟକ,୧୭।୨(କାର୍ତ୍ତିକ ସାହୁ)



କଟକର ନୂତନ ଅତିରିକ୍ତ ଜିଲାପାଳ ଭାବେ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ସେ କାର୍ଯ୍ୟରେ ଯୋଗଦେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଭାବେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ସୋନପୁର ଜିଲାରେ ଉପଜିଲାପାଳ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଡ. ମିଶ୍ର ଓଡ଼ିଶା ପ୍ରଶାସନିକ ସେବା-୨୦୦୬ ବ୍ୟାଚ୍‌ର ଅଧିକାରୀ ଭାବେ ସରକାରୀ କାର୍ଯ୍ୟରେ ଯୋଗଦେଇ ପ୍ରଥମକରି ଭଦ୍ରକ ଜିଲାରେ ଡେପୁଟି କଲେକ୍ଟର ଭାବେ ଅବସ୍ଥାପିତ ହୋଇଥିଲେ। ପରେ ସେ ଗଞ୍ଜାମ ଜିଲାରେ ବିଭିନ୍ନ ପଦବୀରେ କାର୍ଯ୍ୟରତ ଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

କଟକ ସଦର,୧୭।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଖଲିକୁଜ ଜମାନ୍ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ କାହ୍ନୁଚରଣ ଧୀର, ସମ୍ମାନିତ ଅତିଥି ଭାବେ ଜାଭିୟର ସ୍କୁଲ ଓ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷ ହରିୟାକ୍ଷ ପରିଡା, ଇଂ. ଉମେଶ ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ ବିଷୟରେ କହିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତି ଜେନା ବିବରଣୀ ପାଠ ଓ ସମ୍ପାଦକ ନରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାର୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା



ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ବନବାସୀ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଙ୍କୀ, ୧୭।୨ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଅନେକ ଡାକ୍ତର ପଦବୀ ଖାଲିପଡ଼ିଛି। ଏହି ଚିକିତ୍ସାଳୟ ଉପରେ ବାଙ୍କୀର ଦୁଇଟି ବ୍ଲକ ନିର୍ଭରଶୀଳ। ମାତ୍ର ଏଠାରେ ଚିକିତ୍ସା ବ୍ୟବସ୍ଥା ଭଲ ନଥିବାରୁ ଯେ କୌଣସି ଆଶୁ ଚିକିତ୍ସା ପାଇଁ ଲୋକଙ୍କୁ କଟକ ଏସସିବିକୁ ପଠାଯାଉଛି। ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟ ଯୁବ କଂଗେସ ସଭାପତି ଡ.ସ୍ମୃତି ରଞ୍ଜନ ଲେଙ୍କା ସୋମବାର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ (ଏସ୍‌ଡିଏମ୍‌ଓ)ଙ୍କୁ ଭେଟି ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏସବୁ ଦାବିଗୁଡ଼ିକ ହେଲା ତୁରନ୍ତ ଆବଶ୍ୟକ ଡାକ୍ତର ପଦବୀ ପୂରଣ କରିବା, ମେଶିନଗୁଡିକ କାର୍ଯ୍ୟକ୍ଷମ କରାଇବା, ଔଷଧ ବିତରଣ କେନ୍ଦ୍ରରେ ଚାଲିଥିବା ମନମାନି ବନ୍ଦ କରିବା, ୨୪ ଘଣ୍ଟିଆ ଜରୁରିକାଳୀନ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଓ ଚିକିତ୍ସାଳୟରେ ଥିବା ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତିଗୁଡ଼ିକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ନେବା ଅନ୍ତର୍ଭୁକ୍ତ। ଏ ସମ୍ପର୍କରେ ଅଧୀକ୍ଷକ ବନବାସୀ ବେହେରା ନିଜର ଅସହାୟତା ପ୍ରକାଶ କରିଥିବାବେଳେ ତାଙ୍କୁ ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ମିଳିଥିବା କହିଛନ୍ତି। ତେବେ ଏସବୁ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଏନେଇ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଲେଙ୍କା ଚେତାବନୀ ଦେଇଛନ୍ତି।

## 'ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ'

### ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ବାର୍ଷିକ ଉତ୍ସବ

କଟକ,୧୭।୨(କାର୍ତ୍ତିକ ସାହୁ)

କଟକ ଜିଲା ଉତ୍ତମାପୁରସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ବାର୍ଷିକ ଉତ୍ସବ 'ଅନ୍ୱେଷା' ସୋମବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନୀହାରିକା ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ। ଏଥିରେ ସମ୍ମାନିତ ଅତିଥି ଭାବେ ୫୬ ନମ୍ବର ୱାର୍ଡ କର୍ପୋରେଟର ଲିପ୍‌ସା ନାୟକ, ପ୍ରକାଶ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ପାଢ଼ୀ, ବିଦ୍ୟାଳୟର ହିତୈଷି ମାନସ ରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ସୁଶ୍ରୀ ସଙ୍ଗୀତା ନାୟକ, ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ନବକିଶୋର ନାୟକ, ସମିମ୍ ଖାନ୍, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଜୁନିୟର ବାଳକ ଓ ବାଳିକା ବିଭାଗରେ ଯଥାକ୍ରମେ ପାର୍ଥ ପଟ୍ଟନାୟକ ଓ ଆୟୁଷ୍ମତି ଲେଙ୍କା ଚାମ୍ପିୟନ ଏବଂ ସିନିୟର ବିଭାଗରେ ଅକ୍ଷୟ ବାରିକ ଓ ଅଙ୍କିତା ପ୍ରିୟଦର୍ଶିନୀ ପାଇକରାୟ ଚାମ୍ପିୟନ ହୋଇଥିଲେ। ସେମାନଙ୍କୁ ଅନସୂୟା ପଟ୍ଟନାୟକ ଓ ଶରତ ଚନ୍ଦ୍ର ପଟ୍ଟନାୟକ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସ୍ୱାଇଁ ଅତିଥି ପରିଚୟ ଓ ଶିକ୍ଷକ ପାର୍ଥସାରଥି ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଧାନ କଟ୍‌ନିଛଟ୍‌ନି ବନ୍ଦ ଦାବିରେ ବିକ୍ଷୋଭ

କଟକ,୧୭।୨(କାର୍ତ୍ତିକ ସାହୁ)



ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ ଜିଲାରେ କୁଇଣ୍ଟାଲ ପିଛା ସଫା ଶୁଖିଲା ଧାନ ଉପରୁ ୫ କେଜି ଲେଖାଏ କଟ୍‌ନିଛଟ୍‌ନି କରାଯାଉଛି। ତୁରନ୍ତ କଟ୍‌ନିଛଟ୍‌ନି ବନ୍ଦ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ଜିଲା ସଂଯୋଜକ ବିଚିତ୍ର ପଣ୍ଡାଙ୍କ ଆହ୍ୱାନକ୍ରମେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ଚାଷୀଙ୍କଠାରୁ ଧାନକିଣାରେ ଦୁର୍ନୀତି କରାଯାଉଛି। ଯୋଗାଣ ବିଭାଗ ସ୍କ୍ୱାଡ୍ ସବୁଆଡ଼େ ବୁଲି ଦୁର୍ନୀତିର ତଦନ୍ତ କରନ୍ତୁ। ଯଦି ଏହା ନ କରାଯାଏ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି। ଏଥିରେ ରାଜ୍ୟ କମିଟି ସଭ୍ୟ ରଣଜିତ୍ ପଟ୍ଟନାୟକ, ସୁବାସ ଜତି, ଜୟନ୍ତ କୁମାର ସ୍ୱାଇଁ, ରାମଚନ୍ଦ୍ର ରାଉତ, କୃପାସିନ୍ଧୁ ଦାସ, ନିରଞ୍ଜନ ଖଟୁଆ, ପ୍ରସନ୍ନ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ହୃଷୀକେଶ ରାଉତ, ଶ୍ରୀନିବାସ ରାଉତ ପ୍ରମୁଖ ସାମିଲ ଥିଲେ।

**ଫଟୋ ରେ ଖବର**




୫ ଦଫା ଦାବି ନେଇ ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ କଟକ ଜିଲା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନେକ୍ସ-୧ ସଭାଗୃହରେ ସୋମବାର ଅନୁଷ୍ଠିତ ପ୍ରଥମ ବିଧୁ-ମଧୁ ଫାଉଣ୍ଡେଶନ ତର୍କ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ**

ଟାଙ୍ଗୀ,(ରଘୁନାଥ ସାହୁ): ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ବନଲତା ବେହେରା ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ରଣପୁର ବ୍ଲକରେ ଶିକ୍ଷା ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରାଙ୍କୁ ସ୍ୱାଗତ କରାଯିବା ସହ ବିଦାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରକାଶ ଯେ, ଏଠାରୁ ବିଦାୟ ନେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ କଟକ ଜିଲା କଣ୍ଟାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ନେବେ ବୋଲି ଜଣାପଡ଼ିଛି।

# ଶୃଙ୍ଖଳିତ, ସ୍ୱଚ୍ଛତା, ସୁପରିଚାଳନା ଉପରେ ଗୁରୁତ୍ୱ

## ବୋର୍ଡ ପରୀକ୍ଷା ପ୍ରସ୍ତୁତି ବୈଠକ



ବୋର୍ଡ ପରୀକ୍ଷା ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଚଳିତ ୨୦୨୫ ମାଟ୍ରିକ ପରୀକ୍ଷା ଆସନ୍ତା ୨୧ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଶୃଙ୍ଖଳିତ, ବ୍ୟବସ୍ଥିତ ଭାବେ ପରୀକ୍ଷା ଆୟୋଜନ ନେଇ ଜିଲା ପ୍ରଶାସନ ଏବଂ ଖୋର୍ଦ୍ଧା ଶିକ୍ଷା ଜିଲା ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ସୋମବାର ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୩୬ ଜଣ ଲେଖାଏ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଅବଜରଭର, ୧୨ଜଣ ନୋଡାଲ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଶିକ୍ଷାଧିକାରୀ (ଡିଇଓ) ସୋନାମିକା ରାୟ, ବୋର୍ଡ ପ୍ରତିନିଧି ପ୍ରଭାସ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି(ଖୋର୍ଦ୍ଧା) ଅନାଦି ସେଠୀ, ଅତିରିକ୍ତ ଡିସିପି(ଭୁବନେଶ୍ୱର), ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ସମେତ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସରୋଜ ସିଂ ପରୀକ୍ଷା ପରିଚାଳନା ନେଇ ବୋର୍ଡ ପକ୍ଷରୁ ଜାରି ଗାଇଡ୍‌ଲାଇନ ସମ୍ପର୍କରେ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ବୋର୍ଡ ପରୀକ୍ଷାରେ ସ୍ୱଚ୍ଛତା, ସଂସ୍କାର ତଥା ତାହାର ସୁପରିଚାଳନା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନୈତିକ ଦାୟିତ୍ୱ। ସେହିପରି ଡିଇଓ ରାୟ କହିଥିଲେ, ପରୀକ୍ଷା ସୁପରିଚାଳନା ଦିଗରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ କାମନା କରିଥିଲେ। ବିଜେବି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଆଇଆର୍‌ସି ଭିଲେଜ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ତୋଫାନ କୁମାର ରାଉତରାୟ ବୈଠକ ପରିଚାଳନାରେ ସହଯୋଗ କରିଥିବା ବେଳେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।

ପ୍ରକାଶ ଯେ, ଚଳିତ ବର୍ଷ ଜିଲାର ୧୩୪ ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସଓଏସସି) ୨ଟି ମିଶାଇ ମୋଟ ୧୩୬ ପରୀକ୍ଷା କେନ୍ଦ୍ରରେ ୨୭୦୦୯ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ବିଦ୍ୟାର୍ଥୀ ପରୀକ୍ଷା ଦେବେ। ସେଥିରୁ ଖୋର୍ଦ୍ଧା ଉପଖଣ୍ଡରେ ୬୪ ଓ ଭୁବନେଶ୍ୱର ଉପଖଣ୍ଡରେ ୭୨ କେନ୍ଦ୍ର ରହିଛି। ରେଗୁଲାରରେ ୨୬୯୦୭ ଏବଂ ଏକ୍ସ ରେଗୁଲାରରେ ୨୯ଜଣ ବିଦ୍ୟାର୍ଥୀ ରହିଛନ୍ତି। ଏସଓଏସସିରେ ରେଗୁଲାରରେ ୧୮୦ ଓ ଏକ୍ସ ରେଗୁଲାରରେ ୫୮ମୋଟ ୨୩୮ଜଣ ପରୀକ୍ଷା ଦେବେ। ରେଗୁଲାରପତ୍ର ବିନିମୟରେ ୭୧ ଏବଂ ଏକ୍ସ ରେଗୁଲାରରେ ୩ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ୧୨ଟି ନୋଡାଲ କେନ୍ଦ୍ର କରାଯାଇଛି। ସେଥିରୁ ଖୋର୍ଦ୍ଧା ଓ ଭୁବନେଶ୍ୱରରେ ୬ଟି ଲେଖାଏ କେନ୍ଦ୍ର ରହିଛି। ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୩ଟି ଟିମ୍ ଗଠନ କରାଯାଇଛି। ଚଳିତ ବର୍ଷ ୫୦ଟି କେନ୍ଦ୍ରକୁ ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଉକ୍ତ କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଖଞ୍ଜାଯିବ ବୋଲି ବୈଠକରେ କୁହାଯାଇଛି।

## ସଂକ୍ଷେପରେ

### ନଳକୂପ ମରାମତି ପାଇଁ ବିଡିଓଙ୍କୁ ଦାବିପତ୍ର

ଟାଙ୍ଗୀ,୧୭।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଜଳା ଗୋପୀନାଥପୁର ପଞ୍ଚାୟତ ୬ ନମ୍ବର ୱାର୍ଡର ରାଧାକୃଷ୍ଣ ମନ୍ଦିର ପରିସରରେ ଥିବା ସୋଲାର ନଳକୂପ ମରାମତି ପାଇଁ ଗ୍ରାମବାସୀ ଏକ ଦାବିପତ୍ର ବିଡିଓ ରୁମାନା ଜାଫ୍ରିଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଏହି ନଳକୂପ ଖରାପ ହୋଇଯାଇଛି। ଫଳରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ, ଜିଲାପରିଷଦ ସଭ୍ୟ, ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଫଳରେ ତୁରନ୍ତ ଉକ୍ତ ନଳକୂପ ମରାମତି ପାଇଁ ବୈକୁଣ୍ଠନାଥ ବିଶ୍ୱାଳ, ଦେବେନ୍ଦ୍ର ସାହୁ, ଓକିଲ ସାହୁ, କୁନି ପରିଡାଙ୍କ ସମେତ ବହୁଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି।

### ମୃତ କଣ୍ଟ୍ରୋଲ ଡିଲରଙ୍କ ସ୍ଥାନରେ ପୁତ୍ରଙ୍କୁ ନିଯୁକ୍ତି ଦାବି

ବୋଲଗଡ଼,୧୭।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତର ଦୁର୍ଗାପୁର, କନ୍ତାଇଲୋ ଏବଂ ହରେକୃଷ୍ଣପୁର ରାଜସ୍ୱ ଗ୍ରାମର ସାଧାରଣ ବଣ୍ଟନ ବ୍ୟବସ୍ଥାରେ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ ପାଇଁ ନିଯୁକ୍ତ ଥିବା ଡିଲର ଦୁର୍ଯ୍ୟୋଧନ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ନୂତନ ଡିଲର ନିଯୁକ୍ତି ପାଇଁ ଖାଉଟିମାନେ ସୋମବାର ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ଡିଲର ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ପରେ ଏହି ବଣ୍ଟନ ଦାୟିତ୍ୱ ୨କିଲୋମିଟର ଦୂର ପଞ୍ଚାୟତ କାର୍ଯ୍ୟାଳୟରେ କରାଯିବା ଆଶଙ୍କାରେ ଥିବା ଶତାଧିକ ଖାଉଟି ଏହାକୁ ବିରୋଧ କରିବା ସହ ମୃତ ଡିଲରଙ୍କ ସ୍ଥାନରେ ତାଙ୍କ ପୁଅ ଜିତେନ୍ଦ୍ରଙ୍କୁ ନିଯୁକ୍ତି ଦେବାକୁ ନିବେଦନ କରିଛନ୍ତି। ଖାଉଟିଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛିବର୍ଷ ଧରି ଦୁର୍ଯ୍ୟୋଧନ ଅସୁସ୍ଥ ଥିବାବେଳେ ତାଙ୍କ ପୁଅ ଜିତେନ୍ଦ୍ର ଏହି କାର୍ଯ୍ୟ ତୁଲାଇ ଆସୁଥିଲେ। ଖାଉଟିମାନେ ସୁବିଧାରେ ବିଭିନ୍ନ କଣ୍ଟ୍ରୋଲ ସାମଗ୍ରୀ ପାଇବା ସହ ସମୟ ଓ ଶ୍ରମ ବଞ୍ଚାଇ ପାରୁଥିଲେ। ତେଣୁ ଏହାକୁ ବିଚାରକୁ ନେଇ ଜିତେନ୍ଦ୍ରଙ୍କୁ ଡିଲରଭାବେ ନିଯୁକ୍ତ କରାଗଲେ ପୂର୍ବ ଭଳି ବଣ୍ଟନ ବ୍ୟବସ୍ଥା ସୁଚାରୁଭାବେ ହେବା ସହ ଖାଉଟିମାନେ ଉପକୃତ ହେବେ ବୋଲି ବିଡିଓଙ୍କୁ ଜଣାଇଛନ୍ତି। ତେବେ ବିଡିଓ ଶରତ କୁମାର ମଲ୍ଲିକ ଏନେଇ କୌଣସି ପଦକ୍ଷେପ ନେବା ତାଙ୍କ କ୍ଷମତା ବାହାରେ ଥିବା କହିବା ସହ ଉପଜିଲାପାଳଙ୍କୁ ଏ ବାବଦରେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି।

### ମନୋରମା ମିଶ୍ରଙ୍କ ପରଲୋକ

ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)



ବିଶିଷ୍ଟ ସମାଜସେବୀ ତଥା ସାଧୀନତା ସଂଗ୍ରାମୀ ଚକ୍ରଧର ମିଶ୍ରଙ୍କ ବୋହୁ ମନୋରମା ମିଶ୍ରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ବ୍ରେନ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ଭୁବନଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀରକୁ ଶେଷ ଦର୍ଶନ ପାଇଁ ପୁରୀ ଜିଲା କଣାସ ବ୍ଲକ ବେଣାଗାଁ ନିଆଯାଇଥିଲା। ପରେ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବିଶନାଥ ମିଶ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖୋର୍ଦ୍ଧସ୍ଥିତ ଭାଲିଆବାଡି ଗ୍ରାମରେ ଶୋକର ଛାୟା ଖେଳଯାଇଛି।

## ଜନଶୁଣାଣି ଶିବିରରେ ୯୧ ଅଭିଯୋଗ


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବାଘମାରୀ,୧୭।୨(ମିହିର ରଞ୍ଜନ ମହପାତ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ପଞ୍ଚାୟତ ସଭାଗୃହରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୯୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୫ଟି ସାମୂହିକ, ୭୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩ଟି ସମସ୍ୟାର ତତ୍କାଳ ସମାଧାନ ଏବଂ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଛି। ଅନ୍ୟପଟେ ୪ଜଣଙ୍କୁ ଶ୍ରମିକକାର୍ଡ ଏବଂ ଦୁଇ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେହେରା, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ବିଜୟ ସେଠୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଖୋଲାଯାଇଥିବା ବିଭିନ୍ନ ଷ୍ଟଲକୁ ଅଧିକାରୀମାନେ ବୁଲି ଦେଖିଥିଲେ।

## ‘ଗାଁ ପ୍ରତିଭା’ କାର୍ଯ୍ୟକ୍ରମ



ଅରାଙ୍ଗରେ ଅନୁଷ୍ଠିତ ‘ଗାଁ ପ୍ରତିଭା’ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପିଲାମାନେ। (ଫଟୋ:ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)

ଟାଙ୍ଗିଆପଡ଼ା ପଞ୍ଚାୟତର ଅରାଙ୍ଗ ଗ୍ରାମରେ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ‘ଗାଁ ପ୍ରତିଭା’ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ବିକାଶ ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଖା, ପ୍ରାଚୀ, ବିନ୍ଦୁ, ଲକ୍ଷ୍ମୀ, ପ୍ରତ୍ୟୁଷ, ଲକି, ସୀମା, ରୁପାଲି, ଜ୍ୟୋତି, ସୁଦ୍ଧୁ, ଗୁଦ୍ଧୁ, ଇତିନା, ଚୁଟକି, ଗୁଞ୍ଜି, ମାମା, ସୋନାଲି, ଜ୍ୟୋତି, ଗଜୁ, ରକି, ବୁନ୍ଧିଆ, ବର୍ଣ୍ଣି, ନଟୁ, ଡାକୁଆ, ଗୁଡୁଲ, ନନ୍ଦିନୀ, ସୀମା, ସଲୋନୀ ପ୍ରମୁଖ ନୃତ୍ୟ ପ୍ରଦର୍ଶନ ଆକର୍ଷଣ ସାଜିଥିଲା। ପୂଜା ପରିଡ଼ା ଏବଂ ମାମୁନି ପାତ୍ରଙ୍କ ନୃତ୍ୟ ନିର୍ଦ୍ଦେଶନା, ସତ୍ୟବ୍ରତ ଦାସ ମଞ୍ଚ ପରିଚାଳନା କରିଥିଲେ। ବିଷ୍ଣୁ ଚରଣ ପ୍ରଧାନ, ନାରାୟଣ ପରିଡ଼ା, ଭାଗବତ ବାରିକ, ଜିତୁ ବାରିକ, ମାନସ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ମହାକାଳେଶ୍ୱର ପେଟ୍ରୋଲ ପମ୍ପ ଉଦ୍‌ଘାଟିତ


ପେଟ୍ରୋଲ ପମ୍ପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ନୟାଗଡ଼ ରୋଡ୍ ଜିଲା ମୁଖ୍ୟ କାର୍ଯ୍ୟାଳୟ ନିକଟରେ ଭାରତ ପେଟ୍ରୋଲିୟମ ସହଯୋଗରେ ମହାକାଳେଶ୍ୱର ପେଟ୍ରୋଲ ପମ୍ପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ପେଟ୍ରୋଲିୟମର ଓଡ଼ିଶା ମୁଖ୍ୟ (ରିଟେଲର) ମୈନାକ ମୁଖାର୍ଜୀ ଏବଂ ଭୁବନେଶ୍ୱର ଟେରିଟୋରୀ ମ୍ୟାନେଜର(ରିଟେଲର) ଦୀପକ ଅଗ୍ରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପେଟ୍ରୋଲ ପମ୍ପ ମାଲିକ ସଙ୍ଗୀତା ସାହୁ, ତାଙ୍କ ସ୍ୱାମୀ ସୌମେନ୍ଦ୍ର ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବ ବୋଲି ସଙ୍ଗୀତା କହିଛନ୍ତି।

## ରାସ୍ତା ଜବରଦଖଲ କରି ଗୃହ ନିର୍ମାଣ ଅଭିଯୋଗ

### ମାପ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ବୋଲଗଡ଼,୧୭।୨(ଦେବବ୍ରତ ହୋତା)


ତହସିଲଦାରଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ବୋଲଗଡ଼ ତହସିଲ ଅଧୀନ ଚଟୁଆ ଗ୍ରାମରେ ସର୍ବସାଧାରଣ ରାସ୍ତାକୁ ଦୁଇଜଣ ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏହି ରାସ୍ତା ଉପରେ ଗୃହ ନିର୍ମାଣ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ଚଟୁଆ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ବାସିନ୍ଦା ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଆଡିଶନାଲ ତହସିଲଦାର ଦୀପ୍ତିମୟୀ ଶର୍ମାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମାପ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ଚଟୁଆ ଗ୍ରାମ ଦେଇ ଯାଇଥିବା ଆରଡି ରାସ୍ତାଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତା (ଚଟୁଆ ମୌଜାର ଖାତା ନଂ. ୩୦୮, ପ୍ଲଟ ନଂ. ୩୭୯)କୁ ଦୁଇଜଣ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଛନ୍ତି। ଏହାକୁ ମାପ ଚିହ୍ନଟ କରି ଜବରଦଖଲ ମୁକ୍ତ କରିବା ପାଇଁ ଦୀର୍ଘ ୪ମାସ ହେବ ଗ୍ରାମବାସୀ ଚେଷ୍ଟା କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରାଯାଇଥିବା ବେଳେ ବିଭାଗ ପକ୍ଷରୁ ବୋଲଗଡ଼ ତହସିଲ କାର୍ଯ୍ୟାଳୟକୁ ସୂଚନା ଓ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା। ତେବେ ଏହା ମଧ୍ୟରେ ଅନେକଥର ସମ୍ପୃକ୍ତ ଗ୍ରାମବାସୀ ତହସିଲଦାରଙ୍କୁ ଶୀଘ୍ର ମାପ କରି ପଦକ୍ଷେପ ନେବାକୁ ନିବେଦନ କରିଥିଲେ ବି ସୁଫଳ ମିଳିନାହିଁ। ଅପରପକ୍ଷରେ ରାସ୍ତା ଜବରଦଖଲ ନେଇ ଗ୍ରାମବାସୀ ଯାତାୟାତରେ ହଇରାଣ ହେଉଥିବା ବେଳେ ଜଣେ ଜବରଦଖଲକାରୀ ସେଠାରେ ଗୃହ ନିର୍ମାଣ ଜାରି ରଖିଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସଞ୍ଜୟ ସାହୁ, ହେମନ୍ତ ସାହୁ, ପ୍ରଦୀପ ମହାରଣା, ଲକ୍ଷ୍ମଣ ମୁଦୁଲି, କୃଷ୍ଣଚନ୍ଦ୍ର ବାରିକ, ଚରଣ ବେହେରାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ୩୨୪ ଚାଷୀଙ୍କ ଧାନ କ୍ରୟ ପାଇଁ ଦାବି

ବେଗୁନିଆ,୧୭।୨(ସନ୍ଧ୍ୟାରାଣୀ ମିଶ୍ର)

ସାରୁଅ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ବଡ଼ବେରଣା ସେବା ସମବାୟ ସମିତିର ଚାଷୀ କମିଟିର ସଦସ୍ୟମାନେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମବାୟ ସମିତିରେ ୭୪୫ଜଣ ଚାଷୀଙ୍କ ୨୬୭୮୨.୯୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୪୨୧ ଚାଷୀଙ୍କଠାରୁ ୧୪୮୫୦.୩୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ବଳକା ୩୨୪ ଚାଷୀଙ୍କଠାରୁ ୧୧୯୩୨.୫୮ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ରହିଛି। ଧାନ କ୍ରୟ କରିବା ପାଇଁ ନିଯୁକ୍ତ ହୋଇଥିବା ମିଲର ଟାର୍ଗେଟ ନାହିଁ କହି ଫେରାଇ ଦେଉଥିବାରୁ ସମବାୟ ସମିତିର ସଭାପତି ପରମାନନ୍ଦ ମହାପାତ୍ରଙ୍କ ସହ ଚାଷୀ କମିଟିର ସଦସ୍ୟମାନେ ଏକତ୍ରିତ ହୋଇ ଘଟଣାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ: ରାଇମୂଳ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା/ବୋଲଗଡ଼,୧୭।୨
(ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)

ବିମଳାକ୍ଷୀ କ୍ଲବ ଆନୁକୂଲ୍ୟରେ ବିମଳାକ୍ଷୀ ଚ୍ୟାଲେଞ୍ଜ ସର୍ବଭାରତୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତାର ଦଶମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ବୋଲଗଡ଼ ବ୍ଲକ ହରିହର ବିଦ୍ୟାପୀଠ ଖେଳପଡ଼ିଆରେ ଏହି ପ୍ରତିଯୋଗିତା ହୋଇଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଗୋଡ଼ିଆଳି ଟିମ୍‌କୁ ହରାଇ ରାଇମୂଳ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଏହି ପ୍ରତିଯୋଗିତାକୁ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଭାଜପା ନେତା ପ୍ରକାଶ ରଣବିଜୁଳି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ କ୍ଲବ୍ ସଭାପତି କସ୍ତୁରୀ ଚରଣ ମହାପାତ୍ର ଚାମ୍ପିୟନ ଟିମକୁ ୫ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଭାଗବତ ପ୍ରସାଦ ପାଣ୍ଡେ ରନରଅପ୍ ଟିମକୁ ୩ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ସୁଶାନ୍ତ ସାମନ୍ତରାୟ, ଉପସଭାପତି ଶିବରାମ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଆକାଶ ମହାପାତ୍ର, ବିଶ୍ୱ ନନ୍ଦ, ସୀତାରାମ ମହାପାତ୍ର, ସୁଶାନ୍ତ ସାମନ୍ତରାୟ, ସୌଭାଗ୍ୟ ରଣସିଂହ, ରାକେଶ ସ୍ୱାଇଁ, ସ୍ମୃତି ରଞ୍ଜନ ସାମନ୍ତରାୟ, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୁଶୁପଲ୍ଲୀ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ | ଘାଟିକିଆ ସେମିଫାଇନାଲରେ

ବେଗୁନିଆ,୧୭।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

କୁଶୁପଲ୍ଲୀ ଖେଳପଡ଼ିଆରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୁଶୁପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମହିୟୁଦ୍ଦିନ ଅହମ୍ମଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଅତିଥିଭାବେ ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ଲଡୁକଶର ପଟ୍ଟନାୟକ, ହାଜି ସେଖ ମୁବାରକ, ଗିରିଶ ଚନ୍ଦ୍ର ଦୀକ୍ଷିତ,ଏସ୍.କେ ମମତାଜ ଏବଂ ସୁନିଲ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଘାଟିକିଆର ବଜରଙ୍ଗବାଲୀ ଫୁଟ୍‌ବଲ କ୍ଲବ ଏବଂ ଭଞ୍ଜନଗରସ୍ଥିତ ମାର୍ଥା କ୍ଲବ୍ ମଧ୍ୟରେ ହୋଇଥିଲା। ୧-୦ ଗୋଲରେ ଘାଟିକିଆ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସକାଓ୍ୱତ ଅଲ୍ଲୀ ଖାଁ ମ୍ୟାଚ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ଗିରିଶ ଚନ୍ଦ୍ର ଜାନି ଏବଂ ମିଥୁନ ମହାନ୍ତି ଲାଇନରେ ସହଯୋଗ କରିଥିଲେ।


କୁଶୁପଲ୍ଲୀ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଟାଇବ୍ରେକରରେ ଜିତିଲା ରଣପୁର କ୍ଲବ

ବାଘମାରୀ,୧୭।୨(ମିହିର ରଞ୍ଜନ ମହପାତ୍ର)


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ପୋଡ଼ାଡ଼ିହ ପଞ୍ଚାୟତ ତଳଗଡ଼ ଖେଳପଡ଼ିଆରେ ବାପୁଜୀ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୨ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରଣପୁର କ୍ଲବ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ରଣପୁର କ୍ଲବ ଏବଂ ଅରୁଗୁଳ ଗୋଲ୍ଡେନ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ରଣପୁର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବିଦେଶୀ ନାୟକ ରେଫରି ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ରମେଶ ଚନ୍ଦ୍ର ପାଇକରାୟ ଏବଂ ସାଇରାମ କିସୁକୋ ଲାଇନରେ ସହାୟତା କରିଥିଲେ। ମ୍ୟାଚ କମିଶନରଭାବେ ପୂର୍ବତନ କ୍ରୀଡ଼ା ଶିକ୍ଷକ ମନମୋହନ ସାମନ୍ତରାୟ ଏବଂ ମିହିର ରଞ୍ଜନ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ବାପୁଜୀ ସ୍ପୋର୍ଟିଂ କ୍ଲବ ସଭାପତି ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ସିଦ୍ଧାର୍ଥ ରାଉତରାୟ ଯୋଗଦେଇଥିଲେ। ସାମାଜିକ କର୍ମୀ ମାନସ କୁମାର ବେହେରା, ପୂର୍ବତନ ସରପଞ୍ଚ ଚକ୍ରଧର ପାଇକରାୟ, ପ୍ରମୋଦ କୁମାର ଦାସ, ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୭ହଜାର ଟଙ୍କା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ପାଦକ ଅଙ୍କୁର ଚରଣ ନାୟକ ବିବରଣୀ ପାଠ କରିଥିଲେ। କେଶବ ନାୟକ, ଲକି ଖାଁ, ବଜୁ ଦାସ ଏବଂ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ | ହାଜିପୁର କ୍ଲବ୍ ସେମିରେ

ଖୋର୍ଦ୍ଧା,୧୭।୨
(ପ୍ରଭାତ ପାଣିଗ୍ରାହୀ)


ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଜଗତ୍‌ସିଂହପୁରର ହାଜିପୁର କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ହାଜିପୁର କ୍ଲବ୍ ଓ ବାଙ୍କୀ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ହାଜିପୁର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୧୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିବେକ ସାହୁ ୬୫ ଏବଂ ବିଶ୍ୱଜିତ ମହାପାତ୍ର ୩୯ରନ କରିଥିଲେ। ଜବାବରେ ବାଙ୍କୀ ଟିମ୍ ୧୬୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ହାଜିପୁର କ୍ଲବ୍‌ର ବିବେକ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ସିଂ ଏବଂ ଝଜକିଶୋର ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ ସୁନ୍ଦରାୟ ସ୍କୋରର ଏବଂ ଆଦିତ୍ୟ ବଳିୟାରସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ସନାଉଲ୍ଲା ଏବଂ ଶୁଭ୍ରାଂଶୁ ଚମ୍ପତିରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଚାଷୀମାନେ ନିଜ ଉତ୍ପାଦିତ ପନିପରିବା ପ୍ରଦାନ ପୂର୍ବକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମନ୍ତ୍ରୀଙ୍କୁ ହଳ ଲଙ୍ଗଳ, ପନିପରିବା ଉପହାର ଦେଲେ ଚାଷୀ

**ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲେ ନବୀନ: ଭାଜପା**

ଭୁବନେଶ୍ୱର, ୧୭।୨ (ଅନୁରାଧା ମହାରଣା)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋମବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସ ଭବନରେ ଭେଟିଥିଲେ। ଏହି ଅବସରରେ ଚାଷୀମାନେ ଉପହାର ସ୍ୱରୂପ ନିଜ ଜମିରେ ଚାଷ କରିଥିବା ଆଳୁ, ବାଇଗଣ, କୋବି, ବିଲାତି, କଦଳୀ, ନଡିଆ, ପାନ ଆଦି ପନିପରିବା ସହ ହଳ ଲଙ୍ଗଳ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇ ମହେଶ୍ୱର କହିଛନ୍ତି, ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ଧରି ଶାସନରେ ଚାଷୀମାନେ ଶୋଷଣର ଶିକାର ହେଉଥିଲେ। ୨୦୧୫ରେ ଧାନ କୁଇଣ୍ଟାଲ ପିଛା ୧୦୦ଟଙ୍କା ବୋନସ ଦେବାକୁ କହିଥିଲେ, ଦେଲେ ନାହିଁ। ୩୧୪ ବ୍ଲକରେ ଶୀତଳ ଭଣ୍ଡାର ଓ ୩୫ ଭାଗ ଜମିକୁ ଜଳସେଚିତ କରିବାକୁ କହିଥିଲେ, କଲେ ନାହିଁ। କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଲେଖାଏ ଦେବାକୁ କହି ଭଣ୍ଡେଇଲେ। ନବୀନ ପଟ୍ଟନାୟକ ଓଡିଶାର ଚାଷୀଙ୍କ ପ୍ରତି ବିଶ୍ୱାସଘାତତା କରିଛନ୍ତି। ଭାଜପା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରୁଛନ୍ତି। ସରକାର ୮ ମାସ ଶାସନ କାଳରେ ଚାଷୀଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏବର୍ଷ ଧାନ କିଣା କାରବାର ସାରା ରାଜ୍ୟରେ ସ୍ୱଚ୍ଛତାର ଓ ଶୃଙ୍ଖଳିତ ଭାବରେ ହୋଇ ଚାଷୀ ତା'ର ଲାଭପାଉଥିବାରୁ ମନ୍ତ୍ରୀ ପାତ୍ରଙ୍କୁ ଚାଷୀମାନେ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଯଦୁମଣି ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଅଗ୍ରୱାଲ, ଅଶୋକ କୁମାର ରଥ ସାମିଲ ହୋଇଥିଲେ।




ଧ-୨୯୭୪



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।"

**୰ବିଦ୍ୟାଧର ସ୍ୱାଇଁ**
କଦଳୀବାରି, ଜଗତସିଂହପୁର
ଆବିର୍ଭାବ: ୨୫.୦୧.୧୯୬୦
ତିରୋଧାନ: ୦୮.୦୨.୨୦୨୫
ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ ସଭିଙ୍କୁ ବ୍ୟଥାତୁର କରୁଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମ କାରୁଣିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଅଛୁ।
-: ପ୍ରାର୍ଥନା ସହ :-
ଚନ୍ଦନ, କୁନୁ, ନନ୍ଦୀ, ଲିପୁ, ସାଇ, ଡୁଡୁଲି
ବନ୍ଧୁ ଓ ପରିବାର ବର୍ଗ
ଧ-୨୯୬୯

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସଂଯୁକ୍ତା କୁମାରୀ ପ୍ରଧାନ** (ଶିକ୍ଷୟିତ୍ରୀ)
ଭୁବନପୁର, ସ୍ୱାଧୀନ କଲୋନୀ, ନିମାପଡ଼ା
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ସ୍ମୃତିର ସଳିତା ଜଳେ
ଅଲିଭାଏ ଲୁହର ଦୀପାବଳି
ତୁମ ପାଇଁ ଚିରଦିନ ଥିବ
ତୁମେ ଆମ ପ୍ରାଣର ସଞ୍ଜାଳି।
ତୁମେ ଥିଲ ଆମ ପାଇଁ
ମମତାର ମହାତୀର୍ଥ ଭୂଇଁ
ରହିବ ବି ସବୁ ଦିନ
ହୋଇ ଆମ ଆକାଶର ଛାଇ।
ଶୋକସନ୍ତପ୍ତ: ସ୍ୱାମୀ– ଗୁଣନିଧି, ଝିଅ: କି.ଏସ.ବର୍ଷା, ଜ୍ୱାଇଁ: ପାର୍ଥସାରଥି (ବାପୁ), ପୁତୁରା: ନଣ୍ଡା, ଅନ୍ୟ ପୁତୁରା, ଝିଆରୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୯୦୭



**୰ ମାୟା ପାଣିଗ୍ରାହୀ (ବୋଉ)**
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୬.୦୫.୧୯୩୦
ତିରୋଧାନ : ୦୭.୦୨.୨୦୨୫
(ମାଘ ଶୁକ୍ଳ ଦଶମୀ)
**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**
ସଂପର୍କ
ହୃଷିକେଶ ପାଣିଗ୍ରାହୀ
ଅଶୋକନଗର ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୯୬୨

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଦୈତାରୀ ବେହେରା**
ରଘୁନାଥପୁର, ପରମହଂସ, କଟକ ସଦର
ଆବିର୍ଭାବ: ତା୧୫।୦୪।୧୯୬୬
ତିରୋଧାନ: ତା୦୭।୦୨।୨୦୨୫
ବନ୍ଧୁ ଯେଉଁଠାରେ ରହିଥାଅ, ଜଗନ୍ନାଥଙ୍କ କୃପାରୁ ଶାନ୍ତିରେ ରହିଥାଅ।
ବନ୍ଧୁ ଓ ଶୁଭେଚ୍ଛୁ।
ଧ-୨୯୫୬


# ଭାଜପାରେ ଯୋଗଦେଲେ ବିଜେଡି କର୍ମୀ



ଅନୁଗୋଳ ବିଧାୟକଙ୍କ ଉପସ୍ଥିତିରେ ବିଜେଡି କର୍ମୀମାନେ ଭାଜପାରେ ଯୋଗ ଦେଉଛନ୍ତି।

ସନ୍ତ୍ରିଛକ, ୧୭।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଅଁରପାଳ ବ୍ଲକ ତଳମୂଳ ପଞ୍ଚାୟତର ବିଜେଡି ସଭାପତି ଅରବିନ୍ଦ ଜେନା, ସମିତି ସଭ୍ୟା ଅମ୍ରିତା ଜେନା, ସୁଶାନ୍ତ ଜେନା, ନୃସିଂହ କୁମାର ଧଳଙ୍କ ସମେତ ବହୁ ଦଳୀୟ କର୍ମୀ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଅନୁଗୋଳ ନିର୍ବାଚନମଣ୍ଡଳୀର କମଳା ଫାର୍ମ ନିକଟସ୍ଥ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଫିସରେ ବିଧାୟକ ପ୍ରଧାନ, ତଳମୂଳ ଭାଜପା ସଭାପତି ଅଜିତ କୁମାର ସାହୁ, ବଅଁରପାଳ ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ପ୍ରମୁଖଙ୍କ ଉପସ୍ଥିତରେ ଏହି ବିଜେଡି କର୍ମୀମାନେ ଭାଜପାରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ନେତା ମାନସ ମହାନ୍ତିଙ୍କ ନେତୃତ୍ୱ ଉପରେ ବିଶ୍ୱାସ ରଖି ବିଜୁ ଜନତା ଦଳର ଏହି କର୍ମୀମାନେ ଭାଜପାରେ ଯୋଗଦାନ କରିଛନ୍ତି।






# ପାଟଣା ବ୍ଲକ୍ ଉପାଧ୍ୟକ୍ଷା ହେଲେ ଅଧ୍ୟକ୍ଷା

ପାଟଣା, ୧୭।୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ ପାଟଣା ବ୍ଲକ ଅଧ୍ୟକ୍ଷା ଭାବେ ସୋମବାର ଉପାଧ୍ୟକ୍ଷା ବୀଣାପାଣି ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ତାଙ୍କୁ ଦାୟିତ ହସ୍ତାନ୍ତର କରିଥିଲେ। ବୀଣାପାଣିଙ୍କ କାର୍ଯ୍ୟଭାର ଗ୍ରହଣ ସମୟରେ ୨୦ରୁ ଊର୍ଦ୍ଧ୍ୱ ସମିତିସଭ୍ୟ ଓ ସରପଞ୍ଚ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। କନିଷ୍ଠଯନ୍ତ୍ରୀ ସିଦ୍ଧ ମାଝି, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସସ୍ମିତା ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ନୂତନ ଭାବେ ବ୍ଲକ୍ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିବା ବୀଣାପାଣି ତାଙ୍କ ପ୍ରତିକ୍ରିୟାରେ ସମସ୍ତ ସମିତି ଓ ସରପଞ୍ଚଙ୍କ ସହ ପରାମର୍ଶ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅଧ୍ୟକ୍ଷା ସୁକାନ୍ତି ନାଏକ ଗତ ଶୁକ୍ରବାର ଆସ୍ଥା ଭୋଟ ଗଣତିରେ ପରାଜିତ ହୋଇଥିଲେ। ୩୪ ଜଣ ସଭ୍ୟା ଓ ସଭ୍ୟଙ୍କ ଭୋଟ ମଧ୍ୟରୁ ଅନାସ୍ଥା ସପକ୍ଷରେ ୩୩ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ଗୋଟିଏ ମାତ୍ର ଭୋଟ ପଡ଼ିଥିଲା।


# Classified Everyday
0674-2580101, 9692975378



**REAL ESTATE**
**SALE**

**1.25Acre land available for sale in sisolo, Near Balipatna (7kms from Uttara Square). Contact- 7978097047.** D-2960

**Building for sale 35000sqft with land area 2 acre or more near Brahmapur, Ganjam for Hospital / College / School, Contact: 8260780200.** D-75598

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**3BHK flat for sale in Gudiapokhari, Near Krupajal College, Uttara. Contact- 7978097047.** D-2959

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-2971

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2967

**Land/ plot and building of 7000sqft two storied for sale in Keonjhar Town, land area 1 acre, Contact: 8260780200.** D-75597

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2973



**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

**1000Sqft Hall Available on Lewis Main Road, In Samanatarapur for Commercial Purpose. Contact- 7978097047.** D-2966

**700Sqft Hall with Toilet Available in Uttara Square for Commercial Purpose. Contact- 7978097047.** D-2968

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

**LOST**

ମୁଁ ଶ୍ରୀ ନାରାୟଣ ମିଶ୍ର, ବୟସ–୬୯, ପିତା– କୃଷ୍ଣଚନ୍ଦ୍ର ମିଶ୍ର, ଗ୍ରାମ– ବଡ଼ରଘୁନାଥପୁର, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା। ଏତଦ୍ୱାରା ନୋଟାରୀ ଭୁବନେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ ଜରିଆରେ ଜଣାଉଅଛିକି ମୋର ଏକ ବିକ୍ରୟ କବଲା ଯାହାର ନଂ.–୬୪୪ ଅଟେ। ଜଟଣୀ ସବ୍‌ରେଜିଷ୍ଟ୍ରିଙ୍କ ନିକଟରେ ଗତ ତା୦୫।୦୪।୧୯୯୯ ମସିହାରେ ରେଜିଷ୍ଟ୍ରି ହୋଇଥିଲା। ସେହି ବିକ୍ରୟ କବଲାଟି ମୁଁ ରହୁଥିବା ବଡ଼ରଘୁନାଥପୁର, ସାମନ୍ତରାପୁର ଛକଠାରୁ ୧୨।୦୨।୨୦୨୫ରେ ଆସୁଥିବା ସମୟରେ କେଉଁଆଡ଼େ ହଜିଯାଇଅଛି। ଏହାକୁ ଯଦି କେହି ଅପବ୍ୟବହାର/ missuse କରନ୍ତି ସେଥିପାଇଁ ଆମେ ଦାୟୀ ରହିବୁ ନାହିଁ। ଧ-୨୯୭୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Executive Magistrate, Danagadi Dated 17-02-2025, I Bali Behera, Address: At-Chitri, P.O.- Chitri Gobardhanpur, P.S.-Tomka, Dist.- Jajpur, Odisha-755019 declare that I have changed my name from Srimati Balidei Behera to Bali Behera. Henceforth, I shall be known as Bali Behera for all purposes. D-2970

By virtue of an affidavit sworn before Laxmi Tiria, O.A.S., dated 17.02.2025, I, Narayan Padhi, Address: At- Plot No.- 629, Baliapata Basti, Rasulgarh, P.O.- GGP Colony, P.S.- Mancheswar, BBSR, Dist.- Khordha, Odisha- 751025 declare that I have changed my daughter's name from MANINI PADHI to BARSHARANI PADHI. Henceforth, she shall be known as BARSHARANI PADHI for all purposes.
Narayana Padhi
D-2972

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

Letter No.-292/dt. 06.02.2025

ମାନ୍ୟବର ଆଡିସନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.), ଆଡିସନାଲ ରିଭିଜନ କୋର୍ଟ ନଂ.– ୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲ, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୧୧୪୦/୨୦୨୩

ରମେଶ ଚନ୍ଦ୍ର ବେହେରା ...ବାଦୀ/ଦରଖାସ୍ତକାରୀ
ବନାମ
ନୀଳାଦ୍ରି ଭୂଷଣ ବନ୍ଦୋପାଧ୍ୟାୟ ଓ ଅନ୍ୟମାନେ .... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
ରମେଶ ଚନ୍ଦ୍ର ବେହେରା, ପି: ବୈଷ୍ଣବ ବେହେରା, ଜାତି: ଗୋପାଳ, ଗ୍ରାମ: କୋରଡ଼କଣ୍ଟା, ପୋ: ବୁଦ୍ଧେଶ୍ୱରୀ, ଥାନା: ବଡ଼ଗଡ଼, ଜିଲ୍ଲା: ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର ୫, ରୁଲ୍ –୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା–୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.– ୪, ଭୁବନେଶ୍ୱର ଅଦାଲତରେ ବାଦୀ ରମେଶ ଚନ୍ଦ୍ର ବେହେରା ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୩) ନୀଳାଦ୍ରି ଭୂଷଣ ବନ୍ଦୋପଧ୍ୟାୟ, ୪) ହିମାଦ୍ରି ଭୂଷଣ ବନ୍ଦୋପଧ୍ୟାୟ, ଉଭୟ ୩ ଓ ୪ଙ୍କର ପିତା: ବିନ୍ଦୁ ଭୂଷଣ ବନ୍ଦୋପଧ୍ୟାୟ, ଠିକଣା: ଦୋଳଗୋବିନ୍ଦ ସାହି, ପୋଷ୍ଟ– ପୁରୀ ଟାଉନ, ଜିଲ୍ଲା– ପୁରୀ, ୫)ଶୈଳବାଳା ପଟ୍ଟନାୟକ, ସ୍ୱା–ବିପ୍ର ଚରଣ ପଟ୍ଟନାୟକ, ଠିକଣା: ଉତ୍ତରମୁଣ୍ଡ ମୁହାଣ, ଥାନା: ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ୯) ବିଷ୍ଣୁ ପ୍ରିୟ ସାହୁ, ସ୍ୱା– ନାରାୟଣ କୁମାର ସାହୁ, ୧୦) ନାରାୟଣ କୁମାର ସାହୁ, ପି: ୰ହରେକୃଷ୍ଣ ସାହୁ, ଉଭୟ ୯ ଓ ୧୦ଙ୍କ ଠିକଣା: କେସୁରା, ପୋଷ୍ଟ– ବସୁଆଘାଇ, ଥାନା: ଶହୀଦ ନଗର, ଜିଲ୍ଲା– ଖୋର୍ଦ୍ଧା ଏବଂ ୧୧) ଯଦୁମଣି ମିର୍ଦ୍ଧାପ, ଠିକଣା: ଓଗାଳପଡ଼ା, ଥାନା: ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ଠିକଣା ଠିକ୍ ଥିବା ସତ୍ତ୍ୱେ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା ଏବଂ ପ୍ରତିବାଦୀ ନଂ.–୭ ଶ୍ରୀମତୀ ଧନମଣି ମହାନ୍ତି, ସ୍ୱା– ପ୍ରଫୁଲ୍ଲ କୁମାର ମହାନ୍ତି, ଠିକଣା: ସା/ପୋଷ୍ଟ– ଉତ୍ତର ମୁଣ୍ଡ ମୁହାଣ, ଥାନା– ଜଟଣୀ, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ଏବଂ ୮ ଶ୍ରୀମତୀ ବୀଣାପାଣି ମହାନ୍ତି, ସ୍ୱା– ରବୀନ୍ଦ୍ରନାଥ ମହାନ୍ତି, ଠିକଣା: ସା/ପୋଷ୍ଟ– ପାଇକରାପୁର, ଥାନା–ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ମୃତ ଅଟନ୍ତି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀ ନଂ.– ୩,୪,୫,୯,୧୦ ଏବଂ ୧୧ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୪।୦୩।୨୦୨୫ରିଖ ଭୁବନେଶ୍ୱରଙ୍କ ଆଦେଶକ୍ରମେ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ଥାନା–ଜଟଣୀ, ତହସିଲ– ଜଟଣୀ, ମୌଜା–ଓଗାଳପଡ଼ା, ସାବିକ ଖାତା ନଂ.– ୧୨୪, ସାବିକ ପ୍ଲଟ୍ ନଂ.– ୫୦୪, ହାଲ୍ ଖାତା ନଂ.–୨୫୨, ହାଲ୍ ପ୍ଲଟ୍ ନଂ.–୯୬୮, ଏରିଆ– ଏ୦.୧୧୫ (ପା) ଡିସିମିଲ, ସ୍ୱଧରୁ ଏରିଆ– ଏ୦.୧୫୦ ଡିସିମିଲ ଏବଂ ହାଲ୍ ପ୍ଲଟ୍ ନଂ.–୯୬୯, ଏରିଆ– ଏ୦. ୧୭୫ଡିସିମିଲ, ସ୍ୱଧରୁ ଏରିଆ– ଏ୦.୧୭୫ଡିସିମିଲ (ବୃତ୍ତି ଏରିଆ– ଏରିଆ ଏ୦.୨୯୦ ଡିସିମିଲ)।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.– ୩, ୪, ୫, ୯, ୧୦ ଏବଂ ୧୧ ଜୀବିତ ପ୍ରତିବାଦୀ ଏବଂ ପ୍ରତିବାଦୀ ନଂ.–୭ ଓ ୮ ମୃତ ପ୍ରତିବାଦୀ ହୋଇଥିଲେ ଔରୋଷମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାଇ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./– ଆଡିଶନାଲ ରିଭିସନ କୋର୍ଟ ନଂ.– ୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୭୭


**ଅନ୍ୟାନ୍ୟ ଖବର**

# ୨୮ ପର୍ଯ୍ୟନ୍ତ ଇଗ୍ନୁ ନାମଲେଖା ବୃଦ୍ଧି

ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ)

ଇଗ୍ନୁରେ ୨୦୨୫ ଜାନୁଆରୀ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୁ ୱେବ୍‌ସାଇଟକୁ ଅନୁସରଣ କରିବାକୁ କୁହାଯାଇଛି। ଅଣ୍ଡର ଗ୍ରାଜୁଏଟ୍ ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ଛାତ୍ରୀଛାତ୍ର ଯଦି ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ତେବେ ସେମାନେ ଏହି ସୁବିଧାରୁ ବଞ୍ଚିତ ରହିବେ। ଚଳିତ ବର୍ଷ ଏମ୍‌ଏସ୍‌ସିରେ କେତେକ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ସେଥିମଧ୍ୟରେ ଏମ୍‌ଏସ୍‌ସିର ଜୁଲୋଜି, କେମେଷ୍ଟ୍ରି, ଆନାଲିଟିକାଲ କେମେଷ୍ଟ୍ରି, ବାଓକେମେଷ୍ଟ୍ରି, ଜିଓଇନ୍‌ଫର୍‌ମେଟିକ୍ସ, ଫିଜିକ୍ସ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଜିଓଗ୍ରାଫି ଆଦି ପାଠ୍ୟକ୍ରମ ରହିଛି। ସମ୍ପୂର୍ଣ୍ଣ ପ୍ରସ୍‌ପେକ୍ଟସ ସିଧାସଳଖ ଇଗ୍ନୁ ୱେବ୍‌ସାଇଟରୁ ଡାଉନ୍‌ଲୋଡ କରାଯାଇପାରିବ। ନୂତନ ଶିକ୍ଷାନୀତି ଅନୁଯାୟୀ ଜଣେ ଚାହିଁଲେ ଦୁଇଟି ବିଷୟରେ ଡିଗ୍ରୀ କରିପାରିବେ। ଏହି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଇଗ୍ନୁ ୱେବ୍‌ସାଇଟରେ ପ୍ରଦାନ କରାଯାଇଛି ବୋଲି ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ଼. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଜ୍ଞାନେଶ କୁମାର ନୂଆ ସିଇସି

ନୂଆଦିଲ୍ଲୀ,୧୭।୨(ପି.ଟି.)

ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ସୋମବାର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତ କରାଯାଇଛି। ବିଦାୟୀ ସିଇସି ରାଜୀବ କୁମାର ମଙ୍ଗଳବାର ଅବସର ନେବାକୁ ଥିବାବେଳେ ତାଙ୍କ ସ୍ଥାନରେ ଜ୍ଞାନେଶ ଯୋଗଦେବେ। କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ନିଯୁକ୍ତି ପାଇବାରେ ଜ୍ଞାନେଶ ପ୍ରଥମ ସିଇସି। ତାଙ୍କ ନେତୃତ୍ୱରେ ଚଳିତବର୍ଷ ବିହାର ବିଧାନସଭା ନିର୍ବାଚନ ଏବଂ ଆସନ୍ତାବର୍ଷ ପଶ୍ଚିମବଙ୍ଗ, ଆସାମ ଏବଂ ତାମିଲନାଡୁ ନିର୍ବାଚନ ପରିଚାଳିତ ହେବାକୁ ଯାଉଛି। ତାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ରେ ଶେଷ ହେବ। ଜ୍ଞାନେଶ ସିଇସି ନିଯୁକ୍ତ ହେବା ପରେ ୧୯୮୯ ବ୍ୟାଚ୍‌ର ହରିୟାଣା କ୍ୟାଡର ଆଇଏଏସ୍ ଅଫିସର ବିବେଶ ଜୋଷୀଙ୍କୁ



ଅନ୍ୟତମ ନିର୍ବାଚନ କମିଶନର ନିଯୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଚୟନ କମିଟି ବୈଠକ ବସି ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ନାମ ଚୂଡ଼ାନ୍ତ କରାଯାଇଛି। ଜ୍ଞାନେଶ କୁମାର ନୂଆ ସିଇସି ହେଲେ ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। କମିଟିରେ ମୋଦିଙ୍କ ବ୍ୟତୀତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଛନ୍ତି।

୧୯୮୮ ବ୍ୟାଚ୍‌ର କେରଳ କ୍ୟାଡର ଆଇଏଏସ୍ ଅଫିସର ଜ୍ଞାନେଶ ୨ କମିଶନରଙ୍କ ମଧ୍ୟରେ ବରିଷ୍ଠତମ ଥିଲେ। ଆଇଆଇଟି କାନ୍‌ପୁରରୁ ସିଭିଲ୍ ଇଞ୍ଜିନିୟରିଂରେ ବି.ଟେକ୍ କରିବା ପରେ ସେ ଆଇସିଏଫ୍‌ଏଆଇରେ ବିଜ୍‌ନେସ୍ ଫାଇନାନ୍ସ, ଆମେରିକାର ହାର୍ଭାର୍ଡରେ ଏନ୍‌ଭାଇରନମେଣ୍ଟାଲ ଇକୋନୋମିକ୍ସ ପଢ଼ିଥିଲେ। ସେ କେରଳ ସରକାର ଏବଂ ଭାରତ ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ୨୦୨୪ ଜାନୁଆରୀ ୩୧ରେ ଅବସର ନେଇଥିଲେ। ସେହିବର୍ଷ ମାର୍ଚ୍ଚ ୧୫ରେ ତାଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରାଯାଇଥିଲା।

## ତରବରିଆ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ତରବରିଆ ଭାବେ ସିଇସି ନିଷ୍ପତ୍ତିକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିରୋଧ କରିଥିଲେ। ନୂଆ ଆଇନରେ ଚୟନ କମିଟି ଗଠନ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ପିଟିଶନ୍ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ସରକାର ନିଷ୍ପତ୍ତି ଘୁଞ୍ଚାଇବା ଆବଶ୍ୟକ ବୋଲି ସେ କହିଥିଲେ ମଧ୍ୟ ତାହା ଅଗ୍ରାହ୍ୟ ହୋଇଯାଇଛି।

ସୁପ୍ରିମକୋର୍ଟରେ ଚୟନ କମିଟି ଗଠନ ସମ୍ପର୍କିତ ପିଟିଶନ୍‌ର ଶୁଣାଣି ଆସନ୍ତା ୧୯ ତାରିଖରେ ହେବ। ସେ ପର୍ଯ୍ୟନ୍ତ ନିଷ୍ପତ୍ତି ସ୍ଥଗିତ ରଖିବାକୁ କଂଗ୍ରେସ କହିଥିଲା। ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ହଟାଇଦେଇ ସରକାର ନିର୍ବାଚନ କମିଶନକୁ ନିୟନ୍ତ୍ରଣରେ ରଖିବା ଏବଂ ଏହାର ବିଶ୍ୱସନୀୟତା ବଜାୟ ନ ରଖିବାକୁ ଚାହାନ୍ତି ବୋଲି ସ୍ପଷ୍ଟ ହୋଇଥିବା ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘଭି କହିଥିଲେ।

# ବିଦାୟୀ ଭାଷଣରେ ବିଭ୍ରାନ୍ତିକର ବ୍ୟାଖ୍ୟାନକୁ ଟାର୍ଗେଟ କଲେ ରାଜୀବ କୁମାର

ନୂଆଦିଲ୍ଲୀ, ୧୭।୨

ଭାରତର ମୁଖ୍ୟ ନିର୍ବାଚନ ଆୟୋଗ (ସିଇସି)ଙ୍କର କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେବାକୁ ଯାଉଛି। ଏହାପୂର୍ବରୁ ସୋମବାର ସେ ତାଙ୍କ ବିଦାୟୀ ଭାଷଣରେ କହିଛନ୍ତି, ଗତ କିଛି ବର୍ଷ ହେବ ଭାରତରେ ହେଉଥିବା ନିର୍ବାଚନରେ ବିଭ୍ରାନ୍ତିକର ବ୍ୟାଖ୍ୟାନ ଏବଂ ବୟାନବାଜୀ ବଢ଼ିଚାଲିଛି। ଖାସ୍‌କରି ନିର୍ବାଚନରେ ମତଦାନ ସମୟରେ କିମ୍ବା ମତଗଣନାର ପ୍ରଥମ କିଛି ଘଣ୍ଟା ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିଭ୍ରାନ୍ତିକର ବୟାନବାଜୀ କରାଯାଇ ପ୍ରକୃତ ତଥ୍ୟକୁ ବିକୃତ କରାଯାଉଛି। ନିର୍ବାଚନରେ ପରାଜିତ ହେଉଥିବା ଦଳ ଗୁଡ଼ିକ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ ବିନା ତଥ୍ୟ ଓ ପ୍ରମାଣରେ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ରାଜୀବ କହିଛନ୍ତି। ତେବେ ନନ୍ ରେସିଡେଣ୍ଟ ଇଣ୍ଡିଆନ୍



(ଏନ୍‌ଆର୍‌ଆଇ) ଏବଂ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ରିମୋଟ ଭୋଟିଂ ମେକାନିଜମ୍ ପ୍ରକ୍ରିୟା ସମ୍ପର୍କରେ ବିଚାର କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ସେ କହିଛନ୍ତି। ସେହିପରି ମତଦାନ କେନ୍ଦ୍ରରେ ବାୟୋମାଟ୍ରିକ ଯାଞ୍ଚର ବ୍ୟବସ୍ଥା ପାଇଁ ଇସି ପ୍ରୟାସ କରିବା ଆବଶ୍ୟକ। ଏହାଦ୍ୱାରା ଭୋଟରଙ୍କ ପରିଚୟକୁ ପ୍ରଭାବୀ ଢଙ୍ଗରେ ଚିହ୍ନଟ କରାଯାଇପାରିବ ବୋଲି ରାଜୀବ କହିଛନ୍ତି। ପ୍ରକାଶ ଯେ, ୨୦୨୨ ମେ'ରେ ରାଜୀବ କୁମାର ଭାରତର ସିଇସି ଭାବେ ନିଯୁକ୍ତ ହୋଇଥିଲେ।

## ସଂକ୍ଷେପରେ

# ପାକ୍ ନାଗରିକଙ୍କ ନାଁରେ ମାମଲା

**ଆଇଏସ୍‌ଆଇ ସହ ଗୌରବ ଗୋଗୋଇଙ୍କ ସ୍ତ୍ରୀଙ୍କ ସମ୍ପର୍କ ଅଭିଯୋଗ**

ଗୁଆହାଟୀ, ୧୭।୨

କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇଙ୍କ ବ୍ରିଟିଶ୍ ସ୍ତ୍ରୀ ଏଲିଜାବେଥ୍ କୋଲବର୍ନଙ୍କର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ କନେକ୍ସନ ମାମଲାରେ ସୋମବାର ଆସାମ ପୋଲିସ ପାକିସ୍ତାନୀ ନାଗରିକ ଅଲୀ ତୌକିର ଶେଖ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅନ୍‌ଲଫୁଲ ଆକ୍ଟିଭିଟିସ୍ ପ୍ରିଭେନ୍‌ସନ୍ ଆକ୍ଟ(ୟୁଏପିଏ) ଅନୁଯାୟୀ, ଭାରତର ଆଭ୍ୟନ୍ତରଣ ବ୍ୟାପାର ଏବଂ ସଂସଦୀୟ ପ୍ରସଙ୍ଗରେ ମନ୍ତବ୍ୟ ଦେଇଥିବାରୁ ତୌକିରଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି। ତୌକିରଙ୍କ ସହ ଏଲିଜାବେଥ୍‌ଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ନେଇ ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଅଭିଯୋଗ କରିଥିଲେ। ତେବେ ତୌକିରଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ତଦନ୍ତ ପାଇଁ ସୋମବାର ଆସାମ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହରମିତ ସିଂ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ଗଠନ କରିଛନ୍ତି।

**କୁଶିନଗର ମସ୍‌ଜିଦ ଭଙ୍ଗା ଘଟଣା**

# ୟୁପି କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୨(ପି.ଟି.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରାଯାଇ କୁଶିନଗର ମସ୍‌ଜିଦ୍‌ର ଏକ ଅଂଶକୁ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ସେମାନଙ୍କ ବିରୋଧରେ କ'ଣ ପାଇଁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିବା ସହ ସ୍ପଷ୍ଟୀକରଣ ମାଗିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିବାଦୀୟ ଢାଞ୍ଚା ନ ଭାଙ୍ଗିବା ପାଇଁ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୁଶିନଗରର ସମ୍ପୃକ୍ତ କର୍ତ୍ତୃପକ୍ଷ ଜାଣିଶୁଣି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରିଥିବା ଏବଂ ନଭେମ୍ବର ୧୩ ନିର୍ଦ୍ଦେଶନାମା ଅନୁପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୧୩ରେ ସର୍ବୋଚ୍ଚ ଅଦାଲତ ସମଗ୍ର ଦେଶପାଇଁ ମାର୍ଗଦର୍ଶିକା ଜାରି କରିଥିଲେ। ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ନ ଦେଇ ଏବଂ ପକ୍ଷଙ୍କୁ ଜବାବ ଦେବା ଲାଗି ୧୫ ଦିନ ସମୟ ନ ଦେଇ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସତ୍ତ୍ୱେ ଗତ ୯ ତାରିଖରେ କୁଶିନଗରର ମସ୍‌ଜିଦ୍‌ର କିଛି ଅଂଶ ଭଙ୍ଗାଯାଇଥିବାରୁ ଆଇନଜୀବୀ ଅବଦୁଲ କାଦିର ଆବ୍ବାସିଙ୍କ ଜରିଆରେ ସାନି ପିଟିଶନ ଦାଏର ହୋଇଥିଲା।



ପ୍ରୟାଗରାଜ ମହାକୁମ୍ଭ ମେଳା ଯିବା ପାଇଁ ଟ୍ରେନ୍ ଧରିବାକୁ ସୋମବାର ପାଟନା ରେଳଷ୍ଟେଶନରେ ଯାତ୍ରୀଙ୍କ ପ୍ରବଳ ଭିଡ଼।

# ରାଞ୍ଚି ଷ୍ଟେଶନରେ ୫ ମହିଳା ମୂର୍ଚ୍ଛାଗଲେ

**ମହାକୁମ୍ଭ ଯାତ୍ରୀଙ୍କ ଗହଳି**

ରାଞ୍ଚି,୧୭।୨

ନୂଆଦିଲ୍ଲୀ ରେଳଷ୍ଟେଶନରେ ମହାକୁମ୍ଭ ମେଳା ଯାତ୍ରୀଙ୍କ ଗହଳି ଯୋଗୁ ଶନିବାର ରାତିରେ ଦଳାଚକଟା ହୋଇ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଯାତ୍ରୀ ଆହତ ହୋଇଥିଲେ। ଏହାର ଦିନକ ପରେ ଝାଡ଼ଖଣ୍ଡର ରାଞ୍ଚି ରେଳଷ୍ଟେଶନରେ କୁମ୍ଭମେଳା ଯାତ୍ରୀଙ୍କ ଅସମ୍ଭାଳ ଭିଡ଼ ଯୋଗୁ ୫ ଜଣ ମହିଳା ଯାତ୍ରୀ ମୂର୍ଚ୍ଛା ଯାଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ରବିବାର ରାଞ୍ଚି ଷ୍ଟେଶନରେ ୧୨୮୧୭ ଝାଡ଼ଖଣ୍ଡ ସ୍ୱର୍ଣ୍ଣଜୟନ୍ତୀ ଏକ୍ସପ୍ରେସ୍ ପହଞ୍ଚିବା ସମୟରେ ସେଥିରେ ଯାତ୍ରୀ ଭର୍ତ୍ତି ହୋଇସାରିଥିଲେ। ଟିକେଟ କରି ନ ଥିବା ବହୁସଂଖ୍ୟାରେ ଯାତ୍ରୀ ଉକ୍ତ ଟ୍ରେନ୍‌ରେ ଉଠିବା ସହ କୋଚ୍‌ଗୁଡ଼ିକର ଦ୍ୱାର ଭିତରପଟୁ ବନ୍ଦ କରିଦେଇଥିଲେ। ଟିକେଟ କରି ଟ୍ରେନ୍‌ରେ ଯିବା ପାଇଁ ଅପେକ୍ଷା କରିଥିବା ଲୋକେ ଡୋର୍ ଖୋଲିବା ପାଇଁ ସେମାନଙ୍କୁ ନେହୁରା ହୋଇଥିଲେ। ଆର୍‌ପିଏଫ୍ ଯବାନମାନେ ମଧ୍ୟ ଉକ୍ତ ବଗିଗୁଡ଼ିକରେ ପଶିପାରି ନ ଥିଲେ। ଟିକେଟ କରିଥିବା ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଯାଇଥିଲେ। ଗହଳି ମଧ୍ୟରେ ୫ ଜଣ ମହିଳା ସଂଜ୍ଞାହୀନ ହୋଇପଡ଼ିବାରୁ ଅନ୍ୟ ମହିଳାମାନେ ଭୟରେ ଟ୍ରେନ୍‌ରେ ଚଢ଼ି ନ ଥିଲେ। କେତେଜଣ ଯାତ୍ରୀ ଟ୍ରେନ୍‌ରେ ଚଢ଼ିଯାଇଥିବାବେଳେ ସେମାନଙ୍କ ପରିବାର ଲୋକେ ଯାଇ ନ ପାରି ଷ୍ଟେଶନରେ ରହିଯାଇଥିଲେ। ଟ୍ରେନ୍‌ର ସାମର୍ଥ୍ୟ ଅନୁଯାୟୀ ଟିକେଟ ଇସ୍ୟୁ କରିବାକୁ ରେଲୱେ ପକ୍ଷରୁ ବ୍ୟବସାୟିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଟେଣ୍ଟରେ ନିଆଁ

ପ୍ରୟାଗରାଜ,୧୭।୨

ପ୍ରୟାଗରାଜର ମହାକୁମ୍ଭ ସ୍ଥଳୀରେ ସୋମବାର ପୁଣିଥରେ ନିଆଁ ଲାଗିଛି। ସେକ୍ଟର ୮ ଅଞ୍ଚଳରେ ଥିବା ଏକ ଘରୋଇ କ୍ୟାମ୍ପରେ ନିଆଁ ଲାଗି ତାହା ଜଳିଯାଇଛି। ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଥିଲା। ଶ୍ରୀ କପିମାନସ ମଣ୍ଡଳ ଏବଂ ଉପଭୋକ୍ତା ସଂରକ୍ଷଣ ସମିତି କ୍ୟାମ୍ପରେ ନିଆଁ ଲାଗି ୨ଟି ଲେଖାଏ ଟେଣ୍ଟ ଜଳିଯାଇଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରମୋଦ କୁମାର ଶର୍ମା କହିଛନ୍ତି। ୨ ଦିନ ପୂର୍ବରୁ ସେକ୍ଟର ୧୯ ଅନ୍ତର୍ଗତ ଏକ ଆଶ୍ରମରେ ନିଆଁଲାଗି ୭ଟି ତମ୍ବୁ ଜଳିଯାଇଥିଲା। ସୂଚନାଯୋଗ୍ୟ, ଜାନୁଆରୀ ୧୯ରୁ ଇତିମଧ୍ୟରେ ମହାକୁମ୍ଭ ନଗରୀରେ ୫ ଥର ନିଆଁ ଲାଗିଲାଣି।

# ଦିଲ୍ଲୀରେ ଭୂକମ୍ପ



ନୂଆଦିଲ୍ଲୀ,୧୭।୨

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ସୋମବାର ସକାଳ ୫ଟା ୩୬ ମିନିଟ୍ ସମୟରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୪.୦ ଥିଲା। ପଶ୍ଚାତ୍ କମ୍ପନ ସମ୍ଭାବନା ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ଜନସାଧାରଣଙ୍କୁ ସତର୍କ କରାଇବା ସହ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ଧଉଳା କୁଆଁର ଝିଲ୍ ପାର୍କ ଅଞ୍ଚଳର ୫ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ସୋମବାରର ଭୂକମ୍ପ ପ୍ଲେଟ୍ ଟେକ୍ଟୋନିକ୍ସ (ଶିଳା ଚଳନ) ଯୋଗୁ ନୁହେଁ ବରଂ ଭୂତାତ୍ତ୍ୱିକ ବିଶେଷତାରେ ଭିନ୍ନତା ଯୋଗୁ ହୋଇଥିବା ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି।

# 'ଚାଇନା ପ୍ରତି ମୁକାବିଲାମୂଳକ ଦୃଷ୍ଟିକୋଣ ଛାଡ଼ୁ ଭାରତ'

**ପିତ୍ରୋଡ଼ାଙ୍କ ବିବାଦୀୟ ମନ୍ତବ୍ୟରୁ ଦୂରେଇଲା କଂଗ୍ରେସ**

ନୂଆଦିଲ୍ଲୀ,୧୭।୨

ନିଜ ମନ୍ତବ୍ୟକୁ ନେଇ ସବୁବେଳେ ବିବାଦ ଘେରରେ ରହିଆସିଥିବା କଂଗ୍ରେସର ଦରିଆପାରି ଅଧ୍ୟକ୍ଷ ସାମ୍ ପିତ୍ରୋଡ଼ା ଏବେ ଚାଇନା ଉପରେ ବିବୃତି ଦେଇ ପୁଣିଥରେ ବିବାଦ ସୃଷ୍ଟି କରିଛନ୍ତି। ସୋମବାର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ପିତ୍ରୋଡ଼ା କହିଥିଲେ, ଭାରତ ଚାଇନା ପ୍ରତି ମୁକାବିଲାମୂଳକ ଦୃଷ୍ଟିକୋଣ ତ୍ୟାଗ କରିବା ଉଚିତ। ନୂଆଦିଲ୍ଲୀ ଏହାର ମନୋଭାବରେ ପରିବର୍ତ୍ତନ କରିବା ସହ ଚାଇନାକୁ ଶତ୍ରୁ ଭାବେ ନେବା ବନ୍ଦ କରୁ। ସେ କହିଛନ୍ତି, ଚାଇନାର ଧମକକୁ ଅନେକ ସମୟରେ ବଢ଼େଇ ଚଢ଼େଇ କୁହାଯାଉଛି। ଭାରତ ଚାଇନାକୁ ଶତ୍ରୁ ଭାବେ ନେବା ପରିବର୍ତ୍ତେ ଏହାକୁ ସ୍ୱୀକୃତି ଓ ସମ୍ମାନ



ସାମ୍ ପିତ୍ରୋଡ଼ା

ଦେବା ଉଚିତ ବୋଲି ପିତ୍ରୋଡ଼ା କହିଥିଲେ।

ତାଙ୍କ ମନ୍ତବ୍ୟକୁ ନେଇ ଭାଜପା କ୍ଷୁବ୍ଧ ହେବା ସହ କଂଗ୍ରେସକୁ ଜୋର୍‌ଦାର ସମାଲୋଚନା କରିଛି। ଯେଉଁମାନେ ଚାଇନାକୁ ଆମର ୪୦ ହଜାର ବର୍ଗ କି.ମି. ଜମି ସମର୍ପି ଦେଇଛନ୍ତି, ଡ୍ରାଗନଠାରୁ ଭୟ ନ ଥିବା ସେମାନେ ଏବେ କହୁଥିବା ଭାଜପା ମୁଖପାତ୍ର ତୁହିନ ସିହ୍ନା କହିଛନ୍ତି। ପିତ୍ରୋଡ଼ାଙ୍କ ମନ୍ତବ୍ୟ ଉପରେ ଭାଜପା କଂଗ୍ରେସଠାରୁ ସ୍ପଷ୍ଟୀକରଣ ଦାବି କରିଛି। ଅନ୍ୟପକ୍ଷରେ ପିତ୍ରୋଡ଼ାଙ୍କ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇ କଂଗ୍ରେସ ନେତା ରସିଦ ଆଲ୍‌ଭି କହିଛନ୍ତି, ତାଙ୍କ ଦଳ ଏବଂ ଏମ୍‌ପି ରାହୁଲ ଗାନ୍ଧୀ ସବୁବେଳେ ଚାଇନା ବିରୋଧରେ ଅଭିଯୋଗ କରିଆସିଛନ୍ତି। ଭାରତୀୟ ଅଞ୍ଚଳକୁ ଚାଇନା ଅକ୍ତିଆର କରି ରଖିଥିବା ସେ ଅନେକ ସମୟରେ କହିଛନ୍ତି। ପିତ୍ରୋଡ଼ାଙ୍କ ଚାଇନା ମନ୍ତବ୍ୟରୁ କଂଗ୍ରେସ ନିଜକୁ ଦୂରେଇ ରଖିଛି। ତାଙ୍କ ମନ୍ତବ୍ୟ ଭାରତୀୟ ଜାତୀୟ କଂଗ୍ରେସ ମତ ନୁହେଁ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

# ଉପାସନା ସ୍ଥଳ ଆଇନ ବିରୋଧରେ ଆବେଦନର ଶୁଣାଣି ଏପ୍ରିଲକୁ ଘୁଞ୍ଚିଲା

ନୂଆଦିଲ୍ଲୀ,୧୭।୨

ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ ସହ ଜଡ଼ିତ ପିଟିଶନଗୁଡ଼ିକର ଶୁଣାଣିକୁ ସୁପ୍ରିମକୋର୍ଟ ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇଛନ୍ତି। ଅନେକ ସାନି ପିଟିଶନ୍ ଦାଏର ହୋଇଥିବାରୁ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୩ ଜଣିଆ ଖଣ୍ଡପୀଠ ଏପ୍ରିଲରେ ଉକ୍ତ ଆବେଦନଗୁଡ଼ିକର ଶୁଣାଣି କରିବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା କହିଛନ୍ତି। ସାନି ପିଟିଶନଗୁଡ଼ିକୁ ଖାରଜ କରିଦେଇ ଖଣ୍ଡପୀଠ ରିଟ୍ ପିଟିଶନରମାନଙ୍କୁ ନୂଆ କାରଣ ସହ ଇଣ୍ଟରଭେନ୍‌ଶନ ଆପ୍ଲିକେଶନ ଦାଏର କରିବାକୁ ଅନୁମତି ଦେଇଛନ୍ତି।

# ସଂସଦରେ ମିଛ କହି ସିଙ୍ଗାପୁରର ଭାରତୀୟ ବଂଶୋଦ୍ଭବ ନେତା ଦୋଷୀ

ସିଙ୍ଗାପୁର, ୧୭।୨

ସିଙ୍ଗାପୁରର ବିରୋଧୀ ଦଳ ୱାର୍କର୍ସ ପାର୍ଟିର ଭାରତୀୟ ବଂଶୋଦ୍ଭବ ନେତା ପ୍ରୀତମ ସିଂ ଦେଶର ସଂସଦୀୟ କମିଟି ସମ୍ମୁଖରେ ମିଥ୍ୟା



ପ୍ରୀତମ ସିଂ

ସାକ୍ଷ୍ୟ ଦେଇଥିବା ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୋମବାର ସିଙ୍ଗାପୁରର ଏକ ଷ୍ଟେଟ୍ କୋର୍ଟରେ ଡେପୁଟି ପ୍ରିନ୍ସିପାଲ ଡିଷ୍ଟ୍ରିକ୍ଟ ଜଜ୍ ଲ୍ୟୁକ୍ ଟାନ୍ ପ୍ରୀତମଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ କହିଛନ୍ତି, ୨୦୨୧ରେ ପ୍ରୀତମଙ୍କ ବନ୍ଧୁ ତଥା ୱାର୍କର୍ସ ପାର୍ଟିର ଏମ୍‌ପି ରଇସା ଖାନ୍ ସରକାରଙ୍କୁ ବଦନାମ କରିବା ପାଇଁ ଯୌନ ନିର୍ଯାତନାର ଶିକାର ହୋଇଥିବା କେତେଜଣ ପୀଡ଼ିତାଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବାନେଇ ସଂସଦରେ କହିଥିଲେ। ୨୦୨୧ ଡିସେମ୍ବର ୧୦ ଏବଂ ୧୫ରେ ସଂସଦର ପ୍ରିଭିଲେଜ୍ କମିଟି ପକ୍ଷରୁ ଏହି ମାମଲାର ଯାଞ୍ଚ ବେଳେ ପ୍ରୀତମ ଜାଣିଶୁଣି ୨ଟି ପ୍ରଶ୍ନର ମିଥ୍ୟା ଉତ୍ତର ଦେଇ ରଇସାଙ୍କ ସପକ୍ଷରେ ସାକ୍ଷ୍ୟ ଦେଇଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବାରୁ ପ୍ରୀତମଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୭ ହଜାର ସିଙ୍ଗାପୁର ଡଲାର ପର୍ଯ୍ୟନ୍ତ ଜରିମାନା ହୋଇପାରେ।

**ଫୁରସତ୍**

# ବାର୍ଥ ଡେ ୱିଶ୍: ଜେଲ ଗଲେ ୧୦୪ ବର୍ଷୀୟା

ନ୍ୟୁୟର୍କ

ଆମେରିକାର ନ୍ୟୁୟର୍କସ୍ଥିତ ଜେନେସିଓ ଠାରେ ଥିବା ଆଭୋନ୍ ନର୍ସିଂ ହୋମ୍‌ରେ ରହୁଥିବା ଜଣେ ୧୦୪ ବର୍ଷୀୟା ମହିଳା ଲୋରେଟା ଚାମ୍‌ବରଲେନଙ୍କୁ ୨ ଦିନ ପାଇଁ ନିକଟସ୍ଥ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲରେ ଜଣେ ବନ୍ଦୀ ଭାବେ ରଖା ଯାଇଥିଲା। ତେବେ ସେ କୌଣସି ଅପରାଧ କରି ନ ଥିଲେ। ଗତ ୧୦ ତାରିଖରେ ଲୋରେଟା ନିଜ ୧୦୪ତମ ଜନ୍ମ ଦିବସ ପାଳନ କରିଥିଲେ। ଜନ୍ମଦିନ ପାଳନ ବେଳେ ଲୋରେଟାଙ୍କୁ ତାଙ୍କ ବାର୍ଥ ଡେ ୱିଶ୍ ସମ୍ପର୍କରେ ପଚରାଯାଇଥିଲା। ଜବାବରେ ସେ ନିକଟସ୍ଥ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲରେ ବନ୍ଦୀ ଭାବେ ରହିବା ପାଇଁ ନିଜ ଇଚ୍ଛା ଜାହିର କରିଥିଲେ। ଲୋରେଟାଙ୍କର ଏପରି ବାର୍ଥ ଡେ ୱିଶ୍ ଆଭୋନ ନର୍ସିଂହୋମରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଲୋରେଟା କହିଥିଲେ, ସେ ତାଙ୍କ ଲମ୍ବା ଜୀବନରେ କେବେ ମଧ୍ୟ ଜେଲକୁ ଭିତରୁ ଦେଖିନାହାନ୍ତି। ତେଣୁ ସେ କିଛି ଦିନ ପାଇଁ କଏଦୀ ଭାବେ ରହି ଜେଲକୁ ଭିତରୁ ଦେଖିବାକୁ ଚାହାନ୍ତି। ବାର୍ଥ ଡେ ୱିଶ୍ ମୁତାବକ ଲୋରେଟାଙ୍କୁ ତାଙ୍କ ଜନ୍ମଦିନର ୨ ଦିନ ପରେ ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲକୁ ନିଆଯାଇଥିଲା। ସେଠାରେ



ସେ ପ୍ରଥମେ ଫିଙ୍ଗର ପ୍ରିଣ୍ଟ ଦେଇଥିଲେ। ପରେ ସେଠାରେ ଉପସ୍ଥିତ ଅଧିକାରୀ ତାଙ୍କ ହାତରେ ହାତକଡ଼ି ପକାଇ ଏକ ସେଲ୍ ମଧ୍ୟକୁ ନେଇଯାଇଥିଲେ। ୨ ଦିନ ପର୍ଯ୍ୟନ୍ତ ଲୋରେଟାଙ୍କୁ ସେଠାରେ ଜଣେ କଏଦୀ ଭାବେ ରଖାଯାଇଥିଲା। ଠିକ୍ ୨ ଦିନ ପରେ ତାଙ୍କୁ ଜେଲରୁ ମୁକୁଳାଯାଇଥିଲା। ଏହି ଅବସରରେ ଲୋରେଟା ସେଠାରେ ଅବସ୍ଥାପିତ ଅନେକ ଅଧିକାରୀଙ୍କୁ ଜେଲର ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ରବିବାର ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରାଯାଇ ସୂଚନା ଦିଆଯାଇଛି। ଜେଲରେ ୨ ଦିନର ରହଣିକୁ ଲୋରେଟା ନିଜର ଏକ ସୁନ୍ଦର ଅନୁଭବ ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କ ଜନ୍ମଦିନର ଇଚ୍ଛାକୁ ପୂରଣ କରିବାରେ ସକ୍ଷମ ହୋଇଥିବାରୁ ଜେଲ'ର ସମସ୍ତ ଅଧିକାରୀ ଖୁବ୍ ଖୁସି ଥିବା ଲିଭିଙ୍ଗଷ୍ଟୋନ୍ କାଉଣ୍ଟି ଜେଲ ପକ୍ଷରୁ କୁହାଯାଇଛି। ଲୋରେଟାଙ୍କୁ ଜେଲରୁ ବିଦାୟ ଦେବା ସମୟରେ ଜେଲର ଅଧିକାରୀମାନେ ଲୋରେଟାଙ୍କ ସହ ମିଶି ତାଙ୍କ ୧୦୪ତମ ଜନ୍ମଦିନକୁ ପାଳନ କରିଥିଲେ।

# ହସ୍ପିଟାଲରେ ଭର୍ତ୍ତି ହେଲେ ଶକିରା

ବୋଗୋଟା

କଲମ୍ବିଆର ପ୍ରସିଦ୍ଧ ସିଙ୍ଗର ତଥା ସଙ୍ଗ୍ ରାଇଟର ଶକିରା (୪୮) ରବିବାର ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଫଳରେ ପେରୁର ରାଜଧାନୀ ଲିମାରେ ହେବାକୁ ଥିବା ଶକିରାଙ୍କ ବହୁ ପ୍ରତୀକ୍ଷିତ ମ୍ୟୁଜିକ୍ କନ୍‌ସର୍ଟକୁ ବାତିଲ କରିବାକୁ ପଡ଼ିଛି। ଏନେଇ ଶକିରା ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଉକ୍ତ ପୋଷ୍ଟରେ ଲେଖିଛନ୍ତି, ରବିବାରଠାରୁ ତାଙ୍କ ପେଟ ସମ୍ବନ୍ଧୀୟ କିଛି ସମସ୍ୟା ରହିଥିଲା। ସମସ୍ୟା ବଢ଼ିବାରୁ ଏବେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେଠାରେ ଏବେ ତାଙ୍କର ଚିକିତ୍ସା ଜାରି ରହିଛି। ଆଗାମୀ କିଛିଦିନ ପାଇଁ କୌଣସି ଷ୍ଟେଜ୍ ଶୋ' ପର୍ଫମାନ୍ସ ନ ଦେବାକୁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ତେଣୁ ଏବେ ସେ କୌଣସି ଷ୍ଟେଜ୍ ଶୋ' କରିବା ସ୍ଥିତିରେ ନ ଥିବା ଶକିରା ଦୁଃଖର ସହ କହିଛନ୍ତି। ଏହାସହ ପେରୁରେ ହେବାକୁ ଥିବା ମ୍ୟୁଜିକ୍ କନ୍‌ସର୍ଟକୁ ବାତିଲ ହେବାକୁ ନେଇ ସେ ତାଙ୍କ ପ୍ରଶଂସକଙ୍କୁ କ୍ଷମା ମାଗିବା ସହ ଏହା ତାଙ୍କୁ ନିରାଶ କରିଛି ବୋଲି କହିଛନ୍ତି। ପେରୁରେ ସେ ତାଙ୍କ ପ୍ରଶଂସକଙ୍କୁ ଭେଟିବା ପାଇଁ ଖୁବ୍ ଭାବ ପ୍ରବଣ ଓ ଉତ୍ସାହିତ ଥିଲେ। କିନ୍ତୁ ଏବେ ସେ ନିରାଶ ହୋଇଥିବା ଶକିରା କହିଛନ୍ତି। ତେବେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସତ୍ତ୍ୱେ ମଧ୍ୟ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ପୁଣି ଷ୍ଟେଜ୍ ଶୋ'କୁ ଫେରିବେ ବୋଲି ଶକିରା ଆତ୍ମବିଶ୍ୱାସର ସହ କହିଛନ୍ତି। ଲିମାରେ ତାଙ୍କର ବାତିଲ ହୋଇଥିବା ମ୍ୟୁଜିକ୍ କନ୍‌ସର୍ଟ ଆଉ ଏକ ଦିନ ଆୟୋଜନ ହେବ। ଏନେଇ ନୂତନ ତାରିଖ ଚୟନ ଦିଗରେ ତାଙ୍କ ଟିମ୍ ଏବଂ କନ୍‌ସର୍ଟ ପ୍ରମୋଟରଙ୍କ ପକ୍ଷରୁ କାର୍ଯ୍ୟ ଜାରି ରହିଛି। ଏହାସହ ସେ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବେ ସେଥିପାଇଁ କାମନା କରିବାକୁ ଶକିରା ତାଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି।



# ଭାରତୀୟ ପତାକାକୁ ନେଇ ବିବାଦ

କରାଚୀ, ୧୭।୨

ଆଇସିସି ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକର ଜାତୀୟ ପତାକା ଶୋଭାପାଉଛି। କିନ୍ତୁ ଏଥିରେ ଭାରତୀୟ ପତାକା ସ୍ଥାନ ପାଇନାହିଁ। ଏହାକୁ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଖେଳପ୍ରେମୀମାନେ

**ଚାମ୍ପିୟନ୍ସ ଟ୍ରଫି**

ଅନୁମାନ କରୁଛନ୍ତି ଯେ, ଭାରତ ଯେହେତୁ ଏହାର ଚାମ୍ପିୟନ୍ସ ଟ୍ରଫି ମ୍ୟାଚଗୁଡ଼ିକୁ ଦୁବାଇରେ ଖେଳିବ, ସେଥିପାଇଁ ହୁଏତ ଏହାର ଜାତୀୟ ପତାକାକୁ ଷ୍ଟାଡିୟମରେ ସ୍ଥାନିତ କରାଯାଇ ନାହିଁ। କେତେକ ସମର୍ଥକଙ୍କୁ ଏହି ଘଟଣା ଚକିତ କରିଛି। ସୋସିଆଲ ମିଡିଆରେ ଏହାକୁ ନେଇ ବିତର୍କ ମଧ୍ୟ ଆରମ୍ଭ ହୋଇଯାଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଏହି କାର୍ଯ୍ୟକୁ କେତେକ ନିନ୍ଦା ମଧ୍ୟ କରିଛନ୍ତି। କରାଚୀ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ ଏବଂ ଇଂଲଣ୍ଡ ଟିମ୍‌ର ମ୍ୟାଚଗୁଡ଼ିକ ଖେଳାଯିବ। ସୂଚନାଯୋଗ୍ୟ, ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବା ଲାଗି ମନା କରିଦେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ପିସିବି ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ନାମେଣ୍ଟକୁ ଏକ ହାଇବ୍ରିଡ୍ ମଡେଲରେ ପରିଣତ କରିଦେଇଥିଲେ। ହୋଇଥିବା ଚୁକ୍ତିନାମାର ଏକ ଅଂଶବିଶେଷ ସ୍ୱରୂପ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଦଳ ଯଦି ସେମିଫାଇନାଲ ଓ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୁଏ ତେବେ ଦୁବାଇରେ ମଧ୍ୟ ଏହି ମ୍ୟାଚ ଦୁଇଟି ଖେଳାଯିବ। ଅନ୍ୟପକ୍ଷରେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ହେବାକୁଥିବା ଆଇସିସି ଇଭେଣ୍ଟଗୁଡ଼ିକରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ଅନୁରୂପ ଅନ୍ୟ ଏକ ଭେନ୍ୟୁରେ ଖେଳିବ। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ପିସିବି ସଫେଇ ଦେଇ କହିଛି ଯେ, ଭାରତ ଏହାର ସମସ୍ତ ଚାମ୍ପିୟନ୍ସ ଟ୍ରଫି ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବାକୁଥିବାରୁ କରାଚୀରେ ଏହି ଦେଶର ପତାକା ଉତ୍ତୋଳନ କରାଯାଇ ନାହିଁ। ଆଇସିସି ପକ୍ଷରୁ ଏହା ମଧ୍ୟ ପରାମର୍ଶ ଦିଆଯାଇଛି ଯେ, ମ୍ୟାଚ ଦିନଗୁଡ଼ିକରେ ଷ୍ଟାଡିୟମରେ କେବଳ ୪ଟି ପତାକା ଉତ୍ତୋଳନ ହେବ।





# ମାଗନ୍ତି କୀର୍ତ୍ତିଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୭।୨ (ବିଜୟ ରଣା)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍ ୨୫ରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର ଏମ୍.କମ୍ ପ୍ରଥମ ବର୍ଷ ଛାତ୍ରୀ ମାଗନ୍ତି କୀର୍ତ୍ତି ୮୧କେଜି ଶ୍ରେଣୀ ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଛନ୍ତି। ହିମାଚଳ ପ୍ରଦେଶ ଅନ୍ତର୍ଗତ ଧର୍ମଶାଳାରେ ଅବସ୍ଥିତି ଡିୱାଇଏସ୍‌ଏସ୍‌ଓ ଇନ୍‌ଡୋର ଷ୍ଟାଡିୟମରେ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ସ୍ଥାନୀୟ ସେଣ୍ଟ୍ରାଲ ୟୁନିଭର୍ସିଟି ଦ୍ୱାରା ଆୟୋଜିତ ଏହି ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। କୀର୍ତ୍ତି ସ୍ନାଚରେ ୮୨ କେଜି ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୦୩ କେଜି ଉତ୍ତୋଳନ କରିଥିଲେ। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କୀର୍ତ୍ତିଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଆଗାମୀ ଖେଲୋ ଇଣ୍ଡିଆ ଗେମ୍ସରେ ଭଲ ପ୍ରଦର୍ଶନ ନେଇ ଶୁଭକାମନା କରିଛନ୍ତି।



ମାଗନ୍ତି କୀର୍ତ୍ତି

# କଟକ ଫାଇନାଲରେ

ଉଦଳା, ୧୭।୨

(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳାଠାରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦୁଇଗୋଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ବରହମପୁର ଆଲଫା ସ୍ପୋର୍ଟିଂ ଓ ୟୁନାଇଟେଡ଼ ବରହମପୁର ମଧ୍ୟରେ ଆୟୋଜିତ ହୋଇଥିଲା। ଟସ୍ ଜିତି ୟୁନାଇଟେଡ଼ ବରହମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୪୩ ରନ କରିବାରେ ସକ୍ଷମ ହୋଇଥିଲା। ଆଲଫା ସ୍ପୋର୍ଟିଂ ଦଳ ୫ ଉଇକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଭିକି କୁମାର ୩୯ଟି ବଲ୍‌ରେ ସର୍ବାଧିକ ୮୨ ରନ କରିଥିଲେ। ଆଲଫା ସ୍ପୋର୍ଟିଂ ଦଳର ପୱନ କୁମାର ୧୬ ରନ ଦେଇ ୬ଟି ଉଇକେଟ ହାସଲ କରିଥିଲେ। ପ୍ରଥମ ସେମିଫାଇନାଲରେ ଆଲଫା ସ୍ପୋର୍ଟିଂ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲ ଆରୱାଇସିସି ରାଉରକେଲା ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଦଳ ଆରୱାଇସିସି ଦଳକୁ ୩ ଉଇକେଟରେ ପରାସ୍ତ କରିଥିଲା। ୭୭ ରନର ପିଛା କରି ୧୪. ୪ ଓଭରରେ ରାଇଜିଂ ଷ୍ଟୁଡେଣ୍ଟ ସ୍କୋର ହାସଲ କରିନେଇଥିଲା। ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ବିଜୟ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।

# ଦିଲ୍ଲୀକୁ ହରାଇଲା ଆରସିବି



ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ବିସ୍ଫୋରକ ଇନିଂସ୍ ଖେଳିବା ଅବସରରେ ସ୍ମୃତି ମନ୍ଧାନା।

ଭଦୋଦରା, ୧୭।୨ (ପି.ଟି.)

**ଓମେନ୍ସ ପ୍ରିମିୟର ଲିଗ୍**

ସ୍ମୃତି ମନ୍ଧାନାଙ୍କ ୪୭ ବଲ୍‌ରେ ବିସ୍ଫୋରକ ୮୧ ରନ (୧୦ ଚୌକା, ୩ ଛକା) ସହାୟତାରେ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ଏଠାରେ ସୋମବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚରେ ୮ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଦେଇଛି। ପୂର୍ବରୁ ରେଣୁକା ସିଂ (୩/୨୩) ଓ ଜର୍ଜିଆ ୱାରେହାମ୍ (୩/୨୫)ଙ୍କ ନେତୃତ୍ୱରେ ଆରସିବି ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଦିଲ୍ଲୀ ୧୯. ୩ ଓଭରରେ ୧୪୧ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଆରସିବି ଓପନିଂ ଯୋଡ଼ି ସ୍ମୃତି ମନ୍ଧାନା ଓ ଡାନି ୟାଟ୍‌ହଜ୍ (୩୩ ବଲ୍‌ରୁ ୪୨ ରନ; ୭ ଚୌକା) ବିଜୟ ଲକ୍ଷ୍ୟ ପଥକୁ ସୁଗମ କରି ଦେଇଥିଲେ। ଦୁହେଁ ପାର୍ଟନରଶିପ୍‌ରେ ମାତ୍ର ୫୫ ରନରେ ୧୦୭ ରନ ଯୋଗ କରିଥିଲେ। ରିଚା ଘୋଷ (୫ ବଲ୍‌ରୁ ୧୧ ନଟଆଉଟ) ଏକ ଛକା ମାରି ଦଳକୁ ୧୬.୨ ଓଭରରେ ବିଜୟୀ କରାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ : ୧୯.୩ ଓଭରରେ ୧୪୧/ଅଲଆଉଟ(ଜେମିମା ରୋଡ୍ରିଗ୍ସ–୩୪, ସାରା ବ୍ରାଇସ୍–୨୩; ଜର୍ଜିଆ ୱାରେହାମ୍–୩/୨୫, ରେଣୁକା ସିଂ ୩/୨୩), କିମ୍ ଗାରେଥ–୨/୧୯)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୬.୨ ଓଭରରେ ୧୪୬/୨ (ସ୍ମୃତି ମନ୍ଧାନା–୮୧, ଡାନିଲି ୟାଟ ହଜ୍–୪୨; ଅରୁନ୍ଧତୀ ରେଡ୍ଡୀ–୧/୨୫, ଶିଖା ପାଣ୍ଡେ–୧/୨୭)।

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

**ଆଜିର ମ୍ୟାଚ (ପୁରୁଷ)**

- ଇଂଲଣ୍ଡ ବନାମ ସ୍ପେନ

ସମୟ: ଅପରାହ୍ନ ୩ଟା

- ଭାରତ ବନାମ ଜର୍ମାନୀ

ସମୟ: ସନ୍ଧ୍ୟା ୭ଟା ୩୦

**ଆଜିର ମ୍ୟାଚ (ମହିଳା)**

- ଭାରତ ବନାମ ସ୍ପେନ

**ସମୟ: ସନ୍ଧ୍ୟା ୫ଟା ୧୫।**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ସ୍ପୋର୍ଟ୍ସ–୧୮, ଷ୍ଟାର ସ୍ପୋର୍ଟ୍ସ**

# ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ସ୍ଥଗିତ

ଗୁଲମାର୍ଗ, ୧୭।୨ (ପି.ଟି.)

ଅଞ୍ଚଳରେ ଯଥେଷ୍ଟ ତୁଷାରପାତ ନ ହେବାରୁ ଏଠାରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ୫ମ ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସକୁ ସ୍ଥଗିତ ରଖାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏହା ଘୋଷଣା କରାଯାଇଛି। ପାଗରେ ଉନ୍ନତି ଘଟିଲେ ସାନି ଅନୁଧ୍ୟାନ ପରେ ଇଭେଣ୍ଟ ପାଇଁ ନୂଆ ତାରିଖ ଘୋଷଣା କରାଯିବ। ଖେଲୋ ଇଣ୍ଡିଆ ଗେମ୍ସର ଜମ୍ମୁ କଶ୍ମୀର ପର୍ଯ୍ୟାୟରେ ଅଲପାଇନ୍ ସ୍କିଂ, ନୋର୍ଡିକ ସ୍କିଂ, ସ୍କାଏ ମାଉଣ୍ଟିଂ ଏବଂ ସ୍ନୋ ବୋର୍ଡିଂ ସମେତ କେତେକ ସ୍ନୋ ଇଭେଣ୍ଟଗୁଡ଼ିକ ହୋଇଥାନ୍ତା। ଲେହରେ ଗେମ୍ସର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୩ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗେମ୍ସରେ ହକି ଓ ସ୍କେଟିଂ ଆଦି ଆଇସ୍ ଇଭେଣ୍ଟଗୁଡ଼ିକ ଆୟୋଜିତ ହୋଇଥିଲା।

# ମନୁ ଭାକର ବିବିସି ପ୍ଲେୟର ଅଫ୍ ଦି ଇୟର



ବିବିସି ମହାନିର୍ଦ୍ଦେଶକ ଟିମ୍ ଡେଭି ଓ ଏମ୍‌ସି ମେରିକମ୍‌ଙ୍କ ସହ ପୁରସ୍କାର ବିଜେତା ମନୁ ଭାକର (ବାମ)।

ନୂଆଦିଲ୍ଲୀ, ୧୭।୨ (ପି.ଟି.)

ଭାରତର ଷ୍ଟାର ପିସ୍ତଲ ଶୁଟର ମନୁ ଭାକର ସୋମବାର ବିବିସି ଇଣ୍ଡିଆନ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ମନୁଙ୍କ ସମେତ ଏହି ପୁରସ୍କାର ପାଇଁ ୫ଜଣ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଅନ୍ୟମାନେ ହେଲେ ଗଲ୍ଫର ଅଦିତି ଅଶୋକ, ପାରା ଶୁଟର ଆଭାନୀ ଲେଖରା, ଭାରତ ମହିଳା କ୍ରିକେଟ ଉପ ଅଧିନାୟିକା ସ୍ମୃତି ମନ୍ଧାନା ଏବଂ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ। ବିଶିଷ୍ଟ କ୍ରୀଡ଼ା ଜର୍ନାଲିଷ୍ଟ ଓ ଲେଖକମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ସମ୍ଭାବ୍ୟଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିଥିଲା। ବର୍ଷରେ ଉଲ୍ଲେଖନୀୟ ଅବଦାନ ରଖିଥିବା ମହିଳା ଖେଳାଳିଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥାଏ। ୨୨ ବର୍ଷୀୟା ମନୁ ପ୍ୟାରିସ ଅଲିମ୍ପିକ୍ସରେ ଦୁଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଦେଶ ସ୍ୱାଧୀନତାପ୍ରାପ୍ତି ପରେ ଗୋଟିଏ ଅଲିମ୍ପିକ୍ସରେ ଏକାଧିକ ପଦକ ପାଇବାରେ ସେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଥିଲେ। ସେ ୧୦ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଇଭେଣ୍ଟ ଏବଂ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୨୦୧୮ରେ ମନୁ ମାତ୍ର ୧୬ ବର୍ଷ ବୟସରେ ସର୍ବକନିଷ୍ଠ ଭାରତୀୟ ଭାବେ ବିଶ୍ୱକପ୍‌ରେ ଏକ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲେ। ମନୁ ପୂର୍ବରୁ ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ୨୦୨୧ରେ ସେ ବିବିସି ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି।

ଅନ୍ୟପୁରସ୍କାର ଜିତିଥିବା ଆଥଲେଟମାନେ ହେଲେ ତୀରନ୍ଦାଜ ଶିତଲ ଦେବୀ (ବିବିସି ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର), ପୂର୍ବତନ ଭାରତ ମହିଳା କ୍ରିକେଟ ଅଧିନାୟିକା ମିଥାଲି ରାଜ (ବିବିସି ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ) ଓ ପାରା ଶୁଟର ଆଭାନୀ (ବିବିସି ପାରା ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର)। ଚେସ୍ ଖେଳାଳି ଟାନିଆ ସଚଦେବଙ୍କୁ ବିବିସି ଚେଞ୍ଜମେକର ପୁରସ୍କାର ମିଳିଛି।

# ଶାମିଙ୍କ ଉପରେ ଭରସା

ବେଙ୍ଗାଲୁରୁ, ୧୭।୨ (ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତ ମହମ୍ମଦ ଶାମିଙ୍କ ରିଷ୍ଟ ମ୍ୟାଜିକ୍ ବୋଲିଂ ଉପରେ ଭରସା ରଖିଛି। ଶାମି ଯଦି ତାଙ୍କ ବୋଲିଂରେ



ଚମତ୍କାରିତା ଦେଖାନ୍ତି ତେବେ ଭାରତ ୧୨ବର୍ଷ ପରେ ପୁଣି ଥରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାସଲ କରିପାରିବ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଅସ୍ତ୍ର ବୋଲି କୁହାଯାଉଥିବା ଯଶପ୍ରୀତ ବୁମ୍‌ରା ଆଘାତପ୍ରାପ୍ତ ହୋଇଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ତେଣୁ ସମର୍ଥକମାନେ ଶାମିଙ୍କଠାରୁ କିଛିଟା ଚମତ୍କାରିତା ଆଶା କରୁଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ତେବେ ଶାମି ନିଜକୁ କିଭଳି ଭାବେ ପ୍ରସ୍ତୁତ କରିଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ୩୪ ବର୍ଷୀୟ ପେସ୍ ବୋଲର ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗତବର୍ଷ ବିଭିନ୍ନ ସ୍ତରରେ ବିଭିନ୍ନ ଫର୍ମାଟ୍‌ରେ କେତୋଟି ମ୍ୟାଚ ଖେଳିଛନ୍ତି। ଏକ ଚାପପ୍ରବଣ ଟୁର୍ନାମେଣ୍ଟରେ ତାଙ୍କର ପ୍ରଦର୍ଶନ କିପରି ରହୁଛି ତାହା ଲକ୍ଷ୍ୟ କରିବାର କଥା। ଚାମ୍ପିୟନ୍ସ ଟ୍ରଫିରେ ଶାମିଙ୍କ ପାର୍ଟନର ରହିବେ ଅର୍ଶଦୀପ ସିଂ। ଯଦିଓ ସେ ଜଣେ ବିଚକ୍ଷଣ ବୋଲର ଏପର୍ଯ୍ୟନ୍ତ ବୁମ୍‌ରାଙ୍କ ସ୍ତରର ହୋଇ ପାରି ନାହାନ୍ତି। ଭାରତର ପୂର୍ବତନ ପେସ୍ ବୋଲର ଲକ୍ଷ୍ମୀପତି ରାଜୁ କହିଛନ୍ତି, ବୁମ୍‌ରା ନିଶ୍ଚିତ ଭାବେ ସମସ୍ତ ଫର୍ମାଟରେ ଜଣେ ଚାମ୍ପିୟନ ବୋଲର। କିନ୍ତୁ ଶାମି ବେଶ୍ ଅଭିଜ୍ଞ। ବୁମ୍‌ରାଙ୍କ ଆଗମନ ପୂର୍ବରୁ ଶାମି ଭାରତୀୟ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିଲେ।

# ମୁମ୍ବାଇ ବିପକ୍ଷରେ ବିଦର୍ଭ ୩୦୮/୫

ନାଗପୁର, ୧୭।୨ (ପି.ଟି.)

ଡାନିଶ ମାଲେୱାରଙ୍କ ୭୯ ଏବଂ ଓପନର ଧ୍ରୁବ ଶୋରେଙ୍କ ଆକର୍ଷଣୀୟ ୭୪ ରନ ସହାୟତାରେ ବିଦର୍ଭ ଗତଥରର ଚାମ୍ପିୟନ ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ୫ ଉଇକେଟ ବିନିମୟରେ ୩୦୮ରନ କରିଛି। ଟେଷ୍ଟ ଦଳରେ ସ୍ଥାନ ପାଇଁ ଦୌଡ଼ରେ ଥିବା କରୁଣ ନାୟାର

**ରଣଜୀ ଟ୍ରଫି ସେମିଫାଇନାଲ**

୪୫ରନ କରିଥିଲେ। ସେ ଶିବମ ଦୁବେଙ୍କ ବୋଲିଂରେ ଦୁର୍ଭାଗ୍ୟଜନକ ଭାବେ କଟ୍ ବିହାଇଣ୍ଡ ହୋଇଯାଇଥିଲେ। ସେ ଡିଆରଏସ୍‌ର ସହାୟତା ନେଇଥିଲେ ମଧ୍ୟ ବିଫଳ ହୋଇଥିଲେ। ଦୁଇଥର ଚାମ୍ପିୟନ ଦଳର ଏକ ବଡ଼ ପାର୍ଟନରଶିପ୍ ଦେଖବବାକୁ ମିଳି ନ ଥିଲେ ମଧ୍ୟ ସେମାନେ ୩୦୦ରନ ଅତିକ୍ରମ କରିବାରେ ସଫଳ ରହିଥିଲେ। ମୁମ୍ବାଇ ବୋଲରମାନେ ମଧ୍ୟ ତ୍ରୁଟିପୂର୍ଣ୍ଣ ବୋଲିଂ କରିଥିଲେ। ସେମାନେ ସୋମବାର ପ୍ରଥମ ଦିବସରେ ୧୩ ନୋ ବଲ୍ ପକାଇଥିଲେ। ମୁମ୍ବାଇ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ବାମହାତୀ ସ୍ପିନର ଶାମ୍ସ ମୁଲାନୀ ୧୮ ଓଭରରେ ୪୪ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ଦୁବେ ତାଙ୍କ ୯ ଓଭର ବୋଲିଂରେ ୩୫ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ବିଦର୍ଭର ୟାଶ ରାଡୋଡ ଏବଂ ଅଧିନାୟକ ଅକ୍ଷୟ ୱାଡକର ଯଥାକ୍ରମେ ୪୭ ଓ ୧୩ ରନ କରି ଅପରାଜିତ ରହିଛନ୍ତି। ୬ଷ୍ଠ ଉଇକେଟରେ ଉଭୟେ ପାର୍ଟନରଶିପ୍‌ରେ ଅପରାଜିତ ୪୭ ରନ ଯୋଗ କରିସାରିଛନ୍ତି।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଡାନିଶ ମାଲେୱାର।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ: ୩୦୮/୫ ( ଡାନିଶ ମାଲେୱାର–୭୯, ଧ୍ରୁବ ଶୋରେ–୭୪, କରୁଣ ନାୟାର– ୪୫; ଶାମ୍ସ ମୁଲାନୀ–୨/୪୪, ଶିବମ ଦୁବେ–୨/୩୫)।

## ସଚିନ ବେବିଙ୍କ ଅପରାଜିତ ୬୯

ଅହମଦାବାଦ, ୧୭।୨ (ପି.ଟି.)

ଭେଟେରାନ ସଚିନ ବେବିଙ୍କ ଅପରାଜିତ ୬୯ ରନ ସହାୟତାରେ କେରଳ ଏଠାରେ ଗୁଜରାଟ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୨୦୬ ରନ କରିଛି। ଏହି ୩୬ ବର୍ଷୀୟ ବ୍ୟାଟର ଦୁଇଟି ଫୁଲ୍ ସେସନ ବ୍ୟାଟିଂ କରିଥିଲେ। ସେ ତାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂରେ ୧୯୩ ବଲ୍ ସାମ୍ନା କରି ୮ ଚୌକା ସହ ୬୯ ରନ କରି ଅପରାଜିତ ରହିଥିଲେ। ଫଳରେ ରଣଜୀ ଟ୍ରଫିରେ ପ୍ରଥମ ଥର ଫାଇନାଲ ଖେଳିବା ଲାଗି କେରଳର ଆଶା ଉଜ୍ଜୀବିତ ରହିଛି। ଏଲ୍‌ବିଡବ୍ଲ୍ୟୁ ଅପିଲରୁ ବର୍ତ୍ତିଯାଇଥିବା ମହମ୍ମଦ ଆଝାରୁଦ୍ଦିନ ୩୦ରନ (୬୬ ବଲ୍, ୩ ଚୌକା) କରି ଅପରାଜିତ ରହିଛନ୍ତି। ଚିନ୍ତନ ଗାଜାଙ୍କ ବଲ୍‌ରେ ଆଝାରୁଦ୍ଦିନ ଏଲ୍‌ବିଡବ୍ଲ୍ୟୁ ଅପିଲର ସମ୍ମୁଖୀନ ହୋଇଥିଲେ। ଏହି ଉଇକେଟକିପର ବ୍ୟାଟରଙ୍କୁ ଅନ୍–ଫିଲ୍ଡ ଅମ୍ପାୟର ଆଉଟ ଦେଇଥିଲେ। ମାତ୍ର ଡିଆରଏସ୍ ଅପିଲରେ ନିଷ୍ପତ୍ତି ଭୁଲ ଥିବା ଦେଖାଯାଇଥିଲା। ସଚିନ ଓ ଆଝାରୁଦ୍ଦିନ ୫ମ ଉଇକେଟରେ ଅପରାଜିତ ୪୯ ରନ ଯୋଗ କରିସାରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ